
# ଉଓଁପ୍ରଯାତ

ବାରିପଦା, ୧୩୬୩ ଓ ୧୩୬୪



Digitized by srujanika@gmail.com

# ଭଞ୍ଜପ୍ରଦୀପ

ପଞ୍ଚଦଶ ଓ ଷୋଡ଼ଶ ଭାଗ — ସନ ୧୩୫୩ ଓ ୫୪ ସାଲ

## ସୂଚୀ-ପତ୍ର


| | | ପୃଷ୍ଠା |
|---|---|---|
| ୧ । ମୋଗଲ ରାଜନୀତି | ଶ୍ରୀ ନବକିଶୋର ଦାସ | ୧ |
| ୨ । କାଠଘୋଡ଼ାର ସବାର | ଧୂର୍ଜଟୀ | ୧୩ |
| ୩ । ବ୍ୟଥିତର ଅଭିସମ୍ପାତ | ଶ୍ରୀ ଶଶିଭୂଷଣ ରାୟ | ୨୧ |
| ୪ । ଯଯାତି କେଶରୀ | ଶ୍ରୀ କାଳିଅ ପାଣିଗ୍ରାହୀ | ୨୪ |
| ୫ । ଭାରତୀୟ ବିଦ୍ୟା | ପଣ୍ଡିତ ଶ୍ରୀ ଗୋକୁଳାନନ୍ଦ ପଣ୍ଡା ବିଦ୍ୱାନ | ୩୧ |
| ୬ । କାତ୍ରା ଓ କାତ୍ରି | ଶ୍ରୀ ନିତ୍ୟାନନ୍ଦ ମହାପାତ୍ର | ୩୩ |
| ୭ ଫକୀରମୋହନ ସେନାପତି | ଶ୍ରୀ ବସନ୍ତ କୁମାର ଶତପଥୀ | ୪୪ |
| ୮ । ହିନ୍ଦୋଳ | ଶ୍ରୀ ରାଜକିଶୋର ପଟ୍ଟନାୟକ | ୫୩ |
| ୯ । ଅପା | ଡକ୍ଟର ମାୟାଧର ମାନସିଂହ | ୫୫ |
| ୧୦ । ପାନ୍ଥ | ଶ୍ରୀ ସିଦ୍ଧେଶ୍ୱର ହୋତା | ୫୬ |
| ୧୧ । ଦେଶୀୟ ରାଜ୍ୟ ସମାଚାର | | ୫୯ |
| ୧୨ । ସମ୍ବାଦ ଓ ସଙ୍କେତ | | |


## ଚିତ୍ର-ସୂଚୀ


| | |
|---|---|
| ୧ । ବୈଷ୍ଣବ ନାଚର ଏକ ସ୍ୱତନ୍ତ୍ର ଅନୁଷ୍ଠାନ ପାଇଁ ନିର୍ମିତ ରଙ୍ଗମଞ୍ଚ | ମୁଖପତ୍ର |
| ୨ । ଖିଚିଙ୍ଗ ବଡ଼ଦେଉଳ | ମୟୂରଭଞ୍ଜ ଚିତ୍ରାବଳୀ |
| ୩ । ଦେଉଳବେଢ଼ା, ଖିଚିଙ୍ଗ (ପୁନରୁଦ୍ଧାର ପରେ) | ” |
| ୪ । କୁଟାଇତୁଣ୍ଡି ମନ୍ଦିର | ” |
| ୫ । ଦେଉଳବେଢ଼ା, ଖିଚିଙ୍ଗ (ପୁନରୁଦ୍ଧାର ପୂର୍ବେ) | ” |
| ୬ । କେନ୍ଦ୍ର ପରିଷଦ ସଭାଗୃହରେ ଶ୍ରୀମନ୍ ମହାରାଜା ତାଙ୍କ ପ୍ରଥମ ଭାଷଣ ଦେଉଥିବା ଦୃଶ୍ୟ | ” |
| ୭ । ମହାରାଜା ମୟୂରଭଞ୍ଜ କେନ୍ଦ୍ର ପରିଷଦ ସ୍ଥାପନର ଘୋଷଣା କରୁଛନ୍ତି | |
| ୮ । କେନ୍ଦ୍ର ପରିଷଦ ଉଦ୍ଘାଟନ ଉତ୍ସବର ସାଧାରଣ ଦୃଶ୍ୟ | ” |
| ୯ । ସଦର ପ୍ରଜାସଭା ବୈଠକ | |


———0———

Digitized by srujanika@gmail.com

# ଭଞ୍ଜ ପ୍ରଦୀପ

ସମ୍ପାଦକ— ଶ୍ରୀ ବସନ୍ତ କୁମାର ଶତପଥୀ

ପଞ୍ଚଦଶ ଓ ଷୋଡ଼ଶ ଭାଗ    ସନ ୧୩୫୩ ଓ ୫୪ ସାଲ


## ମୋଗଲ ରାଜ-ନାରୀ

ଶ୍ରୀ ନବକିଶୋର ଦାସ

ମୋଗଲ ରାଜପୁରୁଷମାନଙ୍କର ଜୟ-ପରାଜୟ, କୀର୍ତ୍ତି-କାହାଣୀରେ ଭାରତ ଇତିହାସର ବହୁ ପୃଷ୍ଠା ପୂର୍ଣ୍ଣ ହୋଇଅଛି । କିନ୍ତୁ ମୋଗଲ ଯୁଗର ରାଜ-ନାରୀ-ମାନଙ୍କ ଜୀବନ ବୃତ୍ତାନ୍ତ ଅତୀତର ଅନ୍ଧକାରାଚ୍ଛନ୍ନ ଅନ୍ତର-ମହଲରେ ଚିର ଅବଗୁଣ୍ଠିତ । ମୋଗଲ ରାଜ-ବଂଶ ସମ୍ପର୍କରେ ସାଧାରଣ ଇତିହାସ ପୁସ୍ତକରୁ ଆମ୍ଭେମାନେ ଯେଉଁ ସବୁ ସମ୍ବାଦ ପାଉଁ, ସେଥିରୁ ମନେ ହୁଏ ଯେପରି ମୋଗଲ ରାଜ-ନାରୀ କେବଳ ରାଜପୁରୁଷ ମାନଙ୍କର ଏକ ବିଳାସ-ସାମଗ୍ରୀ ବା ପ୍ରେମର ପଣ୍ୟ ଦ୍ରବ୍ୟ ହୋଇ ରହିଥିଲେ । ପୁଣି କେତେକ ଇଉରୋପୀୟ ଭ୍ରମଣକାରୀ ଯଥା— ଇଟାଲୀୟ ମାନୁଚ୍ଚୀ, ବାର୍ଣ୍ଣିୟାର, ଡଚ ପରି-ବ୍ରାଜକ ଡିଲେଟ ପ୍ରଭୃତି କୌଣସି କୌଣସି ପ୍ରସିଦ୍ଧ ମୋଗଲ ରାଜ-ନାରୀମାନଙ୍କ ସମ୍ବନ୍ଧରେ (ଜାହାନ୍‌ଆରା ଓ ଜେବ ଉନ୍ନିସା) ମଧ୍ୟ ବହୁ କୁତ୍ସା, କଳଙ୍କ-କାହାଣୀ ଲିପିବଦ୍ଧ କରିବାକୁ ଭୁଲି ନାହାନ୍ତି । କିନ୍ତୁ ଗବେଷକମାନଙ୍କ ଯତ୍ନରୁ ମୋଗଲ ରାଜ-ନାରୀ-ମାନଙ୍କ ସମ୍ବନ୍ଧରେ ଯେଉଁ ନୂଆ ନୂଆ ତଥ୍ୟ ସବୁ ସଂଗୃହୀତ ହୋଇ ଅଛି, ତହିଁରୁ ସହଜରେ ପ୍ରମାଣିତ ହୁଏ ଯେ ମୋଗଲ ରାଜନାରୀ-ମାନଙ୍କ ମଧ୍ୟରେ ବହୁ ବିଦୁଷୀ, ଧୁରନ୍ଧର, ନାନା ସଦ୍‌ଗୁଣଭୂଷିତା କନ୍ୟା, ବଧୂ, ଓ ଧାତ୍ରୀ ଥିଲେ । ଏମାନଙ୍କୁ ଇତିହାସ ଯଥାର୍ଥ ସମ୍ମାନ ଦେଇ ନାହିଁ । ହୁଏତ ରାଜପୁରୁଷ ମାନଙ୍କ କୀର୍ତ୍ତି କାହାଣୀ ଭଳି ଏହା ପ୍ରଚଳିତ ଇତିବୃତ୍ତ ପୁସ୍ତକ ପୃଷ୍ଠାରେ ପ୍ରକୃତ ରୂପେ ଲିପିବଦ୍ଧ ହୋଇ ପାରି ନାହିଁ, କିନ୍ତୁ ପୁରୁଷର ଅର୍ଦ୍ଧାଙ୍ଗିନୀ—ସର୍ଜ୍ଜୀ, ନାରୀର ପ୍ରଭାବ ଯେ ମୋଗଲ ରାଜପୁରୁଷ ମାନଙ୍କ ଉପରେ ଗଭୀର ଭାବରେ ପଡ଼ିଥିଲା, ଏଥିରେ ସନ୍ଦେହ କରିବାର କୌଣସି କାରଣ ନାହିଁ । ନାରୀ ପୁରୁଷର ହୃଦୟରେ ଯେଉଁ ଗଭୀର ରେଖାପାତ କରେ, ତାହା ସହଜରେ ଲିଭେ ନାହିଁ । ମନୁଷ୍ୟୋ-ଚିତ ଦୁର୍ବଳତା ବା ସ୍ଖଳନ କାହାର କାହାର ଚରିତ୍ରରେ ଦେଖା ଯାଇ ପାରିଥାଏ, ମାତ୍ର ତାହା ସଙ୍ଗେ ସଙ୍ଗେ ସେମାନଙ୍କର ଯେ ଅନେକ ସୁଗୁଣ ଥିଲା, ତାହା ଆମ୍ଭମାନଙ୍କର ସ୍ମରଣ ଏବଂ ଆଲୋଚନା କରିବା ବିଧେୟ । ତେଣୁ ସେହି ଅତୀତ ମୋଗଲ ଯୁଗର କେତେକ ପ୍ରଧାନ ଧୁରନ୍ଧରା ନାରୀ-ଚରିତ୍ରର ବିବରଣୀ ସଂଗ୍ରହ କରି ତହିଁର ସଂକ୍ଷିପ୍ତ ଆଲୋଚନା କରିବାହିଁ ଏ ପ୍ରବନ୍ଧର ଉଦ୍ଦେଶ୍ୟ ।

ଗୁଲ୍ ବଦନ୍—ଗୁଲ୍ ବଦନ୍ ମୋଗଲ ସାମ୍ରାଜ୍ୟ ସ୍ଥାପୟିତା ବାବରଙ୍କର କନ୍ୟା, ହୁମାୟୁନଙ୍କ ଭଗିନୀ । [illegible]

Digitized by srujanika@gmail.com

୧୫୨୩ ରେ ସେ କାବୁଲଠାରେ ଜନ୍ମ ଗ୍ରହଣ କରିଥିଲେ । ଏହାଙ୍କ ମାତାଙ୍କ ନାମ ବେଗମ୍ ଦିଲଦାର୍ ! କିନ୍ତୁ ବାବରଙ୍କ ପ୍ରିୟତମା ପତ୍ନୀ ମାହମ୍ ଏହାଙ୍କୁ ପାଳିତା କନ୍ୟା ରୂପେ ଗ୍ରହଣ କରିଥିଲେ । ଏହି ନାରୀ ବିଦ୍ୟା, ଦାନ ଏବଂ ପୁଣ୍ୟ କାର୍ଯ୍ୟ ଲାଗି ପ୍ରସିଦ୍ଧି ଲାଭ କରିଥିଲେ । ଗୁଲ୍ ବଦନ୍, ବାବର, ହୁମାୟୁନ ଓ ଆକବର ଏହି ଚାରିଗୋଟି ମୋଗଲ ସମ୍ରାଟଙ୍କ ରାଜତ୍ୱ ନିଜ ଆଖିରେ ଦେଖିଥିଲେ । (୧) ତଥାପି ସେ ତାହାଙ୍କ ଦୀର୍ଘ ଜୀବନକାଳ ମଧ୍ୟରେ କେବେ ରାଜ କାର୍ଯ୍ୟରେ ହସ୍ତକ୍ଷେପ କରି ନ ଥିଲେ । ଏହି ରାଜନାରୀଙ୍କ ପ୍ରସିଦ୍ଧ ସାହିତ୍ୟ-କୀର୍ତ୍ତି ହେଉଛି 'ହୁମାୟୁନ-ନାମା' । ଜୀବନର ଉତ୍ଥାନ ପତନ ଏବଂ ବିଚିତ୍ରତା ସମ୍ବନ୍ଧରେ ଏହାଙ୍କର ପ୍ରଚୁର ଅନୁଭୂତି ଥିଲା ।

ମୋଗଲ ଇତିହାସ ସଙ୍ଗ୍ରହ ଦିଗରୁ ଏହି ବହି ଖଣ୍ଡିକର ପ୍ରାଧାନ୍ୟ ସହଜରେ ଉପଲବ୍ଧ ହୁଏ । 'ହୁମାୟୁନ-ନାମା' ସମ୍ରାଟ ଆକବରଙ୍କ ଆଦେଶାନୁସାରେ ଗୁଲ ବଦନଙ୍କ ଦ୍ୱାରା ଲିଖିତ ହୋଇଥିଲା । 'ଆକବର ନାମା' ଲିପିବଦ୍ଧ ହେବା ପୂର୍ବରୁ ଏହି ଗ୍ରନ୍ଥ ଲିପିବଦ୍ଧ ହେବା ପାଇଁ ସମ୍ରାଟ ଆକବରଙ୍କ ଦ୍ୱାରା ଆଦେଶ ପ୍ରଚାରିତ ହୋଇଥିଲା । (୨) 'ହୁମାୟୁନ ନାମା' ସମ୍ଭବତଃ ଖ୍ରୀଃ ଅଃ ୧୫୮୭ ରେ ଲିଖିତ ହୋଇଥିଲା । ବର୍ତ୍ତମାନ ଏହି ଗ୍ରନ୍ଥ ଖଣ୍ଡିକର ପାଣ୍ଡୁଲିପି ବ୍ରିଟିଶ ମ୍ୟୁଜିୟମରେ ରକ୍ଷିତ ହୋଇ ଅଛି । ଖ୍ରୀଃ ଅଃ ୧୮୬୮ରେ କର୍ଣ୍ଣେଲ ଜର୍ଜ ଡ଼ିଇଲିୟମ ହାମିଲଟନଙ୍କ ପତ୍ନୀଙ୍କ ଠାରୁ ଏହା ବ୍ରିଟିଶ ମ୍ୟୁଜିୟମ କିଣି ନେଇଥିଲା । ଏହି ବହିର ଇଂରେଜୀ ଅନୁବାଦ ମଧ୍ୟ ହୋଇଅଛି । ବେଭରିଜ୍ ସାହେବଙ୍କ ପତ୍ନୀ ଏହାର ଅନୁବାଦିକା । ସମ୍ରାଟ ଆକବର ଆଦେଶ ପ୍ରଚାର କରିଥିଲେ, "ବାବର ଓ ହୁମାୟୁନଙ୍କ ବିଷୟରେ ଯାହା ଜାଣ ଲେଖ ।" ତେଣୁ ଗୁଲ୍ ବଦନ୍ ଏହି ରାଜାଜ୍ଞାନୁସାରେ 'ହୁମାୟୁନନାମା' ପ୍ରଣୟନ କରିଥିଲେ ।

ହୁମାୟୁନନାମାରେ ପ୍ରଥମେ ବାବରଙ୍କ ବିବରଣୀ ପ୍ରଦତ୍ତ । ଏହା ଅଧିକାଂଶ ବାବରଙ୍କ ଆତ୍ମଜୀବନୀ ଅବଲମ୍ବନରେ ଲିଖିତ । କାରଣ ବାବରଙ୍କ ମୃତ୍ୟୁ ସମୟରେ ଗୁଲ୍ ବଦନ୍‌ଙ୍କର ବୟସ ମାତ୍ର ନଅ ବର୍ଷ । ତେଣୁ ବାବରଙ୍କ ରାଜତ୍ୱ ସମ୍ବନ୍ଧରେ ଗୁଲ୍ ବଦନଙ୍କ ପ୍ରତ୍ୟକ୍ଷ ଜ୍ଞାନ ଖୁବ୍ ଅଳ୍ପ । ବ୍ରିଟିଶ ମ୍ୟୁଜିୟମରେ ରକ୍ଷିତ ହୁମାୟୁନନାମା ଖଣ୍ଡିକ ଅସମ୍ପୂର୍ଣ୍ଣ । ଏହାର ଶେଷାଂଶର କେତେକ ପୃଷ୍ଠା ଛିଡ଼ି ଯାଇଛି । ହୁମାୟୁନଙ୍କ ଦ୍ୱିତୀୟ ଥର ଭାରତ ସିଂହାସନ ଲାଭର ଅଧ୍ୟାୟ ଏହି ଶେଷ ଅଂଶରେ ବର୍ଣ୍ଣିତ । ଗୁଲବଦନ ଏହି ବହି ଖଣ୍ଡି ରଚନା କରିବା ଦ୍ୱାରା ମୋଗଲ-ଇତିହାସ ସଙ୍କଳନରେ ପ୍ରଭୂତ ସାହାଯ୍ୟ କରି ଯାଇ ଅଛନ୍ତି ।

କିନ୍ତୁ ଗୁଲ ବଦନ୍ ଐତିହାସିକ ଭାବରେ ଏହି ବହି ଖଣ୍ଡି ଲେଖି ନାହାନ୍ତି । ନାନା ସ୍ଥାନରେ ସେ ନିଜର ଭାଇଙ୍କ ତ୍ରୁଟି ଲୁଚାଇବାକୁ ଚେଷ୍ଟା କରି ଅଛନ୍ତି । ଏହା ଗୁଲ ବଦନ୍‌ଙ୍କ ଭଳି ସ୍ନେହ-ଚପଳା ନାରୀଙ୍କ ପକ୍ଷରେ ମଧ୍ୟ ସ୍ୱାଭାବିକ । ଐତିହାସିକମାନଙ୍କ ମତରେ 'ହୁମାୟୁନନାମା' ପ୍ରଦତ୍ତ ତାରିଖମାନ ବିନା ବିଚାରରେ ଗ୍ରହଣ କରିବା ସହଜ ନୁହେ ।

ଗୁଲ ବଦନ୍ କେବଳ 'ହୁମାୟୁନନାମା'ର ରଚନାରେ ତାହାଙ୍କ ସାହିତ୍ୟିକ କୀର୍ତ୍ତି ଶେଷ କରି ନ ଥିଲେ । ସେ ବହୁ ଫାର୍ସୀ କବିତା ମଧ୍ୟ ରଚନା କରିଥିଲେ । କବିତା ରଚନା ବ୍ୟତୀତ ସେ ତାହା ପଢ଼ିବାକୁ ଖୁବ୍ ସୁଖକର ମଣୁଥିଲେ । ସେ ଏଥି ପାଇଁ ଏକ ପୁସ୍ତକାଗାର ମଧ୍ୟ ପ୍ରତିଷ୍ଠିତ କରାଇ ଥିଲେ (୩) । ଗୁଲ ବଦନଙ୍କ ଫାର୍ସୀ କବିତାର ନମୁନା ବିଶେଷ ଦେଖିବାକୁ ମିଳେ ନାହିଁ । କିନ୍ତୁ ଅନ୍ୟ ଏକ ବହିରେ ଗୁଲ୍ ବଦନ୍‌ଙ୍କ ଦଳ ଲିଖିତ ଦୁଇଟି କବିତା-ପଂକ୍ତି ଉଦ୍ଧୃତ ହେବାର ସୌଭାଗ୍ୟ ଲାଭ କରିଅଛି । ତହିଁରୁ ଗୁଲ ବଦନ୍‌ଙ୍କ କବିତ୍ୱ ଶକ୍ତିର କିଞ୍ଚିତ ଆଭାସ ମିଳିବ ।

"ହର୍ ପରୀ କେଉଁବା ଆଶିକ୍-ଇ-ଖୁଦ୍
ଇୟାର ନୀସ୍ତ
ତୁ ଇୟାକିନ ମିଦାନ୍ କିହେଚ୍
ଅଜ୍ ଉମର୍ ବର୍-ଖୁରଦାର୍ ନୀସ୍ତ"

ଅର୍ଥାତ୍– ପ୍ରତ୍ୟେକ ପରୀ ନିଜ ପ୍ରେମିକ ପ୍ରତି ବିମୁଖ ! କିନ୍ତୁ ଏହା ନିଶ୍ଚିତରୂପେ ଜାଣ ଯେ କେହି ଜୀବନ-ଫଳ ପୂର୍ଣ୍ଣ ଭାବରେ ଆସ୍ୱାଦନ କରେ ନାହିଁ ।

ଖ୍ରୀ: ଅ: ୧୬୦୩ ଫେବୃୟାରୀ ମାସରେ ଅଶୀ ବର୍ଷ ବୟସରେ ଗୁଲବଦନ୍ ଆଗ୍ରାଠାରେ ପ୍ରାଣ ତ୍ୟାଗ କରିଥିଲେ ।

**ସଲୀମା ସୁଲ୍‌ତାନ ବେଗମ (୪)**—ସମ୍ରାଟ ଆକବରଙ୍କ ହାରେମ (ନବର)ରେ ଆମ୍ଭେମାନେ ଆଉ ଜଣେ ସୁଚତୁରା, ବୁଦ୍ଧିମତୀ, ନାରୀଙ୍କର ପରିଚୟ ପାଉ । ଏହି ନାରୀ ବାକ୍‌ପଟୁତା ପାଇଁ ବିଶେଷ ଖ୍ୟାତି ଅର୍ଜନ କରିଥିଲେ । ସଲୀମା ବାବରଙ୍କ ଦୌହିତ୍ରୀ 'ହୁମାୟୁନଙ୍କ ବୈମାତୃକ ଭଗ୍ନୀର କନ୍ୟା । ହୁମାୟୁନ ଶେରସାହଙ୍କ ଦ୍ୱାରା ସିଂହାସନ ବିଚ୍ୟୁତ ହୋଇ ଯେତେବେଳେ 'ଫକୀରବେଶ' ଗ୍ରହଣ କରିବାକୁ କଳ୍ପନା କରୁଥିଲେ, ସେତେବେଳେ ବୈରାମ ଖାଁ ତାହାଙ୍କୁ ପାରସ୍ୟ ସମ୍ରାଟଙ୍କର ସହାୟତା ନେବାପାଇଁ ଉପଦେଶ ଦେଇଥିଲେ । ଏହି କାରଣରୁ ହୁମାୟୁନ ପୁଣି ଦିଲ୍ଲୀ ବାଦସାହ ହେଲା ପରେ ବୈରାମ ଖାଁଙ୍କ ସହିତ ସଲୀମାଙ୍କ ବିବାହ ଦେଇ ତାହାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ବୈରାମ ଖାଁ ରାଜ-ଆତ୍ମୀୟ ହେବାର ଗୌରବ ବେଶୀ ଦିନ

(୧) ମୋଗଲ ବିଦୁଷୀ—ବ୍ରଜେନ୍ଦ୍ର ନାଥ ବନ୍ଦ୍ୟୋପାଧ୍ୟାୟ ।
(୨) Akabar nama pp 29, 30. 33
(୩) Humayun nama pp 79.
(୪) Salima Sultan—H. Beverid e.



Digitized by srujanika@gmail.com

ଲାଭ କରି ପାରି ନ ଥିଲେ । ବେଗମଙ୍କ ମୃତ୍ୟୁ ପରେ ତାହାଙ୍କର ବିଧବା ପତ୍ନୀ ସଲୀମାଙ୍କୁ ଅକବର ନିଜେ ପତ୍ନୀରୂପେ ବରଣ କରି ନେଇଥିଲେ ।

ସଲୀମାଙ୍କର ନିଜର ପୁଅ ଝିଅ କିଛି ନ ଥିଲେ । ତେଣୁ ସେ ଅକବରଙ୍କ ପୁତ୍ର ସେଲୀମ ବା ଜାହାଙ୍ଗୀରଙ୍କୁ ଖୁବ ସ୍ନେହ କରୁଥିଲେ । ଯେତେବେଳେ ସେଲୀମ ଅକବରଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିଲେ, ସେତେବେଳେ ସଲୀମା ନିଜେ ଏଲାହାବାଦ ଯାଇ ତାହାଙ୍କୁ ସୁପରାମର୍ଶ ଦେଇ ଅକବରଙ୍କ ନିକଟକୁ ଆଣିଥିଲେ । ସଲୀମାଙ୍କ ମଧ୍ୟସ୍ଥତାରେହିଁ ପିତାପୁତ୍ରଙ୍କ କଳହ ସମାଧାନ ହୋଇଥିଲା ।

ସଲୀମା ଖୁବ୍ ଅଧ୍ୟୟନପ୍ରିୟା ଥିଲେ । ଏପରିକି ସଂସ୍କୃତ "ବତ୍ରିଶ ସିଂହାସନ" ସଲୀମା ପଢିଥିଲେ ବୋଲି ବଦାୟୁନୀ ଉଲ୍ଲେଖ କରି ଅଛନ୍ତି । ଏହା ବ୍ୟତୀତ ସଲୀମାଙ୍କର କବିତା ରଚନାରେ ବିଶେଷ ପାରଦର୍ଶିତା ଥିଲା । ମଖଫୀ (ଗୁପ୍ତ ବ୍ୟକ୍ତି) ବୋଲି ଛଦ୍ମ ନାମ ଦେଇ, ସେ ଅନେକ ଫାର୍ସୀ କବିତା ରଚନା କରିଥିଲେ । ସଲୀମାଙ୍କ ଯେଉଁ କବିତା ପଂକ୍ତି ଦୁଇଟି ସେ ସମୟରେ ପ୍ରସିଦ୍ଧି ଲାଭ କରିଥିଲା, ତାହା ଏଠାରେ ଉଲ୍ଲେଖ କରାଯାଉଅଛି:—

"କାକୁଲତ ରାମନ ଜେମସ୍ତୀ
ରିଶ୍ତା-ଇ-ଜାନ ଗୋଫତା ଆମ୍ ;
ଗସ୍ତ ବୁଦମ୍ ଜାଁ ସବବ୍
ହର୍ଫ-ଇ-ପରେଶାନ ଗୋଫତା ଆମ୍ ।"

ଅର୍ଥାତ୍ ମୋହ ବଶରେ ତୁମ୍ଭର ଚଞ୍ଚଳ କେଶଗୁଚ୍ଛକୁ ଜୀବନ-ସୂତ୍ର କହୁଛି; ଏହା ଉନ୍ମତ୍ତର ପ୍ରଳାପ ମାତ୍ର ।

ସଲୀମା ଧର୍ମପ୍ରାଣା ଏବଂ ସୁଶିକ୍ଷିତା ଥିଲେ । ତାହାଙ୍କ ମାନସିକ ଉତ୍କର୍ଷର ବର୍ଣ୍ଣନା ତୁଜୁକ୍-ଇ-ଜାହାଙ୍ଗୀରୀ(୫)ରେ ମିଳେ ।

**ମାହମ ଆନ୍‌ଗା**—ଏହି ସମୟରେ ଆଉଜଣେ ପ୍ରତିଭାଶାଳିନୀ ନାରୀ ଅକବରଙ୍କ ହାରାମରେ ଥିଲେ । ତାହାଙ୍କ ନାମ ମାହମ ଆନ୍‌ଗା । ମାହମ ଅନଗା ସମ୍ରାଟ ଅକବରଙ୍କ ପ୍ରଧାନ ଧାତ୍ରୀ ଥିଲେ । ମାହମ ସୁଶିକ୍ଷିତା ଥିଲେ ଏବଂ ଶିକ୍ଷାର ପ୍ରଚାର ପାଇଁ ଦିଲ୍ଲୀରେ ଏକ ମାଦ୍ରାସା ସ୍ଥାପନ କରିଥିଲେ । ଏହି ମାଦ୍ରାସାର ନାମ ଥିଲା "ମାହମ୍ ଆନ୍‌ଗାର ମାଦ୍ରାସା ।" ବର୍ତ୍ତମାନ ଏହା ଲୁପ୍ତ ହୋଇଅଛି । ମାତ୍ର ଏହି ମାଦ୍ରାସାର ପ୍ରତିଛବି "Hearns' Seven Sights of Delhi" ପୁସ୍ତକରେ ଦେଖିବାକୁ ମିଳେ ।

**ନୂର୍ ଜାହାନ**—ମୋଗଲ ରାଜତ୍ୱର ମୋଗଲ ନାରୀମାନଙ୍କ ମଧ୍ୟରେ ନୁରଜାହାନଙ୍କ ନାମ ଓ ଖ୍ୟାତି ସହିତ ଆମ୍ଭେମାନେ ବେଶୀ ପରିଚିତ । ବିଦ୍ୟା, ବୁଦ୍ଧି, ସୌନ୍ଦର୍ଯ୍ୟବୋଧ, କଳାକୁଶଳତା ରୂପଲାବଣ୍ୟ ସମସ୍ତ ଗୁଣରେ ନୁରଜାହାନ ସେ ଯୁଗର ରାଜନାରୀମାନଙ୍କ ମଧ୍ୟରେ ଅଗ୍ରଗଣ୍ୟା ଥିଲେ । ସେଥିପାଇଁ ରସିକ-ସମ୍ରାଟ ଜାହାଙ୍ଗୀର ତାହାଙ୍କ ନାମ ଦେଇଥିଲେ "ନୂର-ଜାହାନ ।"

ନୂର ଜାହାନଙ୍କ ପ୍ରକୃତ ନାମ ମିହିର୍ ଉନ୍ନିସା । ଜାହାଙ୍ଗୀର କିଶୋର ବୟସରେ ଜାନୁମଣି କିଶୋରୀ ମିହିର୍ ଉନ୍ନିସାଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ । ଯୁବ ତ ଉଭୟଙ୍କ ପ୍ରାଣରେ ପରସ୍ପର ପ୍ରତି ଅନୁରାଗ ଜାତ ହୋଇଥିଲା । କିନ୍ତୁ ଅକବର ଏହି ମିଳନକୁ ପସନ୍ଦ କରି ନ ଥିଲେ । କାରଣ ମିହିର୍ ଉନ୍ନିସା ଜଣେ ସାମାନ୍ୟ ସାଧାରଣ ମୁସଲମାନର କନ୍ୟା । ତେଣୁ ମୋଗଲ ସମ୍ରାଟ୍ ଅକବରଙ୍କ ଜ୍ୟେଷ୍ଠପୁତ୍ରଙ୍କ ସଙ୍ଗେ ତାହାଙ୍କର ବିବାହ-କଳ୍ପନା କିପରି ସମ୍ଭବପର ହୋଇପାରେ

କିନ୍ତୁ ଅକବରଙ୍କ ମୃତ୍ୟୁ ପରେ ପରେ ଜାହାଙ୍ଗୀର ତାହାଙ୍କ କିଶୋର-ସ୍ୱପ୍ନ ଭୁଲି ପାରିଲେ ନାହିଁ । ବିଶ୍ୱ ବିଜୟୀ ବା 'ଜାହାଙ୍ଗୀର' ଉପାଧି ନେଇ ସେଲୀମ ସିଂହାସନ ଗ୍ରହଣ କଲେ ମଧ୍ୟ ନିଜର ହୃଦୟକୁ ଜୟ କରି ପାରି ନ ଥିଲେ । ମିହିର୍ ଉନ୍ନିସାଙ୍କ ବିବାହିତ ସ୍ୱାମୀଙ୍କୁ ମାରି କିପରି ଏହାଙ୍କୁ ଜାହାଙ୍ଗୀର ନିଜ ପ୍ରାସାଦକୁ ଆଣିଥିଲେ, ତାହା ଇତିହାସର ଅତି ପରିଚିତ ବିବରଣୀ ।

ମିହିର ଉନ୍ନିସା ବା ନୁର ଜାହାନ ପ୍ରକୃତରେ ବିଦ୍ୟା-ବୁଦ୍ଧି-ପ୍ରତିଭା ସୌରଭରେ ପରିପୂର୍ଣ୍ଣା ଥିଲେ । ଗରିବ ଘରର ଝିଅ ହେଲେ ମଧ୍ୟ ତାହାଙ୍କ ମାନସିକ ଉତ୍କର୍ଷ, ସୌନ୍ଦର୍ଯ୍ୟାନୁଭୂତି ଉଚ୍ଚ ଧରଣର ଥିଲା । ଜାହାଙ୍ଗୀର ଏହି ରମଣୀଙ୍କ ରୂପ, ରସ, ଲାଭ କଲେ ସତ, ମାତ୍ର ଏହାଙ୍କ ବନ୍ଧନରେ ସେ ତାଙ୍କ ଶାସନଦଣ୍ଡ ନୂର ଜାହାନଙ୍କ ହାତରେହିଁ ବଢ଼ାଇ ଦେଇଥିଲେ । ଟିକିଏ ମଦ ଓ କିଛି ମାଂସରେ ଜାହାଙ୍ଗୀର ସନ୍ତୁଷ୍ଟ ହୋଇ ରହିଲେ । ତେଣୁ ନୁର ଜାହାନ କେବଳ ରୂପବତୀ ନାରୀ ନ ଥିଲେ, ସେ ଥିଲେ ଏକାଧାରରେ ସାମ୍ରାଜ୍ଞୀ ଓ ବିଶାଳ ମୋଗଲ ସାମ୍ରାଜ୍ୟର ପରିଚାଳିକା । ପ୍ରଜାବର୍ଗ ମଧ୍ୟ ଏହାଙ୍କୁ ବଡ଼ ସମ୍ମାନ ଦୃଷ୍ଟିରେ ଦେଖୁଥିଲେ । ନୁର ଜାହାନ ଅନାଥ ବାଳିକାମାନଙ୍କୁ ଅକୁଣ୍ଠିତ ଚିତ୍ତରେ ସାହାଯ୍ୟ ଦାନ କରୁଥିଲେ । ସେ ନିଜେ ପ୍ରାୟ ପାଞ୍ଚଶ ଅନାଥା ବାଳିକାଙ୍କ ବିବାହ ସମ୍ପନ୍ନ କରାଇ ଥିଲେ ।

ନୁର ଜାହାନ ବିଦୁଷୀ ଏବଂ ସୁକବି ଥିଲେ । ଏହାଙ୍କର ସୌନ୍ଦର୍ଯ୍ୟ-ବୋଧ ସଙ୍ଗେ କଳାକୁଶଳତା ଏବଂ ଉଦ୍ଭାବନା ଶକ୍ତି ମଧ୍ୟର ସମନ୍ୱୟ ଲାଭ କରିଥିଲା । ଚାରୁକଳାରେ ନୁର-ଜାହାନଙ୍କର ବିଶେଷ ପାରଦର୍ଶିତା ଥିଲା । "ଅତର-ଇ-ଜାହାଙ୍ଗୀର" ଏହାଙ୍କ ଉଦ୍ଭାବିତ ଗୋଲାପ-ସାର । ଏହା ବ୍ୟତୀତ 'ପେଶୋୟାଜ ଦୁଦାମୀ' [Gowu weighing 2 Dams

(୫) Humayun nama—Mrs. Beveridges' notes vide appendix.

(୪୦ ତମ୍ୱା ଦାମ=ଟ୧୯ଙ୍କା)], 'ବାଦଲ୍' (Brocade), 'କିନାରୀ' (Lace) 'ଫର୍ସ-ଇ-ଚନ୍ଦନ' ଚନ୍ଦନ କାଠ ବର୍ଣ୍ଣ ବିଶିଷ୍ଟ କାର୍ପେଟ) ନୂର ଜାହାନଙ୍କ କଳ୍ପନା ସୃଷ୍ଟ (୬)। ଏହା ବ୍ୟତୀତ ନାନା ପ୍ରକାରର ଅଭିନବ ବିଚିତ୍ର ସ୍ୱର୍ଣ୍ଣାଳଙ୍କାର ଏବଂ ନାରୀ-ପରିଚ୍ଛଦ ପ୍ରଚଳନ କରି ନୂର ଜାହାନ ତାହାଙ୍କ ବହୁମୁଖୀ ପ୍ରତିଭାର ପରିଚୟ ଦେଇଥିଲେ । ଏକ ପ୍ରକାର ଘାଗ୍ରେଲ (Skirt), ଏବଂ ଅଙ୍ଗି (Bodice) ତାହାଙ୍କ ଦ୍ୱାରା ପ୍ରଚଳିତ ହୋଇଥିଲା । ସେ ମଧ୍ୟ ମୁସଲମାନୀ ପ୍ରେଷଣା ବ୍ୟବହାରର ପଥ ପ୍ରବର୍ତ୍ତିକା ଥିଲେ । (୭)

ନୂର ଜାହାନ କେବଳ ଅଙ୍ଗ ଅବରଣ ନୁହେଁ, ରନ୍ଧନ-ପ୍ରଣାଳୀରେ ମଧ୍ୟ ବହୁ ନୈପୁଣ୍ୟ ଲାଭ କରିଥିଲେ । ଜାହାଙ୍ଗୀରଙ୍କ ତୃପ୍ତି ବିଧାନ ପାଇଁ ସେ ପ୍ରତ୍ୟହ ନୂଆ ନୂଆ ଆହାର ସାମଗ୍ରୀ ରନ୍ଧନ କରୁଥିଲେ । ଏହା ବ୍ୟତୀତ ସେ 'ଦସ୍ତରଖାନ' (ଭୋଜନାଧାର) ସଜ୍ଜିତ କରିବାର ଅଭିନବ ପ୍ରଣାଳୀ ଉଦ୍ଭାବନ କରିଥିଲେ । ଭୋଜନ ଦ୍ରବ୍ୟ ଗୁଡ଼ିକୁ କୁସୁମାକାରରେ ପ୍ରସ୍ତୁତ କରି ନୂରଜାହାନ ତାହାଙ୍କ କଳା-ସୃଜନ ପ୍ରତିଭାର ପ୍ରକୃଷ୍ଟ ପରିଚୟ ପ୍ରଦାନ କରିଥିଲେ । ଏହି ପ୍ରଣାଳୀ ପରେ ନାଦର-ସାହାଙ୍କୁ ବିସ୍ମୟାନନ୍ଦରେ ମଗ୍ନ କରାଇ ଥିଲା । ମୋଗଲ ରାଜ-ନାରୀମାନଙ୍କ ମଧ୍ୟରେ ନୂର ଜାହାନ ଯେପରି ସୌନ୍ଦର୍ଯ୍ୟର ପ୍ରତୀକ ଥିଲେ, ସେହିପରି ତାହାଙ୍କ ସୌନ୍ଦର୍ଯ୍ୟାନୁଭୂତି ତାହାଙ୍କ ନିର୍ମିତ ଉଦ୍ୟାନ, ପ୍ରାସାଦ, ହର୍ମ୍ୟରେ ମଧ୍ୟ ପରିସ୍ଫୁଟ ହୋଇ ପଡ଼ିଥିଲା । ପଥିକମାନଙ୍କ ପାଇଁ ସେ ସୁନ୍ଦର 'ନୂରସରାଇ' ନିର୍ମାଣ କରାଇ ଥିଲେ । ଲାହୋରର 'ଶାଲିମାରବାଗ୍' ଓ କାଶ୍ମୀରର ଝେଲମ ନଦୀ ତୀରରେ ଅବସ୍ଥିତ 'ନୂର-ଅଫଶାନ୍' ତାହାଙ୍କର ପ୍ରସିଦ୍ଧ ଉଦ୍ୟାନ ଥିଲା ।

ନୂର ଜାହାନ ମଧ୍ୟ କବିତା ଏବଂ ସଙ୍ଗୀତର ପୂଜାରିଣୀ ଥିଲେ । ଏହାଙ୍କ ସୁଲଳିତ କଣ୍ଠ ନିସୃତ ଗୀତି-ସୁଧା ଶ୍ରୋତୃ-ବର୍ଗଙ୍କୁ ଶୋକପାଶୋରା ସଙ୍ଗୀତ ପୁରୀକୁ ନେଇ ଯାଉଥିଲା ! ସେ ଆରବ୍ୟ-ପାରସ୍ୟ ସାହିତ୍ୟରେ ପାରଦର୍ଶିନୀ ଥିଲେ । 'ମଖଫୀ' ଛଦ୍ମନାମ ନେଇ ଫାର୍ସୀ ଭାଷାରେ ନୂରଜାହାନ ବହୁତ କବିତା-ରଚନା କରିଥିଲେ । ଏଥିପାଇଁ ଜାହାଙ୍ଗୀର ତାହାଙ୍କୁ ବେଶୀ ଖୁସି ପାଉଥିଲେ । ତାହାଙ୍କ ସମାଧିରେ ଲିଖିତ କବିତା ପଂକ୍ତି ଦୁଇଟି ତାଙ୍କର ସ୍ୱରଚିତ ବୋଲି ଅନୁମାନ କରାଯାଏ,

"ବର୍ ମଜାରେ ମା ଗରୀବାଁ
ନା ଚରାଗେ ନା ଗୁଲେ
ନା ପରେ ପରୱାନେ
ଆୟେଦ୍ ନା ସଦାୟେ ବୁଲ ବୁଲେ ।"

ଅର୍ଥାତ
ଦୁଃଖୀ ମୁହିଁ ପତଙ୍ଗର ପକ୍ଷ-ଦହନରେ
ଜାଳନା ଆଲୋକ ମମ ସମାଧି-ଅଗାରେ
ଶୁଣିବାକୁ ବୁଲବୁଲ ଆକୁଳ ସଙ୍ଗୀତ,
କରନା କବର ମୋର କୁସୁମ ଭୂଷିତ ।

ମମତାଜ ମହଲ—

ତାଜମହଲ ଭଳି ଅପରୂପ ସୁନ୍ଦର ସମାଧି ମନ୍ଦିର ଯାହାଙ୍କ ପାଇଁ ଗଢ଼ା ଯାଇଥିଲା, ସେହି ପ୍ରସିଦ୍ଧ ମୋଗଲ ନାରୀ ମମତାଜ ମହଲ ମଧ୍ୟ ଜଣେ ବିଦୁଷୀ, କଳା-କୁଶଳା, ପ୍ରେମଶୀଳା ନାରୀ-ରତ୍ନ ଥିଲେ । ତାଜମହଲର ଅଧିଷ୍ଠାତ୍ରୀ ଦେବୀ—ଶାହାଜାହାଙ୍କ (ଶାହାଜାହାନ) ପ୍ରିୟ ପତ୍ନୀ ମମତାଜ ଯେପରି ପତିପରାୟଣା, ସେପରି ଉଦାର ଏବଂ ବଦାନ୍ୟତାର ପ୍ରତୀକ ଥିଲେ । ମମତାଜ ଅପତ୍ୟ ସ୍ନେହ, ପ୍ରେମାନୁରାଗ, ଅଶ୍ରିତ ବାତ୍ସଲ୍ୟର ମୂର୍ତ୍ତି ସ୍ୱରୂପ ଥିଲେ । ଏ ମଧ୍ୟ ଫାର୍ସୀ ଭାଷାରେ କବିତା ରଚନା ଏବଂ ପାରସ୍ୟ ସାହିତ୍ୟର ବିଶେଷ ଆଲୋଚନା କରୁଥିଲେ । ଏହାଙ୍କ ପ୍ରତି ସମ୍ରାଟ ଶାହାଜାହାଙ୍କର ଏତେ ବିଶ୍ୱାସ ଥିଲା ଯେ ସମ୍ରାଟଙ୍କ ରାଜ ମୋହର ଏହାଙ୍କ ନିକଟରେ ଗଚ୍ଛିତ ରହୁଥିଲା । ତେଣୁ ସମ୍ରାଟ ନାମାଙ୍କିତ ମୋହର ବ୍ୟବହାର କଲାବେଳେ ସେ ରାଜକୀୟ ନାନା ସନନ୍ଦ, ଦଲିଲ ଦସ୍ତାବିଜର ସମ୍ପର୍କରେ ଆସୁଥିଲେ । ତେଣୁ ତତ୍କାଳୀନ ରାଜନୀତି ସହିତ ମଧ୍ୟ ସେ ଅଳ୍ପ ବହୁତ ସମ୍ପର୍କ ରଖୁଥିଲେ ବୋଲି ଅନୁମାନ । ତାଜମହଲ ଭଳି ବିରାଟ ସ୍ମୃତି-ସୌଧ ଯାହାଙ୍କ ଲାଗି ଗଢ଼ା, ସେହି ମମତାଜଙ୍କ ଜୀବନ ଚରିତ ଅତି ସଂକ୍ଷିପ୍ତ ଭାବରେ ମାତ୍ର ଐତିହାସିକ ମାନେ ସଂଗ୍ରହ କରି ପାରିଛନ୍ତି । ଯେଉଁ ବ୍ୟକ୍ତି ଯେତେ ମହାନ, ସେ କ'ଣ ସେତେ ମୌନ ? ମମତାଜ ଖ୍ରୀଃ ଅଃ ୧୬୨୮ ଫେବୃୟାରୀ ୮ ତାରିଖରେ ପ୍ରାଣ ତ୍ୟାଗ କରିଥିଲେ ।

ଜାହାନ୍ ଆରା—

ଜାହାନ୍-ଆରା ମମତାଜ ମହଲ ଓ ଶାହଜାହାଁଙ୍କର ଦ୍ୱିତୀୟ କନ୍ୟା । ସେ ଯୁଗରେ ଜାହାଁନ୍-ଆରା ରୂପ ଓ ଗୁଣରେ ପ୍ରସିଦ୍ଧି ଲାଭ କରିଥିଲେ । ସତୀ ଉନ୍ନିସା ଏହାଙ୍କର ବାଲ୍ୟ ଶିକ୍ଷାଦାତ୍ରୀ ଥିଲେ । ଏହାଙ୍କର ହସ୍ତାକ୍ଷର ଅତି ସୁନ୍ଦର ଥିଲା । ଧର୍ମଗ୍ରନ୍ଥ ଆଲୋଚନା ଏହାଙ୍କର ଅତି ପ୍ରିୟ ବସ୍ତୁ ହୋଇଥିଲା । ବିଶେଷତଃ ସେ ସୁଫିବାଦ ପ୍ରତି ବିଶେଷ ଆକୃଷ୍ଟ ହୋଇଥିଲେ । କୋରାନ୍‌ରେ ମଧ୍ୟ ତାହାଙ୍କର ଅସାଧାରଣ ପାଣ୍ଡିତ୍ୟ ଥିଲା । ଜହାଁନ୍ ଆରା କେତେଖଣ୍ଡି ଧର୍ମଗ୍ରନ୍ଥ ରଚନା କରିଥିଲେ । ତାହା ମଧ୍ୟରେ "ମୁନିସ୍-ଉଲ୍-ଆରୱାହ୍" ବୋଲି ଖଣ୍ଡିଏ ଗ୍ରନ୍ଥ ଦେଖିବାକୁ ମିଳେ । ଏଥିରେ ଆଜମୀରର ସୁପ୍ରସିଦ୍ଧ ସାଧୁ ମୁଇନ୍-ଉଦ୍ଦୀନ-ଚିଶ୍ତି ଓ

(୬) "ମୋଗଲ ସ୍ତ୍ରୀ ଶିକ୍ଷା—ଚନ୍ଦ୍ରଜାନ୍ ନାଥ ।
(୭) Influence of woman in I lam—Justice Ameer Ali.

ତାହାଙ୍କର କେତେ ଜଣ ଶିଷ୍ୟଙ୍କ ଜୀବନ-କାହାଣୀ ଲିପିବଦ୍ଧ ହୋଇଅଛି । କିନ୍ତୁ ଏହି ବହିଖଣ୍ଡି ଜହାଁନ୍ ଆରାଙ୍କର ମୌଳିକ ରଚନା ନୁହେଁ । ତଥାପି ଏହି ଗ୍ରନ୍ଥର ରଚନା ଭଙ୍ଗୀରେ ତାଙ୍କର ପ୍ରାଞ୍ଜଳ ଲେଖା ରୀତି ଓ ଗାମ୍ଭୀର୍ଯ୍ୟ ପରିସ୍ଫୁଟ ।

ମମତାଜଙ୍କ ମୃତ୍ୟୁ ପରେ ଜହାଁନ୍-ଆରାଙ୍କୁ ରାଜପ୍ରାସାଦରେ ବହୁ ଗୁରୁଭାର ବହନ କରିବାକୁ ପଡ଼ିଥିଲା । ମାତୃ ବିୟୋଗ ସମୟରେ ଏହାଙ୍କ ବୟସ ମାତ୍ର ପନ୍ଦର ବର୍ଷ । 'ବେଗମ ସାହେବ' ପରିବର୍ତ୍ତରେ ଏହାଙ୍କ ଡାକନାମ ସେତେବେଳେ 'ବାଦଶାହ ଜାଦୀ' । ସେ ଶାହ ଜହାଙ୍କ ଅଭିଷେକ ଦରବାରରେ ମୋଗଲ ଶିଷ୍ଟାଚାର ଅନୁସାରେ ସମ୍ରାଟଙ୍କୁ ବହୁ ମଣିମୁକ୍ତା ଏବଂ 'ନଜର' ଦେଇଥିଲେ । ତାହା ବିନିମୟରେ ସମ୍ରାଟ ତାହାଙ୍କୁ 'ପାଦଶାହ ବେଗମ' ଉପାଧିରେ ଭୂଷିତ କରିଥିଲେ । ପିତାଙ୍କଠାରୁ ମଧ୍ୟ ଜହାଁନ୍ ଆରା ତାହାଙ୍କ ଜୀବନରେ ଲକ୍ଷ ଲକ୍ଷ ମୁଦ୍ରା ଉପହାର ପାଇଥିଲେ ।

ଏହାଙ୍କ ନାମକରଣ ସମ୍ବନ୍ଧରେ ମଧ୍ୟ ଗୋଟିଏ ସୁନ୍ଦର କିମ୍ବଦନ୍ତୀ ପ୍ରଚଳିତ ଅଛି । ଖ୍ରୀ: ଅ: ୧୬୧୪ ମାର୍ଚ୍ଚ ୨୨ ତାରିଖରେ ଯେତେବେଳେ ଅଜମୀରରେ ଜହାଁନ୍ ଆରା ଜନ୍ମ ହୋଇଥିଲେ; ସେତେବେଳେ ଶାହ ଜହାଁ ଉଦୟପୁର ରାଣା ଅମର ସିଂହଙ୍କ ସହିତ ଯୁଦ୍ଧରେ ବ୍ୟାପୃତ ଥିଲେ । ଜହାଁନ୍-ଆରା ଜନ୍ମପରେ ଶାହ ଜହାଁ ଏହି ଯୁଦ୍ଧରେ ଜୟୀ ହେବାରୁ, ଜହାଁନ୍-ଆରାଙ୍କ ଜନ୍ମ ଶୁଭପ୍ରଦ ବୋଲି ମୋଗଲ-ପ୍ରାସାଦରେ ସ୍ବୀକୃତ ହୋଇଥିଲା । ଯେଉଁ ଶିଶୁର ଜନ୍ମରେ ରାଜପରିବାରରେ ଶୁଭ ସମ୍ବାଦ ହେଲା, ତାହାଙ୍କ ଉପରେ ପରିବାରର ବିଶେଷ ଆଦର ଓ ସ୍ନେହ ଢଳା ଯାଇଥିଲା । ସମ୍ରାଟ ଜାହାଙ୍ଗୀର ଶିଶୁର ଅଲୋକସାମାନ୍ୟ ରୂପ ଦେଖି ନାମ ରଖିଥିଲେ 'ଜହାଁନ୍-ଆରା' (ଜଗତର ଅଳଙ୍କାର), କିନ୍ତୁ ମୋଗଲ ରାଜ ନଅରରେ ପ୍ରଥାନୁସାରେ ତାହାଙ୍କୁ 'ବେଗମ ସାହିବା' ବୋଲି ସମ୍ବୋଧନ କରାଯାଉଥିଲା ।

କିନ୍ତୁ ଜହାଁନ୍ ଆରା ଜୀବନସାରା ଚିରକୁମାରୀ ହୋଇ ରହିବାକୁ ବାଧ୍ୟ ହୋଇଥିଲେ । ଥରେ ମିର୍ଜା ଶାହରୁଖଙ୍କ ତୃତୀୟ ପୁତ୍ର ନଜବତ ଖାଁ ଜହାଁନ୍ ଆରାଙ୍କର ପ୍ରଣୟପ୍ରାର୍ଥୀ ହୋଇଥିଲେ । କିନ୍ତୁ କେତେକ ରାଜନୀତିକ କାରଣ ଯୋଗୁଁ ଏ ବିବାହ ହୋଇ ପାରିଲା ନାହିଁ । (୮)

ଜହାଁନ୍-ଆରା ମମତାଜଙ୍କ ମୃତ୍ୟୁ ପରେ ସମ୍ରାଟଙ୍କ ପ୍ରାସାଦରେ 'ପ୍ରଧାନ ମହିଳା' ହୋଇଥିଲା ବେଳେ ଦାରା ଓ ସୁଜା ଦୁଇ ରାଜପୁତ୍ରଙ୍କ ବିବାହ ସମ୍ପନ୍ନ ହୋଇଥିଲା । କେବଳ ଦାରାଙ୍କ ବିଭାଘରରେ ଜହାଁନ୍ ଆରା ଷୋଳଲକ୍ଷ ଟଙ୍କା ନିଜ ହାତରୁ ଖର୍ଚ୍ଚ କରିଥିଲେ । ସେ ନିଜ ଭାଇମାନଙ୍କୁ ଅତି ଆଦର ଓ ସ୍ନେହ କରୁଥିଲେ । ଦାରାଙ୍କ ରୋଗ ଶଯ୍ୟାରେ ସେ ନିଜେ ସେବିକାର କାର୍ଯ୍ୟ କରିଥିଲେ । ପୁଣି ଔରଙ୍ଗଜେବ ଓ ଶାହ ଜହାଁଙ୍କ ମଧ୍ୟରେ ପ୍ରଥମ ମନୋମାଳିନ୍ୟ ହେଲାବେଳେ ଜହାଁନ୍-ଆରା ମଧ୍ୟସ୍ଥତା କରି ପିତାପୁତ୍ରଙ୍କ ମଧ୍ୟରେ ଏକ ସମାଧାନ ଆଣିଥିଲେ । ଖ୍ରୀ: ଅ: ୧୬୩୨ ପରେ ସମ୍ରାଟଙ୍କ ରାଜମୋହର ମଧ୍ୟ ଜହାଁନ୍ ଆରାଙ୍କ ହାତରେ ପଡ଼ିଥିଲା । ତେଣୁ ସାମ୍ରାଜ୍ୟର ଦଲିଲ ଦସ୍ତାବିଜ ସମ୍ବନ୍ଧରେ ତାଙ୍କର ମଧ୍ୟ ମମତାଜଙ୍କ ଭଳି ପ୍ରତ୍ୟକ୍ଷ ଜ୍ଞାନ ମିଳିଥିଲା । ସମ୍ରାଟ ଶାହ ଜହାଁଙ୍କ ରାଜତ୍ବ ସମୟରେ ସେ ସତେଇଶ ବର୍ଷ କାଳ ତାଙ୍କ ପ୍ରାସାଦରେ 'ପ୍ରଧାନ ମହିଳା' କାର୍ଯ୍ୟ ତୁଲାଇ ଥିଲେ ।

ଜହାଁନ ଆରାଙ୍କୁ ଯେତେବେଳେ ତିରିଶ ବର୍ଷ ବୟସ; ଅର୍ଥାତ୍ ଖ୍ରୀ: ଅ: ୧୬୪୪ ମାର୍ଚ୍ଚ ୨୨ ତାରିଖରେ ସେ ଏକ ଆକସ୍ମିକ ଦୁର୍ଘଟଣା ଯୋଗୁଁ ପୋଡ଼ି ଯାଇଥିଲେ । ସେଦିନ ରାତିରେ ସେ ଆଗ୍ରାରେ ତାଙ୍କ ପିତାଙ୍କ ମହଲରୁ ଆସୁଁ ଆସୁଁ ଅନ୍ତଃପୁର ପାଚେରିରେ ଥିବା ଗୋଟିଏ ଦୀପରୁ ତାହାଙ୍କ ଶାଢ଼ୀରେ ନିଆଁ ଲାଗି ଯାଇଥିଲା । ଏଥିରେ ପ୍ରାୟ ମମତାଜ ଅର୍ଦ୍ଧଦଗ୍ଧ ହୋଇ ଯାଇଥିଲେ । ଦୀର୍ଘ ଚାରିମାସ ପରେ ସେ ଆରୋଗ୍ୟ ଲାଭ କରିଥିଲେ । କିନ୍ତୁ ସମ୍ପୂର୍ଣ୍ଣ ଭାବରେ ଆରୋଗ୍ୟ ଲାଭ କରିବାକୁ ତାହାଙ୍କୁ ପ୍ରାୟ ନଅ ମାସ ଲାଗି ଯାଇଥିଲା ।

ନିଜ ଅନ୍ତଃପୁର ବ୍ୟତୀତ ଅନ୍ୟାନ୍ୟ ବହୁ ସାଧାରଣ ରାଜନୀତିକ କାର୍ଯ୍ୟରେ ମଧ୍ୟ ଜହାଁନ୍ ଆରା ନାନା ଭାବରେ ସଂଶ୍ଳିଷ୍ଟ ଥିଲେ । ଯେତେବେଳେ ସମ୍ରାଟ ଶାହଜହାଁଙ୍କ ଚାରିପୁତ୍ରଙ୍କ ମଧ୍ୟରେ ସିଂହାସନ ଲାଗି ଅନ୍ତର୍ବିବାଦ ଲାଗିଥିଲା; ସେତେବେଳେ ମଧ୍ୟ ଜହାଁନ ଆରା ତାହାଙ୍କ ପାରସ୍ପରିକ ଶାନ୍ତି ଆଣିବାକୁ ଚେଷ୍ଟା କରିଥିଲେ । ସେ ସମୟରେ ସେ ଔରଙ୍ଗଜେବଙ୍କୁ ଖଣ୍ଡିଏ ଚିଠି ଲେଖିଥିଲେ । ତାହାର କେତେକାଂଶ ଏହି :—

"ଏହି ସମୟରେ କେହି ରାଜ୍ୟରେ କୌଣସି ପ୍ରକାର ଅଶାନ୍ତି ସୃଷ୍ଟି କରୁ, ଏହା ସମ୍ରାଟଙ୍କର ଅଭିପ୍ରାୟ ନୁହେଁ । କାରଣ ତାହାଙ୍କ ଅସୁସ୍ଥତା ଯୋଗୁଁ ରାଜ୍ୟଶାସନ କାର୍ଯ୍ୟରେ ଯେଉଁ ଶିଥିଳତା ଓ ଅବ୍ୟବସ୍ଥା ଘଟିଥିଲା ତାହା ଦୂର କରିବା ପାଇଁ ସେ ନିଜେ ଚେଷ୍ଟା କରୁଅଛନ୍ତି ।

ତୁମର ଏହି ଅଭିଯାନଦ୍ୱାରା ଯଦି ସମରାନଳ ପ୍ରଜ୍ୱଳିତ କରିବା ମନୋଗତ ଅଭିପ୍ରାୟ ଥାଏ, ତାହାହେଲେ ତୁମର ବିବେଚନା କରି ଦେଖିବା ଉଚିତ ଯେ ପିତାର ବିରୁଦ୍ଧରେ ଯୁଦ୍ଧ-ଘୋଷଣା କଲେ ପରିଣାମରେ ଅଖ୍ୟାତି ଅର୍ଜ୍ଜନ ବ୍ୟତୀତ ଅନ୍ୟ କୌଣସି ଫଳ ଲାଭ ହେବ ନାହିଁ । ଅଥବା ଦାରାଙ୍କ ପ୍ରତି ବୈରିତା ସାଧନ କରିବା ଯଦି ତୁମର ଉଦ୍ଦେଶ୍ୟ ହୋଇଥାଏ, ତାହାହେଲେ ଏହା ନ୍ୟାୟଧର୍ମାନୁମୋଦିତ ହେବ ନାହିଁ । କାରଣ ଜ୍ୟେଷ୍ଠଭ୍ରାତା ମୁସଲମାନ ଧର୍ମ-ବିଧି ଓ ପ୍ରଚଳିତ ରୀତିନୀତି ଅନୁସାରେ ପିତୃସ୍ଥାନୀୟ । ତେଣୁ ତୁମର ଜ୍ୟେଷ୍ଠଭ୍ରାତା ବିରୁଦ୍ଧରେ ଅସ୍ତ୍ରଧାରଣ କେହି ସମର୍ଥନ କରିବେ ନାହିଁ । ଆମ୍ଭେମାନେ ଏହି ନଗର

(୮) Storia do mogor Vol I. p 218.





Digitized by srujanika@gmail.com

ଜଗତକୁ ଅତି ଅଳ୍ପ ଦିନ ସକାଶେ ଆସିଅଛୁ । ମର୍ତ୍ତ୍ୟଭୂମିର ଆନନ୍ଦଗୁଡ଼ିକ ଆମ୍ଭମାନଙ୍କୁ ନାନା ଅନ୍ୟାୟ କାର୍ଯ୍ୟରେ ପ୍ରଲୁବ୍ଧ କରି ଅନନ୍ତ ଦୁଃଖ ସୃଷ୍ଟି କରେ । ତେଣୁ ତୁମ୍ଭର ଏହି କାର୍ଯ୍ୟରୁ ବିରତ ହେବା ଉଚିତ । ସାଧ୍ୟାନୁସାରେ ସମ୍ରାଟଙ୍କୁ ପରିତୁଷ୍ଟ କରିବାକୁ ଚେଷ୍ଟା କର । କାରଣ ଏହାହିଁ ଇହ ଜଗତ ଓ ପର ଜଗତରେ ତୁମମାନଙ୍କ ଲାଭର ଏକମାତ୍ର ଉପାୟ । ସମ୍ରାଟଙ୍କୁ ଭଗବାନଙ୍କ ଭଳି ଭକ୍ତି ଓ ଶ୍ରଦ୍ଧା ଚକ୍ଷୁରେ ଦେଖିବ ।"

ଉଲ୍ଲିଖିତ ପତ୍ରାଂଶରୁ ଜହାନ୍‌ଆରାଙ୍କ ବ୍ୟକ୍ତିତ୍ୱ ସହଜରେ ଜଣାପଡ଼େ । ଜହାନ୍‌ଆରା କେବଳ ବିଦୁଷୀ ଓ ଭକ୍ତ ନ ଥିଲେ; ଅନେକର ମଧ୍ୟ ପ୍ରମାଣ ମିଳେ ଯେ ସେ ନାନା ରାଜକାର୍ଯ୍ୟରେ ମଧ୍ୟ ଯୋଗ ଦେଉଥିଲେ । ବହୁ ରାଜପୁତ୍ର ଓ ରାଜା ଜହାଁନ ଆରାଙ୍କ ସାହାଯ୍ୟ ଓ ଆଶ୍ରୟ ଲାଭ କରି ଦିଲ୍ଲୀଦରବାରରୁ ଉପକାର ଲାଭ କରୁଥିଲେ । ପୁଣି ଯେତେବେଳେ ଆଓରଙ୍ଗଜେବ ନିଜ ପିତା ସମ୍ରାଟ ଶାହ ଜହାଁଙ୍କୁ ବନ୍ଦୀ କରିଥିଲେ, ଏବଂ ବନ୍ଦୀ ଅବସ୍ଥାରେ ପାଣି ମୁନ୍ଦାକ ପାଇଁ ଶାହଜହାଁ ଆଓରଙ୍ଗଜେବଙ୍କୁ ଆବେଦନ ପତ୍ର ପଠାଉଥିଲେ, ସେତେବେଳେ ମଧ୍ୟ ଜହାଁନ୍-ଆରା ସାହସ ଅବଲମ୍ବନ କରି ଆଓରଙ୍ଗଜେବଙ୍କ ନିକଟକୁ ଶାନ୍ତି-ଦୂତୀ ହୋଇ ଯାଇଥିଲେ । ଆଓରଙ୍ଗଜେବ ଜ୍ୟେଷ୍ଠାଭଗ୍ନୀଙ୍କୁ ଅସମ୍ମାନ ଦେଖାଇଥିଲେ ମଧ୍ୟ, ସେ ତାହା ପ୍ରତି ଭ୍ରୂକ୍ଷେପ ନ କରି ପିତାପୁତ୍ରଙ୍କ ମନୋମାଳିନ୍ୟ ଦୂର କରିବାକୁ ଚେଷ୍ଟା କରିଥିଲେ । ଆଓରଙ୍ଗଜେବ ଜହାଁନ୍ ଆରାଙ୍କ ଅନୁରୋଧରେ ବୃଦ୍ଧ ପିତାଙ୍କ ସହିତ ସାକ୍ଷାତ କରିବାକୁ ମଧ୍ୟ ରାଜି ହୋଇଥିଲେ । କିନ୍ତୁ ଅନ୍ୟାନ୍ୟ ପାରିଷଦଙ୍କ ଅଭିସନ୍ଧି ଯୋଗୁଁ ଏହି ଶାନ୍ତି ପ୍ରଚେଷ୍ଟା ଫଳବତୀ ହେଲା ନାହିଁ ।

ଜହାଁନ୍-ଆରା ଉଦାର-ହୃଦୟା ଓ ଦାନଶୀଳା ନାରୀ ଥିଲେ । ସେ ମସଜିଦ ଓ ରାସ୍ତାଘାଟ ହିତ ପାଇଁ ବହୁ ସୁନ୍ଦର ଅଟ୍ଟାଳିକା ନିର୍ମାଣ କରାଇ ଥିଲେ । ଏଥିପାଇଁ ସେ ଅକାତରରେ ବହୁଅର୍ଥ ମଧ୍ୟ ଦାନ କରିଥିଲେ । ଶାହ ଜହାଁ ଯେପରି ସୁନ୍ଦର ସ୍ଥାପତ୍ୟ-କଳାର ପୃଷ୍ଠପୋଷକ ଥିଲେ, ଜହାଁନ୍-ଆରା ମଧ୍ୟ ସେହିପରି କଳା-ପ୍ରେମିକା ଥିଲେ । ଖ୍ରୀ: ଅ: ୧୬୪୭ ମସିହାରେ ଅଗ୍ରାର ସୁପ୍ରସିଦ୍ଧ "ଜାମ୍ମା-ମସଜିଦ" ଏହାଙ୍କର ବ୍ୟୟରେ ନିର୍ମିତ ହୋଇଥିଲା । "ବେଗମ ସରାଇ" ନାମକ ଏକ ବଡ଼ ଧର୍ମଶାଳା ମଧ୍ୟ ଜହାଁନ୍-ଆରା ଦିଲ୍ଲୀରେ ନିର୍ମାଣ କରାଇ ଥିଲେ । ଦିଲ୍ଲୀ, ଆଗ୍ରା, ଆମ୍ବାଲା ଓ କାଶ୍ମୀରରେ ଜହାଁନ୍-ଆରା ବହୁ ସୁନ୍ଦର ସୁନ୍ଦର ଉଦ୍ୟାନ ପ୍ରତିଷ୍ଠା କରିଥିଲେ । କାଶ୍ମୀରର "ଅଚ୍ଛବଲ୍", ଦିଲ୍ଲୀର "ବେଗମ ବାଗ୍" (Queen's garden ଏହାଙ୍କର ଅକ୍ଷୟ କୀର୍ତ୍ତି । ଏହି ଉଦ୍ୟାନ ଗୁଡ଼ିକର ଶେତ ମର୍ମର ନିର୍ମିତ ମୂର୍ତ୍ତି, ପ୍ରମୋଦ ଭବନ, ଜଳ ପ୍ରଣାଳୀ ଓ ଉତ୍ସ ସକଳ ଅତି ସୁନ୍ଦର ଓ ମନୋମୁଗ୍ଧକର । ଆଗ୍ରା ଦୁର୍ଗସ୍ଥିତ ଜହାଁନ୍-ଆରାଙ୍କ ରମଣୀୟ କକ୍ଷ ସକଳ ଦେଖିଲେ ଏହି ନାରୀଙ୍କ ସୌନ୍ଦର୍ଯ୍ୟାନୁଭୂତିର ବିଶେଷ ପରିଚୟ ଓ ପ୍ରମାଣ ମିଳେ ।

ଜହାଁନ୍ ଆରାଙ୍କ ଜୀବନର ଅନ୍ୟ ଏକ ଚିତ୍ର ଆମ୍ଭେମାନେ ଦେଖୁଁ ତାହାଙ୍କୁ ବୃଦ୍ଧ ବନ୍ଦୀ ପିତା ଶାହଜହାଁଙ୍କ ସେବିକା ବେଶରେ । ଜହାଁନ୍-ଆରା ବୃଦ୍ଧ ପିତାଙ୍କ ପାଇଁ ଏହି ବନ୍ଧନ ସ୍ୱଇଚ୍ଛାରେ ବରଣ କରି ନେଇ ଥିଲେ । ବୃଦ୍ଧ ପିତାଙ୍କ ସେବା ଛାଡ଼ି ସେ ମୁକ୍ତ ଜୀବନକୁ ପସନ୍ଦ କରି ନ ଥିଲେ । କିନ୍ତୁ ତାଙ୍କର ଅନ୍ୟ ଏକ ଭଗିନୀ ରୌଶନାରା ମୁକ୍ତ ବିଳାସ-ଜୀବନ ଯାପନ କରିବାକୁ ସୁଖକର ମଣିଥିଲେ । ଆଓରଙ୍ଗଜେବ ଜହାଁନ୍-ଆରାଙ୍କୁ ବନ୍ଦୀ କରିବାକୁ ଇଚ୍ଛା କରୁ ନ ଥିଲେ । କିନ୍ତୁ ଜହାଁନ୍ ଆରା ନିଜ ଇଚ୍ଛାରେ କେବଳ ବୃଦ୍ଧ ପିତାଙ୍କ ସେବା ପାଇଁ ବନ୍ଦିନୀ ହୋଇଥିଲେ । ସେ ଏହି ବନ୍ଧନଶାଳାରେ ଦୀର୍ଘ ସାଢ଼େ ସାତ ବର୍ଷ ରହିଥିଲେ । ୧୬୬୬ ଜାନୁୟାରୀରେ ଶାହ-ଜହାଁଙ୍କର ପରଲୋକ ହୋଇଥିଲା । ପୁଣି ଶାହଜହାଁ ଅଗ୍ରା ଦୁର୍ଗରେ ମଲାବେଳେ ଆଓରଙ୍ଗ ଜେବ ଦିଲ୍ଲୀରେ । ଜହାଁନ୍-ଆରାଙ୍କ ଯଦିବା ଇଚ୍ଛାଥିଲା ଯେ ପିତାଙ୍କ ଶବ ସମ୍ରାଟୋଚିତ-ଆଡ଼ମ୍ବରରେ ଯିବ, ତଥାପି ଜହାଁନ ଆରାଙ୍କ ଏହି ଇଚ୍ଛା ପୂର୍ଣ୍ଣ ହୋଇ ପାରିଲା ନାହିଁ । କାରଣ ଆଓରଙ୍ଗ ଜେବଙ୍କ ଅନୁପସ୍ଥିତିରେ ଏହା ହେବା ସମ୍ଭବପର ନ ଥିଲା । ତେଣୁ ଶାହ-ଜହାଁଙ୍କ ଶେଷ ଅନ୍ତ୍ୟେଷ୍ଟିକ୍ରିୟା ଅତି ଦୀନ ଭାବରେ ଜହାଁନ୍ ଆରାଙ୍କ ଦ୍ୱାରାହିଁ ସମାହିତ ହୋଇଥିଲା—ଏବଂ ତାଜମହଲରେ ଏହାଙ୍କର ଶେଷ ସମାଧି ଦିଆ ଯାଇଥିଲା ।

ଏହାପରେ ପିତାର ସେ ମୃତ୍ୟୁ ସମ୍ବାଦ ଜଣାଇ ଆଓରଙ୍ଗଜେବଙ୍କୁ ଚିଠି ଲେଖିଥିଲେ ସେହି ପତ୍ର ଦେଖିଲେ ଜହାଁନ୍-ଆରାଙ୍କ ସ୍ନେହପ୍ରବଣ ହୃଦୟର ପୂର୍ଣ୍ଣ ପରିଚୟ ମିଳେ । ଶାହ-ଜହାଁଙ୍କ ମୃତ୍ୟୁ ପରେ ସେ ପୁଣି ଆଓରଙ୍ଗଜେବଙ୍କ ପ୍ରାସାଦର 'ପ୍ରଧାନ ମହିଳା' ହୋଇଥିଲେ । ସେ ଆଓରଙ୍ଗଜେବଙ୍କ ଠାରୁ ବାର୍ଷିକ ୧୨-୧୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃତ୍ତି ପାଉଥିଲେ । ଜହାଁନ-ଆରା ପ୍ରାୟ ଅନ୍ଧର ପନ୍ଦର ବର୍ଷ କାଳ ବଞ୍ଚି ୧୬୮୧ ସେପ୍ଟେମ୍ବର ତା ୬ ରିଖରେ ୬୭ ବର୍ଷ ବୟସରେ ପ୍ରାଣତ୍ୟାଗ କରିଥିଲେ ।

ମୃତ୍ୟୁ ପରେ ଏହାଙ୍କ ସମ୍ପତ୍ତିର ପରିମାଣ ୧,୮୬,୦୦୦ ମୋହର, ନଗଦ ଟ ୧୩.୬୦,୬୬୯ କା ଥିଲା ଏବଂ ଏହା ବ୍ୟତୀତ ସେ ୧୦ ଲକ୍ଷ ଟଙ୍କା ଋଣ ଦେଇଥିଲେ । ଜହାଁନ-ଆରାଙ୍କ ସ୍ୱର୍ଣ୍ଣନିର୍ମିତ ପଲଙ୍କରେ ଲେଖା ହୋଇଥିଲା,

ବେଗମ ସାହିବା କା ପାଲଂ ଶୋନେ କା । (୯)

ଦିଲ୍ଲୀରେ ରହିଲା ବେଳେ ଜହାଁନ୍-ଆରା ମଧ୍ୟ ଆଓରଙ୍ଗଜେବଙ୍କ ସହିତ ରାଜନୀତି ଚର୍ଚ୍ଚା କରୁଥିଲେ । ଯେତେବେଳେ ଆଓରଙ୍ଗଜେବ ଜିଜିୟା କର ହିନ୍ଦୁମାନଙ୍କ ଉପରେ ବସାଇବାକୁ ଚେଷ୍ଟା କରିଥିଲେ, ସେତେବେଳେ ଜହାଁନ୍-ଆରା ଏହାର ପ୍ରତିବାଦ କରି ଥିଲେ । କିନ୍ତୁ ଆଓରଙ୍ଗଜେବ ଭଉଣୀଙ୍କ ସେହି ଅନୁରୋଧ ରକ୍ଷା କରି ନ ଥିଲେ ।

ଜହାନ୍‌ଆରାଙ୍କ ଚରିତ୍ରର ସୁଗୁଣ ବିଷୟରେ ବହୁ ତଥ୍ୟ ବର୍ଣ୍ଣିତ ହେଲେ ମଧ୍ୟ; ଗ୍ରୀକ୍ ପରିବ୍ରାଜକ ଫ୍ରାଙ୍କୋଏସ୍ ବର୍ଣ୍ଣିୟର (Francois Bernier) ଏହାଙ୍କ ଚରିତ୍ର ଉପରେ କଳଙ୍କ

9 Storia do Mogor Vol. I p 47



Digitized by srujanika@gmail.com

ଅଭିଯୋଗ କରିବାକୁ ଭୁଲି ନାହାନ୍ତି । ଏହି ପରିବ୍ରାଜକ ଖ୍ରୀଃ ଅଃ ୧୬୨୦ରେ ଫ୍ରାନ୍ସରେ ଜନ୍ମଗ୍ରହଣ କରିଥିଲେ । ସେ ଜଣେ ଡାକ୍ତର । ୧୬୫୮ରେ ସେ ଭାରତ ଅଭିମୁଖରେ ଆସିଥିଲେ । ସେ ଭାରତରେ ପହଞ୍ଚିଲାବେଳକୁ ଶାହ ଜହାଁଙ୍କ ଚାରି ପୁଅଙ୍କ ମଧ୍ୟରେ ସିଂହାସନ ଲାଗି କଳହ ସୂତ୍ରପାତ ହୋଇ ଯାଇଥିଲା । ଦାରା ଆଉରଙ୍ଗଜେବଙ୍କ ଦ୍ୱାରା ଦେଓରା ସମରରେ ପରାସ୍ତ ହୋଇଥିଲେ । ବର୍ଣ୍ଣିୟର ଦାରାଙ୍କର ଏକ ପତ୍ନୀଙ୍କ ଚିକିତ୍ସା ଭାର ଗ୍ରହଣ କରିଥିଲେ । କିନ୍ତୁ ସେ ପଳାତକ ହେବାରୁ ବର୍ଣ୍ଣିୟର ୧୬୬୩ରେ ଆଗ୍ରା ଆସିଥିଲେ । ସେ ମୋଗଲ ରାଜ-ଦରବାରରେ ମଧ୍ୟ ଡାକ୍ତର ଚାକିରି ପାଇଥିଲେ । ସେ ଏହିଠାରେ ରହିଲାବେଳେ ମୋଗଲ ରାଜ-ଅନ୍ତଃପୁର ବିଷୟରେ ନାନା ତଥ୍ୟ ସଂଗ୍ରହ କରିଥିବା ଅନୁମାନ । ୧୬୬୬ ଜାନୁୟାରୀରେ ବର୍ଣ୍ଣିୟର ଭାରତରୁ ଫେରି ଯାଇଥିଲେ । ୧୬୬୮ରେ ସେ ଫ୍ରାନ୍ସରେ ପହଞ୍ଚି ୧୬୬୯ରେ ତାହାଙ୍କ ଭ୍ରମଣ-କାହାଣୀ ଲେଖିଥିଲେ । ଏହି ବିବରଣୀରୁ ସ୍ପଷ୍ଟ ଜଣା ପଡ଼ିଯିବ ଯେ ବର୍ଣ୍ଣିୟର ତିନି ବର୍ଷ ଭାରତରେ ରହିଥିଲେ ଏବଂ ତାହାଙ୍କ ବିବରଣୀ ଏକ ସ୍ୱାଧୀନ ଭ୍ରମଣକାରୀର ବିବରଣୀ । ଏଥିରେ ସମସାମୟିକ ରାଜପ୍ରଭାବ ଆଦୌ ନ ଥିଲା । ଜହାନ୍ ଆରାଙ୍କ ବିଷୟରେ ସେ ଏହି ଭ୍ରମଣ କାହାଣୀରେ ନିମ୍ନଲିଖିତ ଭାବରେ ଲେଖି ଯାଇଥିଲେ (୧୦)—ଶାହ ଜହାଁ (Chah-Jehan)ଙ୍କ ଦୁଇ କନ୍ୟାଙ୍କ ସମ୍ପର୍କରେ ସେ ଲେଖିବାକୁ ଯାଇ ବର୍ଣ୍ଣନା କରିଛନ୍ତି ଯେ "ବଡ଼ଝିଅ ବେଗମ ସାହେବ ସୁନ୍ଦରୀ, ବୁଦ୍ଧିମତୀ ଏବଂ ପିତାଙ୍କର ଅତ୍ୟନ୍ତ ଆଦରରେ ଶ୍ରଦ୍ଧାଭାଜନ କନ୍ୟା । ଅନ୍ତୁର ମଧ୍ୟ ଜନରବ ଶୁଣାଯାଏ ଯେ ଯାହା ସାଧାରଣ ମଣିଷ କଳ୍ପନା କରି ପାରିବେ ନାହିଁ—ଶାହ ଜହାଁ ସେପରି ଭାବରେ ତାହାଙ୍କୁ ସୁଖ ପାଉଥିଲେ । ଏବଂ ଏଥିପାଇଁ ସମ୍ରାଟ ଯୁକ୍ତି ମଧ୍ୟ ଦେଖାଉଥିଲେ ଯେ କୁଆଡ଼େ ମୁଲ୍ଲାମାନେ କହିଥିଲେ ଯେ ମଣିଷ ଯେଉଁ ବୃକ୍ଷ ଲଗାଏ, ତାର ଫଳ ଭୋଗ କରିପାରେ । (୧୧)

ସେ ( ଶାହ ଜହାଁ ) ତାଙ୍କୁ ଏତେ ବିଶ୍ୱାସ କରୁଥିଲେ ଯେ ସମ୍ରାଟ ନିଜର ନିରାପତ୍ତା ପାଇଁ ନିଜର ଝିଅଙ୍କ ଉପରେ ସମସ୍ତ ଭାର ଅର୍ପଣ କରିଥିଲେ । ଜହାନ ଆରା ସମ୍ରାଟଙ୍କ ଖାଦ୍ୟପଦାର୍ଥ ସବୁ ନିଜେ ଦେଖୁଥିଲେ । ଜହାନ ଆରା ସମ୍ରାଟଙ୍କ ମିଜାଜ ଠିକ୍ ବୁଝିଥିଲେ ଏବଂ ଅତି ପ୍ରଧାନ ଘଟଣାରେ ମଧ୍ୟ ଜହାନ୍ ଆରାଙ୍କ ଇଚ୍ଛାନୁସାରେ ଶାହ ଜହାଁ ସମ୍ମତ ହେଉଥିଲେ । ସେ ଖୁବ୍ ଅତ୍ୟଧିକ ପେନସନ ଦ୍ୱାରା ଧନୀ ହୋଇଥିଲେ । ଏହା ବ୍ୟତୀତ ସେ ସାମ୍ରାଜ୍ୟର ସବୁଆଡ଼ୁ ନାନା ଉପଢୌକନ ପାଉଥିଲେ । କାରଣ ସେ ନାନା ରାଜକାର୍ଯ୍ୟ ବିଷୟରେ ପିତାଙ୍କ ସଙ୍ଗେ ଆଲୋଚନା ଏବଂ ନୀତି ନିର୍ଦ୍ଧାରଣ ମଧ୍ୟ କରୁଥିଲେ । ସେ ଖୁବ୍ ଦାନଶୀଳା ଏବଂ ଦୟାର୍ଦ୍ର ଥିବାରୁ ଖୁବ୍ ଖର୍ଚ୍ଚ ମଧ୍ୟ କରୁଥିଲେ । ସେ ସବୁବେଳେ ଦାରାଙ୍କ ପକ୍ଷ ସମର୍ଥନ କରୁଥିଲେ । ସେଥିପାଇଁ ଦାରା ବେଶୀ ଶାହ ଜହାଁଙ୍କ ସ୍ନେହ-ଭାଜନ ହୋଇଥିଲେ ଏବଂ ତାଙ୍କର ଉନ୍ନତି ହୋଇଥିଲା । ଅନ୍ତୁର ମଧ୍ୟ ଲୋକେ କହୁଥିଲେ ଯେ ଦାରା ରାଜା ହେଲା ପରେ ଜହାନ ଆରାଙ୍କୁ ବିଭା ହେବାପାଇଁ ସେ କୁଆଡ଼େ ସମ୍ମତି ଦେଇଥିଲେ ।"

ଏହାପରେ ପୁଣି ବର୍ଣ୍ଣିୟର ଜହାନ୍ ଆରାଙ୍କ ପ୍ରେମ ବୃତ୍ତାନ୍ତ ବର୍ଣ୍ଣନା କରିବାକୁ କୁଣ୍ଠିତ ହୋଇ ନାହାନ୍ତି । "ଅନ୍ୟ ନାରୀଙ୍କ ଭଳି ଅନ୍ଦର ମହଲରେ ରହିଥିଲେ ମଧ୍ୟ ଏହି ରାଜକନ୍ୟାଙ୍କ କେତେକ ପ୍ରେମ ବୃତ୍ତାନ୍ତ ବର୍ଣ୍ଣନା କରିବାକୁ କୁଣ୍ଠିତ ହେବି ନାହିଁ । ଆଉରି ମଧ୍ୟ କେହି ଭାବିବେ ନାହିଁ ଯେ ମୁଁ ରୋମାଞ୍ଚକର କଥକ ଭଳି ଘଟଣା ବର୍ଣ୍ଣନା କରୁଛି, ଯାହା କି ଆମ ଦେଶରେ ସାହସିକ ଏବଂ ହାସ୍ୟରସରେ ପରିଣତ ହୁଏ । କିନ୍ତୁ ଏ ସବୁ ସେଠାରେ ପରିଣତି ବଡ଼ ଭୀଷଣ ଏବଂ ଦୁଃଖ-ଦାୟକ ।

ଶୁଣାଯାଏ ଥରେ ରାଜକନ୍ୟା ଅନ୍ଦର ମହଲକୁ ତାଙ୍କର ଜଣେ ପ୍ରେମିକଙ୍କୁ ନେଇଥିଲେ । ସେ ସେମିତି ଗୁଣବାନ ବ୍ୟକ୍ତି ନ ଥିଲେ, ମାତ୍ର ସେ ଜଣେ ଭଲ ମଣିଷ ଥିଲେ । କିନ୍ତୁ ଏତେ ହିଂସା-ଦ୍ୱେଷ-ପୂର୍ଣ୍ଣ ମଣିଷଙ୍କ ମଧ୍ୟରେ ଜହାନ୍ ଆରା ବେଶୀଦିନ ଗୁପ୍ତ ଭାବରେ ଏହି କାର୍ଯ୍ୟ ଚଳାଇ ପାରିଲେ ନାହିଁ ।

ତେଣୁ ଘଟଣା କ୍ରମେ ପ୍ରକଟ ହେଲା । ଏହା ମଧ୍ୟ ସମ୍ରାଟ ଶାହ ଜହାଁଙ୍କ କାନକୁ ଗଲା । ଜହାନ୍ ଆରାଙ୍କ ଅଜଣା ଭାବରେ ଆଶ୍ଚର୍ଯ୍ୟାନ୍ୱିତ କରିବା ପାଇଁ ଦିନେ ହଠାତ୍ ଦେଖା କରିବା ବାହାନାରେ ସମ୍ରାଟ ଯାଇ ଜହାନ୍ ଆରାଙ୍କ କକ୍ଷରେ ପହଞ୍ଚି ଥିଲେ । ରାଜଜେମା ପିତାଙ୍କ ଏପରି ଅତର୍କିତ ଭାବରେ ଆସିବାର ଦେଖି ତାଙ୍କ ପ୍ରେମିକଙ୍କୁ ଲୁଚାଇବାକୁ ବେଶୀ ସମୟ ପାଇ ପାରି ନ ଥିଲେ । ତେଣୁ ସେ ତାହାଙ୍କୁ ସ୍ନାନ ପାଇଁ ରହିଥିବା ଗୋଟିଏ ବଡ଼ କଡ଼େଇରେ ଲୁଚାଇ ଦେଇ ଥିଲେ କିନ୍ତୁ ଶାହ ଜହାଁ ଏହା ଜାଣି ପାରିଥିଲେ । ତାହାପରେ ସେ ଜେମାଙ୍କ ସହିତ ବହୁକ୍ଷଣ ଯାଏ କଥାବାର୍ତ୍ତା କରିଥିଲେ ଓ ଜହାନ ଆରାଙ୍କ ଉପରେ ଆଦୌ ରାଗି ନ ଥିଲେ । ଶେଷରେ ସେ କହିଲେ ଯେ ରାଜଜେମା ଭାରି ଅସାବଧାନ ଓ ଅପରିଚ୍ଛନ୍ନ ଦେଖା ଯାଉ ଅଛନ୍ତି, ତେଣୁ ରାଜଜେମା ନିୟମିତ ସ୍ନାନ-ଅଭ୍ୟାସ କରିବା ଉଚିତ । ତାହାପରେ ସେ ଗମ୍ଭୀର ହୋଇ ସଙ୍ଗେ ସଙ୍ଗେ ସେଠି

(୧୦) Travels in Hinduathan Page 9 by Francis Bernier M. D. translated by H. Ovedinburgh ଏବଂ Storia do mogor by Munaci Vol I, p 218.

(୧୧) "It was ever rumoured that he loved her to that degree as is hardly to be imagined, and that he alleged for his excuse, that according to the determination of his Mullahs or Doctor of his law it was permitted of a man to eat of the fruit of the tree he had planted."



Digitized by srujanika@gmail.com

ଥିବା ବଡ଼ କଡ଼େଇରେ ପାଣି ଗରମ କରିବାକୁ ଆଦେଶ ଦେଇ ଥିଲେ । ନପୁଂସକ (Eunuchs—ଏମାନେ ମୋଗଲ ରାଜ-ପ୍ରାସାଦରେ ଭୃତ୍ୟ କାର୍ଯ୍ୟ କରନ୍ତି) ମାନେ ସେ ଲୋକଟି ମରିବା ଖବର ନ ଦେବାଯାଏ ସେଠାରୁ ସମ୍ରାଟ ଯାଇ ନ ଥିଲେ ।

ଏହି ଘଟଣାର କେତେକ ସମୟ ପରେ ଜହାଁନ୍ ଆରା ପୁଣି ଆଉଜଣେ ସୁନ୍ଦର, ସାହସୀ ପାରସ୍ୟର ଓମରା ଯୁବକ-ନଜର ଖାଁଙ୍କୁ ନିଜର ଖାନସାମା ପାଇଁ ବାଛିଥିଲେ । କିନ୍ତୁ ଏହି ଯୁବକ ଏଡ଼େ ସୁନ୍ଦର ଏବଂ ଉଚ୍ଚ ଆକାଂକ୍ଷାପୂର୍ଣ୍ଣ ଥିଲେ ଯେ ଆଓରଙ୍ଗ-ଜେବଙ୍କ ମାମୁଁ ଦାଦା ସାହେସ୍ତ ଖାଁ (Chah-Hestkhan) ଏହାଙ୍କୁ ରାଜକନ୍ୟା ଦେଇ ଦେବାକୁ ପ୍ରସ୍ତାବ କରିଥିଲେ । କିନ୍ତୁ ଶାହ ଜହାଁ ଏହି ପ୍ରସ୍ତାବକୁ ପସନ୍ଦ କରି ନ ଥିଲେ, ଏବଂ ତାପରେ ସମ୍ରାଟ ଯେପରି ଶୁଣିଲେ ଯେ ଏ ସମ୍ପର୍କରେ ଗୁପ୍ତ ଅଭିସନ୍ଧି ହେଉଅଛି, ସେ ନଜର ଖାଁଙ୍କୁ ମାରି ଦେବାକୁ ଚେଷ୍ଟା କଲେ । ଥରେ ସମ୍ରାଟ ତାହାଙ୍କୁ ସମ୍ମାନ ଦେଖାଇବା ଛଳନା କରି ପାନ ଖାଇବାକୁ ଦେଲେ । ପ୍ରଚଳିତ ରୀତି ଅନୁସାରେ ସେ ପାନ ସେଠାରେ ନ ଖାଇ ରହି ପାରିଲେ ନାହିଁ (ପାନର ବର୍ଣ୍ଣନା ମଧ୍ୟ ଭ୍ରମଣକାରୀ ଦେଇଛନ୍ତି) ଏହି ସମ୍ଭ୍ରାନ୍ତ ଯୁବକ କିଛି ସମୟ ପରେ ଜାଣିଲେ ଯେ ତାଙ୍କ ପ୍ରତି ବିଷ ପ୍ରୟୋଗ ହୋଇ ଥିଲା । କିନ୍ତୁ ସେ ରାଜସଭାରୁ ଶାନ୍ତ ଏବଂ ଆନନ୍ଦରେ ପାଲିଙ୍କିରେ ଚଢ଼ି ନିଜ ଘରକୁ ଆସିଲେ । କିନ୍ତୁ ଏହି ବିଷ ଏଡ଼େ ଉତ୍କଟ ଥିଲା ଯେ ଘରେ ପହଞ୍ଚିବା ପୂର୍ବରୁ ସେ ମରି ଯାଇଥିଲେ ।”

କିନ୍ତୁ ବର୍ଣ୍ଣିୟରଙ୍କ ଏହି ବିବରଣୀ କେତେ ଦୂର ବିଶ୍ୱାସ ଯୋଗ୍ୟ ତାହା ନିରପେକ୍ଷ ଭାବରେ ବିଚାର କରିବା କଥା । ବର୍ଣ୍ଣିୟରଙ୍କର ଏହି ବର୍ଣ୍ଣିତ ଘଟଣା ବିଷୟରେ ତାଙ୍କର ନିଜର କୌଣସି ପ୍ରତ୍ୟକ୍ଷ ଅନୁଭୂତି ନ ଥିଲା । କାରଣ ବର୍ଣ୍ଣିୟର ଯେତେବେଳେ ଭାରତକୁ ଆସି ଥିଲେ, ସେତେବେଳେ ରାଜ-ବଂଶରେ ଭୀଷଣ ଭ୍ରାତୃ ବିବାଦ ଓ ଯୁଦ୍ଧ । ପୁଣି ସେହି ସମୟକୁ ଜହାଁନ୍ ଆରାଙ୍କ ବୟସ ୪୧ ବର୍ଷ । ପଚିଶ ବର୍ଷର ପୂର୍ବାଙ୍କ କଥା ଯାହା ଅତୀତ ଯୌବନ ବିଷୟରେ କୁତ୍ସିତ କୌଣସି ଉଡ଼ା ଖବର ସଂଗ୍ରହ କରି ସେ ତାହା ଲିପିବଦ୍ଧ କରି ଯାଇ ଅଛନ୍ତି । ପୁଣି ଏହି ସବୁ ଉଡ଼ା ଖବରକୁ ଆମ୍ଭେମାନେ କେତେ ଦୂର ଐତିହାସିକ ତଥ୍ୟ ରୂପେ ଗ୍ରହଣ କରିବୁ, ତାହା ତଉଲି ଦେଖିବା କଥା ।

ଏ ଦେଶରେ କନ୍ୟା ଅବିବାହିତ ରହିବା ଆଦର୍ଶ ପ୍ରଚଳିତ ନୁହେଁ । ତେଣୁ ଅବିବାହିତା କନ୍ୟାଙ୍କ ଚରିତ୍ର ପ୍ରତି ସନ୍ଦେହ ଆରୋପ କରିବାରେ ଆଶ୍ଚର୍ଯ୍ୟ ହେବାରେ କିଛି ନାହିଁ । ଜହାଁନ୍ ଆରା ନାରୀ ପୁଣି ରୂପବତୀ ରାଜ-କନ୍ୟା । ବିଳାସ ବ୍ୟସନ, ଧନ-ଯୌବନ ତାଙ୍କର କିଛି ଅଭାବ ନ ଥିଲା. ତାଙ୍କ ଯୌବନରେ ହୁଏ ତ ତାଙ୍କ ପଦ ସ୍ଖଳନ ହୋଇ ପାରିଥାଏ, ହେବା ସ୍ୱାଭାବିକ । କିନ୍ତୁ ବର୍ଣ୍ଣିୟର ଯେପରି ଘଟଣାଟାକୁ ଚିତ୍ର କରିଛନ୍ତି; ତାହା ସେପରି ଉତ୍କଟ ନୁହେଁ । ରାଜନୀତିର କୂଟଚକ୍ର ଓ ବୃଥା ସମ୍ମାନ

ବଢ଼ିମା ଯୋଗୁଁ ମୋଗଲ ସମ୍ରାଟଙ୍କ କନ୍ୟା ବିବାହ-ସୁଖରୁ ବଞ୍ଚିତ ହେଉଥିଲେ । ଏହା ଏକ ନୃଶଂସ ପ୍ରଥା । ଏହି ନିର୍ମମ ପ୍ରଥାକୁ ସମର୍ଥନ କରିବା ଯେପରି ଅସମ୍ଭବ, ବର୍ଣ୍ଣିୟରଙ୍କ ବର୍ଣ୍ଣିତ କୁତ୍ସାକୁ ମଧ୍ୟ ସେପରି ଗ୍ରହଣ କରିବା ଅସମ୍ଭବ । ସେ ଯାହା ହେଉ ଦିଲ୍ଲୀର ନିଜାମ-ଉଦ୍ଦୀନ ଆଉଲିୟାର ନାମକ ଯେଉଁ ବିଶାଳ ସମାଧି-ଭବନ ଅଛି, ସେହି ଭବନର ପ୍ରାଚୀର ନିକଟରେ ଏକ ଅଳ୍ପ-ପରିସର ସ୍ଥାନରେ ଜହାଁନ୍-ଆରାଙ୍କୁ ସମାଧି ଦିଆ ଯାଇ ଥିଲା । ସେ ବଞ୍ଚି ଥାଉଁ ଥାଉଁ ତାଙ୍କର ଏହି ସମାଧି ନିର୍ମାଣ କରାଇ ଥିଲେ ।

ସମାଧିଟି ଶ୍ୟାମ ତୃଣାଚ୍ଛନ୍ନ । ଏହି ସମାଧିର ଶୀର୍ଷ ସ୍ଥାନରେ ମର୍ମର ପ୍ରସ୍ତରରେ ଗୋଟିଏ କବିତା ଲିପିବଦ୍ଧ ହୋଇଅଛି :—

“ହୁ—ଅଲ୍‌ହାଇ—ଅଲ କଇୟୁମ୍
ବଘାଏର୍ ସବଜା ନ ପୋଷାକ୍ କସେ ମଜାର୍-ଇ-ମରା
କେ କବ୍‌ର ପୋଷ୍-ଇ-ଘରିବାନ୍ ହାମୀ ଗିୟା ବସସ୍ତ
ଅଲ-ଫକିରା ଅଲ୍ ଫନୀୟା ଜହାନ୍ ଆରା
ମୁରିଦ୍-ଇ-ଖ୍ୱାଜ୍ ଗାନ୍-ଇ-ଚିସ୍ତୀ

ବିନତ୍-ଇ-ଶାହ ଜାହାନ୍

ବାଦଶାହ ଅନାରୁଲ୍ଲା ବୁର୍ହା ନୁହୁ ସନ ୧୦୯୨ ।”

ଅର୍ଥାତ ସେ ଜୀବନ୍ତ ଆତ୍ମସତ୍ତ୍ୱ । ମୋର ସମାଧିରେ ତୃଣ ବ୍ୟତୀତ ଅନ୍ୟ କୌଣସି ଆବରଣ ଆବୃତ କର ନାହିଁ । ଦୀନ ଆତ୍ମାୟୀଗଣଙ୍କ ପକ୍ଷରେ ଏହି ତୃଣହିଁ ଯଥେଷ୍ଟ ସମାଧି ଆବରଣ । ଶାହ ଜହା-ଦୁହିତା ଚିଶତୀ ସାଧୁଙ୍କର ଶିଷ୍ୟା “ବିନଶ୍ୱର ଫକୀର ଜହାନ ଆରା ୧୦୯୨ ହିଜରୀ ।” ଏହାହିଁ ସକଳ ରାଜକୀୟ ବିଳାସବ୍ୟସନ ମଧ୍ୟରେ ଜହାନ ଆରାଙ୍କ ବିପୁଳ ଦୈନ୍ୟ ଓ ଜୀବନ ବ୍ୟାପୀ ନିଃସଙ୍ଗତା କାହାଣୀର ଅମର ଝଙ୍କାର ।

**ସତୀ ଉନ୍ନିସା**—ସତୀ ଉନ୍ନିସା ଜହାଁନ ଆରାଙ୍କର ଶିକ୍ଷୟିତ୍ରୀ ଓ ଧାତ୍ରୀ ଥିଲେ । ଉନ୍ନିସା ପାରସ୍ୟ-ସମ୍ଭ୍ରାନ୍ତ-କନ୍ୟା । ଉନ୍ନିସା ବୈଦ୍ୟ ବିଦ୍ୟା ଓ ଚିକିତ୍ସା ଶାସ୍ତ୍ରରେ ଖ୍ୟାତି ଲାଭ କରିଥିଲେ । ଉନ୍ନିସାଙ୍କ ଭାଇ ତାଲିବ-ଇ-ଅମୁଲୀ ଜଣେ ବଡ଼ ରାଜକବି ଥିଲେ । ସତୀ ମଧ୍ୟ ଏକ ଚିକିତ୍ସକ ବଂଶରେ ବିବାହ କରିଥିଲେ । ସ୍ୱାମୀର ମୃତ୍ୟୁପରେ ବିଧବା ଉନ୍ନିସା ସାମ୍ରାଜ୍ଞୀ ମମତାଜ-ମହଲଙ୍କ ଅଧୀନରେ କାର୍ଯ୍ୟ ଗ୍ରହଣ କରିଥିଲେ ।

ଉନ୍ନିସାଙ୍କ ନିର୍ମଳ ଚରିତ୍ର, କର୍ମ ନୈପୁଣ୍ୟ, ମିଷ୍ଟଭାଷ, ସଦାଚାର ଶୀଘ୍ର ଦିଲ୍ଲୀ ରାଜ-ମହଲରେ ଖ୍ୟାତି ଅର୍ଜନ କରିଥିଲା । ଉନ୍ନିସା ମମତାଜ ମହଲଙ୍କ “ମୋହର-ରକ୍ଷା” ଭାର ଗ୍ରହଣ କରି ଥିଲେ । ସେ ଅତିଶୟ ସୁନ୍ଦର ଭାବରେ କୋରାଣ ଆବୃତ୍ତି କରି ପାରୁଥିଲେ । ପାରସ୍ୟ ଗଦ୍ୟ ଓ ପଦ୍ୟ ଉଭୟ ସାହିତ୍ୟ ସେ ବିଶେଷ ଭାବରେ ଆଲୋଚନା କରୁଥିଲେ । ଚିକିତ୍ସା ଶାସ୍ତ୍ର ମଧ୍ୟ ତାହାଙ୍କୁ ଅଳ୍ପ ବହୁତ ଜଣା ଥିଲା । (୧୨)

(୧୨) “The Companion of an Empress” in Historical Essays by J. Sarkar pp. 151-156.



Digitized by srujanika@gmail.com

# ମୋଗଲ ରାଜ-ନାରୀ

**ଜହାନ୍-ଜେବ-ବାନୁ**—ଅଓରଙ୍ଗଜେବଙ୍କ ରାଜତ୍ୱ କାଳରେ ତିନଜଣ ବିଦୁଷୀ ରାଜନାରୀ ଖ୍ୟାତି ଲାଭ କରିଥିଲେ । ଜହାନ୍ ଜେବ ବାନୁ ଦାରା ଶୁକୋଙ୍କ କନ୍ୟା । ଏହାଙ୍କୁ ସାଧାରଣତଃ "ଜାନୀ ବେଗମ" ନାମରେ ଡକା ଯାଉଥିଲା । ଜାନୀ ବେଗମ ଜହାନ-ଆରାଙ୍କର ଅତି ପ୍ରିୟ ପାତ୍ର ଥିଲେ । ଜାନୀ ବେଗମ ଅଓରଙ୍ଗଜେବଙ୍କ ତୃତୀୟ ପୁତ୍ର ମହମ୍ମଦ ଆଜମଙ୍କୁ ବିବାହ କରିଥିଲେ । ଜାନୀ ବେଗମ କେବଳ ବିଦୁଷୀ ନୁହନ୍ତି ବୀରା ମଧ୍ୟ ଥିଲେ । ଖ୍ରୀଃ ଅଃ ୧୬୮୫ ରେ କୁମାର ଆଜାମ ବିଜାପୁର ଅବରୋଧ ସମୟରେ ହତୋତ୍ସାହ ହେଲା ବେଳେ ଜାନୀ ବେଗମ ନିଜେ ହାତୀରେ ଚଢି ଯାଇ, ହତାଶ ସୈନ୍ୟ ବାହିନୀଙ୍କ ପ୍ରାଣରେ ବିଜୟ-ହୁଙ୍କାର ଆଣି ଦେଇଥିଲେ ।

**ଜେବ ଉନ୍ନିସା**—ଅଓରଙ୍ଗଜେବ ଓ ବାନୁ ବେଗମଙ୍କର ଜେବ ଉନ୍ନିସା ଜ୍ୟେଷ୍ଠା କନ୍ୟା । ଖ୍ରୀଃ ଅଃ ୧୬୩୮ ଫେବୃୟାରୀ ୧୫ ତାରିଖରେ ଜେବ ଉନ୍ନିସା ଦାକ୍ଷିଣାତ୍ୟର ଦୌଲତାବାଦରେ ଜନ୍ମ ଗ୍ରହଣ କରିଥିଲେ । ଏ ଜଣେ ଉଚ୍ଚ ଶିକ୍ଷିତା ନାରୀ ଥିଲେ । ଜେବ ଉନ୍ନିସା ହାଫିଜା ମରିୟମ ନାମକ ଏକ ବିଦୁଷୀ ମୁସଲମାନ ମହିଳାଙ୍କ ଠାରୁ ଶିକ୍ଷା ଲାଭ କରିଥିଲେ । ଅତି ବାଲ୍ୟକାଳରୁ ଜେବ ଉନ୍ନିସାଙ୍କର ବିଦ୍ୟାନୁରାଗ ପରିଲକ୍ଷିତ ହୋଇଥିଲା ।

ସମୁଦାୟ କୋରାଣ ଏହାଙ୍କର କଣ୍ଠସ୍ଥ ହୋଇ ଥିଲା । ଏହିନେ ସମ୍ରାଟ-ପିତା ଅଓରଙ୍ଗଜେବଙ୍କ ଆଗରେ ଏହି କୋରାଣ ଆବୃତ୍ତି କରି ଜେବ ଉନ୍ନିସା ତିରିଶ ହଜାର ସ୍ୱର୍ଣ୍ଣ ମୁଦ୍ରା ପାରିତୋଷିକ ଲାଭ କରିଥିଲେ । ସେ ଫାର୍ସୀ ଓ ଆରବୀ ଉଭୟ ଭାଷାରେ ରଚନା କରି ପାରୁଥିଲେ । ଆରବୀୟ ଧର୍ମତତ୍ତ୍ୱ ସମ୍ବନ୍ଧରେ ତାହାଙ୍କର ଯଥେଷ୍ଟ ବ୍ୟୁତ୍ପତ୍ତି ଥିଲା । ଅଓରଙ୍ଗଜେବଙ୍କ ସହିତ ଅନେକ ସମୟରେ ଜେବ ଉନ୍ନିସାଙ୍କର ଧର୍ମାଲୋଚନା ହେଉଥିଲା ।

ସେ ନିଜେ ସାହିତ୍ୟାନୁରାଗୀ ଓ ସାହିତ୍ୟିକଗଣଙ୍କର ଉତ୍ସାହ ଦାତ୍ରୀ ଥିଲେ । ତାହାଙ୍କ ପୁସ୍ତକାଗାରରେ ସଂଗୃହୀତ ଧର୍ମ ଓ ସାହିତ୍ୟ ସମ୍ବନ୍ଧୀୟ ଗ୍ରନ୍ଥାବଳୀରୁ ତାହାଙ୍କ ଜ୍ଞାନାନୁରାଗର ଯଥେଷ୍ଟ ପ୍ରମାଣ ମିଳେ । ସେ ରାଜବିଳାସ ବ୍ୟସନ ଅପେକ୍ଷା ଜ୍ଞାନାର୍ଜନ ଓ ସାହିତ୍ୟ ଚର୍ଚ୍ଚାକୁ ବେଶୀ ସୁଖକର କାର୍ଯ୍ୟ ମଣୁଥିଲେ । ବହୁ ଦୁଃସ୍ଥ ଲେଖକ ଜେବ ଉନ୍ନିସାଙ୍କ ପୃଷ୍ଠ-ପୋଷକତା ଲାଭ କରିଥିଲେ । ଅନେକ ସୁଯୋଗ୍ୟ ମୌଲବୀଙ୍କୁ ସେ ନାନା ପ୍ରକାର ସାହିତ୍ୟିକ କାର୍ଯ୍ୟରେ ଉପଯୁକ୍ତ ବେତନ ଦେଇ ନିଯୁକ୍ତ କରିଥିଲେ । ଅଓରଙ୍ଗଜେବ କବିତା ପ୍ରିୟ ନ ଥିଲେ ମାତ୍ର ଏହାଙ୍କ ରାଜତ୍ୱ କାଳରେ ଜେବ ଉନ୍ନିସାଙ୍କ କରୁଣାରୁ ସେ ସମୟର କବିମାନେ ଉପଯୁକ୍ତ ଉତ୍ସାହରୁ ବଞ୍ଚିତ ହୋଇ ନ ଥିଲେ । ଜେବ ଉନ୍ନିସା ମଧ୍ୟ ପରମ ରୂପବତୀ ଥିଲେ । ତାଙ୍କର ରୂପ ଓ ଗୁଣ ସେ ଯୁଗରେ ଆଦର୍ଶ ସ୍ଥାନ ଲାଭ କରିଥିଲା । ଏହାଙ୍କ ଯଶଃ-ସୌରଭ ଦିଲ୍ଲୀ ମୋଗଲ-ମହଲ ଡେଇଁ ଦେଶ ଦେଶାନ୍ତରରେ ପରିବ୍ୟାପ୍ତ ହୋଇଥିଲା । ଜେବ ଉନ୍ନିସା ନିଜର ଭାଇ ଆକବରଙ୍କୁ ଅକୃତ୍ରିମ ଭାବରେ ସ୍ନେହ କରୁଥିଲେ । ଆକବର ନିଜ ଭଗିନୀ ଉନ୍ନିସାଙ୍କ ଆଦେଶକୁ "ହଦୀସ" ବୋଲି ଗ୍ରହଣ କରୁଥିଲେ । କିନ୍ତୁ ଏହି ଭାତୃସ୍ନେହ ଉନ୍ନିସାଙ୍କ ଘୋର ଦୁଃଖର କାରଣ ପାଲଟି ଥିଲା ।

କାରଣ ଆକବର ତାହାଙ୍କ ପିତା ଅଓରଙ୍ଗଜେବଙ୍କର ବିରୋଧୀ ହୋଇଥିଲେ । ସେତେବେଳେ ଆକବରଙ୍କୁ ଲିଖିତ ଉନ୍ନିସାଙ୍କ ସମସ୍ତ ପତ୍ର ଅଓରଙ୍ଗଜେବଙ୍କ ହସ୍ତଗତ ହୋଇ ଥିଲା । ଅପରାଧୀ ପୁତ୍ରଙ୍କୁ ଦଣ୍ଡ ଦେଇ ନ ପାରି ଅଓରଙ୍ଗଜେବ ନିଜର ପ୍ରିୟତମ କନ୍ୟା ଉନ୍ନିସାଙ୍କୁ ହିଁ ଏହି ଷଡ଼ଯନ୍ତ୍ରରେ ଲିପ୍ତ ଥିବା ଅନୁମାନ କରି ତାହାଙ୍କୁ କଠୋର କାରାଦଣ୍ଡ ଦେଇଥିଲେ । ଉନ୍ନିସାଙ୍କ ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ ହୋଇ ଯାଇ ଥିଲା । ତାହାଙ୍କ ବାର୍ଷିକ ଚାରି ଲକ୍ଷ ଟଙ୍କା ବୃତ୍ତି ବନ୍ଦ ହୋଇ ଗଲା ଏବଂ ଦିଲ୍ଲୀ ସନ୍ନିକଟ ସଲିମଗଡ଼ର ଦୁର୍ଗରେ ସମ୍ରାଟ ନନ୍ଦିନୀ ଉନ୍ନିସା ଆମରଣ ବନ୍ଦିନୀ-ଜୀବନ ଯାପନ କରିଥିଲେ । ଖ୍ରୀଃ ଅଃ ୧୬୮୧-୧୭୦୨ ଯାଏ ୨୦ ବର୍ଷ ସେ ବନ୍ଦିନୀ ଭାବରେ ରହିଥିଲେ । ଜେବ ଉନ୍ନିସାଙ୍କ ରଚିତ ଗୋଟିଏ କବିତାର ପଂକ୍ତି ଏହିପରି :—

"ପାଦା ଅସ୍ ଦୁଲମ୍-ବ-ପିତାନ୍
ଚନ୍ଦାଙ୍କେ ଆଜ ଜୁଲ୍ମତ୍-ଇ-ହିନ୍ଦ,
ମରବମ ନଜ୍ ବହର-ଇ-ହିନ୍ଦ୍
ଜାୟେ ଜଗର ପୟଦା ଜୁନମ୍ ।"

ଅର୍ଥାତ ମୋର ମନ ହୁଏ ଏତେ ଅଧିକ ଅତ୍ୟାଚାର ଓ ଅବିଚାର ଦେଖି ଏହି ହିନ୍ଦୁସ୍ଥାନରେ ଅଳଙ୍କାର ମଧ୍ୟ ତ୍ୟାଗ କରି ଅନ୍ୟତ୍ର ଚାଲି ଯାଉଛି ।

ବନ୍ଦିନୀ ଭାବରେ ଉନ୍ନିସା ବହୁ ବର୍ଷ କାରାଗାରର କଠିନ ଜୀବନ ଯାପନ କରିଥିଲେ । ସେହି ସମୟର ଦୁର୍ବହ ଜୀବନ ସମ୍ବନ୍ଧରେ ସେ ଏକ ଅତି ମର୍ମସ୍ପର୍ଶୀ କବିତା ରଚନା କରିଥିଲେ, ତାହାର ମର୍ମାନୁବାଦ ତଳେ ଦିଆଗଲା ।

"କଠିନ ଶୃଙ୍ଖଳବଦ୍ଧ ଯେତେକାଳ ଚରଣ ଯୁଗଳ
ବନ୍ଧୁ ସବୁ ହୋଇ ବୈରୀ, ନିଜର ଏ ଆତ୍ମୀୟ ସକଳ ।
ସୁନାମ ରଖିବା ପାଇଁ ଯାହା କର, ସବୁ ହେବ ମିଛ,
ଆପଣାର କହିବାକୁ ଛଳ-ବନ୍ଧୁ ପାଖେ ବସିଅଛ ।
ଏ ବିଷାଦ କାରା ମୁହିଁ ମୁକ୍ତ ଇଚ୍ଛା
ବୃଥା ଚେଷ୍ଟା ମୋର,
ଆରେ "ମଖଂଫୀ" ରାଜଚକ୍ର ଅତି ବକ୍ର,
ବିରୂପ, କଠୋର !
ଜାଣି ରଖ ବନ୍ଦୀ ତୁହି, ଶେଷ ଦିନ ନ ଆସିଲେ ତୋର;
ନାହିଁ ନାହିଁ, ଆଗୋ! ନାହିଁ ଖୋଲିବ ଏ ଲୌହ କାରାଦ୍ୱାର ।



Digitized by srujanika@gmail.com

ଜେବ ଉନ୍ନିସାଙ୍କ କାରାଗାରର ଲୌହ ଦ୍ୱାର ତାହାଙ୍କ ଜୀବଦଶାରେ ଖୋଲି ନ ଥିଲା । କିନ୍ତୁ ଜେବ ଉନ୍ନିସାଙ୍କ ମୃତ୍ୟୁ ପରେ ବୃଦ୍ଧ ଅଓରଙ୍ଗଜେବଙ୍କ ପାଷାଣ ହୃଦୟ ମଧ୍ୟ ବିଗଳିତ ହୋଇ ଥିଲା ।(୧୩)

ଜେବ ଉନ୍ନିସାଙ୍କ ଚରିତ୍ର—

ଜେବ ଉନ୍ନିସାଙ୍କ ଚରିତ୍ର ସମ୍ବନ୍ଧରେ ନାନା ଉପାଖ୍ୟାନ ଶୁଣାଯାଏ । ଏପରିକ ସାହିତ୍ୟ ମଣ୍ଡଳରେ ଏହାଙ୍କ ପ୍ରେମ-କାହାଣୀ ମାନ ଲିପିବଦ୍ଧ ହୋଇଅଛି । ଶୁଣାଯାଏ ସେ କବି ଥିଲେ; ତେଣୁ କଳାବିତ୍ ଭାବରେ ସେ ନୈତିକ ବନ୍ଧନରୁ ସ୍ୱାଧୀନତା ଚାହିଁ ଥିଲେ । ଅକିଲ ଖାଁ ନାମକ ଜଣେ ସମ୍ଭ୍ରାନ୍ତ ମୁସଲମାନଙ୍କ ସହିତ ଜେବ ଉନ୍ନିସାଙ୍କ ପ୍ରେମ ଥିଲା ବୋଲି ଶୁଣାଯାଏ ।

କିନ୍ତୁ ଏହି ଲୁଚ୍ଚା-ଘଟଣାର ଆରମ୍ଭ ଅତି ଅଳ୍ପଦିନର ବୋଲି ଅନୁମିତ ହୁଏ । ଏହା ପ୍ରାଚୀନ ଐତିହାସିକମାନଙ୍କ ଇତିହାସରେ ଦେଖିବାକୁ ମିଳେ ନାହିଁ ।

ଲାହୋରର ଅହମ୍ମଦିନ ବି. ଏ. ତାହାଙ୍କ "ଦୁର୍-ଇ-ମୁକ୍ତମ୍" (Durr-i-Muktam)ରେ ଏହା ଉଲ୍ଲେଖ କରିଥିଲେ । ସେ ଏହା ମୁନସି ମହମ୍ମଦ ଉଦ୍ଦିନ ଖାଲିକଙ୍କ "ହେୟାତ୍-ଇ-ଜେବ-ଉନ୍ନିସା"ରୁ (Haiyat-i-Zeb-Unnisa) ଗ୍ରହଣ କରିଥିଲେ ବୋଲି ସ୍ୱୀକାର କରି ଅଛନ୍ତି । ଅହମ୍ମଦିନଙ୍କ ବହିରୁ ମିସେସ୍ ୱେଷ୍ଟବ୍ରୁକ ତଥ୍ୟ ସଂଗ୍ରହ କରି ତାହାଙ୍କ (Diwan of Zeb-un-nissa) ବହିର ମୁଖବନ୍ଧରେ ଏହି କଥା ଉଲ୍ଲେଖ କରିଥିଲେ । ନିରପେକ୍ଷ ବିଶ୍ଳେଷଣ କରି ଏହାର ଐତିହାସିକ ସତ୍ୟ ନିରୂପଣ କରିବା ପୂର୍ବରୁ ଘଟଣାଟି କ'ଣ ଦେଖାଯାଉ ।

୧୬୬୨ରେ ଅଓରଙ୍ଗଜେବ ଅସୁସ୍ଥ ହୋଇଥିଲେ । ବୈଦ୍ୟମାନେ ତାହାଙ୍କୁ ବାୟୁ ପରିବର୍ତ୍ତନ ପାଇଁ ଉପଦେଶ ଦେବାରୁ ସେ ତାହାଙ୍କ ପରିବାରଙ୍କ ସହ ଲାହୋର ଯାଇଥିଲେ । ସେ ସମୟରେ ଲାହୋରର ଶାସନକର୍ତ୍ତା ଥିଲେ ଅକିଲ ଖାଁ । ସେ ଜଣେ ଉଜୀରଙ୍କ ପୁଅ ଥିଲେ । ସେ ତାହାଙ୍କ ରୂପ, ସାହସ ଏବଂ କବିତା ପାଇଁ ପ୍ରସିଦ୍ଧି ଲାଭ କରିଥିଲେ । ସେ ଜେବ୍-ଉନ୍ନିସାଙ୍କ କବିତା ପଢିଥିଲେ; ତାହାଙ୍କ ରୂପ, ଗୁଣର ପ୍ରଶଂସା ବହୁ ମୁଖରେ ଶୁଣିଥିଲେ ଓ ତାହାଙ୍କୁ ଦେଖିବାକୁ ସ୍ୱତଃ ଅନୁପ୍ରାଣିତ ହୋଇଥିଲେ । ନଗର ପହରା ଦେବା ବାହାନାରେ ସେ ଜେବ-ଉନ୍ନିସା ରହୁଥିବା ପ୍ରାସାଦର କାନ୍ଥ ପାଖରେ ବହୁତ ବାର ତାହାଙ୍କୁ ଦେଖିବା ଉଦ୍ଦେଶ୍ୟରେ ଯାଉଥିଲେ । ଦିନେ ଭାଗ୍ୟକ୍ରମେ ସେ ଜେବ-ଉନ୍ନିସାଙ୍କୁ ରାଜ-ପ୍ରାସାଦ ଛାତ ଉପରେ ଦେଖିଥିଲେ । ଜେବ-ଉନ୍ନିସା ସେ ଦିନ ପ୍ରତ୍ୟୁଷରୁ ଗୋଲାପି-ରଙ୍ଗର ଶାଢ଼ୀ ପିନ୍ଧି ଛାତ ଉପରେ ଠିଆ ହୋଇଥିଲେ । ଅକିଲ ଖାଁ ତାହାଙ୍କୁ ଦେଖି ଶୁଣାଇ କହିଲେ କବିତା ପଦକରେ, "ପ୍ରାସାଦ ଉପରେ ଏକ ଲାଲ-ସ୍ୱପ୍ନର ଆବିର୍ଭାବ ହୋଇଛି ।" ଜେବ-ଉନ୍ନିସା ଏହା ଶୁଣି ଉତ୍ତର ଦେଲେ "କିନ୍ତୁ ଅନୁନୟ, ବିନୟ, ବଳାତ୍କାର କିମ୍ବା ସୁନା ଦ୍ୱାରା ବି ଏହା ଲାଭ ହୋଇ ପାରିବ ନାହିଁ ।"

ଜେବ-ଉନ୍ନିସା ଲାହୋରରେ ରହିବାକୁ ଖୁବ୍ ସୁଖ ପାଉଥିଲେ । ସେଠାରେ ସେ ଏକ ପ୍ରମୋଦ-ଉଦ୍ୟାନ ସ୍ଥାପନ କରିଥିଲେ । ଦିନେ ଅକିଲ ଖାଁ ଶୁଣିଲେ ଯେ ଜେବ ଉନ୍ନିସା ତାହାଙ୍କ ସଙ୍ଗିନୀ ଗହଣରେ ସେ ଉଦ୍ୟାନରେ ଗୋଟିଏ ମର୍ମର ପାହାଚ ନିର୍ମାଣ ଦେଖିବାକୁ ଯାଇଛନ୍ତି । ସେ ନିଜକୁ ଏକ ମିସ୍ତ୍ରୀ ଭଳି ଛଦ୍ମବେଶ କରି ମୁଣ୍ଡରେ ଚୂନ ସୁରକି ପାତ୍ର ଧରି ସେ ବଗିଚାର ପହରାବାଲାଙ୍କୁ ଠକାଇ ବଗିଚା ଭିତରକୁ ପ୍ରବେଶ କରିଥିଲେ । ଜେବଉନ୍ନିସା ସେତେବେଳେ ତାହାଙ୍କ ସଙ୍ଗୀ-ମାନଙ୍କ ସହିତରେ ଚଉପାର ଖେଳୁଥିଲେ । ଅକିଲ ଖାଁ ତାହାଙ୍କ ନିକଟବର୍ତ୍ତୀ ହୋଇ କବିତା ପଦେ ଗାଇଥିଲେ, "ତୁମରି ପାଇଁ ଧୂଳି ହୋଇ ମୁଁ ମର୍ତ୍ତ୍ୟସାରା ବୁଲିଲିଣି ।" ଜେବ ଉନ୍ନିସା ସଙ୍ଗେ ସଙ୍ଗେ ତା ବୁଝିପାରି ଉତ୍ତର ଦେଇଥିଲେ, "ତୁମ୍ଭେ ଯଦି ପବନ ହୋଇଥାନ୍ତ, ତେବେ ବି ତୁମ୍ଭେ ମୋର କେଶାଗ୍ର ମଧ୍ୟ ଛୁଇଁ ପାରନ୍ତ ନାହିଁ ।"

ଏହା ପରେ ସେମାନଙ୍କର ପୁନଃ ପୁନଃ ମିଳନ ହୋଇଥିଲା ଏବଂ ଏହି ଜନରବ ଅଓରଙ୍ଗଜେବଙ୍କ ପାଖରେ ପହଞ୍ଚି ଥିଲା । ଅଓରଙ୍ଗଜେବ ଦିଲ୍ଲୀରେ ଏ ଖବର ପାଇ ଲାହୋରକୁ ଆସି ଥିଲେ । ସେ ଏହି ବିବାହ ସମ୍ପନ୍ନ କରି ଜନରବକୁ ଚପେଇ ଦେବାକୁ ଚାହିଁଥିଲେ । କିନ୍ତୁ ଜେବ-ଉନ୍ନିସା ନିଜର ସ୍ୱାଧୀନତା ବା ସ୍ୱୟଂ ବରଣ ଚାହିଁଥିଲେ । ବିବାହେଚ୍ଛୁକ ଯୁବକମାନଙ୍କ ପ୍ରତିଛବି ତାହାଙ୍କ ପାଖକୁ ପଠା ଯାଇଥିଲା । ଅବଶ୍ୟ ସେ ଶେଷରେ ଅକିଲ ଖାଁଙ୍କୁ ହିଁ ବାଛିଥିଲେ । ଅଓରଙ୍ଗଜେବ ଅକିଲ ଖାଁଙ୍କୁ ଦିଲ୍ଲୀ ଡକାଇ ପଠାଇଲେ । କିନ୍ତୁ ସେହି ସମୟରେ ଜେବ-ଉନ୍ନିସାଙ୍କ କେହି ହିତାଶ ପ୍ରେମିକ ଅକିଲ ଖାଁଙ୍କ ପାଖକୁ ଲେଖି ପଠାଇଲେ, ସମ୍ରାଟଙ୍କ କନ୍ୟାର ପ୍ରେମିକ ହେବା ପିଲାଖେଳ ନୁହେଁ । ଅଓରଙ୍ଗଜେବ ତୁମର ସବୁ କାର୍ଯ୍ୟ ଜାଣିଛନ୍ତି । ତୁମ୍ଭେ ଦିଲ୍ଲୀକୁ ଆସିଲାକ୍ଷଣି ତୁମ୍ଭ ପ୍ରେମର ଫଳ ଭୋଗ କରିବ ।" ଅକିଲ ଖାଁ ଏହି ଚିଠି ପାଇ ଦିଲ୍ଲୀ ଆସିଲେ ନାହିଁ । ସେ ବିବାହ ହେବାକୁ ଅନିଚ୍ଛା ପ୍ରକାଶ କରି ନିଜର ରାଜକର୍ମ ତ୍ୟାଗ କରିଥିଲେ ।

ଏଣେ ଜେବ ଉନ୍ନିସା ଏହି ଖବର ପାଇ ଦୁଃଖରେ ମ୍ରିୟମାଣ ହେଲେ । ସେ ଲେଖିଥିଲେ, "ମୁଁ ଶୁଣୁଛି ଅକିଲ ଖାଁ ତାହାଙ୍କ ନିର୍ବୋଧତାରୁ ମୋତେ ସମ୍ମାନ ଦେବାରୁ ବିରତ ହୋଇଛନ୍ତି (ଏହାର ଅର୍ଥ ମଧ୍ୟ ସେ ବୃଦ୍ଧିଶୀ ଛାଡ଼ି ଅଛନ୍ତି)।" ଅକିଲ ଖାଁ ଏହାର ଉତ୍ତର ମଧ୍ୟ ଦେଇଥିଲେ ଏକ ପଦ କବିତାରେ । "ଜ୍ଞାନୀ-ଲୋକ (ଅକିଲ) ଏମିତି କାମ କାହିଁକି କରିବ, ଯେଉଁଥିପାଇଁ ସେ ଅନୁତପ୍ତ ହେବ ।" ପରେ ଅକିଲ ଖାଁ ଛଦ୍ମବେଶରେ ଦିଲ୍ଲୀ

(୧୩) Aourengzeb by J. Sarkar Vol I, pp 68-70. Vol. III, 60-62.



Digitized by srujanika@gmail.com

ଆସିଥିଲେ । ସେ ଜେବ ଉନ୍ନିସାଙ୍କୁ ଦେଖା କରି ନିଜର ଭୟ ବିଷୟ ସ୍ପଷ୍ଟ ଜଣାଇ ଥିଲେ । ପୁଣି ସେମାନେ ଏକ ଉଦ୍ୟାନରେ ମିଳିଥିଲେ । ସମ୍ରାଟ ଏହା ଜାଣିପାରି ହଠାତ୍ ସେଠାକୁ ଆସିଥିଲେ । ଜେବ ଉନ୍ନିସା ଅନ୍ୟସ୍ଥାନ ନ ପାଇ ଏକ ବଡ଼ ରନ୍ଧନ ପାତ୍ରରେ ତାହାଙ୍କ ପ୍ରେମିକଙ୍କୁ ଲୁଚାଇ ରଖିଥିଲେ । ସମ୍ରାଟ ପଚାରିଲେ "ସେ ପାତ୍ରରେ କ'ଣ ଅଛି ?" ଉତ୍ତର ମିଳିଲା, ପାଣି ଗରମ ହେବାକୁ ରଖା ଯାଇଛି ।" "ତାହାହେଲେ ନିଆଁ ଲଗାଇ ଗରମ କର ।" ସମ୍ରାଟଙ୍କ ଏହି ଆଦେଶ ସଙ୍ଗେ ସଙ୍ଗେ ପାଳନ କରା ଯାଇଥିଲା । ଜେବ-ଉନ୍ନିସା ସେତେବେଳେ ପ୍ରେମିକ ଅପେକ୍ଷା ନିଜର ସମ୍ମାନକୁ ବେଶୀ ପ୍ରିୟ ମଣିଥିଲେ । ସେ ସେହି ରନ୍ଧନ ପାତ୍ର ପାଖକୁ ଆସି ଧୀରେ କହିଥିଲେ "ଯଦି ତୁମ୍ଭେ ମୋର ପ୍ରକୃତ ପ୍ରେମିକ, ମୋର ସମ୍ମାନ ପାଇଁ ନୀରବ ରୁହ ।" ତାଙ୍କର ଏକ କବିତାରେ ପ୍ରେମ ବିଷୟରେ ଗୋଟିଏ ଭାବଅଛି,

"ପ୍ରେମିକର ଭାଗ୍ୟ କିପରି ?"

"ଏହା ସଂସାର ସୁଖପାଇଁ ଯନ୍ତ୍ରଣା ଭୋଗ କରିବାକୁ ଅଭିପ୍ରେତ ।"

ଏହା ପରେ ଜେବ-ଉନ୍ନିସା ସାଲିମ ଗଡ଼ରେ ବନ୍ଦିନୀ ହୋଇଥିଲେ । (୧୪)

ବର୍ତ୍ତମାନ ଏହି ଘଟଣାର ଐତିହାସିକ ସତ୍ୟ ଆଲୋଚନା କରାଯାଉ;:—

ଏହି ଘଟଣାଟିକୁ ବିଶ୍ଳେଷଣ କଲେ ସହଜରେ ପ୍ରତିପାଦିତ ହେବ ଯେ ବର୍ଣ୍ଣିୟର ଏବଂ ମାନୁଚ୍ଚୀ ଜାହାନ ଆରାଙ୍କ ସମ୍ବନ୍ଧରେ ଯେଉଁ ଅପବାଦ ରଟାଇ ଶେଷରେ ତତଲା କଡ଼େଇରେ ତାହାଙ୍କ ପ୍ରେମିକଙ୍କୁ ଲୁଚାଇ ମାରିଥିଲେ, ସେହି ଜନରବ ପୁଣି ଅନ୍ୟ ଏକ ପ୍ରକାରରେ ଏଠାରେ ଉପସ୍ଥାପିତ କରା ଯାଇଅଛି । ଯଦି ଏ ଘଟଣା ବା ଜନରବ ସତ୍ୟ ହୋଇଥାନ୍ତା ମାନୁଚ୍ଚୀ ଏହା ନ ଲେଖି ଛାଡ଼ି ନ ଥାନ୍ତେ । କାରଣ ମାନୁଚ୍ଚୀଙ୍କ Storia do-Mogor ପଢ଼ିଲେ ଜଣାଯାଏ ଯେ ସେ ମୋଗଲ ସାମ୍ରାଜ୍ୟର ସମସ୍ତ ମନ୍ଦ ରଟନା ଦେବାରେ ବଡ଼ ନିପୁଣ ।

ବର୍ତ୍ତମାନ ଏହି ପ୍ରେମିକ ଅକଲ ଖାଁଙ୍କ ବିଷୟ ଆଲୋଚନା କରାଯାଉ । ଅକଲ ଖାଁ ଜଣେ ପ୍ରକୃତ ଐତିହାସିକ ବ୍ୟକ୍ତି । କିନ୍ତୁ ସେ ଦିଲ୍ଲୀର କୌଣସି ଉଜୀରଙ୍କ ପୁଅ ନ ଥିଲେ । ମିର ଆସ୍କାରୀଙ୍କର ପରେ ନାମ ହୋଇଥିଲା ଅକଲ ଖାଁ ।(୧୫) ସେ ପାରସ୍ୟର ଅଧିବାସୀ । ଖ୍ରୀଃ ଅଃ ୧୬୫୬-୫୭ ମଧ୍ୟରେ ସେ ଶାହ ଜାହାଙ୍କ ଅଧୀନରେ ରାଜକାର୍ଯ୍ୟ ଗ୍ରହଣ କରିଥିଲେ । ସେ ତବେଲେ ଆଓରଙ୍ଗଜେବ ଦକ୍ଷିଣାତ୍ୟରେ ଦ୍ୱିତୀୟ ଥର ପାଇଁ ଶାସନ କର୍ତ୍ତା । ସେ ଏହି ସମୟରେ ଆଓରଙ୍ଗ ଜେବଙ୍କ ଜିଲଦାର ଥିଲେ । ସେ କବି ଥିଲେ ଏବଂ ଏହାଙ୍କର ସାହିତ୍ୟିକ 'ମଖଫୀ' ନାମ ଥିଲା—"ରାଜୀ" । ଆଓରଙ୍ଗ ଜେବ ଦାକ୍ଷିଣାତ୍ୟ ଛାଡ଼ି ସିଂହାସନ ଲାଗି ଯୁଦ୍ଧରେ ଯୋଗ ଦେଲା ବେଳେ ଆଓରଙ୍ଗ ଜେବ ଦୌଲତାବାଦ ଦୁର୍ଗରେ ( ଫେବୃୟାରୀ ତାରିଖ—ଡିସେମ୍ବର ୧୬୫୮ ) ତାହାଙ୍କ ପରିବାର ବର୍ଗଙ୍କୁ ଛାଡ଼ି ଆସି ଥିଲେ । ସେତେବେଳେ ଅକଲ ଖାଁ ସେ ନଗରର ଶାସନକର୍ତ୍ତା ଥିଲେ । ସେଠାରେ ସେ ୧୬୬୯ ଯାଏଁ ଥିଲେ । ତାପରେ ୧୬୭୦-୧୬୭୧ ଯାଏ ସେ ଦୋଆବ ବିଭାଗର 'ଫୌଜଦାର' ହୋଇଥିଲେ । ଖ୍ରୀଃ ଅଃ ୧୬୭୨ ନଭେମ୍ବରରେ ସେ ତାହାଙ୍କ ଅସୁସ୍ଥତା ଯୋଗୁଁ କାର୍ଯ୍ୟରୁ ଅବ୍ୟାହତି ନେଇ ଥିଲେ ଏବଂ ଲାହୋରରେ ଟ୬୫୦୦ ପେନ୍‌ସନ ଭୋଗ କରି ବାସ କରୁଥିଲେ । ୧୬୭୩ ନଭେମ୍ବରରେ ଆଓରଙ୍ଗ ଜେବ କାଶ୍ମୀରରୁ ଲାହୋର ବାଟେ ଫେରିଲା ବେଳେ ଅକଲ ଖାଁ ତାଙ୍କ ଗହଣରେ ଦିଲ୍ଲୀ ଆସି ଥିଲେ ଏବଂ ସମ୍ରାଟ ତାହାଙ୍କୁ ଘୋଷଲ ଖାନା ( Hall of Private Audience )ର ପରିଚାଳକ (Superintendent) ମୁତୟନ କରିଥିଲେ । ଏହି କାମ ଦ୍ୱାରା ସେ ସମ୍ରାଟଙ୍କର ଅତି ପ୍ରିୟ ହୋଇଥିଲେ । ୧୬୭୬ରେ ସମ୍ରାଟ ତାହାଙ୍କୁ ତାଙ୍କ ସୁକାର୍ଯ୍ୟ ପାଇଁ ପୁରସ୍କାର ମଧ୍ୟ ଦେଇ ଥିଲେ । ୧୬୭୯ ଏପ୍ରିଲରେ ସେ ଡାକ ଚୌକୀର ଦାରୋଗା ହୋଇଥିଲେ । ଏହାପରେ ଅକଲ ଖାଁଙ୍କର କୌଣସି ବର୍ଣ୍ଣନା ପ୍ରାୟ ସାତ ବର୍ଷ ଯାଏଁ ସମସାମୟିକ କାଗଜପତ୍ରରେ ମିଳେ ନାହିଁ । ପୁଣି ୧୬୮୬ ଅକ୍ଟୋବରରେ ତାହାଙ୍କୁ ମାସିକ ଟ ୧୦୦୦ ଙ୍କା ଏଲାଉନ୍‌ସ ଦିଆ ଯାଇଥିଲା । ୧୬୮୯ରେ ସେ ଦ୍ୱିତୀୟ ଥର ପାଇଁ ପେ ମାଷ୍ଟର (pay master) ହୋଇ ଥିଲେ । ୧୬୮୦ରେ ସେ ଦିଲ୍ଲୀରେ ସୁବେଦାର ହୋଇଥିଲେ । ୧୬୯୬ ଯାଏଁ ସେ ସେହି କାର୍ଯ୍ୟରେ ରହି ମରିଥିଲେ ।

ତେଣୁ ଅକଲ ଖାଁ ଯେ ତେଲ କଡ଼େଇରେ ପ୍ରେମ ଲାଗି ସିଝା ହୋଇ ମରି ଥିଲେ, ଏହା ଏକାବେଳକେ ମିଛ । ୧୬୫୮ରେ ଅକଲ ଖାଁ ଦୌଲତାବାଦର ଶାସନ କର୍ତ୍ତା । ସେତେବେଳେ ତାଙ୍କ ବୟସ ୩୦ ବର୍ଷ ବୋଲି ଅନୁମାନ କଲେ, ସେ ୧୬୯୬ ବେଳକୁ ୬୮ ବର୍ଷ ବୟସରେ ମରି ଥିବେ । ସେ ବିବାହ କରି ଥିଲେ ଏବଂ ତାହାଙ୍କର ନାତିମାନଙ୍କୁ ଦେଖି ମରି ଥିଲେ । ତାଙ୍କର ନାତି ଓ ଜୋଇଁ ପ୍ରଭୃତି ଥିଲେ ବୋଲି ମଧ୍ୟ ଐତିହାସିକ ପ୍ରମାଣ ମିଳୁ ଅଛି ।(୧୬)

ଏହି ଐତିହାସିକ ସତ୍ୟ ସତ୍ତ୍ୱେ ଅକଲ ଖାଁ ଏବଂ ଜେବ-ଉନ୍ନିସାଙ୍କ ପ୍ରଣୟ କାହାଣୀ ବର୍ଣ୍ଣନାରେ ଉର୍ଦ୍ଦୁ ସାହିତ୍ୟର ବହୁ ପୃଷ୍ଠା ପୂର୍ଣ୍ଣ ହୋଇଅଛି । ଏପରି କି ବର୍ଣ୍ଣିୟର ଏହା ଦେଖିଛନ୍ତି ବୋଲି ଲିପିବଦ୍ଧ କରା ଯାଇଅଛି । ପ୍ରକୃତରେ ବର୍ଣ୍ଣିୟର ତାଙ୍କ ଭ୍ରମଣ-କାହାଣୀରେ ଏ ବିଷୟ କିଛି ଲେଖି ନାହାନ୍ତି ।

(୧୪) Diwan of Zeb-un-nissa by Mrs. Westbrook.
(୧୫) Studies in Aourengzeb by J. Sarkar.
(୧୬) Letters of Mirza Bedil (Studies in Aourengzeb's reign by J. Sarkar) page 136.



Digitized by srujanika@gmail.com

ଅବଶ୍ୟ ଅକଲ ଖାଁଙ୍କ ଜୀବନକାଳ ମଧ୍ୟରେ ସେ ଜେବ-ଉନ୍ନିସାଙ୍କ ସହିତ ନାନା ସମୟରେ ସଂପର୍କରେ ଆସି ଥିବେ, ଏହା ସହଜରେ ଅନୁମାନ କରି ଯାଇ ପାରେ ।

| ସମୟ | ଅକଲଖାଁଙ୍କ ବୟସ | ଜେବ-ଉନ୍ନିସାଙ୍କ ବୟସ | ସ୍ଥାନ |
|---|---|---|---|
| ୧୬୫୮-୫୯ | ୩୦-୩୧ | ୨୦-୨୧ | ଦୌଲତାବାଦ |
| ୧୬୬୩-୬୬ | ୩୫-୩୮ | ୨୫-୨୮ | ଲାହୋର ଓ ଆଗ୍ରା |
| ୧୬୬୬-୬୯ | ୩୮-୪୧ | ୨୮-୩୧ | ଆଗ୍ରା ଓ ଦିଲ୍ଲୀ |

୧୬୬୯-୭୯ ମଧ୍ୟରେ ଅକଲ ଖାଁଙ୍କ ବିଷୟରେ କୌଣସି ବିବରଣୀ ସମସାମୟିକ କାଗଜପତ୍ରରେ ମିଳେ ନାହିଁ । ଏଥିରୁ ସନ୍ଦେହ ହେଉଛି ଯେ ସେ ହୁଏ ତ ଏହି ସମୟରେ ସମ୍ରାଟ ଅଉରଙ୍ଗଜେବଙ୍କ ବିରାଗ ଭାଜନ ହୋଇଥିଲେ ।

ଏହାର କାରଣ କଣ ଜେବ-ଉନ୍ନିସାଙ୍କ ପ୍ରେମ ହୋଇ ପାରେ ?

୧ । କିନ୍ତୁ ୧୬୮୧ରେ ଉନ୍ନିସା ତାହାଙ୍କ ପିତାଙ୍କ ଦ୍ୱାରା ବନ୍ଦିନୀ ହୋଇଥିଲେ । କାରଣ ସେ ତାହାଙ୍କ ବିଦ୍ରୋହୀ ଭାଇ ଆକବରଙ୍କ ଷଡ଼ଯନ୍ତ୍ରରେ ଲିପ୍ତ ଥିଲେ ବୋଲି ଅଉରଙ୍ଗଜେବ ବିଶ୍ୱାସ କରୁଥିଲେ । କିନ୍ତୁ ସେ ଯେଉଁ ସହରରେ ବନ୍ଦିନୀ ହେଲେ, ସେହି ଦିଲ୍ଲୀରେ ଅକଲ ଖାଁ ସୁବେଦାର ହୋଇଥିଲେ । ଯଦି ଏହି ଦୁହିଁଙ୍କ ମଧ୍ୟରେ ପ୍ରେମ ଥାଆନ୍ତା, ଅଉରଙ୍ଗଜେବ ଏହା କରିଥାନ୍ତେ କି ? ତା ପରେ ୧୬୮୦-୯୬ ଯାଏ ଅକଲ ଖାଁ ଦିଲ୍ଲୀରେ ସୁବେଦାର ହୋଇ ରହିଥିଲେ ମଧ୍ୟ, ସେ ବୃଦ୍ଧ ହୋଇ ଯାଇଥିଲେ । ଜେବ ଉନ୍ନିସାଙ୍କ ବୟସ ମଧ୍ୟ ସେତେବେଳେ ୪୦ ପାଖାପାଖି । ଆଉ ସେ ବନ୍ଦୀ ଜୀବନରେ ପ୍ରେମ ତାହା ମଧ୍ୟ ବିଶ୍ୱାସ ଯୋଗ୍ୟ ନୁହେଁ ।

୨ । ଯଦି ଏମାନଙ୍କ ମଧ୍ୟରେ ପ୍ରେମ ଜାତ ହେବା ସମ୍ଭବପର ହୋଇ ଥିବ, ଏହା ଦୌଲତାବାଦ, ଲାହୋର କିମ୍ବା ଆଗ୍ରାରେ । କିନ୍ତୁ ପ୍ରେମ ଲାଗି ପୋଡ଼ି ମରିବା ଜନରବଟି ଦୂରି ମିଛ । ଏହି ସମସ୍ତ ବିବରଣୀରୁ ଜଣାଯାଏ ଦୁହିଁଙ୍କ ମଧ୍ୟରେ ପ୍ରେମ ଜାତ ହେବା ପାଇଁ ସୁବିଧା ସୁଯୋଗ ଅନେକ ଥିଲା । କିନ୍ତୁ ଘଟଣା କେତେଦୂର ଯାଇଥିଲା, ତାହା ଆମ୍ଭମାନଙ୍କୁ ଅଜଣା ।

ଆହୁରି ମଧ୍ୟ ଅନ୍ୟ ଏକ ଜନରବ ଶୁଣାଯାଏ ଯେ ମହାରାଷ୍ଟ୍ର ବୀର ଶିବାଜୀ (୧୬୬୬ ମେ ତା୧୨ରିଖ) ଆଗ୍ରାକୁ ଆସିଲା ବେଳେ ଜେବ ଉନ୍ନିସା ଶିବାଜୀଙ୍କ ପ୍ରେମରେ ପଡ଼ି ଥିଲେ । ସେତେବେଳକୁ ଜେବ-ଉନ୍ନିସାଙ୍କ ବୟସ ପ୍ରାୟ ୨୮ ବର୍ଷ । ଏ ବିଷୟରେ ବଙ୍ଗଳାରେ ଭୂଦେବ ମୁଖାର୍ଜୀ ଖଣ୍ଡିଏ ଉପନ୍ୟାସ ବହି ଲେଖି ଥିଲେ ମଧ୍ୟ, ଏହାର ଐତିହାସିକ ବିବରଣୀ ପାରସୀୟାନ କିମ୍ବା ମରହଟ୍ଟୀ କୌଣସି ସାହିତ୍ୟରେ ମିଳେ ନାହିଁ ।

ନୂରୁ ଉନ୍ନିସା—

ମୋଗଲ ସାମ୍ରାଜ୍ୟର ପତନୋନ୍ମୁଖୀ ଅବସ୍ଥାରେ ମଧ୍ୟ ମୋଗଲ ରାଜନାରୀଙ୍କ ମଧ୍ୟରେ ଯେଉଁ ବିଦୁଷୀ ମହିଳା ଖ୍ୟାତି ଅର୍ଜନ କରିବାକୁ କ୍ଷମ ହୋଇଥିଲେ ତାହାଙ୍କ ନାମ ନୂର ଉନ୍ନିସା । ଏ ବାହାଦୂର ଶାହାଙ୍କ ପ୍ରିୟ ପତ୍ନୀ । ନୂର ଉନ୍ନିସା ସୁନ୍ଦର ହିନ୍ଦି କବିତା ରଚନା କରି ପାରୁ ଥିଲେ । ଏହାଙ୍କୁ ମୋଗଲ-ମହଲର ସନ୍ଧ୍ୟାକାଶର ଶେଷ ଜ୍ୟୋତିଃ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଏହି ସମସ୍ତ ମୋଗଲ ରାଜ-ନାରୀମାନଙ୍କ ସଂକ୍ଷିପ୍ତ କିନ୍ତୁ ସତ୍ୟ ମୂଳକ ଚରିତ ଆଲୋଚନା କଲେ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ସେ ସମୟରେ ରାଜ ନାରୀମାନେ ମଧ୍ୟ ଶିକ୍ଷିତା ଥିଲେ । ସେମାନେ ନାରୀ-ସୁଲଭ ଲଳିତ ଶିଳ୍ପକଳା ଚର୍ଚ୍ଚାରେ ମଗ୍ନ ରହୁଥିଲେ । ପାରସୀ କବିତା ପାଠ ଓ ରଚନା, କୋରାଣ ଆବୃତ୍ତି, ଗୁଲସ୍ତାନ ଏବଂ "ବୋସ୍ତାନ" ପ୍ରଭୃତି ପ୍ରେମମୂଳକ ଗ୍ରନ୍ଥ ଅଧ୍ୟୟନ ସେମାନଙ୍କ ଜ୍ଞାନଚର୍ଚ୍ଚାର କ୍ଷେତ୍ର ଥିଲା ।(୧୭) ଶିକ୍ଷା ବ୍ୟାପକ ନ ଥିଲେ ମଧ୍ୟ ସେମାନଙ୍କ ଚରିତ୍ରର ଉତ୍କର୍ଷତା ସାଧିତ ହୋଇଥିଲା ।

ରାଜପ୍ରାସାଦରେ ସଙ୍ଗୀତପ୍ରବଣା, କଳାକୁଶଳା ଶିକ୍ଷୟିତ୍ରୀ, ଧାତ୍ରୀ, ନର୍ତ୍ତକୀ, ପ୍ରାର୍ଥନା-କାରିଣୀ ପ୍ରଭୃତି ନାନା ଶ୍ରେଣୀର ସହଚରୀ ମଧ୍ୟ ରହୁଥିଲେ (୧୮) । "ବାଦଶାହ୍‌ନାମା" "ମାସିର-ଇ-ଆଲମଗିରୀ" ଓ ଅନ୍ୟାନ୍ୟ ରାଜନାରୀଙ୍କୁ ଶିକ୍ଷା ଦେଉଥିଲେ । ସମ୍ରାଟଙ୍କ ନିକଟରୁ ଆସୁ ଥିବା "ହସ୍ତଲିଖିତ ଦୈନନ୍ଦିନ ସମ୍ବାଦ ଲିପି" ଖବର ନଗରମହଲରେ ନାରୀମାନେ ହିଁ ପଢ଼ି ସମ୍ରାଟଙ୍କୁ ଶୁଣାଉ ଥିଲେ । ମୋଗଲ ରାଜତ୍ୱର ଯେଉଁ ସବୁ ରାଜପୁରୁଷମାନଙ୍କ ବିବରଣୀ ଇତିହାସ-ଗ୍ରନ୍ଥ-ଗର୍ଭମାନଙ୍କ ଦୃଷ୍ଟି ଆକର୍ଷଣ କରେ, ସେମାନଙ୍କ ଶୈଶବ ହୋଇ ଯେ ଏହି ମୋଗଲ-ରାଜ-ନାରୀ-ମାନଙ୍କ ଦ୍ୱାରା ଗଠିତ ହୋଇଥିଲା ଏବଂ ପ୍ରକାରାନ୍ତରରେ ଏମାନେ ଯେ ମୋଗଲ ସାମ୍ରାଜ୍ୟର ପରିଚାଳିକା ଥିଲେ; ଏହି ସତ୍ୟଟିକୁ ଆମ୍ଭମାନଙ୍କୁ ଗଭୀର ଭାବରେ ଆଜି ସ୍ମରଣ କରିବାକୁ ହେବ ।

---

(୧୭) Storia do Mogor—
(୧୮) Ferishta IV, 236 p.



Digitized by srujanika@gmail.com

# କାଠ ଘୋଡାର' ସବାର

**ଧୂର୍ଜଟୀ**

ଜଣେ ଭଦ୍ର ମହିଳା, ସୁନ୍ଦରୀ, ସବୁ ସୁବିଧା ନେଇ ଜୀବନ ଆରମ୍ଭ କରିଥିଲେ । କିନ୍ତୁ ଭାଗ୍ୟ ତାଙ୍କ ଉପରେ ଅପ୍ରସନ୍ନ । ପ୍ରେମପାଇଁ ସେ ବାହା ହୋଇଥିଲେ—ସେ ପ୍ରେମ ଧୂଳିରେ ପରିଣତ ହେଲା । ସୁନ୍ଦର, ସ୍ୱାସ୍ଥ୍ୟବାନ ପିଲା ଥିଲେ ତାଙ୍କର—କିନ୍ତୁ ତାଙ୍କର ମନେ ହେଉଥିଲା ପିଲାଗୁଡ଼ିକ ତାଙ୍କ ଉପରେ ଏକ ବୋଝ । ସେଥିଲାଗି ପିଲାମାନଙ୍କୁ ସେ ଭଲ ପାଇ ପାରୁ ନ ଥିଲେ । ସେମାନେ ଅନାନ୍ତି ତାଙ୍କ ମୁହଁକୁ—ଯେମିତି ସେମାନେ ତାଙ୍କ ଦୋଷ ଖୋଜି ବୁଲୁଛନ୍ତି । ସାଙ୍ଗେ ସାଙ୍ଗେ ତାଙ୍କର ମନେ ହୁଏ ତାଙ୍କ ତ୍ରୁଟି ତାଙ୍କ ପିଲାଏ ନ ଦେଖନ୍ତୁ । କିନ୍ତୁ ତାଙ୍କର ତ୍ରୁଟି ଯେ କଣ ସେ ନିଜେ ବୁଝି ପାରନ୍ତି ନି । ତଥାପି ପିଲାମାନେ ଥିଲାବେଳେ ତାଙ୍କର ମନେ ହୁଏ ଛାତି ଭିତରଟା ତାଙ୍କର ପଥର ହୋଇ ଯାଇଛି । ଏଥିପାଇଁ ତାଙ୍କ ମନରେ ଶାନ୍ତି ଥିଲା ନା । ବରାବର ପିଲାଙ୍କ ସାଙ୍ଗରେ ବ୍ୟବହାରରେ ସେ ସେଥିଲାଗି ଭାରି କୋମଳ ହୁଅନ୍ତି ଯେମିତି ମନେ ହେବ ତାଙ୍କ ପିଲାଙ୍କୁ ସେ ଭାରି ଭଲ ପାନ୍ତି । କିନ୍ତୁ ସେ ଜାଣନ୍ତି ଛାତି ଭିତରଟା ତାଙ୍କର ପଥର—କାହାରି ପାଇଁ ସେଠି ସ୍ନେହ ନାହିଁ, ତାଙ୍କ କଥା ଉଠିଲେ ସମସ୍ତେ କହନ୍ତି—"ଭାରି ଭଲ ମା ସେ, ତାଙ୍କ ପିଲାଙ୍କୁ ସେ ଭାରି ଭଲ ପାନ୍ତି ।" କିନ୍ତୁ ଏ କଥା ଯେ ସତ ନୁହେଁ—ମା ବି ଜାଣିଥିଲେ, ପିଲାମାନେ ବି ଜାଣିଥିଲେ ।

ତାଙ୍କର ତିନୋଟି ପିଲା—ପୁଅଟିଏ, ଝିଅ ଦିଓଟି, ରହିବା ଘର ଖଣ୍ଡିକ ବେଶ ଭଲ, ବଗିଚାଟିଏ ଅଛି—ଚାକରବାକର ଗୁଡ଼ିକ ଭଲ । ସାହିର ଆଉ ପାଞ୍ଚଜଣଙ୍କଠୁଁ ଏମାନେ ଯେ ଉଚ୍ଚ ଦରର ଏକଥା ସେମାନେ ଅନୁଭବ କରୁଥିଲେ ।

ବେଶ ଆଡ଼ାରେ ଚଳିଲେ ମଧ୍ୟ ତାଙ୍କ ଘରେ ସବୁବେଳେ ଗୋଟାଏ ଅଶାନ୍ତି ଥିଲା । ତାଙ୍କର ଯଥେଷ୍ଟ ଟଙ୍କା ଥିଲା ନା । ମାଙ୍କର ରୋଜଗାର ଥିଲା ଅଳ୍ପ—ବାବା ବି ରୋଜଗାରୀ । ହେଲେ ସେ ଟଙ୍କା ଏଇ ଆଡ଼ାରେ ଚଳିବାକୁ ଅଣ୍ଟେ ନା । ବାବା କାମ କରନ୍ତି ସହରରେ, କଉଁ ଅଫିସରେ । ସେ ଚାକିରିରେ ଉନ୍ନତିର ଆଶା ଥିଲେ ବି ଆଜଯାଏ କୌଣସି ଉନ୍ନତି ହୋଇ ନାହିଁ—ହେବାର ସମ୍ଭାବନା ବି ଆଉ ନାହିଁ । ବରାବର ଅଭାବର ପେଷଣ ସେମାନେ ଅନୁଭବ କରୁଥିଲେ—ତଥାପି ଆଡ଼ା ଠିକ ଥିଲା ।

ମା ଦିନେ ଠିକ କଲେ କିଛି କରିବାକୁ ହବ । ଆଉ କିଛି ଟଙ୍କା ଦରକାର କିନ୍ତୁ କଣ କରିବେ ଆଉ କେମିତି କରିବେ କିଛି ନିଷ୍ପତ୍ତି କରି ପାରିଲେ ନା, ଦୁଇ ତିନିଟା କାମରେ ହାତ ଦେଲେ—ସୁବିଧା ହେଲାନି । ହତୋତ୍ସାହ ହେଲେ—ସ୍ୱାସ୍ଥ୍ୟ ମଧ୍ୟ ନଷ୍ଟ ହେଲା । ପିଲାଏ ବଡ ହେଲେଣି, ସ୍କୁଲକୁ ଯିବେ—ସେଥିପାଇଁ ଟଙ୍କା ଦରକାର । ସୁପ୍ରତିଷ୍ଠ ସ୍ୱାମୀ ବରାବର ବଦଖର୍ଚ୍ଚୀ । ସେ ନିଜେ ମଧ୍ୟ ଖରଚ ପତ୍ରରେ ବେହିସାବୀ ।

ଫଳରେ ଘରଟାକୁ ଯେମିତି ଟଙ୍କା ଭୂତ ଧରିଲା । ଘରଯାକ ସବୁଠି ସବୁବେଳେ ଶୁଭିଲା ଟଙ୍କା ଦରକାର ଆହୁରି ଟଙ୍କା ଦରକାର—ଏକଥା କେହି ପାଟି କରି ନ କହିଲେ ମଧ୍ୟ ପିଲାଏ ବରାବର ଶୁଣିଲେ ନାହିଁ, ନାହିଁ—ଅଭାବ, ଅଭାବ । ବଡଦିନ ସମୟରେ ଯେତେବେଳେ ଘର ତାଙ୍କର ଦାମୀ ଦାମୀ କଣ୍ଢେଇରେ ଭର୍ତ୍ତି ହୋଇ ଉଠୁଥିଲା, ସେତେବେଳେ ବି ସେଇ କଥା । ଚକ ଦିଆ କାଠ ଘୋଡ଼ାଟା ପଛରେ, କଣ୍ଢେଇ ଘର ପଛପଟୁ କିଏ ଯେମିତି ଫିସ ଫିସ କରି କହୁଛି—ଟଙ୍କା ଦରକାର, ଆହୁରି ଅନେକ ଟଙ୍କା ଦରକାର । ପିଲାଏ ଖେଳୁ ଖେଳୁ ସେ କଥା ଶୁଣି କଣ୍ଢେଇ ଥୋଇ ଦେଇ ଯେ ଯା ମୁହଁକୁ ଅନାଏ ସେ ଶୁଣିଛି କି ନା ଦେଖିବାକୁ, ଦେଖେ, ସେମାନେ ବି ଶୁଣିଛନ୍ତି ଟଙ୍କା ଦରକାର—ଆହୁରି ଅନେକ ଟଙ୍କା ।

ସେଇ କାଠ ଘୋଡ଼ାଟାର ଚକଗୁଡ଼ା ସେ କଥା କହନ୍ତି—ଘୋଡ଼ାଟା ମୁଣ୍ଡ ବଙ୍କେଇ ଶୁଣେ, ସେଇ ବଡ଼ କଣ୍ଢେଇଟା—ନାଲି ସୁନ୍ଦର ଝିଅଟା, ତାର ସାନ ଗାଡିଟାରେ ବସି ସେ କଥା ଶୁଣେ । ସେଇ ସାନ କୁକୁରଟା, ଦେଖିଲେ ମନେ ହୁଏ ଏକାବେଳକେ ବୋକା ବନି ଯାଇଛି, ସେ ବି ଶୁଣିଛି—ଆହୁରି ଟଙ୍କା ଦରକାର । ଅଥଚ ଏ କଥା କେହି ପାଟି କରି କହୁନ । ଏ କଥା ଘର ଯାକ ସବୁଠି ଶୁଭେ—ସୁତରାଂ କାହାରିକି କହିବାକୁ ହୁଏନା । କେହି କି କେବେ କାହାରିକି କହେ "ତମେ ନିଃଶ୍ୱାସ ମାରୁଛ ।" ଅଥଚ ସମସ୍ତେ ସବୁବେଳେ ନିଃଶ୍ୱାସ ମାରୁଛନ୍ତି ।

— ମା, ପଲ୍ ଦିନେ କହିଲା, ଆମର ଗୋଟାଏ ଗାଡ଼ି ରଖୁନ । ଆମେ କାହିଁକି ବରାବର ହୁଏ ମାମୁଙ୍କ ଗାଡ଼ି, ନ ହେଲେ ଭଡ଼ା ଗାଡ଼ି ଚଢ଼ିବା ।

—ଆମେ ଯେ ଗରିବ ବାବା, ମା ଜବାବ ଦେଲେ ।

—କାହିଁକି ମା ଆମେ ଗରିବ ।

—କାହିଁକି ? ମା କଠୋର ହୋଇ କହିଲେ, ତୋର ବାବାଙ୍କର ଭାଗ୍ୟ ।

ପଲ୍ ଚୁପ କରି ଗଲା ।

—ଭାଗ୍ୟ ! ଭାଗ୍ୟ କଣ ଟଙ୍କା ମା ? ସେ ପଚାରିଲା ସେ ଡରି ଡରି ।

—ନା ବାବା, ଭାଗ୍ୟରେ ଥିଲେ ଟଙ୍କା ଆସେ ।

—ତା ହେଲେ ଭାଗ୍ୟଟା କଣ ?

—କହିଲି ତ ଭାଗ୍ୟ ଟଙ୍କା ଆଣେ । ତୋର ଭାଗ୍ୟ ଯଦି ଭଲ ତୁ ନିଶ୍ଚୟ ଟଙ୍କା ପାଇବୁ । ବଡଲୋକର ପୁଅ ହୋଇ ଜନ୍ମିବାଠୁଁ ଭାଗ୍ୟବାନ ହୋଇ ଜନ୍ମିବା ଢେର ଭଲ । ବଡଲୋକର ଟଙ୍କା ଉଡ଼ି ଯାଇପାରେ କିନ୍ତୁ ଯେ ଭାଗ୍ୟବାନ୍ ତାର ଟଙ୍କା ବେଶୀ ବେଶୀ ବଢ଼େ ।



(ଘ)

Digitized by srujanika@gmail.com

—ସତେ ନା ! ବାବା ଭାଗ୍ୟବାନ୍ ନୁହନ୍ତି, ନା ମା ?

—ସେ, ସେ ଭାରି ହତଭାଗ୍ୟ । ମାଙ୍କ କଣ୍ଠସ୍ୱର ନିର୍ଦ୍ଦୟ,

ପଲ୍ ଅନେଇଲା ମାଙ୍କୁ । ମାଙ୍କ କଥା ସେ ପୁରାପୁରି ବିଶ୍ୱାସ କଲାନି ।

—କାହିଁକି ? ପଚାରିଲା ପଲ୍ ।

—ସେ କଥା ମୁଁ କେମିତି ଜାଣିବି । କିଏ କାହିଁକି ଭାଗ୍ୟବାନ ଆଉ କିଏ କାହିଁକି ହତଭାଗ୍ୟ ଏକଥା କେହି ଜାଣି ପାରେନି ।

—କେହି ଜାଣନ୍ତିନି । କେବେ ଜାଣି ନାହାନ୍ତି ।

—ଭଗବାନ ହୁଏତ ଜାଣନ୍ତି । ସେ କଥା ସେତ କାହାକୁ କହନ୍ତିନି ।

—କାହିଁକି ? ଆଚ୍ଛା ତୋର ଭାଗ୍ୟ ମା ?

—ମୋର ଭାଗ୍ୟ ! ଆଗରୁ ହୁଏତ ଭଲ ଥିଲା । କିନ୍ତୁ ଯେଉଁଦିନୁ ତୋର ବାବାଙ୍କ ହାତ ଧରିଛି—ସେଇଦିନୁ ମୁଁ ବି ଅଭାଗୀ ।

—କାହିଁକି ?

—କାହିଁକି ! କଥାଟାକୁ ନ ବଢ଼େଇବାକୁ ଯାଇ ମା ସାନ୍ତ୍ୱନା ଦେଲେ—ନାଁରେ, ସତରେ ହୁଏତ ମୁଁ ଅଭାଗୀ ନୁହେଁ ।

ଘୁଅ ଅନେଇଲା ମାଙ୍କୁ । ସେ ବିଶ୍ୱାସ କରିବାକୁ ଚାହେଁ ଯେ ତାର ମାର ଭାଗ୍ୟ ଖରାପ ନୁହେଁ । କିନ୍ତୁ ସେହି ରେଖା-ବହୁଳ ମୁହଁରେ ସେ ଦେଖିଲା ମା ତାଠୁଁ କଥା ଲୁଚଉଛନ୍ତି ।

—ତୁ ଯାହା କହ ମା, —ଜୋରରେ ସେ କହିଲା,—ମୁଁ ଭାରି ଭାଗ୍ୟବାନ ।

—କେମିତି ବୁଝିଲୁ ? ମା ତାର ହସି ଉଠି ପଚାରିଲେ ।

—ଭଗବାନ ମୋତେ କହିଛନ୍ତି । ଅହୁରି ଜୋର ଦେଇ ସେ କହିଲା ।

—ବେଶ୍, କହିଛନ୍ତି ତ ଭଲ କଥା । ପୁଣି ଥରେ ହସିଉଠି ମା ତାର କହିଲେ ।

ପଲ୍ ଦେଖିଲା ମା ତାକୁ ବିଶ୍ୱାସ କଲେନି—ତାର ଜୋର ଦେଇ କହିବାଟାକୁ ପିଲାଳିଆ କଥା ବୋଲି ହସି ଉଡ଼େଇ ଦେଲେ । ସେ ରାଗିଗଲା । ତା କଥାଟା ହସି ଉଡ଼େଇ ଦବାର ନୁହେଁ ଏ କଥା ମାଙ୍କୁ ସେ ବୁଝେଇ ଦବ ଠିକ କଲା ।

ଭାଗ୍ୟ ! କେମିତି ଭାଗ୍ୟବାନ ହେବ ଏଇ ହେଲା ପଲର ପ୍ରଧାନ ଚିନ୍ତା । ସେ ଘୂରି ବୁଲେ; ତାର ପିଲାଳିଆ ଉପାୟରେ ସେ ଖୋଜି ବୁଲେ ଭାଗ୍ୟବାନ ହେବାର ଉପାୟ । ତାକୁ ଭାଗ୍ୟବାନ ହେବାକୁହିଁ ହେବ । ତାର ଭଉଣୀମାନେ ଯେତେବେଳେ କଣ୍ଢେଇ ନେଇ ଖେଳୁଥାନ୍ତି ସେ ତାର କାଠ ଘୋଡ଼ା ଉପରେ ଚଢ଼ି ତାକୁ ଏତେ ଜୋରରେ ଚଳାଏ ଯେମିତି ସେ ଶୂନ୍ୟରେ ଘୋଡ଼ାକୁ ଜୋର କଦମରେ ଉଡ଼େଇ ନେଇ ଯାଉଛି । ଭଉଣୀମାନେ ଖେଳ ବନ୍ଦ କରି ତାକୁ ଅନାନ୍ତି । ପ୍ରଚଣ୍ଡ ବୋଲକରେ ଘୋଡ଼ା ଝୁଲେ । ପଲର କଳା ଚୁଟି ଠିଆ ହୋଇଯାଏ—ଆଖିରେ ତାର ଅସମ୍ଭବ ଦୀପ୍ତି । ଭଉଣୀମାନେ ସାହସ କରନ୍ତିନି ତା ସାଙ୍ଗରେ କଥା କହିବାକୁ ।

ତାର ଘୋଡ଼ା ଚଢ଼ାର ଝୁଙ୍କ କମିଲେ ସେ ଘୋଡ଼ାରୁ ଓହ୍ଲାଇ ତା ସାମନାରେ ଠିଆ ହୋଇ ଘୋଡ଼ାର ତଳକୁ ହୋଇ ଯାଇଥିବା ମୁହଁକୁ ଚାହେଁ । ନାଲି ପାଟିଟା ତାର ମେଲା ହୋଇ ଯାଇଛି । ବଡ଼ ବଡ଼ ଆଖି ଯୋଡ଼ିକ ତାର କାଚ ରକମ ଚକଚକ କରୁଛି । ଧୀରେ ଧୀରେ ସେ ହୁକୁମ କରେ ଘୋଡ଼ାକୁ—ନେଇ ଚାଲ ଏଥର ମୋତେ ସେଇଠିକି, ଯେଉଁଠି ଭାଗ୍ୟ ଅଛି । ତାର ଅସ୍କାର ମାମୁଙ୍କଠୁଁ ସେ ଯେଉଁ ଚାବୁକଟା ଆଣିଥିଲା ସେଥିରେ ଘୋଡ଼ା ପିଠିରେ ବସାଏ ପାହାର । ଘୋଡ଼ାକୁ ସେ ଜବରଦସ୍ତି ନେଇ ଯିବ ଯେଉଁଠିକି ସେ ଯିବାକୁ ଚାହେଁ । ପୁଣି ଥରେ ଘୋଡ଼ାରେ ଚଢ଼ି ଅହୁରି ଜୋରରେ ଚଳାଏ ତାକୁ । ସେ ଯାଗାକୁ ଘୋଡ଼ାକୁ ଯିବାକୁ ହେବ ।

—ଘୋଡ଼ାକୁ ତୁମେ ଭାଙ୍ଗିବ ପଲ୍ । ଚାକରାଣୀ କହିଲା ଦିନେ ।

—ସେତ ବରାବର ସେମିତି ଚାଲିଛି । ତାର ବଡ଼ ଭଉଣୀ ଜୋଆନ ଅନୁଯୋଗ କଲା ।

ପଲ୍ ଦି ଜଣଙ୍କୁ କଟମଟ କରି ଚାହିଁଲା ।

ଦିନେ ପଲର ଘୋଡ଼ାଚଢ଼ା ଯେମିତି ଜୋର ସୋରରେ ଚାଲିଛି ମା ସାଙ୍ଗରେ ତାର ମାମୁଁ ଅସ୍କାର ପହଞ୍ଚି ଗଲେ ତାଙ୍କ ଖେଳ ଘରେ । ସେ ସେମାନଙ୍କୁ ଚାହିଁଲା ନି ମୋଟେ ।

ବାଃ, ଏ ଯେ ଗୋଟାଏ ସାନ "ଜକି" ବନିଗଲାଣି । ଡରେ ଘୋଡ଼ଦୌଡ଼ ଜିତିବୁ ବୋଲି ଘୋଡ଼ା ଚଳଉଛୁ, ମାମୁଁ କହିଲେ ।

—ସେ ଘୋଡ଼ାକୁ ଚାହିଁଲା ବେଳକୁ ତୁ ଢେର ବଡ଼ ହୋଇ ଗଲୁଣି; ପଲ୍ ତୁ ତ ଆଉ ସାନ ପିଲାଟି ହୋଇନୁ, ମା କାଟିଲେ ଟିପ୍ପଣୀ ।

ପଲ ତାର ବଡ଼ ବଡ଼ ଆଖିରେ ସେମାନଙ୍କୁ ଅନେଇଲା କଟମଟ କରି । ଘୋଡ଼ା ଚଢ଼ିଲା ବେଳେ କାହାରି ସାଙ୍ଗରେ କଥା କହିବାକୁ ସେ ଭଲ ପାଏ ନା । ମା ତା ମୁହଁକୁ ଅନେଇ ଡରି ଗଲେ । ସେ ହଠାତ ସେ ଘୋଡ଼ା ଚଳେଇବା ବନ୍ଦ କରି ଓହ୍ଲେଇ ପଡ଼ିଲା ।

—ମୁଁ ସେଠି ପହଞ୍ଚି ଯାଇଛି । କହିଲା ସେ ପାଟି କରି । ଆଖି ଦିଟା ତାର ଜଳୁ ଥାଏ ଉତ୍ତେଜନାରେ—ଲମ୍ବା ଲମ୍ବା ଗୋଡ ଯୋଡ଼ିକ ଥରୁ ଥାଏ ।

—କେଉଁଠିରେ—କେଉଁଠିକି ଯାଇ ଥିଲୁ ? ମା ପଚାରିଲେ ।

—ଯେଉଁଠିକି ମୁଁ ଯିବାକୁ ଚାହିଁ ଥିଲି । ରାଗି ଉଠିଲା ପଲ୍ ।

—ଠିକ୍ କହିଛୁ ବାବା । ସେଠି ପହଞ୍ଚିବା ଆଗରୁ ଯେମିତି ଥକି ନ ପଡୁ । କହିଲେ ଅସ୍କାର ମାମୁଁ । ତୋର ଘୋଡ଼ାର ନାଁ କଣରେ ?



Digitized by srujanika@gmail.com

## କାଠ ଘୋଡାର ସବାର

—ତାର ନାଁ ନାହିଁ । ଭଣଜା ଜବାବ ଦେଲା ।

—ବାଃ ନାମ ନ ଥାଇ ସୁଦ୍ଧା ବେଶ ତ ଚାଲିଛି । ମାମୁ କହିଲେ ।

—ସମୟ ଅନୁସାରେ ତାର ନାମ ଦିଆ ଯାଏ । ଗଲା ସପ୍ତାହରେ ତାର ନାମ ଥିଲା "ସେମ୍ପ୍ରୋଭନୋ" ।

—"ସେମ୍ପ୍ରୋଭନୋ" ! ଏସ୍‌କଟରେ ଘୋଡ଼ ଦୌଡ଼ ଜିତି ଥିଲା ସେ ଘୋଡ଼ା । ତୁ ତା ନାଁ ଜାଣିଲୁ କେମିତି ?

—ବେସେଟ ପାଖରୁ । ତା ସାଙ୍ଗରେ ତ ସବୁବେଳେ ଘୋଡ଼ ଦୌଡ଼ର କଥା, କହିଲା ଜୋଆନ୍ ।

ଭଣଜା ଘୋଡ଼ଦୌଡ଼ ବିଷୟରେ ଏତେ ଖବର ଜାଣେ ଶୁଣି ମାମୁ ଖୁସି ହେଲେ । ମାଳୀ ବେସେଟ ଯୁଦ୍ଧରେ ଗୋଟାଏ ଗୋଡ଼ ଜଖମ କରି ଅସ୍କାର ଅନୁଗ୍ରହରୁ ଏଠି ଚାକିରି ପାଇଥିଲା । ଅସ୍କାର ଜାଣନ୍ତି ବେସେଟ ଘୋଡ଼ ଦୌଡ଼ର ଗୋଟାଏ ପୋକ । ଘୋଡ଼ ଦୌଡ଼ ବେସେଟ ଜୀବନର ଏକମାତ୍ର ଆନନ୍ଦ ଆଉ ପଲ ସେଇ ଆନନ୍ଦର ଭାଗିଦାର । ମନ୍ଦ କଣ ।

ଅସ୍କାର ବେସେଟ ପାଖରୁ ଖବର ନେଲେ,

ମାଷ୍ଟର ପଲ ମୋତେ ଆସି ପଚାରନ୍ତି, ମୁଁ ନ କହି ରହି ପାରେ ନ ଆଜ୍ଞା । ଗମ୍ଭୀର ଗଳାରେ ବେସେଟ ଜବାବ ଦିଏ । ଏ ସବୁ ତା ପାଖରେ ଧର୍ମ କଥା—ଫାଜିଲମି ନୁହେଁ ।

—ସେ କଣ ବାଜି ରଖେ—ଯେଉଁ ଘୋଡ଼ାକୁ ପସନ୍ଦ କରେ—ତା ଉପରେ ।

—ଆଜ୍ଞା ସେ ସବୁ କଥା ମୁଁ କହି ପାରିବି ନା । ବେସେଟ ଏଥର ଅତ୍ୟନ୍ତ ଗମ୍ଭୀର । ଆପଣ ତାଙ୍କୁ ପଚାରନ୍ତୁ । ବଢ଼ିଆ ପିଲା ଆଜ୍ଞା—ବଢ଼ିଆ ମନ ତାଙ୍କର । ତାଙ୍କର ସଉକର କଥା ଏ । ବୁଝିଲେ ନା ଆଜ୍ଞା—କାଳେ ସେ ଭାବିବେ ତାଙ୍କୁ ନ ପଚାରି ତାଙ୍କ କଥା ଆପଣଙ୍କୁ କହି ଦେଲି ।

ମାମୁଁ ଫେରିଲେ ଭଣଜା ପାଖକୁ ଏବଂ ମଟରରେ ତାକୁ ବସେଇ ଚାଲିଲେ ହ୍ରଦେ ବୁଲିବାକୁ ।

—ଆଉ ପଲ, ତୁ କେବେ ଘୋଡ଼ଦୌଡ଼ରେ ବାଜି ରଖିଛୁ ? ପଚାରିଲେ ମାମୁ ।

ପଲ ମାମୁଙ୍କର ସୁନ୍ଦର ମୁହଁଟାକୁ ଅନେଇଲା । କାହିଁକି ଏ ପ୍ରଶ୍ନ ତାକୁ ?

କାହିଁକି ମାମୁ ? ଆପଣ କଣ ବାଜି ରଖିବାକୁ ମନା କରୁଛନ୍ତି । ଅସ୍ତେ ଅସ୍ତେ ପଚାରିଲା ସେ ଓଲଟି ।

—ନାରେ ସେ କଥା ନୁହେଁ । ମୁ ଭାବିଲି ଯେ 'ଲିଙ୍କନ' ପାଇଁ ତୁ ମୋତେ 'ଟିପ୍' ଦଅନ୍ତୁ ।

ଗାଡ଼ି ମାଡ଼ି ଚାଲିଛି ମଫସଲ ରାସ୍ତା ଉପରେ ବେଶ ଜୋରରେ । ମାମୁଙ୍କ ଘର ପାଖ ହୋଇ ଆସିଲାଣି ।

—ସତ ନା ମାମୁ! ଖୁସି ହୋଇ ପଚାରିଲା ପଲ୍ ।

—ହଁରେ, ସତରେ । ଆଶ୍ୱାସ ଦେଲେ ମାମୁ ।

—"ଡେଫୋଡିଲ୍" ନାଁରେ ଧର ।

—"ଡେଫୋଡିଲ୍"? ସେ କଣ ଜିତିବ । ଅଚ୍ଛା ମିର୍ଜ୍ଜା ହେଲେ ?

—ମୁ ସେଇଟାର ନାଁ ଜାଣେ ଯେଉଁଟା ଜିତିବ । କହିଲା ପଲ୍—ସେ ଘୋଡାଟା "ଡେଫୋଡିଲ" ।

—ଡେଫୋଡିଲ୍ ନା ?

ଦୁଇ ଜଣଯାକ ଚୁପଚାପ । ଅନ୍ୟ ଘୋଡ଼ା ତୁଳନାରେ ଡେଫୋଡିଲର ନାମ କମ ।

—ମାମୁ ।

—କଣରେ ।

—ତୁମେ ଏ କଥା କାହାକୁ କହିବନି । ମୁ ବେସେଟକୁ ଜବାବ ଦେଇଛି ।

—ବେସେଟ, ! ତାର ଏଥିରେ କଣ ଅଛି ?

—ଆମର ଭାଗ ଅଛି । ମୂଳରୁ ଆମର ଭାଗର କାରବାର । ସେଇ ମୋତେ ପ୍ରଥମେ ପାଞ୍ଚ ଶିଲିଂ ଧାର ଦେଇଥିଲା । ସେ ଟଙ୍କା ମୁ ହାରିଗଲି । ଏକଥା ମୁ କାହାରିକି କହିବନି ବୋଲି ଜବାବ ଦେଇଛି ତାକୁ । ତା ପରେ ତୁମେ ମୋତେ ଯେଉଁ ଦଶ ଶିଲିଂର ନୋଟଟା ଦେଇଥିଲ ସେଥିରେ ମୁ ଜିତିଲି । ଭାବିଲି ତୁମରି ଭାଗ୍ୟ । ତୁମେ କାହାକୁ କହିବନି ମାମୁ ।

ପଲ୍ ଅନେଇଲା ମାମୁ ମୁହଁକୁ । ଅସ୍କାର ହସିଲେ । ହଁ କି ନା କହିଲେନି ।

—ଅଚ୍ଛା ତୋର 'ଟିପ' ମୁ କାହାରିକି କହିବିନି । "ଡେଫୋଡିଲ୍" ନା ? ତୁ କେତେ ରଖିଛୁ ତା ଉପରେ ।

—କୋଡ଼ିଏ ପାଉଣ୍ଡ ଛଡ଼ା ବାକି ସବୁ । ଏଇ କୋଡ଼ିଏ ପାଉଣ୍ଡ ମୋର ମୂଳ ।

ମାମୁ ଭାବିଲେ ଭଣଜା ଗୁଲ୍ ମାରୁଛି ।

—ତୁ କୋଡ଼ିଏ ପାଉଣ୍ଡ ମୂଳ ରଖୁଛୁ । ସତେ । କେତେ ଟଙ୍କା ବାଜି ରଖୁ ତା ହେଲେ ।

—ମୋର ବାଜି ତିନିଶ ପାଉଣ୍ଡ । ପଲ୍ ଗମ୍ଭୀର ହୋଇ କହିଲା । କିନ୍ତୁ ତୁମେ କାହାକୁ କହିବନି ଦେଖ ।

ମାମୁ ତାର ହୋ ହୋ ହୋଇ ହସି ଉଠିଲେ ।

—ବେଶ ବେଶ । ନାରେ, ମୁ କାହିଁକି କାହାକୁ କହିବି । ହସି ହସି କହିଲେ । ତୋର ସେ ତିନିଶ ପାଉଣ୍ଡ କାହିଁ ?

—ବେସେଟ ପାଖରେ ଅଛି । ଆମର ଭାଗର ଟଙ୍କା ।

—ଓଃ ଭାଗର ଟଙ୍କା ପରା । ଡେଫୋଡିଲ ଉପରେ ବେସେଟ କେତେ ଧରୁଛି ?

—ମୋ ରକମ ସେ ଏତେ ଉଞ୍ଚାକୁ ଯିବନି । ତେବେ ଦେଢ଼ଶ ଯାକେ ଯିବ ।

—କଣ ପେନି ?

—ପାଉଣ୍ଡ, କହିଲା ପଲ୍ । ମାମୁ ତାର କଣ କହୁଛନ୍ତି ।

ବେସେଟ ମୋଠୁଁ ବେଶୀ ମୂଳ ରଖେ ।



Digitized by srujanika@gmail.com

କଥାଟାକୁ ଆଉ ବେଶି ଦୂରକୁ ନ ବଢ଼ାଇ ମାମୁ ତାର ଚୁପ ମାରଗଲେ ଆଶ୍ଚର୍ଯ୍ୟ ହୋଇ । ଠିକ କଲେ ମନେ ମନେ ଲଙ୍କନ ଘୋଡ଼ ଦୌଡ଼କୁ ସେ ପଲକୁ ନେଇ ଯିବେ ।

ଲଙ୍କନ ।

—କରେ ପଲ୍ । ମାମୁ କହିଲେ ତାର । ମୁଁ ମିର୍ଜା ଉପରେ କୋଡ଼ିଏ ପାଉଣ୍ଡ ରଖୁଛି ଆଉ ପାଞ୍ଚ ପାଉଣ୍ଡ ତୁ ଯେଉଁ ଘୋଡ଼ା ବାଛିବୁ ତା ଉପରେ ରଖିବ । କେଉଁ ଘୋଡ଼ାଟା ତୋର ପସନ୍ଦ ?

—ମୋର ଜେଫୋଡିଲ ମାମୁ ।

—ନା ଡେଫୋଡିଲ ଉପରେ ନୁହେଁ ।

—ମୋର ଟଙ୍କା ହୋଇଥିଲେ ମୁଁ ତାରି ଉପରେ ରଖନ୍ତି । ଜବାବ ଦେଲ ପଲ ।

—ବେଶ ତୋର କଥା ହେଉ । ଡେଫୋଡିଲ ଉପରେ ମୋ ନାଁରେ ପାଞ୍ଚ ପାଉଣ୍ଡ ତୋ ନାଁରେ ପାଞ୍ଚ ପାଉଣ୍ଡ ରଖିଲି ।

ପଲ କେବେ ଘୋଡ଼ ଦୌଡ଼ ଦେଖି ନ ଥିଲ । ଆଖି ତାର ଉତ୍ତେଜନାରେ ଉଜ୍ଜ୍ୱଳ ହୋଇ ଉଠିଲ । ଚୁପ କର ସେ ଦେଖୁ ଥାଏ । ତା ପାଖରେ ଠିଆ ହୋଇଥିବା ଜଣେ ଫରାସି ଲେନ୍‌ସ୍‌ଲଟ ଘୋଡ଼ା ଉପରେ ବାଜି ଧରିଲ । ଘୋଡ଼ଦୌଡ଼ ଆରମ୍ଭ ହେଲରୁ ହାତ ଗୋଡ଼ ଛାଟି ଚତ୍‌କାର କରିବାକୁ ଲଗିଲ— ଲେନ୍‌ସ୍‌ଲଟ, ଲେନ୍‌ସ୍‌ଲଟ ।

ଡେଫୋଡିଲ ପ୍ରଥମ ହେଲ—ଲେନ୍‌ସ୍‌ଲଟ ତାପରେ— ତାପରେ ଯାଇ ମିର୍ଜା । ପଲ ଥରୁ ଥାଏ ଗୋଟା ପଣେ—ମୁହଁ ନାଲ, ପାଟିରେ କଥା ନାହିଁ । ମାମୁ ତାର ଚାରିଖଣ୍ଡ ପାଞ୍ଚ ପାଉଣ୍ଡିଆ ନୋଟ ଆଣି ଦେଲେ । ଚାରି ଗୁଣ ବାଜି ।

—ଏକୁ ମୁଁ କଣ କରିବ ?—ନୋଟଗୁଡ଼ା ତା ଆଖି ଆଗରେ ମେଲେଇ ମାମୁ ପଚାରିଲେ ।

—ବେସେଟକୁ ବୁଝିବା ଭଲ । ପଲ୍ ଜବାବ ଦେଲ । ମୋର ପନ୍ଦର ଶହ, କୋଡ଼ିଏ ମୁଁ ମୂଳ ରଖିଛି । ଆଉ ଏ କୋଡ଼ିଏ

ମାମୁ ତାକୁ ଗୋଡ଼କୁ ମୁଣ୍ଡ ଯାଏ ଅନେଇ ଗଲେ ।

– ଦେଖ ପଲ୍, କହିଲେ ସେ, ସେ ପନ୍ଦର ଶ ପାଉଣ୍ଡ କଥା କଣ ସତ ?

—ଏକଦମ ସତ ମାମୁ । କିନ୍ତୁ କାହାରିକି କହିବନ ତୁମେ ।

—ନାଁରେ ନା । ଆସ ଚାଲ ବେସେଟ ପାଖକୁ ଯିବା ।

—ତୁମେ ଆମ ସାଙ୍ଗକୁ ଆସନା ମାମୁ—ତୁମେ, ମୁଁ, ବେସେଟ । ଯାହା ମିଳିବ ତିନି ଭାଗ ହେବ । ଗୋଟାଏ କଥା—କେହି ଯେମିତି ନ ଜାଣନ୍ତି । ଆମ ତିନିଜଣ ଛଡ଼ା । ବେସେଟର ଆଉ ମୋର ଭାଗ୍ୟ ଖୁବ ଭଲ—ତୁମର ବି । ତୁମର ଦଶ ଶିଲିଂ ନେଇ ତ ମୁ ପ୍ରଥମ ଜିତିଲି—

ମାମୁ, ଭଣଜା ଆଉ ବେସେଟ ତିନି ଜଣ ସେଦିନ ଉପର ବେଳା ରିଚ୍‌ମଣ୍ଡ ପାର୍କରେ ପହଞ୍ଚିଲେ ।

—କଥା କଣକି ଆଜ୍ଞା, ବେସେଟ କହିଲ—ମାଷ୍ଟର ପଲ୍ ମୋ ସାଙ୍ଗରେ ବରାବର ଘୋଡ଼ା ଦୌଡ଼ ବିଷୟରେ କଥାବାର୍ତ୍ତା ହୁଅନ୍ତି । ବରାବର ପଚାରନ୍ତି ମୁଁ ଜିତିଲି କି ହାରିଲି । ପ୍ରାୟ ବର୍ଷେ ହେବ ଥରେ ଗୋଟାଏ ଘୋଡ଼ା ଉପରେ ତାଙ୍କ ନାଁରେ ପାଞ୍ଚ ଶିଲିଂ ରଖିଲି । ଆମେ ହାରିଗଲୁଁ । ତାପରେ ଭାଗ୍ୟ ବଦଳିଲ । ଆପଣଙ୍କଠୁଁ ସେ ଯେଉଁ ଦଶ ଶିଲିଂ ଆଣିଥିଲେ "ସିଙ୍ଗଲ୍ସ" ନାରେ ବାଜି ରଖିଲୁଁ । ତାପରେ ଆମେ ବରାବର ଜିତିଛୁ—ନା କଣ ମାଷ୍ଟର ।

—ଆମେ ଯେତେବେଳେ ଜାଣିପାରୁଁ 'ନିଶ୍ଚୟ' ସେତେବେଳେ ଠିକ୍ ମିଳେ । ଗୋଳମାଳ ହୁଏ ଯେତେବେଳେ ଠିକ ବୁଝା ଯାଏନ ନିଶ୍ଚୟ ମିଳିବ କି ନା, ପଲ୍ କହିଲ ।

—ଆମେ ସେତେବେଳେ ସାବଧାନ ହୋଇ ବାଜି ଧରୁଁ । ବେସେଟର ଉକ୍ତି ।

— କିନ୍ତୁ ତୁମେ ସବୁ କେମିତି ଜାଣିପାର ଯେ ନିଶ୍ଚୟ ପାଇବ । ପଚାରିଲେ ଅସ୍କାର ।

—ସେ କଥା ମାଷ୍ଟର ପଲ ଜାଣି ପାରନ୍ତି । ଚୁପ ଚୁପ କାନରେ କହିଲ ପରି କହିଲ ବେସେଟ । ସ୍ୱର୍ଗରୁ ଦେବତାମାନେ ତାଙ୍କୁ କହି ଦଅନ୍ତି । ଏଇ ଦେଖନ୍ତୁ ନା ଡେଫୋଡିଲ କଥା । ଆମେ ନିଶ୍ଚୟ ଜାଣିଥିଲୁ ଜିତିବୁ ।

—ତୁ କଣ ଡେଫୋଡ଼ିଲ ଉପରେ ବାଜି ଧରିଥିଲୁ ? ପଚାରିଲେ ମାମୁ ବେସେଟକୁ ।

—ଆଜ୍ଞା ହଁ ମୁ ବି କିଛି ପାଇଛି ।

—ଆଉ ପଲ୍ ?

ଏଥର ବେସେଟ ଚୁପ । କିଏ ଯେମିତି ତା ପାଟିରେ ଜାଜମୁଦ କରିଦେଲ । ପଲକୁ ସେ ଚାହିଁଲ ।

—ମୁଁ ବାରଶ ପାଉଣ୍ଡ ପାଇଛି—ନା ବେସେଟ ? କହିଲ ପଲ୍ । ମାମୁଙ୍କୁ କହିଥିଲି ମୁଁ ତିନିଶ ପାଉଣ୍ଡ ଡେଫୋଡିଲ ଉପରେ ବାଜି ଧରିଛି ବୋଲି ।

—ଠିକ ମାଷ୍ଟର—ବାରଶ । କହିଲ ବେସେଟ ।

—ସେ ଟଙ୍କା କାହିଁ ? ମାମୁ ପଚାରିଲେ ।

—ମୁଁ ତାକୁ ସାବଧାନରେ ସାଇତି ଦେଇ ରଖିଛି । ମାଷ୍ଟର ପଲ୍ ମାଗିଲ ମାତ୍ରେ ଆଣିଦେବି ।

—ପନ୍ଦରଶ ପାଉଣ୍ଡ ଯାକ ! ଆଶ୍ଚର୍ଯ୍ୟ ହୋଇ ପଚାରିଲେ ମାମୁ ।

—ଆଜ୍ଞା ହଁ । ପନ୍ଦରଶ କୋଡିଏ, ଆଉରି କୋଡିଏ ମିଶି ପନ୍ଦରଶ ଚାଳିଶ ।

—ବାଃ ।

—ମାଷ୍ଟର ପଲ ଆପଣଙ୍କୁ ଆମ ସାଙ୍ଗକୁ ଡାକୁଛନ୍ତି ଶୁଣିଲ । ମୁଁ ହୋଇଥିଲେ ନିଶ୍ଚୟ ଆସନ୍ତି । ବେସେଟ କହିଲ ।



Digitized by srujanika@gmail.com

ଅପ୍ପାର କ୍ରେସଭ ଏଲ ଭାବିଲେ ।

—ମୁଁ ସେ ଟଙ୍କା ଦେଖିବି ।

ମଟରରେ ଏକା ସାଙ୍ଗରେ ଘରକୁ ଫେରିଲେ ତିନି ଜଣ ଯାକ । ବେସେଣ୍ଟ ଯାଇ ପନ୍ଦରଶ ପାଉଣ୍ଡର ନୋଟ ନେଇ ଆସିଲ । ବାକି କୋଡିଏ ପାଉଣ୍ଡ ଘୋଡଦୌଡ ଅଫିସରେ ଯୋ ଲ ପାଖରେ ଜମା ଅଛି ।

—ମୁ ଯେତେବେଳେ ଠିକ ଜାଣି ପାରେଁ ସେତେବେଳେ ଆଉ କିଛି ଗୋଲମାଲ ହୁଏ ନା । ଆମେ ଆମର ସବୁ ଟଙ୍କା ବାଜି ଧରୁଁ । ନୁହେଁ ବେସେଣ୍ଟ ? କହିଲ ପଲ ।

—ଠିକ କଥା ମାଷ୍ଟାର ।

—କିନ୍ତୁ ତୁ କେତେବେଳେ ଠିକ ଜାଣି ପାରୁ ? ପଚାରିଲେ ମାମୁଁ ।

ବେଳେବେଳେ ମୁଁ ଠିକ ଜାଣିପାରେଁ ଯେମିତି ଏଇ ଡେଫୋଡିଲ । କହିଲ ପଲ । ବେଳେବେଳେ ମନେହୁଏ ବୋଧ ହୁଏ ଏଇଟା ହୋଇଥିବ । ଅନେକ ସମୟରେ ଜାଣି ପାରେ ନାହିଁ । ସେତେବେଳେ ଆମେ ସାବଧାନ ହୋଇ ଯାଉ ନ ହେଲେ ହାରିଯାଉ ।

ଡେଫୋଡିଲକୁ ଜାଣିଲ ପରି ଠିକ ଯେତେବେଳେ ଜାଣି ପାରୁ; କେମିତି ଜାଣୁ ? ମାମୁ ପଚାରିଲେ ।

—ସେ କଥା ମୁ କହି ପାରିବ ନା । ତେବେ ଠିକ ଜାଣି ପାରେ । ବିରକ୍ତ ହୋଇ ଜବାବ ଦେଲ ପଲ ।

—ତାଙ୍କୁ ଦେବତାମାନେ କହି ଦିଅନ୍ତି ଅଙ୍କ । ପୁଣି ଥରେ କହିଲ ବେସେଣ୍ଟ । ବୋଧହୁଏ । ମାମୁ କହିଲେ ।

ଅପ୍ପାର ଏମାନଙ୍କ ସଙ୍ଗରେ ଯୋଗ ଦେଲେ ।

ଲେଜାର ଘୋଡଦୌଡ ଆସିଲ । ପଲ କହିଲ "ଲାଇଭ୍ଲି ସ୍ପାର୍କ" ନିଶ୍ଚୟ ପ୍ରଥମ ହେବ । କିନ୍ତୁ ସେ ଘୋଡାର ଯେମିତି ନାମ ନାହିଁ ପଲ କହିଥିଲ ହଜାରେ ହଜାରେ ବାଜି ଧରିବାକୁ । ବେସେଣ୍ଟ ଧରିଲ ପାଞ୍ଚଶ । ଅପ୍ପାର ଦୁଇଶ ଧରିଲେ । "ଲାଇଭ୍ଲି ସ୍ପାର୍କ" ପ୍ରଥମ ହେଲ । ବାଜି ମିଳିଲ ଦଶ ଗୁଣ । ପଲ ପାଇଲ ଦଶ ହଜାର ପାଉଣ୍ଡ ।

—ଦେଖିଲ ! ପଲ କହିଲ । ମୁଁ ନିଶ୍ଚୟ ଜାଣିଥିଲି ସେ ପାଇବ ।

ଅପ୍ପାର କ୍ରେସଭ ଏଲ ଦୁଇ ହଜାର ପାଉଣ୍ଡ ପାଇଛନ୍ତି ।

—ଦେଖ ପଲ, ମାମୁ କହିଲେ—ମୋତେ କେମିତି ଡର ମାଡୁଛି ।

—ଏଥିରେ କିଛି ଡରିବାର ନାହିଁ ମାମୁ । ପୁଣି ଥରେ ମୁଁ ଠିକ କରି ଜାଣିବାକୁ ହୁଏତ ଢେର ଦିନ ଲାଗିବ ।

—ତା ହେଲେ ଏ ଟଙ୍କା କଣ କରିବୁ ? ମାମୁ ପଚାରିଲେ ।

—ମୁଁ ଏକୁ ମା ପାଇଁ ଆରମ୍ଭ କରିଥିଲି । ବାବାଙ୍କର ଭାଗ୍ୟ ଭଲ ନୁହେଁ ବୋଲି ତା ଭାଗ୍ୟରେ କିଛି ମିଳୁନି । ମୁ ଭାବିଲି—ମୋର ତ ଭାଗ୍ୟ ଭଲ । ତା ଛଡା—

—ତା ଛଡ଼ା ?

—ଆମ ଘରେ ମାମୁ, ସବୁବେଳେ ତୁମେ ଶୁଣିବ, ଅଭାବ, ଅଭାବ, ଅଭାବ । ଏଇ କଥାଟା ହୁଏତ ଆଉ ଶୁଣା ଯିବନି । ପଲ କହିଲ ଧୀରେ ଧୀରେ । ଏ କଥା ଶୁଣି ଶୁଣି ମୁଁ ବିରକ୍ତ ହୋଇ ଗଲଣି ।

—ମୁ ଜାଣେ ପଲ ।

—ଜାଣ ମାମୁ ମା ପାଖକୁ ସବୁ ଚିଠି ଆସେ—ସେଥିରେ ଟଙ୍କା ଦବା ପାଇଁ ଧମକ ଥାଏ ।

—ଜାଣେ ।

—ତା ପରେ ପରେ ଆରମ୍ଭ ହୁଏ ସେଇ କଥା—ନାହିଁ, ନାହିଁ, ଅଭାବ, ଅଭାବ ।

ଯେମିତି ତୁମ ପଛରେ ଠିଆ ହୋଇ କିଏ ତୁମକୁ ଦେଖି ହସୁଛି । ଓଃ । ମୁଁ ସହି ପାରେନା । ସେଥି ଲାଗି ଭାବିଲି—ମୁ ତ ଭାଗ୍ୟବାନ—

—ତୁ ତ ସେ ଅଭାବରେ ସାହାଯ୍ୟ କରି ପାରନ୍ତୁ ।

ପଲ ଅନେଇଲା ମାମୁଙ୍କୁ ତାର ନିର୍ବାକ ହୋଇ । ତାର ନୀଳ ଆଖିରୁ ନାଲି ନିଆଁ ବାହାରୁ ଥାଏ । ସେ ଦୃଷ୍ଟି ଯେମିତି ମଣିଷର ନୁହେଁ ।

—ତାହେଲେ କଣ କରିବା ? ମାମୁଁ ପଚାରିଲେ ।

—ମୁ ଯେ ଭାଗ୍ୟବାନ ଏ କଥା ମା ନ ଜାଣିଲେ ହେଲ । ପଲ ଜବାବ ଦେଲ ।

—କାହିଁ କି ?

—ତା ହେଲେ ମୋତେ ମନା କରିବ ।

—ବୋଧହୁଏ ମନା କରିବେନି ।

—ନା ନା—ପଲ ପାଟିକରି ଉଠିଲ । ନା ମାମୁ, ମାକୁ ତୁମେ ଜଣେଇବ ନାହିଁ ।

—ବେଶ ସେ ନ ଜାଣିଲେ ମଧ୍ୟ ଚଳିବ । ମୁଁ ବ୍ୟବସ୍ଥା କରିଦେବି ।

ବ୍ୟବସ୍ଥା ହେଲ । ମାମୁଙ୍କୁ ସେ ପାଞ୍ଚ ହଜାର ପାଉଣ୍ଡ ଦେଲ । ସେ ଟଙ୍କା ତାଙ୍କ ଓକିଲ ଜମା ରଖିବ । ସେ ତାର ମାକୁ ଜଣେଇ ଦେବେ ଯେ ତାଙ୍କର ଜଣେ କୁଟୁମ୍ବ ପାଞ୍ଚ ହଜାର ପାଉଣ୍ଡ ଓକିଲଙ୍କ ଜମା ଦେଇ ଯାଇଛନ୍ତି । ସେ ଟଙ୍କା ସେ ପ୍ରତି ବର୍ଷ ତାଙ୍କ ଜନ୍ମଦିନରେ ହଜାରେ ପାଉଣ୍ଡ କରି ପାଞ୍ଚ ବର୍ଷ ପାଇବେ ।

—ଯା ହଉ ! ଏ ଟଙ୍କା ପାଇଲେ ଅବସ୍ଥା ଢେର ଭଲ ହବ । କହିଲେ ମାମୁଁ । ନଭେମ୍ବରରେ ମାର ଜନ୍ମଦିନ ପଡିଲ । ଘରପାକ ସେଇ ଫିସ ଫିସ ଶବ୍ଦ—ଟଙ୍କା ଦରକାର, ଟଙ୍କା । ଏଥର ଯେମିତି ଆଗ ଅପେକ୍ଷା ବେଶୀ । ପଲର ଅସହ୍ୟ ହେଉଥାଏ । ସେ ଖାଲି ଅସ୍ଥିର ହୋଇ ଅପେକ୍ଷା କରୁଥାଏ ଜନ୍ମଦିନ ଦିନ ହଜାରେ ପାଉଣ୍ଡ ପାଇଛି ବୋଲି ଯେ ଚିଠି ଆସିବ—ସେ ଚିଠି ପଢି ମା କଣ କରିବ ଦେଖିବା ଲାଗି ।



(ତ)

Digitized by srujanika@gmail.com

ପଲ ବଡ ହେଲାଠୁଁ ବାହାରର ଲୋକ ନ ଥିଲେ ମା ବାବାଙ୍କ ସାଙ୍ଗରେ ଖାଇବାକୁ ବସେ। ତାର ମା ପ୍ରତିଦିନ ସହରକୁ ଯାଆନ୍ତି। ତାଙ୍କର ଏକ ନୂଆ ଖିଆଲ ହୋଇଛି ଯେ ସେ ପୋଷାକର ନୂଆ କାଟ ଜାଣନ୍ତି। ସେଥିପାଇଁ ତାଙ୍କର ଏକ ବାନ୍ଧବୀ—ଯେ କି ପୋଷାକ ତିଆରିରେ ଜଣେ ପ୍ରଧାନ ଶିଳ୍ପୀ—ତାଙ୍କ ଷ୍ଟୁଡିଓରେ କାମ କରନ୍ତି, ତାଙ୍କର ବାନ୍ଧବୀ ବର୍ଷକୁ ହଜାର ହଜାର ରୋଜଗାର କଲେ ଏଙ୍କର ରୋଜଗାର ଖଦ ପାରୁଏ ନାହିଁ। ସେଥିପାଇଁ ମନରେ ତାଙ୍କର ସୁଖ ନ ଥାଏ।

ଜନ୍ମଦିନ ଦିନ ସକାଳେ ଜଳଖିଆ ଟେବୁଲରେ ସେ ତାଙ୍କର ଚିଠି ସବୁ ଖୋଲିଲେ। ପଲ ନିର୍ନିମେଷ ଦୃଷ୍ଟିରେ ତାଙ୍କ ମୁହଁକୁ ଅନେଇ ଥାଏ। ଓକିଲଙ୍କ ଚିଠିଟା ସେ ଚାହେଁ। ତାର ମା ଯେତେବେଳେ ସେ ଚିଠିଟା ପଢ଼ିଲେ ତାଙ୍କ ମୁହଁ ଅଳ୍ପରି ବିବର୍ଣ୍ଣ ହୋଇଗଲା। ତା ପରେ ମୁହଁରେ ତାଙ୍କର ସଂକଳ୍ପର ଭାବ ଆସିଲା ସେ ଅନ୍ୟ ଚିଠିଗୁଡ଼ା ତଳରେ ସେ ଚିଠିଟାକୁ ରଖିଦେଲେ। କାହାକୁ କିଛି କହିଲେ ନାହିଁ।

—ଜନ୍ମ ଦିନରେ ତୋପାଇଁ ଡାକରେ କିଛି ଭଲ ଜିନିଷ ଆସିନା ନା ମା? ପଲ ପଚାରିଲା।

—ବେଶ ଭଲ ଜିନିଷ ଆସିଛି। କହିଲେ ମା ତାର। କଥା ଗୁଡାକ ଥଣ୍ଡା।

ଆଉ କିଛି ନ କହି ମା ସହରକୁ ଚାଲିଗଲେ। ଓପରଓଳି ଆସିଲେ ମାମୁ ଅସ୍କାର। ତାଙ୍କଠୁଁ ଖବର ମିଳିଲା ପଲର ମା ଯାଇ ଓକିଲ ସଙ୍ଗରେ ବହୁତ ସମୟ ଧରି କଥାବାର୍ତ୍ତା କରିଛନ୍ତି। ପାଞ୍ଚ ହଜାର ଟଙ୍କା ସବୁ ଏକାବେଳକେ ମିଳିବ କି ନା ବୁଝିଛନ୍ତି। ଅନେକ ଧାର ଅଛି ତାଙ୍କର।

—ତୁମେ କଣ କହୁଛ ମାମୁ? ପଚାରିଲା ପଲ।

—ତୁ ଯାହା କହୁରୁ।

—ତା ହେଲେ ସେ ସବୁଟିକ ନିଅ। ଅଳ୍ପଟି ତ ଅଛି। ସେଥିରେ ଆମର ପୁଣି ବଢ଼ିବ।

—ହାତର ପାଞ୍ଚ ଛଅ ଦେଉଛୁ ପଲ୍। ମାମୁ ତାକୁ ସାବଧାନ କରି ଦେଲେ।

—ଗ୍ରାଣ୍ଡ ନେସନେଲ, ଲିଙ୍କନଶାୟାର, ଡାର୍ବି ତିନୋଟା ଅଛି। ମୁଁ ନିଶ୍ଚୟ ଗୋଟାକରେ ଜାଣି ପାରିବି। କହିଲା ପଲ।

ଅସ୍କାର ଚୁକ୍ତି ପତ୍ର ଦସ୍ତଖତ୍ କରିଦେଲେ। ପଲର ମା ପାଞ୍ଚ ହଜାର ଟଙ୍କା ଉଠେଇ ନେଲେ। ତାପରେ ଅଦ୍ଭୁତ କଥା ଘଟିଲା।—ହଠାତ୍ ଯେମିତି ଘରର ଫିସ ଫିସ କଥା ଗୁଡ଼ାକ ବସନ୍ତ ସନ୍ଧ୍ୟାର ବେଙ୍ଗର ଚିତ୍କାରରେ ପରିଣତ ହେଲା। ନୂଆ ଅସବାବ ଆସିଲା। ଆଉ ଆସିଲେ ପଲର ମାଷ୍ଟର। ସେ ଆସନ୍ତା ବର୍ଷ ଶୀତ ଦିନକୁ ତାର ବାବାଙ୍କ ସ୍କୁଲ ଇଟନକୁ ଯିବାର ଠିକ ହେଲା। ତାର ମାଙ୍କର ମନ ମାଫି ଫୁଟି ଉଠିଲା ବଗିଚା ସାରା ଶୀତ ଦିନର ଫୁଲ। ତଥାପି ସେହି ଫୁଲ ତଥରୁ ସେଇ ନରମ ବୋଧଗୁଡ଼ା ଭିତ୍ରୁ କିଏ ଯେମିତି କାନ୍ଦି ଉଠୁଥାଏ—ଅଧିକ ଟଙ୍କା ଦରକାର—ଅଧିକ ଅନେକ ବେଶୀ ଟଙ୍କା। ଆଗ ଅପେକ୍ଷା ଏଇଷିଣି ଡେର ବେଶୀ ଟଙ୍କାର ଦରକାର।

ପଲର ଅତଙ୍କ ବଢ଼ିଲା। ମାଷ୍ଟରଙ୍କ ପାଖରେ ସେ ତାର ଲାଟିନ ଆଉ ଗ୍ରୀକ ଶିଖେ। କିନ୍ତୁ ଅସଲ ସମୟ ତାର କଟେ ବେସେଟ ସାଙ୍ଗରେ। "ଗ୍ରାଣ୍ଡ ନେଷନେଲ" ଚାଲିଗଲା। ସେ ଜାଣି ପାରିଲା ନାହିଁ ଘୋଡ଼ାର ନା। ଖଦେ ପାଉଣ୍ଡ ସେ ସେଥିରେ ହାରିଛି। ଗରମ ପଡ଼ି ଆସିଲା। ଲିଙ୍କନ ପାଇଁ ତାର ବ୍ୟାକୁଳତା କିଏ ଦେଖେ। ଲିଙ୍କନରେ ବି ସେ ଜାଣି ପାରିଲା ନା। ଏଥର ପଚାଶ ପାଉଣ୍ଡ ହାରିଛି। ଅଦ୍ଭୁତ ପାଗଳ ହୋଇ ଉଠିଲା ସେ—ଯେମିତି ଫାଟି ପଡ଼ିବ।

—ଥାଉ ପଲ, ତୁ ଆଉ ଏତେ ଭାବ ନାହିଁ। ମାମୁ ସାନ୍ତ୍ୱନା ଦେଲେ। କିନ୍ତୁ ପଲ୍ ଯେମିତି ଶୁଣି ପାରିଲା ନାହିଁ ମାମୁଙ୍କ କଥା।

—ଡାର୍ବି ପାଇଁ ମୋତେ ଠୋକ୍ ଜାଣିବାକୁ ହବ—ଜାଣିବାକୁଇ ହବ। କହିଲା ପଲ। ନୀଳ ଆଖି ତାର ଜଳି ଉଠୁ ଥାଏ।

ମା ତାର ଦେଖିଲେ ପୁଅର ଦେହ କ୍ରମେ କ୍ରମେ ଶୁଖି ଯାଉଛି।

—ତୁ ହଲାକେତେ ସମୁଦ୍ର କୂଳକୁ ଯା। ଗଳାରେ ଉତ୍କଣ୍ଠା ମିଶାଇ କହିଲେ ମା। ପଲ ପାଇଁ ଖୁବ ଉତ୍କଣ୍ଠା ହଠାତ ଭାରି ହୋଇଗଲା କାହିଁକି କେଜାଣି। ଆଖି ତୋଳି ଅନାଇଲା ପଲ ତା ମାକୁ।

—ଡାର୍ବି ପୂର୍ବରୁ ମୁ ଯାଇ ପାରିବିନି ମା। କୌଣସିମତେ ଯାଇ ପାରିବନି।

—କାହିଁକି? ଧମକ ଦେଇ ପଚାରିଲେ ମା ତାର।

ସମୁଦ୍ର କୂଳରେ ତୁ କ'ଣ ଇଚ୍ଛା କଲେ ତୋ ମାମୁ ପାଖରେ ଡାର୍ବି ଦେଖିବାକୁ ଯାଇ ପାରିବୁନି? ଏଠି ରହିବା ତୋର ଦରକାର ନାହିଁ। ଏହି ଘୋଡ଼ଦୌଡ଼ କଥା ଭାବି ଭାବି ତୁ ଏମିତି ହେଲୁଣି। ଏଗୁଡ଼ା ମୋଟେ ଭଲ କଥା ନୁହେଁ। ଏ ବଂଶରେ ଜୁଆ ଖେଳୁଛନ୍ତି। ତୁ ବଡ଼ ନ ହେଲେ ବୁଝି ପାରିବୁନି ଏ ଅଭ୍ୟାସ କି ଅନିଷ୍ଟ କରେ। ଯଥେଷ୍ଟ ଅନିଷ୍ଟ ହେଲାଣି। ମୁଁ ବେସେଟକୁ ଛଡ଼େଇ ଦେବି ଆଉ ତୋ ମାମୁକୁ ମନା କରି ଦେବି ସେ ତୋ ସଙ୍ଗରେ ଘୋଡଦୌଡ଼ ବିଷୟରେ କିଛି କଥାବାର୍ତ୍ତା ହବନି। ଯା ସମୁଦ୍ରକୂଳରେ ଯାଇ ରହ—ଏସବୁ କଥା ଭୁଲି ଯା ଭାବି ଭାବି ତୁ କ'ଣ ହେଲୁଣି।

—ତୁ ଯାହା କହିବୁ ମୁଁ ସବୁ କରିବି ମା କିନ୍ତୁ ଡାର୍ବି ଆଗରୁ ମୋତେ ଏ ଘରୁ ଦୂରକୁ ପଠାଅନି। ଅନୁନୟ କଲା ପଲ।

—କାହିଁକିରେ। ହଠାତ୍ ଏ ଘର ଉପରେ ତୋର ଏତେ ମାୟା ଯେ? ତୁ ଏଠି ରହିବାକୁ ଭଲ ପାଉ ବୋଲି ମୁଁ ଜାଣି ନ ଥିଲି।



Digitized by srujanika@gmail.com

# କାଠ ଘୋଡ଼ାର ସବାର

ପଲ କିଛି ନ କହି ମାଙ୍କୁ ଅନେଇଲା । ତାର କାରଣ ଅଛି —ଅତିଗୁପ୍ତ କାରଣ, ଯାହା ବେସେଣ୍ଟ ବି ଜାଣେନି ଅସ୍କାର ମାମୁଁ ବି ଜାଣନ୍ତି ନା । ମାଙ୍କୁ ରାଜି ହେବାକୁ ହେଲା । ଚିନ୍ତା,— କାହିଁକି କହୁଛୁ ।

—ଦେଖ୍, ଡାର୍ବି ଆଗରୁ ସମୁଦ୍ର କୂଳକୁ ନ ଯା ତୋର ଯଦି ଇଚ୍ଛା ନାହିଁ । କିନ୍ତୁ ଏଇ ଘୋଡ଼ଦୌଡ଼, ବାଜି, ଘୋଡ଼ା ଏ ସବୁ ବିଷୟରେ ଏତେ ଭାବିବୁ ନି ବୋଲି କହ ।

—ନା ମା । କହିଲା ପଲ । ଅଉ ମୁଁ ସେ କଥା ବେଶୀ ଭାବିବି ନା । ତୁ ଖାଲି ମିଛଟାରେ ମୋ ପାଇଁ ବିବ୍ରତ ହେଉଛୁ । ମୁଁ ତୁ ହୋଇଥିଲେ ଏମିତି ହୁଅନ୍ତି ନା ।

—ମୁଁ ତୁ ଅଉ ତୁ ମୁଁ ହୋଇଥିଲେ କଣ ଯେ ହୁଅନ୍ତା ସେ କଥା ମୁଁ କଳ୍ପନା କରି ପାରୁ ନା ।

—ଏଥିରେ ବିବ୍ରତ ହେବାର କିଛି ନାହିଁ ମା, ତୁ ସେ କଥା ଜାଣୁ । ସେ ଆଶ୍ୱାସନା ଦେଲା ମାଙ୍କୁ ।

—ଜାଣିଥିଲେ ତ ମୁଁ ଖୁସି ହୁଅନ୍ତି ବାବା । ମା କହିଲେ ନିଶ୍ୱାସ ପକାଇ ।

—ତୁ ଇଚ୍ଛା କଲେ ପାରିବୁ । ତୋର ବୁଝିବା ଉଚିତ, ଏଥିରେ ବିବ୍ରତ ହେବାର କିଛି ନାହିଁ ।

—କିଛି ନାହିଁ । ଭଲ କଥା । ମା କହିଲେ ।

ପଲର ଗୁପ୍ତ କଥା ତାର ସେ କାଠ ଘୋଡ଼ା ଯାହାର ନାମ ନାହିଁ । ବଡ଼ ହେଲାରୁ ସେ ଯେତେବେଳେ ଅଲଗା ଶୋଇବା ଘର ପାଇଲା ସେତେବେଳେ ଘୋଡ଼ା ତାର ଶୋଇବା ଘରେ ସ୍ଥାନ ପାଇଲା ।

ତୁ ସେ କାଠଘୋଡ଼ା ଚଢ଼ିବା ବୟସ ପାରେଇ ଗଲୁଣି । ମା କହିଥିଲେ ତାର ।

—ମୋର ସତର ଘୋଡ଼ା ନ ଆସିବା ଯାଏ ଥାଉ ଏଠା । ଏଇ କଥା ସେ ଜବାବ ଦେଇଥିଲା ମାଙ୍କୁ ।

—ସେ କଣ ତୋ ସଙ୍ଗରେ କଥା କହେ । ହସି ହସି ପଚାରିଥିଲେ ମା ।

—ବରାବର । ଆମେ ଦୁଇଜଣ ଭାରି ସାଙ୍ଗ ମା । ଭାରି ଭଲ ଘୋଡ଼ା ଏଠା ମୋର । ଘୋଡ଼ା ରହିଲା ସେ ଘରେ । ରଙ୍ଗ ତାର ମଇଳା ହୋଇ ଗଲାଣି ।

ଡାର୍ବି ଦିନ ପାଖେଇ ଆସୁଛି । ପଲର ଉତ୍ତେଜନା କ୍ରମଶଃ ବଢ଼ି ଚାଲିଛି । କିଏ ତାକୁ କଣ କହୁଛି ସେ କଥା ତା କାନରେ ପଶେ ନା । ପତଳା, କାଠି ରକମ ହୋଇ ଯାଉଥାଏ ତାର ଦେହ । ଆଖିଦିଟା ଅସମ୍ଭବ ଉଜ୍ଜ୍ୱଳ । ମା ତା ପାଇଁ ଭୀଷଣ ଚିନ୍ତିତ । ତା କଥା ଭାବିଲେ ବେଳେବେଳେ ତାଙ୍କ ଛାତି କଣ ହୋଇଯାଏ । ଅନେକ ସମୟ କଷ୍ଟ ପାନ୍ତି । ଭୟ ଉତ୍କଣ୍ଠା ନେଇ ସେ ଥାନ୍ତି । ଇଚ୍ଛା ହୁଏ ଦୌଡ଼ିଯାଇ ଦେଖି ଆସିବେ ଭଲ ଅଛି କି ନା ।

ଡାର୍ବିର ଦୁଇ ରାତି ଆଗରୁ ସେ ସହରରେ କେଉଁ ଗୋଟାଏ ପାର୍ଟିକୁ ଯାଇଥାନ୍ତି । ହଠାତ୍ ପଲ୍ କଥା ମନେ ପଡ଼ିଯାଇ ଗୋଟାଏ ଭୟରେ ତାଙ୍କ ଛାତି ଥରି ଉଠିଲା । ପଲ ତାଙ୍କର ପ୍ରଥମ ସନ୍ତାନ । ଉତ୍କଣ୍ଠାରେ ତାଙ୍କର ଗଳା ବନ୍ଦ ହୋଇଗଲା । ଯୁକ୍ତି କଲେ ମନ ସାଙ୍ଗରେ । ହୃଦୟ ସାଙ୍ଗରେ ଲଢ଼େଇରେ ପାରିଲେ ନା । ନାଚରୁ ଉଠି ଆସିବାକୁ ହେଲା ତଳ ମହଲକୁ ଟେଲିଫୋନ କରିବା ପାଇଁ ତାଙ୍କ ଘରକୁ । ଘରେ ଗୃକରଣୀ ଏତେ ରାତିରେ ଫୋନ ଶୁଣି ଆଶ୍ଚର୍ଯ୍ୟ ହେଲା ।

ଛୁଆମାନେ ସବୁ ଭଲ ଅଛନ୍ତି ?

—ହଁ ସମସ୍ତେ ତ ଭଲ ।

—ମାଷ୍ଟର ପଲ । ସେ ବି ଭଲ ଅଛି ତ ?

—ସେ ତ ଠିକ ସମୟରେ ଶୋଇବାକୁ ଗଲେ । ଯିବି ଯାଇ ଦେଖି ଆସିବି ?

—ନା ଥାଉ । ଇଚ୍ଛା ଥିଲେ ବି ମନା କଲେ । ଥାଉ ଦରକାର ନାହିଁ । ଆମପାଇଁ ଅପେକ୍ଷା କରିବା ଦରକାର ନାହିଁ । ଆମେ ଶୀଘ୍ର ଫେରୁଛୁ ।

ପ୍ରାୟ ରାତି ଗୋଟାକ ବେଳେ ପଲ୍‌ର ବାପ ମା ଘରକୁ ଫେରିଲେ । ଘର ନିସ୍ତବ୍ଧ । ପଲ୍‌ର ମା ଶୋଇବା ଘରେ ପୋଷାକ କାଢ଼ି ରଖିଲେ । ଗୃକରଣୀକୁ ତ ନ ରହିବାକୁ କହି ଦିଆ ହୋଇଛି । ଶୁଣିଲେ ତଳ ତାଙ୍କରେ ସ୍ୱାମୀ ସୁଇଟର ଶେଷଥର ପାଇଁ ହୁଇସ୍କି ସାଙ୍ଗରେ ସୋଡା ମିଶାଉଛନ୍ତି । କଣ ଭାବି ସେ ଉଠିଗଲେ ଉପରକୁ—ପୁଅ ଶୋଇବା ଘରକୁ । ନିଃଶବ୍ଦରେ ପିଣ୍ଡାଟା ପାରେଇ ଗଲେ । କଣ ଗୋଟାଏ ଶବ୍ଦ ହେଉଛି ନା ଅସ୍ତେ ଅସ୍ତେ । କଣ ସେଟା । ଉତ୍କର୍ଣ୍ଣ ହୋଇ ଠିଆ ହୋଇ ଶୁଣିଲେ ଦୁଆରେ । ସେ ଗୋଟାଏ ଅଦ୍ଭୁତ ଶବ୍ଦ । କଣ ଗୋଟାଏ ଭାରି ଜିନିଷ ଚାଲୁଛି ଅଥଚ ବେଶୀ ଶବ୍ଦ ବି ହେଉନି । ସେ ଥ ମାରି ଠିଆ ହେଲେ ଭୟରେ । ଶବ୍ଦ ବେଶ ହେଉନି ଅଥଚ କଣ ଯେମିତି ପେଷି ଯାଉଛି ଯୋରରେ । କଣ ସେଟା । ତାଙ୍କୁ ଜାଣିବାକୁ ହେବ । ତାଙ୍କର ମନେ ହେଲା ଏ ଶବ୍ଦଟା ତାଙ୍କୁ ନୂଆ ନୁହେଁ । ଜାଣନ୍ତି ଅଥଚ ମନେ ପଡ଼ୁନି ଶବ୍ଦଟା କି ଜିନିଷର । ଶବ୍ଦ କ୍ରମଶଃ ବଢ଼ି ଚାଲିଛି । ଭୟ ଆଉ ଉତ୍କଣ୍ଠାର ଶେଷ ସୀମାରେ ପହଞ୍ଚି ଧୀରେ ଧୀରେ କବାଟ ଖୋଲିଲେ । ଘର ଅନ୍ଧାର । ଝରକା ପାଖରେ କଣ ଗୋଟାଏ ଆଗକୁ ପଛକୁ ହଲୁଛି । ଅନେଇ ରହିଲେ କାଠ ହୋଇ । ସୁଇଚ ଟାଣି ଆଲୁଅ ଜାଳି ଦେଖନ୍ତି ପଲ ଶାଗୁଆ ପାଇଜାମା ପିନ୍ଧି ସେଇ କାଠ ଘୋଡ଼ା ଚଲାଉଛି ।

—କଣ କରୁଛୁ ତୁ ପଲ୍ । ଡାକିଲେ ମା ।

—ମାଲବାର । ଚିତ୍କାର କରି ଉଠିଲା ପଲ୍ । ତାର କଣ୍ଠସ୍ୱରରେ ଆଶ୍ଚର୍ଯ୍ୟ ରକମ ଯୋର ଦେଇ—ମାଲବାର ।



Digitized by srujanika@gmail.com

ଗୋଟାଏ ଅଦ୍ଭୁତ; ଅଚେତନ ମୁହୂର୍ତ୍ତର ଦୃଷ୍ଟି ସେ ମା ଉପରେ ରଖିଲା । ଘୋଡ଼ାଟଲା ତାର ବନ୍ଦ ହୋଇଗଲା । ତାପରେ ଚେତନା ହୀନ ଦେହ ତାର ଖସି ପଡିଲା ମାଟି ଉପରକୁ । ମାତୃତ୍ୱର ସବୁ ଉତ୍କଣ୍ଠା ନେଇ ଦୌଡ଼ିଯାଇ ମା ତାର ଟେକି ନେଲେ ତାକୁ ।

ଚେତନା ଫେରିଲା ନାହିଁ । ମସ୍ତିଷ୍କର ଜ୍ୱର ନେଇ ଅଚେତନ ହୋଇ ରହିଲା ପଲ୍ । ଚିତ୍କାର କଲା—ଛଟପଟ କଲା; ମା ତାର ପଥର ହୋଇ ବସି ରହିଲେ ତା ପାଖରେ ।

—ମାଲବାର—ମାଲବାର, ବେସେଟ, ବେସେଟ ମୁଁ ଜାଣିଛି ଏଥର ମାଲବାର । ଚିତ୍କାର କରି ଉଠି ବସେ ପଲ୍ । କାଠ ଘୋଡ଼ାଟା ଆଜିକୁ ଅନେକ କଥା କହେ । ତା' ଭିତରୁ ହିଁ ତ ସେ ପାଇଛି ଏ ପ୍ରେରଣା ।

—ସେ କଣ କହୁଛି; ମାଲବାର କଣ ? ପଚାରନ୍ତି ମା ଛାତି ଫାଟି ଯାଉଛି ତାଙ୍କର ।

—ମୁଁ ଜାଣେ ନା । ବାବା ତାର ଜବାବ ଦିଅନ୍ତି ଥଣ୍ଡା ଗଳାରେ !

—ମାଲବାର କଣ ? ଭାଇଙ୍କୁ ପଚାରନ୍ତି ତାର ମା ।

—ଡାର୍ବିରେ ଦୌଡ଼ୁଛି ଗୋଟାଏ ଘୋଡ଼ା । ଅସ୍କାର ଜବାବ ଦିଅନ୍ତି ।

ଅସ୍କାର ବେସେଟ ସାଙ୍ଗରେ କଥାବାର୍ତ୍ତା କରି ହଜାରେ ପାଉଣ୍ଡ ମାଲବାର ଉପରେ ଧଇଲେ—ଚଉଦ ଗୁଣ ଲାଭରେ ।

ତୃତୀୟ ଦିନ ଅବସ୍ଥା ସଂକଟାପନ୍ନ ହେଲା । ସମସ୍ତେ ଅବସ୍ଥାଟା କଟି ଯିବାକୁ ଅପେକ୍ଷା କରୁଥାନ୍ତି । ପଲ ଚକଆରେ ଛଟପଟ ହେଉଥାଏ । ନା ଖୋଲୁଥାଏ, ନା ଚିହ୍ନି ହେଉଥାଏ । ଆଖି ଯୋଡ଼ିକ ନୀଳ ପଥର ପରି ଦିଶୁଥିଲା । ମା ତାର ବସିଛନ୍ତି ।

ସନ୍ଧ୍ୟାବେଳେ ଅସ୍କାର ଆସିଲେନି । କିନ୍ତୁ ବେସେଟ ଖବର ପଠାଇଲା ମାଷ୍ଟର ପଲଙ୍କୁ ସେ ଥରେ ଦେଖିବ । ପଲର ମା ବିରକ୍ତ ହେଲେ କିନ୍ତୁ ମନା କଲେନି । ଦେଖାଯାଉ ବେସେଟ ଆସିଲେ ଯଦି କିଛି ଉପକାର ହୁଏ ।

ବେସେଟ ସାନ ମଣିଷଟିଏ । ନାକଗୁଡ଼ା ତାର ଚମ୍ପାଲିଆ । ଶବ୍ଦ ନ କରି ପଶି ଆସିଲା ଘର ଭିତରକୁ । ପଲର ମାକୁ ନମସ୍କାର କରି ଠିଆ ହେଲା ଖଟ ପାଖରେ । ଚାହିଁଲା ଛଟପଟ କରୁଥିବା ଧୀରେ ଧୀରେ ଜୀବନ ସରି ଆସୁଥିବା ପିଲାଟାର ଦେହକୁ ।

—ମାଷ୍ଟର ପଲ୍, ଧୀର କଣ୍ଠରେ ଡାକିଲା ସେ । ମାଷ୍ଟର ପଲ୍ । ମାଲବାର ପ୍ରଥମ ହୋଇଛି । ତୁମେ ଯାହା କହିଥିଲ ମୁଁ କରିଛି । ତୁମେ ସତୁରି ହଜାର ପାଉଣ୍ଡ ପାଇଛ । ତୁମର ଟଙ୍କା ଏଥର ଅଶୀ ହଜାର ପାରେଇ ଗଲା । ମାଲବାର ଜିତିଲା ମାଷ୍ଟର ।

—ମାଲବାର । ମାଲବାର । ମା ମୁଁ ମାଲବାର କହିଥିଲି ନା ? ମୁଁ ମାଲବାର କହିଥିଲି । ମୁଁ ଭାଗ୍ୟବାନ ନୁହେଁ ମା । ମୁଁ ଜାଣିଥିଲି ମାଲବାର ନୁହେଁ ? ଅଶୀ ହଜାରରୁ ବେଶୀ । ମୁଁ ଜାଣି ଥିଲି । ଜାଣି ନ ଥିଲି ? ମାଲବାର ଜିତିଲା । ମୁଁ ଯଦି ଠିକ ଜାଣିବା ଯାଏ ମୋର ଘୋଡ଼ା ଚଢ଼େ, ବୁଝିଲ ବେସେଟ, ତୁ ଯେତେ ଇଚ୍ଛା ସେତେ ବାଜି ଲଗେଇପାରୁ । ତୁ କଣ ସବୁ ଟଙ୍କା ରଖିଥିଲୁ ବେସେଟ ?

ମୁଁ ହଜାରେ ରଖିଥିଲି ମାଷ୍ଟର ।

—ମୁଁ ତତେ କହିନି ମା, ମୁଁ ଯଦି ମୋ ଘୋଡ଼ାରେ ଚଢ଼ି "ସେଠି" ପହଞ୍ଚି ପାରୁଛି, ତା ହେଲେ ମୁଁ ଠିକ କହିଦେବି, ଏକଦମ ଠିକ । ମା ମୁଁ ତତେ କେବେ କହିନି ମୁଁ ଭାଗ୍ୟବାନ ।

—ନା ତୁ କେବେ କହିନୁ । ମା କହିଲେ ।

ସେଇ ଦିନ ରାତିରେ ପଲ୍ ମରିଗଲା ।*

---

( * D. H. Lawrenceଙ୍କ The Rocking-Horse winnerର ମୁକ୍ତ ରୂପାନ୍ତର । )



Digitized by srujanika@gmail.com

# ବ୍ୟଥିତର ଅଭିସମ୍ପାତ

ଶ୍ରୀ ଶଶିଭୂଷଣ ରାୟ

ପୃଥିବୀର ସକଳ ଦେଶ ଓ ସକଳ ଜାତି ମଧ୍ୟରେ ଅଭିସମ୍ପାତର କଥା ଶୁଣି ଥାଉଁ । ମାନବର ଧର୍ମଶାସ୍ତ୍ର ସମୂହରେ ଅଭିସମ୍ପାତର ଉଲ୍ଲେଖ ଓ ଦୃଷ୍ଟାନ୍ତ ରହିଅଛି । ଆମ୍ଭେମାନେ ଭାରତବାସୀ ଅଭିସମ୍ପାତକୁ ଅତ୍ୟନ୍ତ ଭୟ କରିଥାଉଁ । ଆମ୍ଭମାନଙ୍କର ରାମାୟଣ, ମହାଭାରତ ପ୍ରଭୃତିରେ ଅଭିସମ୍ପାତର ଏବଂ ତାହାର ବିଷମୟ ଫଳର ଦୃଷ୍ଟାନ୍ତ ଅତ୍ୟନ୍ତ ଅଧିକ । ରାଜା ଦଶରଥ ମୃଗ ଭ୍ରମରେ ସିନ୍ଧୁ ମୁନିଙ୍କୁ ବଧ କରି ସିନ୍ଧୁ ପିତା ଅନ୍ଧ କର୍ତ୍ତୃକ ଅଭିଶପ୍ତ ହୋଇଥିଲେ ଓ ପୁତ୍ର ବିରହରେ ଏବଂ ଚାରି ପୁତ୍ର ଥାଇ ଥାଉଁ ସେମାନଙ୍କ ସମସ୍ତଙ୍କର ଅସାକ୍ଷାତରେ ପରଲୋକ ପ୍ରସ୍ଥାନ କରିଥିଲେ । ରାଜା ପରୀକ୍ଷିତ ଧ୍ୟାନମଗ୍ନ ମୁନିଙ୍କ ଗଳା ଦେଶରେ ମୃତ ସର୍ପ ନିକ୍ଷେପ କରି ମୁନିପୁତ୍ର ଶୃଙ୍ଗୀଙ୍କର ଅଭିସମ୍ପାତରେ ତକ୍ଷକ ସର୍ପ ଦଂଶନରେ ଗତାସୁ ହୋଇଥିଲେ ।

ଆମ୍ଭମାନଙ୍କର ପ୍ରାଚୀନ କାବ୍ୟ, ପୁରାଣ ପ୍ରଭୃତିରେ ବ୍ରହ୍ମ-ଶାପର କଥାହିଁ ଅଧିକ । ଗୋଟିଏ ଯୋଡ଼ିଏ ସ୍ଥଳରେ ଅଭିସମ୍ପାତରେ କଥିତ ଅତ୍ୟାଗ୍ରହ ମଧ୍ୟ ଲକ୍ଷିତ ହୋଇଥାଏ । ଶକୁନ୍ତଳା କଣ୍ୱ ମୁନିଙ୍କ ଆଶ୍ରମରେ ବସି ଦୁଷ୍ମନ୍ତଙ୍କ ଚିନ୍ତା କରୁ କରୁ ଅତିଥି ଦୁର୍ବାସା ଋଷିଙ୍କ ବାକ୍ୟ ଶୁଣି ପାରି ନ ଥିଲେ ବୋଲି ମୁନି ତାହାଙ୍କୁ ଅଭିଶାପ ଦେଲେ ଯେ ତୁ ଯାହା ସମ୍ବନ୍ଧରେ ଚିନ୍ତା କରୁଅଛୁ ସେ ତୋତେ ଚିହ୍ନି ପାରିବ ନାହିଁ । ସେଥିରେ ଶକୁନ୍ତଳାଙ୍କ ବିଷମ ଦୁର୍ଭାଗ୍ୟ ଭୋଗିବାକୁ ହୋଇଥିଲା । ଏଠାରେ ମୁନିଙ୍କର ମନଃପୀଡ଼ାର ଅନୁପାତରେ ପତିଚିନ୍ତାରତା ଶକୁନ୍ତଳା ପ୍ରତି ଅଭିସମ୍ପାତର ମାତ୍ରା ଅତିରିକ୍ତ ବୋଲି ମନେ ହୁଏ । କିନ୍ତୁ ଯେଉଁଠାରେ ମନଃପୀଡ଼ାର ପରିମାଣ ଅଧିକ ସେଠାରେ ଅଭିସମ୍ପାତର କବଳରୁ କାହାରି ପରିତ୍ରାଣ ନାହିଁ । ଆମ୍ଭମାନଙ୍କ ଶାସ୍ତ୍ରର କଥା ଏହିପରି ଯେ ଶ୍ରୀରାମଚନ୍ଦ୍ର ତ୍ରେତା-ଯୁଗରେ ସୀତା ଉଦ୍ଧାର ନିମନ୍ତେ ସୁଗ୍ରୀବଙ୍କ ସହିତ ସଖ୍ୟ ସ୍ଥାପନ କରି ସୁଗ୍ରୀବାଗ୍ରଜ ବାଳୀଙ୍କୁ ବିନା ଅପରାଧରେ ବଧ କରିଥିଲେ ବୋଲି ସେହି ଶାପରେ ଦ୍ୱାପର ଯୁଗରେ କୃଷ୍ଣରୂପେ ବ୍ୟାଧର ଶରବିଦ୍ଧ ହୋଇ ଦେହତ୍ୟାଗ କରିବାକୁ ବାଧ୍ୟ ହୋଇଥିଲେ ।

ବର୍ତ୍ତମାନ ବୈଜ୍ଞାନିକ ଯୁଗରେ ହୁଏତ କେହି କେହି ଅଭିସମ୍ପାତକୁ ସେ ଭଳି ଗ୍ରାହ୍ୟ କରନ୍ତି ନାହିଁ । କିନ୍ତୁ ବ୍ୟଥିତର ଅଭିସମ୍ପାତ ସକଳ ଯୁଗରେ ହିଁ ଅବ୍ୟର୍ଥ । ଅନେକ ସ୍ଥଳରେ ତାହାର ଫଳ ଏଭଳି ଭାବରେ ଫଳିଥାଏ ଯେ ଘଟନା ଶୁଣିଲେ ଶରୀରରେ ରୋମାଞ୍ଚ ଉପସ୍ଥିତ ହୋଇଥାଏ ।

କେହି କାହାର ମତରେ ଅକାରଣରେ କିମ୍ବା ଅଳ୍ପ କାରଣରେ ଅଧିକ ପୀଡ଼ା ଦେଲେ ପୀଡ଼ିତ ବ୍ୟକ୍ତି ପୀଡ଼ାଦାୟକର ଅମଙ୍ଗଳ କାମନା କରିବ, ଏହା ସ୍ୱାଭାବିକ । ଏ ଭଳି କାମନା ସର୍ବଦା ହିଁ ଫଳବତୀ ହୋଇଥାଏ । "ଚଣ୍ଡାଳ ଶାପରୁ ପାରିଲି ତୁଇଁ, ଖଣ୍ଡି ନ ପାରିଲା ବ୍ରାହ୍ମଣ ବାପ"—ଏ କଥାଟି ଅତି ସତ୍ୟ । ଫଳତଃ ବ୍ୟଥିତର ଅଭିସମ୍ପାତ କେବେହେଁ ନିଷ୍ଫଳ ହେବାର ନୁହେଁ । ତେବେ କୌଣସି କୌଣସି ସ୍ଥଳରେ ଏହାର ଫଳ ସଙ୍ଗେ ସଙ୍ଗେ ନ ଫଳି କିଞ୍ଚିତ ବିଳମ୍ବରେ ଫଳି ଥାଏ; କିନ୍ତୁ ସେଥିରେ ସୁଦ୍ଧା ଅଭିସମ୍ପାତ ଅଗ୍ରାହ୍ୟ କରିବାର କାରଣ ନାହିଁ ।

ନିମ୍ନରେ ଯୋଡ଼ିଏ ପ୍ରକୃତ ଘଟଣାରୁ ଏହା ସ୍ପଷ୍ଟୀକୃତ ହେବ ଯେ ମନଃପୀଡ଼ା ପ୍ରାପ୍ତ ଲୋକର ଅଭିସମ୍ପାତ ବ୍ୟକ୍ତି କିମ୍ବା ଅବ୍ୟକ୍ତି ହେଉ ପଛକେ ସେଥିରେ ପୀଡ଼ାଦାୟକର ସର୍ବନାଶ ସାଧିତ ହୋଇଥାଏ ଏବଂ ସେହିପରି ସର୍ବନାଶ ସାଧିତ ହେବାକୁ ମଧ୍ୟ ଅଧିକ ସମୟ ଲାଗେ ନାହିଁ । ଲେଖକର ଏହା ଅନୁଭବ-ସିଦ୍ଧ ଘଟଣା ।

ଉତ୍କଳର କୌଣସି ଗ୍ରାମରେ ଜଣେ ବାବୁଙ୍କର ବାସସ୍ଥାନ ଥିଲା । ସେ ଜଣେ ଉଚ୍ଚପଦସ୍ଥ ରାଜ କର୍ମଚାରୀ । ସେ ତିନି ମାସର ଛୁଟି ନେଇ ଗ୍ରାମରେ ଥିଲେ । ଦିନେ ଅପରାହ୍ଣରେ ଗ୍ରାମ ପ୍ରାନ୍ତରେ ଥିବା ନଦୀକୂଳକୁ ଭ୍ରମଣୋଦ୍ଦେଶ୍ୟରେ ବାହାରି ଦେଖିଲେ ନଦୀର ଘାଟ ଉପରେ ଥିବା ଗୋଟିଏ ଅଶ୍ୱତ୍ଥ ବୃକ୍ଷ ମୂଳରେ ଜଣେ ସନ୍ନ୍ୟାସୀ ଧୂନି ଜାଳି ବସି ଅଛନ୍ତି । ବାବୁ ଉଚ୍ଚଶିକ୍ଷା ପ୍ରାପ୍ତ, ସନ୍ନ୍ୟାସୀ ମାନଙ୍କହିଁ ଉପରେ ଏହା ତାଙ୍କର ବିଶ୍ୱାସ । ସନ୍ନ୍ୟାସୀ ଯେଉଁ ଘାଟର ମାଟି ଉପରେ ବସି ଥାଆନ୍ତି, ସେହି ଘାଟକୁ ଅନେକ କୁଳ-ଲଳନା ପାଣି ନେବାକୁ କିମ୍ବା ସ୍ନାନ କରିବାକୁ ଆସନ୍ତି । ଉଲଙ୍ଗବତ୍ ସନ୍ନ୍ୟାସୀଙ୍କୁ ଦେଖିଲେ ସେମାନଙ୍କର ଲଜ୍ଜା ବୋଧ ହୋଇ ପାରେ ଏହା ଭାବି ବାବୁ ସେଠାରୁ ତଡ଼ି ଦେବା ସକାଶେ ସନ୍ନ୍ୟାସୀଙ୍କୁ ରୁକ୍ଷ ସ୍ୱରରେ ପଚାରିଲେ "ତୁମେ ଏଠାରେ କାହାର ହୁକୁମରେ ବସିଅଛ ?" ସନ୍ନ୍ୟାସୀ ଉତ୍ତର ଦେଲେ "କାହାରି ହୁକୁମ ନେଇ ନାହିଁ, କାଲି ଏଠାରୁ ଉଠି ଯିବି ।" ତହୁଁ ବାବୁ କହିଲେ "କାଲି ନୁହେଁ, ଆଜି ବର୍ତ୍ତମାନ ଏଠାରୁ ଉଠିବାକୁ ହେବ ।" ସନ୍ନ୍ୟାସୀ ପଚାରିଲେ "ଆପଣ କିଏ ଏ ସ୍ଥାନର ଜମିଦାର ?" ଏଥିରେ ବାବୁ ଅତ୍ୟନ୍ତ କ୍ରୁଦ୍ଧ ହୋଇ ଉଠିଲେ କାରଣ ସେଠାର ଜମିଦାର ନ ହେଲେହେଁ ସେ ଜଣେ ସମ୍ଭ୍ରାନ୍ତ ଅଧିବାସୀ । ସେ ସନ୍ନ୍ୟାସୀଙ୍କୁ ଅକଥ୍ୟ ଭାଷାରେ ଗାଳି ଦେଲେ । ସନ୍ନ୍ୟାସୀ ପ୍ରତିବାଦ କରିବାରୁ ବାବୁଙ୍କ କ୍ରୋଧର ମାତ୍ରା ବର୍ଦ୍ଧିତ ହେଲା ଏବଂ ତତ୍‌କ୍ଷଣାତ୍ ସେ ତାହାଙ୍କର ପାଦୁକା ଖୋଲି ତଦ୍ୱାରା ସନ୍ନ୍ୟାସୀଙ୍କୁ ନିର୍ଦ୍ଦୟ ଭାବରେ ପ୍ରହାର କଲେ । ସନ୍ନ୍ୟାସୀ ପ୍ରହୃତ ସ୍ଥାନକୁ କେତେଥର

ହାତ ଉଠାଇ ଦୁଇ ତିନି ଥର "ଜଗନ୍ନାଥ, ଜଗନ୍ନାଥ" ଶବ୍ଦ ଉଚ୍ଚାରଣ କରି ନିଜର ଲୋଟା, କମ୍ବଳ, ଚିମୁଟା ପ୍ରଭୃତି ଉଠାଇ ନେଇ ସେହି ସ୍ଥାନ ତତ୍କ୍ଷଣାତ୍ ତ୍ୟାଗ କଲେ ।

ବାବୁ ନିରାଶ ହୋଇ ଘରକୁ ଫେରିଲେ । ଅଳ୍ପକ୍ଷଣ ମଧ୍ୟରେ ତାହାଙ୍କର ସନ୍ନ୍ୟାସୀଙ୍କୁ ପ୍ରହାର କରିବା କଥା ଗ୍ରାମରେ ବ୍ୟାପ୍ତ ହୋଇଗଲା । ଅନେକ ଲୋକ କହିଲେ ବାବୁ ଅତ୍ୟନ୍ତ ଅନ୍ୟାୟ କାର୍ଯ୍ୟ କରି ଅଛନ୍ତି ଏବଂ ସନ୍ନ୍ୟାସୀର ଅଭିସମ୍ପାତରେ ତାହାଙ୍କର ଭାବୀ ଅମଙ୍ଗଳ ଅନିବାର୍ଯ୍ୟ । ସେ ବର୍ତ୍ତମାନ ଯାଇ ସନ୍ନ୍ୟାସୀଙ୍କର ପାଦ ଧାରଣ କରି କ୍ଷମା ପ୍ରାର୍ଥନା କରନ୍ତୁ । ମାତ୍ର ବାବୁ ଏ କଥା ଗ୍ରାହ୍ୟ କଲେ ନାହିଁ । ବାବୁଙ୍କର ବୃଦ୍ଧ ପିତା ସନ୍ନ୍ୟାସୀଙ୍କର ମାର୍ଗ ଅନୁସରଣ କରି ଅନେକ ଦୂର ଗଲେ ମାତ୍ର ଦେଖା ନ ପାଇ ବାହୁଡ଼ି ଆସିଲେ ।

ବାବୁଙ୍କର ଛୁଟି ଶେଷ ହେବାରୁ ସେ କର୍ମସ୍ଥଳକୁ ଫେରିଗଲେ । ଦୁଇ ଦିନ କାମ କରିବା ପରେ ବାବୁ କାର୍ଯ୍ୟ କରିବାକୁ ଅକ୍ଷମ ହୋଇ ପଡ଼ିଲେ । ସେ ଦେଖିଲେ ଦକ୍ଷିଣ ହସ୍ତ ଆଉ ଲେଖନୀ ଚାଳନାରେ ଅସମର୍ଥ । ହସ୍ତରେ ବିଷମ ବେଦନା ଅନୁଭବ କଲେ । ପୁନର୍ବାର ଛୁଟି ନେବାକୁ ହେଲା । କିନ୍ତୁ ତାହାଙ୍କର ଦେହ ଆଉ ସୁସ୍ଥ ହେଲା ନାହିଁ । ହସ୍ତର ବ୍ୟଥା କ୍ରମଶଃ ବଢ଼ି ଚାଲିଲା ଏବଂ ଅଳ୍ପଦିନ ମଧ୍ୟରେ ବାତରକ୍ତ ରୋଗ ତାହାଙ୍କ ଦେହରେ ପ୍ରକାଶ ପାଇଲା । ଦଶ ବାର ବର୍ଷ ରୋଗର ଅଶେଷ ଯନ୍ତ୍ରଣା ଭୋଗ କରି ବାବୁ ପୃଥିବୀରୁ ପ୍ରସ୍ଥାନ କଲେ । ମୃତ୍ୟୁର ପ୍ରାୟ ଏକ ବର୍ଷ ପୂର୍ବରୁ ତାହାଙ୍କର ଶରୀରରୁ ଏପରି ଦୁର୍ଗନ୍ଧ ବାହାରୁଥିଲା ଯେ ଆତ୍ମୀୟମାନେ ତାହାଙ୍କ ନିକଟକୁ ଯାଉ ନ ଥିଲେ । ଏହି ସମୟରେ ଗ୍ରାମର ଲୋକମାନେ କହୁଥିଲେ ଯେ ଅକାରଣରେ ସନ୍ନ୍ୟାସୀଙ୍କୁ ପାଦୁକା ପ୍ରହାରର ଫଳ ସଙ୍ଗେ ସଙ୍ଗେ ଫଳିଗଲା । ବାବୁ ସ୍ୱୟଂ ମଧ୍ୟ ଏହା ଅସ୍ୱୀକାର କରୁ ନ ଥିଲେ, ଏବଂ ମଧ୍ୟେ ମଧ୍ୟେ କହୁଥିଲେ "ସେହି ସନ୍ନ୍ୟାସୀଙ୍କୁ ପାଇଲେ ତାହାଙ୍କର ପଦଧୂଳି ସର୍ବାଙ୍ଗରେ ବୋଳି ଦିଅନ୍ତି । ତାହାହିଁ ବୋଧହୁଏ ମୋର ରୋଗର ଏକ ମାତ୍ର ଔଷଧ ।"

ଉତ୍କଳର ଏକ ପ୍ରସିଦ୍ଧ ଜନପଦରେ ଅଜ୍ଞ ଜଣେ ଧର୍ମଭୀରୁ ଲୋକ ବାସ କରୁଥିଲେ । ସେ ବ୍ୟବସାୟ ଦ୍ୱାରା ପ୍ରଚୁର ଅର୍ଥ ସଞ୍ଚୟ କରିଥିଲେ ଏବଂ ପ୍ରାୟ ଅର୍ଦ୍ଧ ଶତାବ୍ଦୀ ପୂର୍ବେ ଗୋଟିଏ ଦେବାଳୟ, ସୁରମ୍ୟ ହର୍ମ୍ୟ ଓ ଉଦ୍ୟାନ ନିର୍ମାଣ କରି ଉଦ୍ୟାନ ମଧ୍ୟରେ ପୁଷ୍କରିଣୀ ଖୋଳାଇଥିଲେ । ଉଦ୍ୟାନ ମଧ୍ୟ ଦେଇ ରାଜପଥରୁ ପୁଷ୍କରିଣୀକୁ ଯିବା ପାଇଁ ସାଧାରଣଙ୍କର ସୁବିଧା ଥିଲା ।

ଦିନେ ଅପରାହ୍ଣରେ ଗୋଟିଏ କ୍ଷୁଧାର୍ତ୍ତ ଭିକ୍ଷୁକ ରାଜପଥରେ ଯାଉଥିଲା । ତାହା ହାତରେ ଭିକ୍ଷା ଲବ୍ଧ କେତେମୁଠାଏ ଚାଉଳ ଏବଂ ଗୋଟିଏ ହାଣ୍ଡି ଥିଲା । ଭିକ୍ଷୁକ କେତେ ପରିମାଣରେ ବିକୃତ ମସ୍ତିଷ୍କ ବୋଲି ଲୋକେ ତାହାକୁ ପାଗଳ ବୋଲି କହୁଥିଲେ ।

ଅପରାହ୍ଣରେ ଚାଉଳ ସିଝା କରିବ ବୋଲି ଭିକ୍ଷୁକ ଗୋଟିଏ ସ୍ଥାନ ଖୋଜୁଥିଲା । ସେହି ପୁଷ୍କରିଣୀ ପଙ୍କ । ଘାଟର ଉପରକୁ ପକ୍କା ଚାତାଳଟି ଦେଖି ତାହାର ଏକ କୋଣରେ କେତେଗୋଟି ପଥର ପକାଇ ଗୋଟିଏ ଚୁଲ୍ଲୀ ପ୍ରସ୍ତୁତ କରି ସେଥିରେ ହାଣ୍ଡି ବସାଇ ଅନ୍ନ ପ୍ରସ୍ତୁତରେ ଲାଗି ଗଲା । ବାବୁଙ୍କ ଘର ଲୋକେ କେହି ଏହା ଦେଖି ନ ଥିଲେ । ବାବୁ ମଧ୍ୟ ସେତେବେଳେ ନିଦ୍ରିତ । ଭିକ୍ଷୁକର ଭାତ ଫୁଟୁଅଛି ଏ ସମୟରେ ଜଣେ ଚାକର ଏହା ଦେଖିଲା ଏବଂ ବାବୁଙ୍କୁ ଜଣାଇ ଦେଲା । ବାବୁ ଦ୍ରୁତ ପଦରେ ସେଠାକୁ ଆସିଲେ ଏବଂ ଅଗ୍ନି ସଂଯୋଗରେ ଚାତାଳର କେତେକାଂଶ କଳଙ୍କିତ ହୋଇଅଛି ଦେଖି କ୍ରୋଧରେ ଅଗ୍ନିଶର୍ମା ହୋଇ ଉଠିଲେ । ଭିକ୍ଷୁକ ସେତେବେଳେ ଭାତ ଖାଇବ ବୋଲି ଗୋଟିଏ ଶୁଖିଲା କଦଳୀ ପତ୍ର ଘେନି ଚାତାଳକୁ ଆସୁଥିଲା । ତାହାକୁ ଦେଖି ବାବୁ କହି ଉଠିଲେ, 'ଭାତ ରାନ୍ଧିବାକୁ ଆଉ ଜାଗା ପାଇଲୁ ନାହିଁ ?" ଏହା କହି ଚଟି ଜୋତା ମାଡ଼ିବା ଗୋଡ଼ରେ ସେହି ହାଣ୍ଡିକୁ ପଦାଘାତ କଲେ । ହାଣ୍ଡିଟି ଭାଙ୍ଗି ଯାଇ କ୍ଷୁଧାର୍ତ୍ତ ଭିକ୍ଷୁକର ସମସ୍ତ ଅନ୍ନ ମୃତ୍ତିକାରେ ନିକ୍ଷିପ୍ତ ହେଲା । ଭିକ୍ଷୁକର ଆଖିରୁ ଅଜସ୍ର ଧାରରେ ଲୋତକ ବୋହି ଗଲା । ହାତରେ ଥିବା କଦଳୀ ପତ୍ର ଖଣ୍ଡିକ ଭୂଇଁରେ ପକାଇ ଦେଇ ସେ କାନ୍ଦି କାନ୍ଦି ବାଟରେ ଚାଲି ଗଲା । ବାବୁ କେବଳ 'ଯା, ଏଥର ତୋତେ କିଛି କହିଲି ନାହିଁ" କହି ଚାତାଳର କାଳିମାମୟ ଅଂଶ ପରିଷ୍କାର କରିବା ପାଇଁ ଭୃତ୍ୟକୁ ଆଦେଶ ଦେଇ ତାହାଙ୍କର ସୁଧାଧବଳ ଗୃହରେ ପ୍ରବେଶ କଲେ ।

ଏ ଗୃହ କିନ୍ତୁ ଆଉ ଅଧିକ ଦିନ ମନୁଷ୍ୟ କର୍ତ୍ତୃକ ବ୍ୟବହୃତ ହେଲା ନାହିଁ । ଭିକ୍ଷୁକର ମୁଖର ଗ୍ରାସ ନଷ୍ଟ ହେବା ପରଠାରୁ ବାବୁଙ୍କ ସଂସାରରେ ଅବନତିର ସୂତ୍ରପାତ ହେଲା । ବାବୁ ସ୍ୱୟଂ ପକ୍ଷାଘାତ ରୋଗରେ ଶଯ୍ୟାଶାୟୀ ହେଲେ । ବ୍ୟବସାୟରେ ପ୍ରଚୁର କ୍ଷତି ହେବାରୁ ତାହା ଉଠାଇ ଦେବାକୁ ହେଲା । ପାଞ୍ଚ ବର୍ଷ ମଧ୍ୟରେ ବାବୁଙ୍କ ଭବନ ଜନଶୂନ୍ୟ ହେଲା । ବାବୁ ସ୍ୱୟଂ ଏବଂ ତାହାଙ୍କ ସ୍ତ୍ରୀ ପୁତ୍ର ସମସ୍ତେ ଭିନ୍ନ ଭିନ୍ନ ରୋଗରେ ମରିଗଲେ । ଯେଉଁ କେତେଜଣ ଆତ୍ମୀୟ ଉତ୍ତରାଧିକାର ସୂତ୍ରରେ ବାବୁଙ୍କ ସମ୍ପତ୍ତିର ଅଧିକାରୀ ହେଲେ ସେମାନେ କେହି ଏହି ଗୃହରେ ପ୍ରବେଶ କଲେ ନାହିଁ । ଲୋକେ ସେମାନଙ୍କୁ ଭିକ୍ଷୁକର ଅଭିସମ୍ପାତର ଫଳ ଭୋଗର ଭୟ ଦେଖାଇଲେ । ଘର ଦ୍ୱାରର ତାଲାକାଠ ଖିଡ଼ିକି ପ୍ରଭୃତି ବିକ୍ରୟର ବ୍ୟବସ୍ଥା ହେବାରୁ କେହି ସେ ଗୁଡ଼ିକ ସହଜରେ କିଣିବାକୁ ସମ୍ମତ ହେଲେ ନାହିଁ । ସେହି ସହରର ଏବଂ ତନ୍ନିକଟବର୍ତ୍ତୀ ସ୍ଥାନର ଲୋକମାନଙ୍କର ଦୃଢ଼ ଏକ ବିଶ୍ୱାସ ଯେ ସେହି ବାବୁଙ୍କର କୌଣସି ଦ୍ରବ୍ୟ ଘରକୁ ଆଣିଲେ କିମ୍ବା ବ୍ୟବହାର କଲେ କ୍ରେତା ଗୃହସ୍ୱାମୀର ସମୃଦ୍ଧ ଅବସ୍ଥା ହେବ । ଏହାର ଫଳ ଏପରି ହୋଇ ଅଛି ଯେ ବାବୁଙ୍କର ସେହି ଅଟ୍ଟାଳିକା କାଳର ପ୍ରଭାବରେ କେଉଁଠାରେ ଅଳ୍ପ କେଉଁଠାରେ ଅଧିକ ପରିମାଣରେ ଖସି ପଡ଼ି ଓ ଭାଙ୍ଗି ନଷ୍ଟ ହୋଇ ଯାଇଅଛି ।



Digitized by srujanika@gmail.com

# ବାଥୋଇର ଅଭିସମ୍ପାତ

ଦାଗ୍ର ଅଂଶର ପରିମାଣ ଅନୁସାରେ ତାହା ଏବେ ଖଣ୍ଡରେ କାଟିଲେ ଦେଖାଯିବ ଯେ ପକ୍ଷୀକର ପ୍ରସ୍ତୁତ ଅନ୍ୟୂର୍ଣ୍ଣ କ୍ଷୁଦ୍ର ମୃତ୍ତିକା ସ୍ତୂପ ସ୍ଥିତ ସେହି ବାଲୁଙ୍କର ପଦାଘାତରେ ସେତେ ଖଣ୍ଡରେ ଭଗ୍ନ ହୋଇନାହିଁ । ଅନେକ ଲୋକ ହୁଏତ କହିବେ ଯେ ସେହି ବାଲୁଙ୍କ ସଂସାରର ଏହି ପରିଣାମ ସହିତ ଦରିଦ୍ର ପକ୍ଷୀର ପ୍ରତି ନିର୍ଦ୍ଦୟ ବ୍ୟବହାରର କୌଣସି ସମ୍ବନ୍ଧ ନାହିଁ । ପ୍ରକୃତରେ ଏହା ମଧ୍ୟରେ କାର୍ଯ୍ୟ କାରଣ ସମ୍ବନ୍ଧ ନିର୍ଣ୍ଣୟ କରିବା କଠିନ । ଅଛି ଏକ ପ୍ରକାର ବୋଲି ଯାଇପାରେ ଯେ ପକ୍ଷୀକର ସେହି ବାଲୁଙ୍କ ପୋଷଣ ଉପରେ ଚିତ୍ତବୃତ୍ତିରେ ଅନଧିକାର ପ୍ରବେଶ କରିଥିଲା, ଏବଂ ଚିତ୍ତଶାନ୍ତି ହେସାଇ କଳାରେ ନଷ୍ଟ କରିଥିଲା ବୋଲି ସେ ଦଣ୍ଡ ପାଇଲେ । ତଥାପି ଏହି ତର୍କରେ ଲୋକଙ୍କ ବିଶ୍ୱାସ ଅପସାରିତ ହେବାର ନୁହେଁ । ଏହି ବିଶ୍ୱାସ ଏତେ ବଦ୍ଧମୂଳ ଯେ ସେହି ବାଲୁଙ୍କ ବାସସ୍ଥାନ କଥା ଯାହାକୁ ପଚାରି ଯିବ ସେ କହିବ ଏହା ଅଭିସମ୍ପାତର ଫଳ ।

ପାଶ୍ଚାତ୍ୟ ଦେଶରେ ଗୋଟିଏ କଥା ଅଛି "ଦେଶ ଜାଣ ଯାହା କହନ୍ତି ଭଗବାନ ମଧ୍ୟ ତାହା କହନ୍ତି" ଅର୍ଥାତ୍ ଦଶଜଣଙ୍କ ମତକୁ ଭଗବାନଙ୍କ ମତ ବୋଲି ଗ୍ରହଣ କରିବାକୁ ହେବ । ସୁତରାଂ ଦଶଜଣଙ୍କର ଯାହା ବିଶ୍ୱାସ ତାହା ଅନ୍ଧ ବିଶ୍ୱାସ ବୋଲି କେବେହେଁ ଉପେକ୍ଷା କରିବାର ନୁହେଁ । ଏହାକୁ ଅଭିସମ୍ପାତର ଫଳହିଁ କହିବାକୁ ହେବ । ପ୍ରାୟ ୨୫ ବର୍ଷ ତଳେ କଟକ ସହରରେ ଜଣେ ଭଦ୍ରଲୋକଙ୍କ ଘରେ ଗୋଟିଏ ଘଟଣା ଘଟିଥିଲା । ଜଣେ ପକ୍ଷୀ ଜ୍ୟେଷ୍ଠ ମାସର ଦ୍ୱିପ୍ରହରରେ ସେହି ଭଦ୍ରଲୋକଙ୍କ ଘର ଦ୍ୱାରର କବାଟକୁ ବାରମ୍ବାର ଆଘାତ କରି ପୁନଃ ପୁନଃ ଚିତ୍କାର କଲା । ଭଦ୍ରଲୋକ ମହା ବିରକ୍ତ ହୋଇ ଘର ମଧ୍ୟରୁ ବାହାରି ଆସିଲେ ଏବଂ କ୍ରୋଧରେ ତାହାକୁ ଗୋଟିଏ ଚଟକଣା ମାରିଲେ । ପରଦିନ ଦେଖାଗଲା ସେହି ଭଦ୍ରଲୋକର ଡାହାଣ ହାତଟି ଫୁଲିଅଛି ଏବଂ ବିଷମ ଯନ୍ତ୍ରଣା ହେଉଅଛି । କ୍ରମେ କ୍ରମେ ହାତ ଏବଂ ଅଙ୍ଗୁଳିର ଏ ଭଳି ଅବସ୍ଥା ହେଲା ଯେ ଡାକ୍ତରଙ୍କର ଅସ୍ତ୍ର ଚିକିତ୍ସା ପ୍ରୟୋଜନ ହେଲା । ସେହି ଭଦ୍ରଲୋକ ପ୍ରାୟ ଗୃହ ମାସକାଳ ଅସୀମ ଯନ୍ତ୍ରଣା ଭୋଗ କରିଥିଲେ ଏବଂ ତାହାଙ୍କର ଗୋଟିଏ ଅଙ୍ଗୁଳି ଅକର୍ମଣ୍ୟ ଓ ନଷ୍ଟ ହୋଇଗଲା ।

ହାୟ ! ମନୁଷ୍ୟ କାହିଁକି ନିଃସହାୟ ପ୍ରତି ଏ ଭଳି ନିଷ୍ଠୁର ବ୍ୟବହାର କରି ଅଭିସମ୍ପାତର ବୋଝ ମୁଣ୍ଡରେ ବୁହାନ୍ତି ଏହା ବୁଝାଯାଏ ନାହିଁ । ଐଶ୍ୱର୍ଯ୍ୟ ମହତ୍ତ୍ୱର ମତ୍ତତା ଏବଂ ଅହଙ୍କାର କ୍ରୋଧହିଁ କ'ଣ ଏହାର କାରଣ ? ତାହାହେଲେ ଯମ ଦରିଦ୍ର ସୃଷ୍ଟିକର୍ତ୍ତା ସର୍ବଶକ୍ତିମାନ ମଙ୍ଗଳମୟଙ୍କ ରାଜ୍ୟରେ ଏ ଭଳି ମତ୍ତତା ଏବଂ କ୍ରୋଧ ସର୍ବଦା ପରିତ୍ୟାଜ୍ୟ ।

ଯେତେବେଳେ ବୈଜ୍ଞାନିକମାନେ କହୁଅଛନ୍ତି ଯେ ଅଚେତନ ଉଦ୍ଭିଦ ପ୍ରଭୃତି ପଦାର୍ଥର ବେଦନା ବୋଧର ଶକ୍ତି ଅଛି, ସେତେବେଳେ ଆମ୍ଭେମାନେ ବିଶ୍ୱର ସର୍ବଶ୍ରେଷ୍ଠ ଜୀବ ମନୁଷ୍ୟର ଜୀବନରେ ବିଷମ ବ୍ୟଥା ଦେଇ ତାହାର ଅଭିସମ୍ପାତ ମୁଣ୍ଡରେ ବହନ କରିବୁଁ କାହିଁକି ? 'ପରପୀଡ଼ନ ମହାପାପ' ଏହା ସର୍ବଦା ସ୍ମରଣ ରଖିଲେ ବୋଧହୁଏ ମନୁଷ୍ୟର ମହତ୍ତ୍ୱ ଘଟିବ ନାହିଁ ।

ମହାପୁରୁଷ କବୀର କହି ଅଛନ୍ତି:—

"ଗରୀବକୁ ମତ୍ ସନ୍ତାଓ ଗରୀବ ନ କହେ ହାୟ,
ଶୁଖା ଚମଡ଼ାକା ବେଶାଦ କିଅ ଲୋହା ବି ଭସମ ହୋ ଯାଏ"

ଏହାର ଭାବାର୍ଥ ଏହି:—ଗରୀବର ମନରେ ସନ୍ତାପ ଦିଅ ନାହିଁ । ଗରୀବ ମୁହଁରୁ ଯେପରି ହାୟ ଶବ୍ଦ ନ ବାହାରେ । କମାର ଘର ନାଅଁ ଭିତରେ ଶୁଖିଲା ଚମଡ଼ାର ହାୟ ହାୟ ଶବ୍ଦଦ୍ୱାରା ଯେତେବେଳେ ଲୁହା ଭସ୍ମ ହୋଇ ଯାଉଅଛି, ସେତେବେଳେ କଷ୍ଟ ଚମଡ଼ାରେ ନିର୍ମିତ ମନୁଷ୍ୟ ମୁହଁରୁ ହାୟ ଶବ୍ଦ ବାହାରିଲେ ତାହା କି ଭଳି ଭୟଙ୍କର ନ ହେବ !



Digitized by srujanika@gmail.com

# ଯଯାତି କେଶରୀ

**କାଳିଆ ପାଣିଗ୍ରାହୀ**

ଉତ୍କଳ ଇତିହାସର ଗବେଷଣା ରାଧାନାଥଙ୍କ ସମୟରେ ସେତେ ଭଲ ଭାବେ କରା ଯାଇ ନ ଥିଲା । ତେଣୁ ତତ୍ ସମ୍ବନ୍ଧେ ପରବର୍ତ୍ତୀ ଅନେକ ଉଦ୍‌ଭାବିତ ତଥ୍ୟ ତାଙ୍କର ଅଜଣା ଥିଲା । ସେ କୌଣସି କାବ୍ୟର କଥାବସ୍ତୁକୁ ଖାଣ୍ଟି ଇତିହାସ ଉପରେ କେବଳ ନ୍ୟସ୍ତ ନ କରି କିମ୍ବଦନ୍ତୀର ଆଶ୍ରୟ ନେଉଥିଲେ ପୁଣି ଅନେକ ସମୟରେ ସେ ନିଜର ଉର୍ବର କଳ୍ପନାର ବ୍ୟବହାର କରୁଥିଲେ । ରାଧାନାଥ କବି ହିସାବରେ ଅତି କଳ୍ପନାପ୍ରିୟ, ଏହା ତାଙ୍କର କାବ୍ୟ ନିଚୟରୁ ଜଣାପଡେ । ସେ ଦିନେ ମହେନ୍ଦ୍ର ଉପରକୁ ଯିବାର ସୁବିଧା ପାଇ ନ ଥିଲେ ହେଁ ମହେନ୍ଦ୍ର କାବ୍ୟ ଲେଖିବା ଚେଷ୍ଟାରୁ ବିରତ ହୋଇ ନ ଥିଲେ । ସେ ତତ୍ ସମ୍ବନ୍ଧେ ଲୋକ ମୁଖରୁ ଯାହା ଶୁଣିଲେ ଓ ଦୂରରୁ ଯାହା ଦେଖିଲେ ସେହି ଆକରକୁ କଳ୍ପନା ବଳରେ ଖାଣ୍ଟି ସୁବର୍ଣ୍ଣ କରିବାକୁ ସମର୍ଥ ହେଲେ । ସେଥିପାଇଁ

"କଳ୍ପନା ଯୋଗାଇ ଦେବାରୁ ବାହନ,  
ମେ ବାହନେ କଲି ଗିରି ଆରୋହଣ ।"  
"ଦୟାକୃ ବହି ସେହି କଳ୍ପନା ସୁନ୍ଦରୀ,  
ଗିରି ମାର୍ଗେ ମୋର ହେଲେ ସହଚରୀ ।"

ଜନ ପ୍ରବାଦ ଓ ଅନୁମାନକୁ କେବଳ ମୂଳ କରି ସେ ମହେନ୍ଦ୍ର କାବ୍ୟ ଲେଖି ଅଛନ୍ତି । ମନୁଷ୍ୟର କଳ୍ପନା ଶୂନ୍ୟ ଉପରେ ନ୍ୟସ୍ତ ନୁହେଁ । କଳ୍ପନାର ଭିତ୍ତି ତାହାର ସଂପାଦିତ ପୂର୍ବଜ୍ଞାନ । ରାଧାନାଥଙ୍କର ସାହିତ୍ୟିକ, ଐତିହାସିକ ଓ ସାଧାରଣ ଜ୍ଞାନ ଅନ୍ୟାନ୍ୟଙ୍କ ତୁଳନାରେ ଅତିଶୟ ଉଚ୍ଚ । ସେ ଜଣେ ଉଚ୍ଚ ଧରଣର ପଣ୍ଡିତ ଓ ସାହିତ୍ୟର ଗମ୍ଭୀର ଗବେଷକ ସର୍ବବାଦୀସମ୍ମତ । ସଂସ୍କୃତ, ପ୍ରାଚୀନ ଓଡ଼ିଆ ଓ ଇଂରାଜୀ ସାହିତ୍ୟରେ ତାଙ୍କର ଅଗାଧ ଅନୁଶୀଳନ ଥିଲା । ଭୂଦେବ ମୁଖୋପାଧ୍ୟାୟ ରାଧାନାଥଙ୍କୁ "ନାନା ଭାଷା ବିଭୂଷିତ, ନାନା ଶାସ୍ତ୍ର ସୁପଣ୍ଡିତ" ବୋଲି ଯାହା କହିଛନ୍ତି ସେଥିରେ ଅଯଥା ସ୍ତୁତିର କୌଣସି ସଂଶୟ ରହିବା ଅନାବଶ୍ୟକ । ରାଧାନାଥ ତାଙ୍କ ପ୍ରକୃତ ଜ୍ଞାନକୁ ଓଡ଼ିଆ ଭାଷାର ଉନ୍ନତି ବିଧାନରେ ବ୍ୟୟ କରି ଉତ୍କଳ ସାହିତ୍ୟ ଇତିହାସରେ ଗୋଟିଏ ନୂତନ ଯୁଗର ପ୍ରବର୍ତ୍ତନ କରି ପାରିଥିଲେ ।

ଯଯାତି ଉତ୍କଳୀୟ ରାଜା ଜନ୍ମେଜୟଙ୍କର ପୁତ୍ର । ସେ କେଶରୀ ବଂଶର ପ୍ରତିଷ୍ଠାତା ନୁହନ୍ତି । କେଶରୀ ବଂଶର ଅନ୍ୟ ନାମ ସୋମବଂଶ । ପ୍ରଥମେ ସୋମବଂଶୀ ରାଜାମାନେ ଉତ୍ତର କୋଶଳରେ ରାଜତ୍ୱ କରୁଥିଲେ । ପରେ ଉତ୍କଳ ସେମାନଙ୍କର ଶାସନାଧୀନ ହେଲା । ଏହିସବୁ ପରବର୍ତ୍ତୀ ଉଦ୍‌ଭାବିତ ଐତିହାସିକ ତଥ୍ୟ ରାଧାନାଥଙ୍କ ସମୟରେ ଅଜ୍ଞାତ ଥିଲା । ତେଣୁ ସେ ଉତ୍କଳର କେଶରୀ ବଂଶ ପ୍ରତିଷ୍ଠା ଉପରେ ଗୋଟିଏ କାଳ୍ପନିକ କାବ୍ୟ ସୌଧ ଉତ୍ତୋଳନ କରିବାକୁ ଯଯାତିଙ୍କୁ ବାଛି ଯଯାତି କେଶରୀ କାବ୍ୟ ଲେଖିବାକୁ ଲାଗିଲେ । ରାଧାନାଥ ତଥା ତତ୍କାଳୀନ ସାହିତ୍ୟିକମାନଙ୍କର ଜୀବନ ଆଲୋଚନା କଲେ ଜଣାଯାଏ ସେମାନେ ଜାତିର ଇତିହାସର ଗୋଟିଏ ସନ୍ଧିକ୍ଷଣରେ ରହି ନିଜର କର୍ତ୍ତବ୍ୟ ସ୍ଥିର କରୁଥିଲେ । ମଧ୍ୟ ଯୁଗର ତିରୋଧାନ ଓ ଆଧୁନିକ ଯୁଗର ଆବିର୍ଭାବ, ପୁରାତନ ଶିକ୍ଷାପଦ୍ଧତି, ସାହିତ୍ୟାଦର୍ଶ, ରୀତିନୀତି, ଆଚାରବ୍ୟବହାର କ୍ରମିକ ପରିବର୍ତ୍ତନ ଓ ପାଶ୍ଚାତ୍ୟ ବିଶେଷତଃ ଇଂରେଜୀ ଶିକ୍ଷା, ସାହିତ୍ୟ ଓ ସଭ୍ୟତାର ଦେଶବ୍ୟାପୀ ପ୍ରସାରଣ ପ୍ରଭୃତି ଦ୍ୱାରା ଉତ୍କଳରେ ମଧ୍ୟଯୁଗର ଲୋପ ସମାହିତ ହୋଇ ଆଧୁନିକ ଯୁଗ ପ୍ରକାଶିତ ହେଲା । ରାଧାନାଥ ଏହି ସନ୍ଧି ସ୍ଥଳରେ ଦଣ୍ଡାୟମାନ ରହି ଅତୀତର ସଂସ୍କୃତିକୁ ଆଧୁନିକତାର ମୋହରେ ତ୍ୟାଗ କରିବାକୁ ପ୍ରସ୍ତୁତ ନ ଥିଲେ ସତ୍ୟ, ମାତ୍ର ପାଶ୍ଚାତ୍ୟ-ଲୋକର ଅବାଧ ପ୍ରବେଶରେ ତାଙ୍କର କୌଣସି ଆପତ୍ତି ନ ଥିଲା, ବରଂ ସେ ସେହି ଆଲୋକକୁ ଆବାହନ କରିବାକୁ ସର୍ବଦା ଉଦ୍‌ଗ୍ରୀବ ଥିଲେ । "ଉପେନ୍ଦ୍ର ଭଞ୍ଜଙ୍କର ସେହି କବିତା ସୁନ୍ଦର, ସେହି କବିତା ପୀୟୂଷଧାର" କାଳିଦାସଙ୍କର ପ୍ରତିଭା ମାଧୁର୍ଯ୍ୟ, ସଙ୍ଗେ ସେକ୍ସପିୟରଙ୍କ ନାଟ୍ୟକଳା ସମ୍ମିଶ୍ରଣର ପ୍ରଭାବ ରାଧାନାଥଙ୍କ ପ୍ରଧାନ କାବ୍ୟ ଗୁଡ଼ିକରେ ଦ୍ରଷ୍ଟବ୍ୟ, ମାତ୍ର ସେ ପୁରାତନ ମନୀଷୀମାନଙ୍କୁ ଅନୁସରଣ କରି ନିଜର, ନିଜ ଯୁଗର ପୁଣି ନିଜ ଜାତିର ସଂସ୍କୃତିର କୌଣସି ଅପଚୟ ଘଟାଇ ନାହାନ୍ତି । ତାଙ୍କ କାବ୍ୟ-କୁସୁମରେ ଅନୁକରଣର ଅପ୍ରାକୃତିକତା ଦେଖା ଯାଇ ନ ଥିଲା । ତାଙ୍କର ବର୍ଣ୍ଣନାଚାତୁରୀ, ଚରିତ୍ରଚିତ୍ରଣ ଓ କଥାଧାରା ସମ୍ପୂର୍ଣ୍ଣଭାବେ ତାଙ୍କର ମୌଳିକସଂପଦ ହୋଇ ରହିଥିଲା । ଉତ୍କଳ ଇତିହାସର ପ୍ରଧାନ ଦୁଇଟି ବଂଶ ଯଥା:— ଗଙ୍ଗ ଓ କେଶରୀ ବଂଶର ପ୍ରତିଷ୍ଠାନକୁ ଅଧିକ ଗୌରବମୟ ଓ ପବିତ୍ର କରିବା ଉଦ୍ଦେଶ୍ୟରେ କବିବର ଦୈବୀଘଟଣା କଳ୍ପନା କରି ଜଣେ ଜଣେ ଦେବୀଙ୍କର ଆଶ୍ରୟ ଗ୍ରହଣ କରି ଅଛନ୍ତି । ଚୋଡ଼ଗଙ୍ଗଙ୍କର ଉତ୍କଳ ବିଜୟ ମଧ୍ୟଯୁଗର ଗୋଟିଏ ରାଜନୈତିକ ଘଟଣା, ସେ ତତ୍କାଳୀନ ସାମରିକ ଶକ୍ତି ସାହାଯ୍ୟରେ ଉତ୍କଳ ଦେଶକୁ ଜିଣି ସେଠାରେ ରାଜଗାଦିରେ ସ୍ୱବଂଶର ପ୍ରତିଷ୍ଠା କରିଥିଲେ । ଏହି ରାଜନୈତିକ ବା ଐତିହାସିକ ଘଟଣାଟିକୁ ଅଧିକ ଚମତ୍କାରିକ କରା ଯାଇଛି ଚୋଡ଼ଗଙ୍ଗଙ୍କୁ ବୈଷ୍ଣବ ଧର୍ମର ଅଗ୍ରଦୂତ କରି ଗଙ୍ଗା ଦେବୀଙ୍କର ସନ୍ଦେଶ ଚୋଡ଼ଗଙ୍ଗଙ୍କୁ କେବଳ ଯୁଦ୍ଧବୀର ନ କରି ଧର୍ମବୀର ମଧ୍ୟ କରିଥିଲା । ଏହା ଦେବୀଙ୍କର ନିମ୍ନୋଦ୍ଧୃତ ଉକ୍ତିରୁ ସ୍ପଷ୍ଟ ହେବ :



Digitized by srujanika@gmail.com

# ଯଯାତି କେଶରୀ

"ସପର୍ଣ୍ଣୀର ଧ୍ୱଜା ଉଠାଇବା ଅଗ୍ରେ,
ଅଣିଲ ବାତୁଳ ଘୋରେ ଏ ପ୍ରବାହେ,
× × ×
ଧର୍ମଗ୍ଲାନି ବିନା ଧର୍ମ ସଂସ୍ଥାପନ
କରିବାକୁ ଅନ୍ୟେ ନୁହନ୍ତି ଭାଜନ।"

ଉତ୍କଳରେ ବୈଷ୍ଣବ ଧର୍ମର ପୂର୍ବବର୍ତ୍ତୀ ଧର୍ମ ଥିଲା ଶକ୍ତି ଓ ଶିବ ପୂଜା। ଭୌମ ନରପତିମାନଙ୍କର ବୌଦ୍ଧ ଧର୍ମ କାଳକ୍ରମେ ତାନ୍ତ୍ରିକତାରେ ପରିଣତ ହୋଇ ବିରଜା ଆରାଧନାରେ ପୂର୍ଣ୍ଣ ହୋଇଥିବା ଖୁବ ଯୁକ୍ତିସଙ୍ଗତ। କେଶରୀ ରାଜାମାନେ ଶୈବ ଥିଲେ ପୁଣି ସ୍ୱୟଂ ଯଯାତି ଭୁବନେଶ୍ୱରରେ ଲିଙ୍ଗରାଜ ମନ୍ଦିରର ଆରମ୍ଭ କର୍ତ୍ତା। ଏହି ସୋମବଂଶୀ ରାଜାମାନଙ୍କର ଅନ୍ୟ ନାମ ବା ଉପାଧି କାହିଁକି ଓ କିପରି କେଶରୀ ହେଲା ଜାଣିବା ପାଇଁ ଇତିହାସରୁ ଅଦ୍ୟାପି କିଛି ଉପାଦାନ ମିଳି ନାହିଁ। ତେଣୁ ଏଥି ସମ୍ବନ୍ଧେ ରାଧାନାଥ ତାଙ୍କର ମଧୁର କଳ୍ପନାକୁ ନେଇ ବିରଜା ଦେବୀଙ୍କ କେଶରୀ ସହିତ ଯଯାତିଙ୍କ ବଂଶର ସମ୍ବନ୍ଧ ରଖିଅଛନ୍ତି। ପୌରାଣିକ ରାଜା ଯଯାତିଙ୍କ ମାତାଙ୍କ ନାମ ମଧ୍ୟ ବିରଜା। ବୈତରଣୀତୀରଅଧିଷ୍ଠାତ୍ରୀଙ୍କୁ ରାଧାନାଥ ଯଯାତିଙ୍କ ମାତା କରି ନ ଥିଲେ ସୁଦ୍ଧା ତାଙ୍କୁ ରାଜକୁମାରଙ୍କର ପାଳୟିତ୍ରୀରୂପେ ରଖି କାବ୍ୟର ନାୟକଙ୍କୁ ମନୁଷ୍ୟ ଅପେକ୍ଷା ଟିକିଏ ଉଚ୍ଚ ସ୍ଥାନରେ ରଖିଅଛନ୍ତି।

"ଏ ବୀର କିଶୋର ଅଜାଣା ହେଲେହେଁ
ନୁହନ୍ତି ପ୍ରାକୃତ ଜନ"

ଦୈବୀ ଘଟଣାର ଆଶ୍ରୟ ନେଇ କାବ୍ୟରେ ଥିବା ଅନୀତିର କଳୁଷକୁ ମଧ୍ୟ ଅନେକ ଦୂର ହ୍ରାସ କରି ଯାଇଅଛି। ସ୍ୱପ୍ନରେ ବିରଜା ଦେବୀ ଉତ୍କଳାଧିପଙ୍କୁ ଯାହା କହିଅଛନ୍ତି ତାହା ରାଧାନାଥଙ୍କର ସ୍ୱ ସମ୍ପତ୍ତି—କାହାର ଅନୁକରଣ କରି ସେ ଏହି ସ୍ୱପ୍ନ ବୃତ୍ତାନ୍ତର ଅବତାରଣା କରି ନାହାନ୍ତି। କେଶରୀବଂଶ ରାଜତ୍ୱ କାଳରେ ଉତ୍କଳର ବିବିଧ ବିଷୟକୁ ଦେବୀଙ୍କର ଭବିଷ୍ୟତ ବାଣୀ ରୂପେ ପ୍ରକାଶ କରି କବିବର ଇତିହାସ, ସାହିତ୍ୟ ଓ ଧର୍ମକୁ ଏକ ଅଭିନବ ରୂପ ପ୍ରଦାନ କରି ଅଛନ୍ତି। କପଟ ରୂପରେ ରାଜାନ୍ତଃପୁରରେ ପ୍ରବେଶ ଲାଭ କରି ଯଯାତି ଯେଉଁ ଜଘନ୍ୟ ଦୋଷରେ ଦୋଷୀ ହୋଇଥିଲେ ତାହାର ଦଣ୍ଡ ସ୍ୱରୂପ ସେ ପାଇଥାନ୍ତେ ମୃତ୍ୟୁ। ମାତ୍ର ଦେବୀ-ବରପ୍ରାପ୍ତ ଯଯାତିଙ୍କୁ ରକ୍ଷା କରିଥିଲା ଦେବୀଙ୍କର ଅନୁଗ୍ରହ। ମାନବ ବିଗ୍ରହରେ ଯଯାତି କପଟ ପ୍ରେମିକ, ଚୋର ବା ଆଉ ଯାହା ବୋଲି ଯାଇପାରେ ତାହା। ମାତ୍ର ଦୈବ ବିଗ୍ରହର ତ ଅନ୍ୟ ପ୍ରକାର, ତେଣୁ ରାଜାଙ୍କୁ ସ୍ୱପ୍ନରେ ବିରଜା ଦେବୀ କହିଲେ:—

"ମୋର ଇଚ୍ଛାବଳେ ଉତ୍କଳ ମଣ୍ଡଳେ
ଆସିଛି ଯୁବାରତନ,
ପୁତ୍ରରୂପେ ପୁଣି ଜାମାତା ରୂପରେ
କର ତୁ ତାଙ୍କୁ ଗ୍ରହଣ।"

ଏହି ଆଦେଶ ଅମାନ୍ୟ କରିବ ଏପରି ଶକ୍ତି କାହାର? ଲଳିତା ସହିତ ଅବୈଧ ପ୍ରେମରେ ପତିତ ହୋଇ ଯେଉଁ ରାଜକୁମାର ମନୁଷ୍ୟ ସମ୍ମୁଖରେ ପ୍ରାଣ ଦେବାର କଥା ସେ ଦେବୀଙ୍କ ମତରେ "ରୂପେ, ଗୁଣେ, କୁଳେ ଶୀଳେ ସର୍ବମତେ ଲଳିତାର ଯୋଗ୍ୟ ବର"। ବିଧିର ଏହି ଅପୂର୍ବ ବିଧାନ ଅନ୍ୟ କରିବାର କାହାର ଶକ୍ତି ଅଛି?

ଉତ୍କଳରେ କେଶରୀ ବଂଶର ସ୍ଥାପନ ବିଧି-ଅଭିପ୍ରେତ। ତାହା ମନୁଷ୍ୟର କର୍ମଶକ୍ତି କିମ୍ବା ଶୌର୍ଯ୍ୟ ଦ୍ୱାରା ସାଧିତ ହେଲା ବୋଲି କହିବା ମଦାନ୍ଧ ମନୁଷ୍ୟର ମୂର୍ଖତା ମାତ୍ର। ସେହିପରି ସେହି ବଂଶର ରାଜତ୍ୱ କାଳରେ ଯେଉଁ ସବୁ କାର୍ଯ୍ୟ ଘଟିଛି କରାଗଲା ଯେ ସବୁ ଦେବୀଙ୍କର ବରପ୍ରସୂତ, ମନୁଷ୍ୟର କୃତିତ୍ୱ ସମ୍ଭୂତ ନୁହେଁ।

ଲିଙ୍ଗରାଜ ମନ୍ଦିରର ଶିଳାରେ ଯେପରି ଶିଳ୍ପୀ କାରୁକାର୍ଯ୍ୟ ଖୋଦନ କରି ମୃଦୁଳ ଦୃଶ୍ୟରେ ପରିଣତ କରିଛି ସେହିପରି କବିବର ଐତିହାସିକ ଘଟଣାଟିକୁ କବିତା ଗୁମ୍ଫନରେ ମଧୁର କରି ପାଠକଙ୍କ ଆକର୍ଷଣ କରି ଅଛନ୍ତି।

କେଶରୀ ଶବ୍ଦର ଅର୍ଥକୁ ଠିକ୍ କରିବାକୁ ଯାଇ ସେ ଗୋଟିଏ ନୂତନ ଉପାୟ ଅବଲମ୍ବନ କରି ଅଛନ୍ତି। ଦେବୀଙ୍କର ବାହନ କେଶରୀ। ବିରଜା ଦେବୀଙ୍କର ଆଶୀର୍ବାଦରେ ଏହି ବଂଶ ସ୍ଥାପିତ। ସେହି ବଂଶର ସଙ୍କେତ ସ୍ୱରୂପ ତାଙ୍କର ବାହନର ନାମ ଗ୍ରହଣ କରିବା ନିତାନ୍ତ ଯୁକ୍ତିସଙ୍ଗତ ଓ ସ୍ୱାଭାବିକ, ମାତ୍ର ସେଥିରେ କାବ୍ୟକାର ତୃପ୍ତ ନୁହନ୍ତି। ସିଂହର ସ୍ଥାନ ଓ କରଣୀ କାବ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଅଛି। ମୂଳରୁ ଶେଷଯାଏଁ ସେହି କେଶରୀର ସହାୟତାରେ କାବ୍ୟର ନାୟକ ଯଯାତି ସର୍ବଦା ନିଃଶଙ୍କଚିତ୍ତ ଓ ବିପଦ-ନିବାରିତ। ଯଯାତି ଯେତେବେଳେ ଲଳିତାଙ୍କ ପ୍ରେମ ଲାଭ ଚେଷ୍ଟାରେ ଉଦ୍ୟତ ହୋଇ କପାଳେଶ ଦୁର୍ଗ ଅଭିମୁଖରେ ଯିବାକୁ ପ୍ରସ୍ତୁତ, ସେତେବେଳେ ସେ ଦେବୀଙ୍କ ସ୍ତୁତି କରି କହୁଛନ୍ତି,

"ମାତ ବିଶ୍ୱଧାତ୍ରି ବରାଭୟ ଦାତ୍ରି
ଦିଅ ବର କୃପା କରି,
ତୋର ଏ କେଶରୀ ହେଉ ସଦା ମୋର
ବିପଦ-କରୀ-କେଶରୀ।"

ଉକ୍ତ ପ୍ରାର୍ଥନା ବୃଥା ହୋଇ ନ ଥିଲା। ଯଯାତିଙ୍କୁ "ସପ୍ତ ଅଶ୍ୱବାର" "ଅସମ ସଂଗ୍ରାମେ" ନିଧନ କରିବେ ବୋଲି ସ୍ଥିର ହେଲା। ସେମାନଙ୍କୁ ରାଜା ଆଦେଶ ଦେଲେ ଯେ ପର ଦିବସ ପ୍ରାତଃକାଳରେ ସେମାନେ ଯାଇ ରଣ ପ୍ରାଙ୍ଗଣରେ ପ୍ରବେଶ କରିବେ। ନିଶୀଥରେ ଅପୂର୍ବ ଘଟଣା ଘଟିଲା। ସାତ ଜଣ ଅଶ୍ୱାରୋହୀ ରାତିରେ ଏକାପରି ସ୍ୱପ୍ନ ଦେଖିଲେ। ତାହା ଦେଖି ସେମାନଙ୍କର ଧୈର୍ଯ୍ୟ ଚ୍ୟୁତ ହେଲା। ସେହି ସମୟରେ ସାତୋଟି ଦନ୍ତିବଳ ଯଯାତିଙ୍କୁ ଗୋଟାକ ପରେ ଗୋଟାଏ ଆକ୍ରମଣ କଲେ। "ଗର୍ଜି ଛଡ଼ି ଦେଲା ତାଙ୍କୁ ଆସି ଏକ ଅଦ୍ଭୁତ ଜ୍ୟୋତିଃ କେଶରୀ।" ଏହି ସ୍ୱପ୍ନ



Digitized by srujanika@gmail.com

ଅତଏବ ରାଜାଙ୍କର ସ୍ୱପ୍ନ ଅନ୍ତର ଅଧିକ ବିସ୍ମୟଜନକ ଓ ଭୀତିପ୍ରଦ । ଅଶ୍ୱାରୋହୀମାନେ ଯେଉଁ କେଶରୀ ଦେଖିଲେ "ରୋଷାନଳକଣା ଉଦ୍‌ଗାରୁଥିଲା ତାହା ସେ ସିଂହର ଦୃଷ୍ଟିପାତେ, ତପ୍ତଲୌହ ଖଣ୍ଡୁ ସ୍ଫୁଲିଙ୍ଗ ଯେସନେ ଝଡ଼େ ଅୟୋଘନ ଘାତେ ।" ସେମାନେ ସେହି କେଶରୀର ଭୈରବ ରଡ଼ି ଶୁଣି ଅତ୍ୟନ୍ତ ତ୍ରସ୍ତ ହୋଇଥିଲେ ଓ କହିଲେ "ଅଦ୍ୟାପି ସେ ରାବ ସ୍ମରି କ୍ଷଣେ କ୍ଷଣେ ଥରି ଉଠୁଅଛି ଅଙ୍ଗ" । ହର୍ଯ୍ୟକ୍ଷର ଭୀଷଣ ମୂର୍ତ୍ତି ଦର୍ଶନ ମାତ୍ରେ ଯେତେବେଳେ ସୈନ୍ୟମାନଙ୍କର ଏପରି ଭୀତି ଉପୁଜିଥିଲା, ତାହା ନିଜକୁ ଆକ୍ରମଣ କରିବା ଦେଖି ରାଜା ଅଧିକ ତ୍ରସ୍ତ ଓ ଭୟ-ବିହ୍ୱଳ ହେବା ଆଶ୍ଚର୍ଯ୍ୟଜନକ ନୁହେଁ । "କରାଳରୂପୀ ହର୍ଯ୍ୟକ୍ଷ" ରାଜାଙ୍କୁ ଆକ୍ରମଣ କରିବାକୁ ଝୁଲି ଝୁଲି ତାଙ୍କ ପ୍ରତି ଲକ୍ଷ୍ୟ କରିବାକୁ ଲାଗିଲା । ତାହାର "ବକ୍ତ୍ର ବିବର," "ସ୍ଫୁରିତ କେଶର" ଓ "ଦୀପ୍ତିତ ରକ୍ତ ଲୋଚନ" ଦେଖି ସେ ମନେ ମନେ ଭୟକାତର ଚିତ୍ତରେ ଦେବୀଙ୍କୁ ସ୍ମରଣ କରି ତାଙ୍କର ଶରଣାପନ୍ନ ହେଲେ । ସେତେବେଳେ ସିଂହର ବିକଟ ମୂର୍ତ୍ତି ଅଦୃଶ୍ୟ ହେଲା । ସେ ସୌମ୍ୟ ମୂର୍ତ୍ତି ଧାରଣ କଲା । ଦେବୀ ମଧ୍ୟ କେଶରୀର ଶକ୍ତିସାମର୍ଥ୍ୟ ବର୍ଣ୍ଣନ କରି ରାଜାଙ୍କୁ କହିଲେ,—

"ଏହି ଯେ କେଶରୀ ଯା ହୁରଣେ କମ୍ପେ
ବିଶ୍ୱ-ପ୍ରକମ୍ପନ କାଳ,
ନ ଜାଣିଲୁ ବତ୍ସ— ଢାଲ ରୂପେ କରେ
ଯୁବାଙ୍କୁ ସଦା ଉଢ଼ାଳ ।
ଏ କେଶରୀ ଥାଉଁ ବୀର କିଶୋରର
ବିପଦ-କରୀ-କେଶରୀ,
କାର୍ଯ୍ୟେ ଥାଏ, ରକ୍ଷା ନାହିଁ ଟି ଯେଉଁଠାରେ
ମାନସେ ଦ୍ରୋହ ଆଚରି ।"

ଏଥିରୁ କାବ୍ୟରେ ସିଂହର ସ୍ଥାନ, ଆବଶ୍ୟକତା ଓ ପ୍ରାଧାନ୍ୟ ଅତ୍ୟନ୍ତ ସ୍ପଷ୍ଟ ହୋଇଅଛି । ତେଣୁ ଯଯାତି ସ୍ଥାପିତ ବଂଶର ନାମ କରଣ "କେଶରୀ ବଂଶ" ହେବା ଯେପରି ଯୁକ୍ତିଯୁକ୍ତ ସେପରି ଆବଶ୍ୟକ । "କେଶରୀ" ଶବ୍ଦଟି ଇତିହାସ ପୃଷ୍ଠାରୁ ଉଠାଇ ନେଇ ନିଜ ଉଚ୍ଚ ପରିକଳ୍ପନା ବଳରେ ଯେଉଁ ସତ୍ୟ-ଚମତ୍କାରିଣୀ ଗାଥାର ଉପସ୍ଥାପନ କରିଛନ୍ତି ତାହାର ପ୍ରତିଦାନ କୃତଜ୍ଞତା ବ୍ୟତୀତ ଅନ୍ୟ କିଛି ହୋଇ ନ ପାରେ । ରାଧାନାଥଙ୍କର ତୂଳିରେ ଏପରି କୃତିତ୍ୱ ନ ଦେଖି ଇତିହାସର ବିଭ୍ରାଟ ହେଲା ବୋଲି ଯେ ନିନ୍ଦା କରେ ସେ ଉପେନ୍ଦ୍ର ଭଞ୍ଜଙ୍କ ଭାଷାରେ ସାହିତ୍ୟ କାନନର ମର୍କଟ ହୋଇ ନାରିକେଳର ରସ ଗ୍ରହଣ କରିବାକୁ ଅସମର୍ଥ । କେଶରୀର କୃତି ଏତିକରେ ସମାପ୍ତ ନୁହେ । ଯେଉଁ ରଙ୍ଗଭୂମିରେ ଯଯାତି ପ୍ରାଣତ୍ୟାଗ କରିଥାନ୍ତେ ତାହା ବିବାହ-ପୂତସ୍ଥଳୀରେ ପରିଣତ ହେଲା । ରାଜା ହିରଣ୍ୟବର୍ମ ଯଯାତିଙ୍କ କରରେ କୁମାରୀ କର ଦେଇ "ଯୌତୁକ ସ୍ୱରୂପେ ହସ୍ତ ହି" ତାଙ୍କର ରାଜ୍ୟ ସମ୍ପଦକୁ ପ୍ରଦାନ କଲେ । ଏହି ଅନନ୍ତର ଉତ୍ସବ ସମୟରେ ମଧ୍ୟ କେଶରୀର ଜ୍ୟୋତିଃପୂର୍ଣ୍ଣ ଦର୍ଶନରେ ସମସ୍ତେ ଆଶ୍ଚର୍ଯ୍ୟାନ୍ୱିତ ହେଲେ । କବିଙ୍କ ତୂଳିରେ ତାହା ଅତ୍ୟନ୍ତ ନୟନ-ମନ-ଲୋଭା ହୋଇଅଛି । "ନବୋଦିତ ରବି ଉପରେ" "ବୃତ୍ତଭାସାକାର ବ୍ରହ୍ମାଣ୍ଡ ମୁକୁର" ପରି "ସ୍ୱର୍ଣ୍ଣ-ବର୍ଣ୍ଣ କେଶରୀର" ଆବିର୍ଭାବ ହେଲା । ସେହି କେଶରୀ ଉପରେ "ବିଶାଳ ତ୍ରିଶୂଳ ଧାରିଣୀ" "ସିଂହବାହିନୀ ବିରଜା" । ଦେବୀଙ୍କ ଦର୍ଶନ ଲାଭ କରି ଜନସାଧାରଣ ଜୟରବରେ ଆକାଶ ଅବନୀ କମ୍ପନ କଲେ । ଶେଷରେ କବି ତାଙ୍କର ଶେଷ ଉଦ୍ଦେଶ୍ୟଟିକୁ ପ୍ରାଞ୍ଜଳ କରିବା ନିମନ୍ତେ କହିଛନ୍ତି—"କେଶରୀ ଆରାଧି ଧରି ବୀର-ମଣି ପାଳିଲେ ସୁଖେ ଉତ୍କଳେ" କେଶରୀ ବଂଶର ପ୍ରତିଷ୍ଠାକୁ କାବ୍ୟରୂପେ ପ୍ରକଟନ କରି ରାଧାନାଥ ଇତିହାସ ପନ୍ଥାରୁ ବହୁଦୂର ଭ୍ରଷ୍ଟ ଯାଇଛନ୍ତି ସତ୍ୟ ମାତ୍ର ରାଧାନାଥଙ୍କୁ ଐତିହାସିକରୂପେ କିମ୍ବା ଯଯାତି କେଶରୀ କାବ୍ୟକୁ ଇତିହାସ ରୂପେ ପାଠ କରିବା ସାହିତ୍ୟ-ରସିକ ପକ୍ଷେ ମୂଢ଼ତାର କାର୍ଯ୍ୟ ।

କ୍ଷତ୍ରବଂଶଜାତ, ମଗଧ ନିବାସୀ ଦୁଇଟି ଯାମଳ ଭାଇ ଭଉଣୀ ବିରଜା ଦେବୀଙ୍କ ପାଦପଦ୍ମ ଧ୍ୟାୟି ବୈତରଣୀ ତଟରେ ରହିଥିଲେ । ସେ ଦୁହିଁଙ୍କର ଅନ୍ୟଗତି ନ ଥିଲା, କାରଣ ସେମାନେ ଶୈଶବରୁ ମାତୃହୀନ ଓ ସାବତ ମାତାର କ୍ରୂର ମନ୍ତ୍ରଣାରେ ପିତାଙ୍କ ଦ୍ୱାରା ଅନାଦୃତ । ନିଜ ଦେଶରେ ଆଶ୍ରୟ ନ ପାଇ, ନିଜ ଜୀବନକୁ ରକ୍ଷା କରିବା ଆଶାରେ ସେହି ଦୁଇଟି ଯୁବକ ଓ ଯୁବତୀ ପଳାଇ ଆସିଥିଲେ । ସେମାନେ ବୈତରଣୀକୁ ଆସିବା ପୂର୍ବରୁ ଆଉ କେତେ ଦେଶ ପର୍ଯ୍ୟଟନ କରିଥିବାର ଅନୁମିତ ହୁଏ । ଭାଇ ଭଉଣୀ ଦୁହିଁଙ୍କର ରୂପ ଏକାପରି । ଯୌନ ପ୍ରଭେଦ ଛଡ଼ା ସେମାନଙ୍କର ରୂପରେ କି ବର୍ଣ୍ଣରେ ଅନ୍ୟ କୌଣସି ପାର୍ଥକ୍ୟ ନ ଥିଲା । ପୁଣି ସେହି ଯୌନ ପ୍ରଭେଦକୁ ମଧ୍ୟ ବିମଳାର ପୁରୁଷ ବେଶ ଲୁକ୍କାୟିତ କରି ରଖି ପାରିଥିଲା । ବିମଳା କାହିଁକି ପୁରୁଷ ବେଶ ଧାରଣ କରିଥିଲା ତାହାର କାରଣ କାବ୍ୟରେ ଉଲ୍ଲେଖ କରା ଯାଇ ନାହିଁ । କିନ୍ତୁ ପରିସ୍ଥିତିରୁ ଅନୁମାନ କରା ଯାଇ ପାରେ ଯେ ବିମଳା ବିଦେଶରେ ପୁରୁଷ ରୂପରେ ରହି ନିଜକୁ ଅଧିକ ନିରାପଦ ମନେ କରୁଥିଲା । ନିଜେ ଭାଇ ନିକଟରେ ଥିଲେ ସୁଦ୍ଧା ଅନେକ ସମୟରେ ତାକୁ ଏକୁଟିଆ ମଧ୍ୟ ରହିବାକୁ ହେଉଥିଲା । ତେଣୁ ବିମଳାର ପୁରୁଷ ବେଶ ଧାରଣ ଅତି ସ୍ୱାଭାବିକ । ଏହି ପୁରୁଷ ବେଶ ହେତୁ ଯାମଳଦ୍ୱୟଙ୍କର କିଛି ହେଲେ ପ୍ରଭେଦ ଜଣାଯାଉ ନ ଥିଲା । ଏକ ରୂପରେ, ଏକ ବେଶରେ ରହି ଏକ ପାନ୍ଥ ବୃତ୍ତି ଅବଲମ୍ବନ କରି ସେହି ନିକାଞ୍ଚନ ବୈତରଣୀ କୂଳରେ କାଳ ଯାପନ କରୁଥିଲେ । ଦୁହିଁଙ୍କର ରୂପର ଐକ୍ୟକୁ କବି ଶେଷରେ ଦୁଇଟି ଉପମା ଦେଇ କହିଛନ୍ତି-"ଏକ ବୃନ୍ତେ ବେନି ପୁଷ୍ପ କି ସେ ଏକ ମୃଣାଳେ ବେନି କମଳ" ।

ବର୍ଣ୍ଣିତ ପରିପାର୍ଶ୍ୱ, ପରିସ୍ଥିତି ପ୍ରକଟନ ପରେ ରାଧାନାଥ ସେକ୍‌ସପିୟରଙ୍କ ଠାରୁ ଯେତେ ଭିନ୍ନ ଓ ମୌଳିକ ହୁଅନ୍ତୁ ପଛକେ ଭାଇ ଭଉଣୀଙ୍କୁ ଯାମଳ କରି ରୂପର ଐକ୍ୟ ପ୍ରଦାନ କରିବା ଭାବ ଯେ ସେ ଇଂରାଜ କବିଙ୍କ "ଦ୍ୱାଦଶରାତ୍ର" ନାଟକର ଗ୍ରହଣ



Digitized by srujanika@gmail.com

# ଯଯାତି କେଶରୀ

କହିଛନ୍ତି ସେଥିରେ ସନ୍ଦେହ ନାହିଁ । ସେହି ନାଟକର ସେବାଷ୍ଟିଆନ ଓ ଭାୟୋଲା ସଙ୍ଗେ ଯଯାତି ଓ ବିମଳାର ତୁଳନା କଲେ ଏହା ସ୍ପଷ୍ଟ ହେବ । ସେ ଦୁହେଁ ଯାମଳ ଭାଇ ଭଉଣୀ ଓ ଭାୟୋଲା ବିମଳା ପରି ପୁରୁଷର ବେଶରେ ଆବୃତା ହୋଇ ଠିକ୍ ସେବାଷ୍ଟିଆନ ପରି ଦେଖା ଯାଉଥିଲା । ରାଧାନାଥ ଯଯାତି କେଶରୀ କାବ୍ୟକୁ 'ଦ୍ୱାଦଶରାତ୍ର" ଅନୁରୂପ ତୋଳି ନାହାନ୍ତି ସତ୍ୟ, ମାତ୍ର ପ୍ରେମ ଆଦାନପ୍ରଦାନରେ ଗୁପ୍ତ ପ୍ରେମ ଜନିତ ସେହି ପ୍ରାଥମିକ ବାଧା ଓ ମଧୁର ପରିଣାମର ଭାବ ଓଡ଼ିଆ କାବ୍ୟରେ ଦୃଷ୍ଟିଗୋଚର ହେବ ତାହା ଉକ୍ତ ଇଂରାଜୀ ନାଟକରୁ ସ୍ୱୀକୃତ ବୋଲି କହିବାର ଯଥେଷ୍ଟ କାରଣ ଅଛି । ଲଳିତା ଯେପରି ଜଣେ ନାରୀକୁ ପୁରୁଷ ରୂପରେ ଦେଖି ପ୍ରଥମ ଦୃଷ୍ଟିଗୋଚରରେ ପ୍ରେମାବଦ୍ଧ ହୋଇ କହି ପକାଇ ଥିଲା, "କୁମାର ନୋହିଲେ ଲେଖାଅଛି, ମୋର ଲଲାଟେ ଚିର କୌମାର" ସେହିପରି ଭାୟୋଲାକୁ ସେସାରିଓର ପୁରୁଷ ବେଶରେ ଦେଖି ଅଲିଭିୟା ନିଜ ପ୍ରେମକୁ ଅଯାଚିତ ଭାବେ ଦାନ କରି ପରିଶେଷରେ ଭୁଲକ୍ରମେ ଭାୟୋଲାର ଭାଇ ସେବାଷ୍ଟିଆନଙ୍କୁ ନିଜ ପତିରୂପେ ପ୍ରାପ୍ତ ହେଲା ଓ ଏହି ଭୁଲ ପଛରେ ବୁଝିପାରି ସେ ଦୁଃଖିତ ନ ହୋଇ ପରମ ସନ୍ତୋଷ ଲାଭ କଲା । ବିମଳା ବୋଲି ଭାବି ସେହିପରି ଲଳିତା ଯଯାତିଙ୍କୁ ପାଇଲା, ମାତ୍ର ଯଯାତିର ପ୍ରେମ-ଚେଷ୍ଟାରେ କୃତ୍ରିମତା ଓ ମିଥ୍ୟାଚରଣ ଥିଲା । ଲଳିତା ଏହା କେବେ ଜାଣିଲା, ପୁଣି ଜାଣିବା ହେତୁ ତାହାର ଅନନ୍ଦ କି ଦୁଃଖ ଜାତ ହେଲା । ଲଳିତା ଯଯାତିର ପ୍ରକୃତ କପଟତା ଓ ଯୌନ ପରିବର୍ତ୍ତନ ବୃତ୍ତାନ୍ତ ମିଥ୍ୟା ବୋଲି ଜାଣିଥିଲେ ବିମଳାଠାରେ ଥିବା ପ୍ରେମକୁ ଫେରାଇ ଆଣି ଯଯାତିଙ୍କୁ ଦେବାକୁ ସମର୍ଥା ହୁଅନ୍ତା କି ନାହିଁ ଜଣାଇବାକୁ କବି କାବ୍ୟରେ କୌଣସି ଚେଷ୍ଟା କରି ନାହାନ୍ତି । ଲଳିତା ପ୍ରଥମେ ବିରଜା ମନ୍ଦିରରେ ଯଯାତିଙ୍କୁ ଯଦି ଦେଖିଥାନ୍ତେ (କିମ୍ବା ଯଦି ଯଯାତିଙ୍କୁ ଲଳିତାଙ୍କ ଠାରୁ ଲୁଚାଇ ଥାନ୍ତେ) ତେବେ ବିମଳାଙ୍କୁ 'ଯୋଗୀ' ବେଶରେ ଦେଖି ତାଙ୍କ ମନରେ ଯେଉଁ ଶୃଙ୍ଗାର ଭାବ ଉଦୟ ହୋଇ ଥିଲା ସେହି ଭାବ ନିଶ୍ଚୟ ଜାଗ୍ରତ ହୋଇ ଥାନ୍ତା । ମାତ୍ର ସେକ୍ସପିୟରଙ୍କ ନାଟକର ଛାୟାରେ ସେ ବିମଳାକୁ କାବ୍ୟରେ ସ୍ଥାନ ଦେଇ ପ୍ରେମର ବିମଳ ଓ ନିସର୍ଗ ଧାରାକୁ କଳୁଷିତ ଆବିଳ କରିଦେଇ ଅଛନ୍ତି ପୁଣି ବିମଳାକୁ ନାରୀ ବୋଲି ଜାଣିବା ପରେ ମୁଗ୍ଧା ଲଳିତାର ଭାବଭଙ୍ଗୀ, କାର୍ଯ୍ୟ-କଳାପ, ଆଚାର ବ୍ୟବହାରକୁ ଲକ୍ଷ୍ୟ କଲେ ମନରେ ସେ ସବୁ ଅସମ୍ଭବ ଓ ଅସ୍ୱାଭାବିକ ପରି ପ୍ରତୀତ ହେଉଛି ।

ସେକ୍ସପିୟରଙ୍କ ଦ୍ୱାଦଶରାତ୍ର କଥାଟିକୁ ଆଉ ଟିକିଏ ଅନୁସରଣ କରି ଅନ୍ୟ ପରିସ୍ଥିତି ସୃଜନ ଦ୍ୱାରା ବିମଳା ପରିବର୍ତ୍ତେ ଯଯାତି ଲଳିତାର ଲଭ୍ୟ ହୋଇଥିଲେ କାବ୍ୟଟି ଅଧିକ ଅଧିକ ସୁନ୍ଦର, ସ୍ୱାଭାବିକ ଓ ଚିତ୍ତବିନୋଦକ ହୋଇ ପାରିଥାନ୍ତା । ବିମଳାକୁ ଏତେ ଶୀଘ୍ର ସ୍ତ୍ରୀ ବୋଲି ଚିହ୍ନାଇ ଦେଇ ଲଳିତା ସଙ୍ଗରେ କପାଳେଶ ଦୁର୍ଗକୁ ପଠାଇବା ଦ୍ୱାରା କବି କାବ୍ୟଟିର ସୌନ୍ଦର୍ଯ୍ୟ କ୍ଷୁଣ୍ଣ କରି ଅଛନ୍ତି । ପୁଣି ରାଜନନ୍ଦିନୀ ଲଳିତାକୁ ବିମଳାର ପାର୍ଶ୍ୱଶାୟିନୀ କରି ଅତିଶୟ ହୀନ, ଘୃଣ୍ୟ ଓ କାମଲାଲସାପଙ୍କିଳ ପ୍ରେମ ଧାରାରେ ବୁଡ଼ାଇଛନ୍ତି ।

ଯାହା ହୋଇ ପାରିନାହିଁ ସେ ବିଷୟରେ ଚିନ୍ତା କରିବାରେ କିଛି ଲାଭ ନାହିଁ । ଆଉ ଦୁଇଟି ଅସ୍ୱାଭାବିକତା କାବ୍ୟରେ ପାଠକେ ଦେଖି ପାରିବେ । ବିମଳା ଓ ଲଳିତାର ସୁଦୀର୍ଘ ପ୍ରେମାଳାପରେ ବିମଳାର ପ୍ରକୃତ ପରିଚୟ ପୁଣି ଯଯାତିର ଅସ୍ତିତ୍ୱ ବିଷୟ ଲଳିତାକୁ ଜଣାଇ ଦିଆ ଯାଇନାହିଁ, ବରଂ ବିମଳା ପ୍ରକାରାନ୍ତରେ ଲଳିତାଙ୍କୁ ନିଜର ପରିଚୟ ଦେବାକୁ ଯାଇ ମିଥ୍ୟାରେ କହିଛି —

"ଦେଶ ଦେଶାନ୍ତରେ ଏକାକିନୀ ଭ୍ରମେ
ବୈରାଗୀ ବ୍ରତ ଆଚରି !"

ତା ପରେ ସେ ନିଜ ବିଷୟ ଯାହା ଯାହା କହିଛି ତହିଁରେ ଏକ ବଚନର ପ୍ରୟୋଗ କେବଳ ଦେଖାଯାଏ । "ନିକାଞ୍ଚନେ ରହି ବନ ଗମନ," "ପର୍ଣ୍ଣଶାଳା ରଚି କରୁଅଛି ଅବସ୍ଥିତି" ଏହି ସବୁ କ'ଣ ସେ ଏକା କରୁଥିଲା ? ଏପରି କଥୋପକଥନ ବେଳରେ ରମଣୀ ନିଜର ଏକ ମାତ୍ର ଭାଇ ଯଯାତି ବିଷୟ କହିବା ଅତିଶୟ ସ୍ୱାଭାବିକ । ମାତ୍ର ସେହି ସ୍ୱାଭାବିକ ମାର୍ଗକୁ ଛଡ଼ାଇ କବି କହିଛନ୍ତି, "ଯଯାତିର କଥା ପ୍ରସଙ୍ଗ ବିମଳା ନ କଲା ତହିଁ ପ୍ରକାଶ — ଆନ କଥା ଘେନି ନାନା ମତେ ତେନି କଲେ ହାସ ପରିହାସ"। କାବ୍ୟର ପରିସ୍ଥିତି ସୃଜନରେ କବିଙ୍କର ପୂର୍ଣ୍ଣ ଅଧିକାର ଅଛି ସତ, ମାତ୍ର "ମେରି ଯାଏ" ନୀତି ଯେପରି ଲୋକ ଶାସନର ପରିପନ୍ଥୀ, ଅସ୍ୱା-ଭାବିକ ସୃଷ୍ଟି ସେହିପରି କାବ୍ୟ ଜଗତ ଶାସନରେ ଅସଙ୍ଗତ ଓ ପ୍ରତିବନ୍ଧମୂଳକ । ଯଯାତିର କଥାପ୍ରସଙ୍ଗ ତହିଁ ପ୍ରକାଶ ନ କରିବାରେ ବିମଳାର କୌଣସି କାରଣ ନାହିଁ କି କବିଙ୍କର କୌଣସି ଅଧିକାର ନାହିଁ । ବିରଜା ଦର୍ଶନ ସମୟରେ ଯଯାତି ଲୁକ୍କାୟିତ ରହି ଶେଷ ପର୍ଯ୍ୟନ୍ତ ଦେଖା ନ ଦେଇ ଲଳିତାର ଅଦର୍ଶନ ପରେ ତାହାର ପ୍ରେମ ପାଇ ଝୁରି ହେବା ଦେଖି ଯଯାତି ନିପଟ ଓଲୁ ଓ ବୋକା ବୋଲି ଭାବିବାକୁ ପାଠକଙ୍କର ପୂର୍ଣ୍ଣ ଅଧିକାର ଅଛି । ଯଯାତି କି ଅନ୍ତଃପୁରବାସିନୀ ନୁହନ୍ତି । ସେ କାହିଁକି ଲଳିତାର ଦୃଷ୍ଟିରୁ ଶେଷ ପର୍ଯ୍ୟନ୍ତ ଲୁକ୍କାୟିତ ରହି ତାଙ୍କ ବିରହରେ ଛଟପଟ ହେବେ ? ପ୍ରେମିକ କି କେବେ ଏପରି ମୂର୍ଖର କାର୍ଯ୍ୟ କରେ ? ଦୁଷ୍ମନ୍ତ କି ତାହା କଣ୍ୱଙ୍କ ଆଶ୍ରମରେ କରିଥିଲେ ? ଯଯାତିଙ୍କର ଯଥେଷ୍ଟ ଧୈର୍ଯ୍ୟ ଥିଲା । ସେ ଭୀରୁ ନ ଥିଲେ ପୁଣି ପ୍ରେମକୁ ନିଜର ଆୟତ୍ତ କରିବାକୁ ତାଙ୍କର ଯଥେଷ୍ଟ ବୁଦ୍ଧି ଥିଲା — ଏହା ପରବର୍ତ୍ତୀ ଘଟଣା ସମୂହରୁ ଜଣା ଯାଏ । ତେବେ ତାଙ୍କୁ ରାଣୀଅନ୍ତଃପୁରର ଅସୂର୍ଯ୍ୟମ୍ପଶ୍ୟା ରାଜକନ୍ୟା ପରି ମନ୍ଦିର ଓହାଡ଼ରେ ଲୁଚିବାର କାରଣ କ'ଣ ? ଯଯାତି କ'ଣ ଲଳିତାର ଧାରିଧ ବେଶ ଦେଖି ଭ୍ରାନ୍ତ ହେଲେ ? ତାହା ହେଲେ ସେ କାବ୍ୟର ନାୟକ ଓ କେଶରୀ ବଂଶର ପ୍ରତିଷ୍ଠାତା ହେବାକୁ କିପରି ଯୋଗ୍ୟ ହୋଇ ପାରିବେ ? ଯଯାତିଙ୍କୁ କାବ୍ୟର ବୀର କରି ସୁଦ୍ଧା ପ୍ରଥମ ଦର୍ଶନରେ ପାଠକଙ୍କୁ ଯଯାତି ମନ୍ଦିର ମଧ୍ୟରେ ଫୁଲ ଗୁନ୍ଥି ଥିବା ଜଣା ଯାଉଅଛି । ଫୁଲ ଗୁନ୍ଥିବା ଗୁନ୍ଥି,



Digitized by srujanika@gmail.com

ଲଳିତାର ଆସିବାର ଦେଖି ସେ କୌଣସି ଏକ କୋଣରେ ଲୁଚି ଗଲେ । ଏହା ଯେପରି ଯଯାତି ପକ୍ଷରେ ଅସ୍ୱାଭାବିକ ସେପରି କବିଙ୍କ ପକ୍ଷରେ ଅନ୍ୟାୟମୂଳକ । ଅବଶ୍ୟ ବିରଜାଙ୍କ ଭକ୍ତ ହିସାବରେ ଦେବୀଙ୍କୁ ଦାସ ଫୁଲ ଗୁନ୍ଥି ଦେବାରେ କିଛି ଅଯୌକ୍ତିକତା ନ ଥାଇ ପାରେ । ମାତ୍ର ବିମଳା ଯେ ତବେଳେ ଯଯାତିର ସହବାସିନୀ ସେତେବେଳେ ଏହି ଫୁଲଗୁନ୍ଥା କାର୍ଯ୍ୟଟି ବିମଳା ଭାଗରେ ପଡ଼ିଥିଲେ ଅଧିକ ସୁନ୍ଦର, ଅଧିକ ସ୍ୱାଭାବିକ ଓ ଅଧିକ ଲଳିତ ହୋଇଥାନ୍ତା । ଯେଉଁ କ୍ଷତ୍ରିୟ ବୀର ନାରୀର ନିଷ୍ଠୁର ମରଣକୁ ଉଲାଙ୍ଘି ପରିମାଣ ଲକ୍ଷ୍ୟ ନ କରି ବୀରର ମରଣ ନିମନ୍ତେ ସପ୍ତ ଅଶ୍ୱବ ରଙ୍କ ସଙ୍ଗେ ଯୁଦ୍ଧ କରିବାକୁ ପରେ ଇଚ୍ଛା କଲେ, ସେହି ବୀରଙ୍କୁ ଅମ୍ଭେ ପ୍ରଥମେ ଜଣେ ଫୁଲଗୁନ୍ଥା ମାଳିନୀ ଓ ଅବରୋଧ-ବୃଦ୍ଧା ନାରୀ ରୂପେ ସାହିତ୍ୟରେ କାଳିମା ଲଗିଛି ବୋଲି ପାଠକଙ୍କ ମନରେ କ୍ଷୋଭ ଓ ଅତୃପ୍ତି ଜାତ କରାଇବା ଖୁବ ସମ୍ଭବ ।

ଯେ କୌଣସି କାର୍ଯ୍ୟରେ ଜାଣିରେ ହେଉ ବା ଅଜାଣିରେ ହେଉ ଗୋଟିଏ ଦୋଷ ଘଟିଗଲେ ତାହାର ଅନୁଷଙ୍ଗିକ ରୂପେ ଅନ୍ୟ ଦୋଷ ଗୁଡ଼ିକ ତ ପଛକୁ ତା ପଛ ଗୋଡ଼ାଇ ଥାନ୍ତି । ଯଯାତିଙ୍କ ସହିତ ଲଳିତାର ଯେଉଁ ପ୍ରେମ ପରିଣୟ ପରେ ଦିଆ ଯାଇଛି ତାହା ପ୍ରେମରାଜ୍ୟରେ ଦୋଷାବହ ଅଟେ । ଦୈହିକ ପ୍ରେମ ପାଇଁ ଯଯାତିଙ୍କୁ କେହି ଦୋଷ ଦେଇ ନ ପାରେ । ନାଗରୀ ବଜାଇ କୌଣସି ନାୟକ ନାୟିକା ପ୍ରେମ କରେ ନାହିଁ । ସେପରି କଲେ କାବ୍ୟର ଶୃଙ୍ଗାର ନଷ୍ଟ ହୋଇ ଯାଏ ଓ ବୈଦେହିକ ବିବାହ ପରି ସେହି ପ୍ରଣୟ ସ୍ୱାଦୁହୀନ ଓ ରୋମାଞ୍ଚହୀନ ହୁଏ । ଯୁବକ ଯୁବତୀର ମିଳନ ଅନ୍ତତଃ କାବ୍ୟ ରାଜ୍ୟରେ ଗୋପନରେ କେବଳ ଘଟେ, ପୁଣି ପୌରୋହିତ୍ୟର ଅପେକ୍ଷା ନ କରି କାନ୍ତ କାନ୍ତାଙ୍କ ମିଳନ ଯେତେ ଅବୈଧ ବୋଧ ହେଲେ ସୁଦ୍ଧା ପରଶେଷରେ ତାକୁ ବୈଧାନିକତାର ଆକାର ଦିଆ ଯାଏ । ଗାନ୍ଧର୍ବ ବିଧାନରେ ରାଜାନ୍ତଃପୁରରେ ଲଳିତା ଯଯାତିର ଯେଉଁ ଗୁପ୍ତ ପ୍ରଣୟର ଲୀଳା କବି ବର୍ଣ୍ଣନା କରି ଅଛନ୍ତି ସେଥିରେ ନୀତି ପ୍ରଚାରକ ନାସାକୁଞ୍ଚନ କରି ପାରନ୍ତି, ମାତ୍ର କବିଭାବୁକତା ସେପରି ସୁଯୋଗର ସଦ୍ବ୍ୟବହାର କରିବାକୁ ଛାଡ଼େ ନାହିଁ କି କଳାରସିକ ତାହାର ନିନ୍ଦା କରେ ନାହିଁ । ବାଣାସୁରଙ୍କ ଗୃହରେ ଅନିରୁଦ୍ଧଙ୍କ ପ୍ରବେଶ, ଶକୁନ୍ତଳାଙ୍କ ସଙ୍ଗେ ଦୁଷ୍ମନ୍ତଙ୍କ ସମ୍ମେଳନ ଓ କୁଲଥଟ କଷର ଗବାକ୍ଷ ତଳେ ରୋମିଓର ଅଭିସାରକୁ ଲକ୍ଷ୍ୟ କରି କୌଣସି ସମାଲୋଚକ କବିଙ୍କୁ ନିନ୍ଦା କରିବା ଶୁଣା ଯାଇ ନାହିଁ, ବରଂ ସେହି ପ୍ରେମର ସୁସ୍ୱାଦୁ ମାଧୁରୀ ଅନୁଭୋଗ କରି ପାଠକମାନେ ଆନନ୍ଦିତ । ଯଯାତି ସେହିପରି ଲଳିତାର ଅଙ୍ଗ ସଙ୍ଗ ଲାଭ କରିବାରେ ତାହାର କିଛି ଅପରାଧ ନ ଥାଇ ପାରେ, ମାତ୍ର ଯଯାତିଙ୍କର ପ୍ରତାରଣା ଅନ୍ୟମାନଙ୍କ ନିକଟରେ ନ ହୋଇ ସ୍ୱୟଂ ଲଳିତା ଠାରେ ହୋଇଥିଲା । ଏହି ଅପରାଧ ନିମନ୍ତେ ଘଟଣା ଚକ୍ର ଯଦି ଦାୟୀ ହୋଇଥାନ୍ତା ତେବେ ଯଯାତି ନିନ୍ଦାରୁ ମୁକ୍ତି ଲାଭ କରିପାରିଥାନ୍ତେ । ଅନେକ ସେପେରୁଓ ପରିବର୍ତ୍ତେ ସେବାସ୍ଥଳକୁ ସେସେରଓ ରୂପରେ ଲାଭ କରି ଯେଉଁ ଭୁଲ କଲା ସେ ଭୁଲ ନିମନ୍ତେ ଘଟଣା ଚକ୍ର ବ୍ୟତୀତ ଆଉ କେହି ଦାୟୀ ନ ଥିଲେ । ମାତ୍ର ଯଯାତିର କଥା ଅନ୍ୟ ପ୍ରକାର । ସେ ନିଜେ ଯୌନ ପରିବର୍ତ୍ତନର ଗୋଟିଏ ଅଦ୍ଭୁତ କାହାଣୀ କଳ୍ପନା କରି ଲଳିତାର ମନରେ ଗୋଟିଏ ବିଶ୍ୱାସ ଜନ୍ମାଇଲା ଯେ ସେ କେବଳ ବିମଳା ବ୍ୟତୀତ ଆଉ କେହି ନୁହେ । ଏହି ପ୍ରତାରଣାରେ ପଡ଼ି କେବଳ ଲଳିତା ଯଯାତିର ପ୍ରଣୟ ପାଶରେ ଆବଦ୍ଧା ହେଲା । ତା ନ ହେଲେ ଯେ ନ ହୁଅନ୍ତା ଏପରି କିଛି ଅସାମ୍ଭାବ୍ୟତା ନ ଥିଲା । ଲଳିତାର ମନ ଯେପରି ବିମଳାର ପୁରୁଷ ରୂପରେ ଆକୃଷ୍ଟ ଥିଲା ବିମଳାକୁ ପୁରୁଷ ରୂପେ କଳ୍ପନା କରି ସେ ଯେଉଁ ପ୍ରେମରସ ଲାଭ କରିବା ପାଇଁ ଯତ୍ନ କରି ବାସ୍ତବତା ହେତୁ ଅକୃତକାର୍ଯ୍ୟ ହେଉଥିଲା; ଯଯାତି ବିମଳା ବେଶରେ ଯାଇ ନିଜର ପ୍ରକୃତ ସ୍ୱରୂପ ପ୍ରଣୟିନୀକୁ ଦେଖାଇଥିଲେ ଲଳିତା ସେହି ପ୍ରେମକୁ ପ୍ରତ୍ୟାଖ୍ୟାନ କରନ୍ତା ବୋଲି ମନେ ହୁଏ ନାହିଁ । ଅନ୍ତତଃ ଏତିକି ଯଦି କବି କରି ପାରିଥାନ୍ତେ ତେବେ ଯଯାତି କେଶରୀ କାବ୍ୟର ପ୍ରେମାମୃତକୁ ସୁବର୍ଣ୍ଣ ପାତ୍ରରେ ପରଶି ପାଠକଙ୍କୁ ଅପ୍ୟାୟିତ କରନ୍ତେ, ମାତ୍ର କବିବରଙ୍କ ଭାଗ୍ୟରେ ଏହି ପ୍ରଶଂସା ବିଧି ଦେଇ ନ ଥିଲେ, ତେଣୁ ସେ ପ୍ରେମର ସୁସ୍ୱାଦୁ ଅମୃତ ଧାରକୁ ଅପରିଷ୍କୃତ ଆଧାରରେ ରଖି ଆବିଳ କରି ଦେଲେ ।

ଯଯାତିଙ୍କ ପ୍ରତାରଣାଚରଣ ଅପରାଧ ଏତିକି କ୍ଷମା ଯୋଗ୍ୟ ଯେ ସେ ଲଳିତାର ପ୍ରେମରେ ପ୍ରଥମ ଦୃଷ୍ଟିପାତ ମାତ୍ରେ ପତିତ ହୋଇଥିଲେ । ବିମଳା ଠାରୁ ରାଜକୁମାରୀଙ୍କ ହାବଭାବ ବୁଝି ସ୍ଥିର କଲେ ଯେ ପ୍ରତାରଣା ନ କଲେ ତାଙ୍କ ପକ୍ଷେ ଲଳିତାର ଲଳିତ ବପୁ ଲାଭ ଅସମ୍ଭବ । ଯଯାତି ପ୍ରେମିକାର ପ୍ରଥମ ଦର୍ଶନଦିବସାବଧି ବିରହରେ ଅଧୀର ହୋଇ ଯାଇଥିଲା । ଯେତେବେଳେ ସେ ବିରଜା ମନ୍ଦିରରେ ଲଳିତାକୁ ଦେଖିଲା ସେତେବେଳେ ତାହାର ପ୍ରେମ ଉଦିତ ହେଲା ପୁଣି "ଦେଖି ସେହିକ୍ଷଣି ବିନାମୂଲ୍ୟେ ନିଜ ହୃଦୟକୁ ଦେଲା ବିକି," ପୁଣି

"ଅସମ୍ଭାଳେ ତାର ମନ ଲାଖିଗଲା
ମୋହିନୀର ମୃଦୁ ଧ୍ୟାନେ
ଲୌହ ଯଥା ଅହା ଅୟସ୍କାନ୍ତମଣି
ଶଲାକାର ଆକର୍ଷଣେ ।"

ତା ପରେ ଭାରତୀଙ୍କର ଆଶ୍ରୟ କରି କବି ଯେଉଁ ରୂପରେ ବର୍ଣ୍ଣନା କରି ଅଛନ୍ତି ନିଆରୁ ନାସିକା ଯାଏ ସେହି ରୂପ ଅତୃପ୍ତ ଅନିମେଷ ନୟନରେ ଯଯାତି ଚାହିଁ ରହିଥିଲା । ଫୁଲଧନୁ ତାହାର କାର୍ଯ୍ୟ ଆରମ୍ଭ କରି "ନିର୍ଦ୍ଦୟେ ସେ ଶରେ ବିନ୍ଧି ଯଯାତିର ହୃଦୟ କରି ଜର୍ଜର" ଠିକ ଏହି ମୁହୂର୍ତ୍ତରେ—

"ତୁନେହା ଏକାଳେ, ଯଯାତି ଅଙ୍ଗକୁ
ଅଙ୍କାରେ ଢ଼ାଳ ଗୃହିଣୀ,
ସହାସନେଲା ତା ଙ୍କ ଛଟାରେ ଖେଳା
ଖଞ୍ଜନ ଲେଉଟା ଅଣି ।"

## ଯଯାତି କେଶରୀ

ସେହି ଅଜ୍ଞାତ ଦୃଷ୍ଟିବାଣର ଫଳରେ

"ନବ ପ୍ରେମ ସ୍ରୋତ ଉଚ୍ଛ୍ୱାସେ ପଡ଼ିଲା
ଧୈର୍ଯ୍ୟତଟ ମୂଳ ଧସି"

ପୁଣି ପ୍ରେମର ସମସ୍ତ ସାତ୍ତ୍ୱିକ ବିକାର ଯଯାତି ଶରୀରରେ ଜାଗ୍ରତ ହେଲା, ଯଥା—

"ତନୁ ଲୋମାଞ୍ଚିଲା ସର୍ବାଙ୍ଗୁ ବହିଲା
ସ୍ୱେଦନୀର ଦରଦରେ
ନାସିକା ପୁଡ଼ାରୁ ବହିଲା ସଘନେ
ତପତ ଶ୍ୱାସ ପ୍ରଖରେ ।"

ଲଳିତା ସେଠାରୁ ଚାଲିଗଲା ପରେ ଯଯାତି ତାହାର ବିଷୟ ବ୍ୟତୀତ ଅନ୍ୟ ଚିନ୍ତା କରି ପାରିଲା ନାହିଁ ସତ୍ୟ ମାତ୍ର ତାହାର ତତ୍କାଳୀନ ନିଃସ୍ୱ ଅବସ୍ଥା ତାହାକୁ ଅବିଦିତ ନ ଥିଲା । ସେ ବୋଧହୁଏ ଅମ୍ବିକାଦାସର ଏହି ଅଭାବଟିକୁ ମନରେ ରଖି ଲଳିତା ସମ୍ମୁଖରେ ଦେଖା ଦେବାକୁ ପଶ୍ଚାତ୍‌ପଦ ହୋଇଥିଲା । ତାହାର ଦାରିଦ୍ର୍ୟ ତାକୁ ହତାଶ କରିପକାଇ ଥିଲା । ସେ ତେଣୁ ଭାବିଲା,

"ମୋହ ପକ୍ଷେ ନୁହେ ଆଶାର ତାରା ଏ
ଦୁରାଶାର ଉଲ୍କା ହିନା"

ତେଣୁ ସେ ନିଶ୍ଚୟ କଲା ଯେ ନୟନରଞ୍ଜନ ନବଇନ୍ଦୁ କଳାକୁ ଲୋକେ ଯେଉଁଭଳି ଦେଖନ୍ତି ସେପରି ସେ ସେହି ରୂପରାଶିକୁ ଦୂରରେ ରଖି ପ୍ରେମପୁଷ୍ପରେ ପୂଜା କରିବ । ପୁଣି ତାହାର ଆଶା ଥିଲା ଯେ "ଦିନେ ହେଲେ ହେବ ଶ୍ଳାଘ୍ୟ ଅଙ୍ଗ ବାଳା ଶ୍ରୀଅଙ୍ଗ ସେବାରେ ଆସି," ସର୍ବଦା ସେ ଲଳିତାର ସ୍ମୃତି ଚିତ୍ତର ସଙ୍ଗୀ କରି ରଖିବାକୁ ଲାଗିଲା । ଲଳିତାର ଲଳିତ ରୂପ ଛଡ଼ା ତାହାକୁ ଅନ୍ୟ କିଛି ଦିଶିଲା ନାହିଁ । "ଅନ୍ତରେ, ବାହାରେ ଆରାଧନା ଛଳ" ସୁନେତ୍ରାର ନେତ୍ରୋତ୍ପଳକୁ ମାର ଚାପେ ଯୋଖି ପ୍ରେମିକର ଅନ୍ତର ସ୍ଥାନକୁ ବିନ୍ଧୁ ଥିଲା । ମାତ୍ର ଯେ ସବୁ ଯଯାତିର ହୃଦୟରେ ଲୁକ୍କାୟିତ ହୋଇ କେବଳ ରହିଲା ତାହାର ପ୍ରକୃଷ୍ଟ ନର ଉତ୍ତମ ଯୋଗ ଆସିବା ପର୍ଯ୍ୟନ୍ତ । ଏହି ସବୁ ବ୍ୟାଖ୍ୟାର ତାତ୍ପର୍ଯ୍ୟ ଏହି ଯେ ଲଳିତାଠାରେ ଯଯାତିଙ୍କର ଯେଉଁ ପ୍ରେମ ଥିଲା ତାହା ନିଃସନ୍ଦେହ । ତେଣୁ ସେ ଏହି ପ୍ରେମକୁ ଦେବା ପାଇଁ ଯେ କୌଣସି ଅପରାଧ କରିବାକୁ ପ୍ରସ୍ତୁତ ଥିଲା । ତେଣୁ ବିମଳାଠାରୁ ସକଳ ବୃତ୍ତାନ୍ତ ଶ୍ରବଣ କରି ବିମଳାର ବେଶରେ ନିଜର କାର୍ଯ୍ୟ ସିଦ୍ଧି କରିବାକୁ ଠିକ୍ କଲା । ଲଳିତାର ସମସ୍ତ ବିଷୟ ବିମଳାଠାରୁ ଯଯାତି ଜାଣି ପାରିଲା । ପୁଣି ଯେଉଁସବୁ ଘଟଣାବଳୀରୁ ଲଳିତାର ତତ୍କାଳୀନ ଦଶା ତାକୁ ଆଉ ଅଜଣା ରହିଲା ନାହିଁ । ବିମଳା ଅବଶ୍ୟ ଲଳିତାର ପ୍ରେମ ବିଷୟ ବିଶଦଭାବରେ ଭାଇ ଆଗରେ କହିବାକୁ ସମର୍ଥ ହେଲା ନାହିଁ, ତଥାପି—

"ଲଳିତାର ଦଶା ଯଯାତି ନ ଯାହା
ଜାଣିଲା ବିମଳା ଗିରୁ
ତହୁଁ ବଳି ତାହା ଜାଣିଲା ସ୍ୱସାର
ସଲଜ୍ଜ ମୁଖ ଭଙ୍ଗୀରୁ ।
ଜାଣିଲା ଯା ହେତୁ ଉତ୍କଳେଶ ହେମା
ହୋଇଛି ଏଡ଼େ ଉତ୍ସୁକ
ଚତୁର-ଶ୍ରବଣେ ମୌନ ଠାବେ ଠାବେ
ହୁଏ ବଡ଼ ବାବଦୂକ ।"

ଚତୁର ଯଯାତି ଜାଣି ପାରିଲା ବିମଳାର ପୁରୁଷ ବେଶରେ ଅଭିଳାଷ ହୋଇ ସେ ତାକୁ ନିଜ ହୃଦୟ ବିକି ଦେଇଛି । ତାହାର ମତରେ ବିମଳାର ପୁରୁଷ ବେଶ ଯାହା ସେ ନିଜେ ତାହା । ତେଣୁ ଠିକ୍ ହିସାବରେ କୁହାଯାଇପାରେ ଲଳିତା ଯଯାତିକୁ ପ୍ରେମ କଲା । ଯଯାତିର ନିମ୍ନୋକ୍ତ-ଭାବର ତାତ୍ପର୍ଯ୍ୟ ତାହା ବୋଲି ମନେ ହୁଏ—

"ନ ଲଭି ଲଭିଛୁ ବିଶ୍ୱାସୀର ପ୍ରେମ
ଏଥିରେ ନାହିଁ ସଂଶୟ
ଅଜ୍ଞାତେ ଗୋପନେ ନେଇ ମୋ ହୃଦୟ
ଦେଇଛି ନିଜ ହୃଦୟ ।"

ଲଳିତା ତାହାର ହୃଦୟକୁ ଅବଶ୍ୟ ବିମଳାକୁ, ବିଶେଷତଃ ପୁରୁଷ ବେଶଧାରୀ ବିମଳାକୁ ବିକି ଦେଇଥିଲା । ମାତ୍ର ବିମଳା ସ୍ତ୍ରୀ ହୋଇ ତାହା କିଣିବାର ଅଯୋଗ୍ୟ । ସେହି ପ୍ରେମ କିଣିବା ଅଧିକାର ବିମଳା ରୂପ ଧାରୀ ଯଯାତିର । ତଥାପି ବିମଳାକୁ ଛାଡ଼ି ଦେଲେ ଲଳିତାର ପ୍ରେମ ପାଇବା ଅସମ୍ଭବ । ତେଣୁ ଯଯାତି ଠିକ୍ କଲା "ବିମଳାର ବେଶେ ଅନାୟାସେ ହେବି ତୋମା ପାଶେ ଉପଗତ" । ଲଳିତା ଛଦ୍ମ ବେଶଧାରୀ ଯଯାତିକୁ ପ୍ରେମପୂର୍ଣ୍ଣ ହୃଦୟରେ କୌଣସି ପ୍ରକାର ସନ୍ଦେହ ନ ରଖି ନିଜର କୃତଜ୍ଞତା ଜଣାଇବାକୁ ଯାଇ ଲଳିତା କହିଲା—

"ଏଡ଼େ ବେଗେ ପୁଣି ଦେଖା ଦେବ ଆସି
ନ ଥିଲା ଆଶା ସ୍ୱପନେ ।
ଶୁଝି ନ ପାରିବି ତୁମ୍ଭ ସ୍ନେହ ଋଣ
ହେଲି ଯାହେ ଚିରଋଣୀ,
ଏ ହୃଦୟା ରହୁ ହୃଦୟ କମଳେ
ଏତିକି ମୋର ମାଗୁଣି ।"

ଏହି କୃତଜ୍ଞ ପ୍ରେମପୂର୍ଣ୍ଣ ଉକ୍ତିର ପ୍ରତ୍ୟୁତ୍ତରରେ ଯଯାତି ତାହାର ଯୌନ ପରିବର୍ତ୍ତନର ମିଥ୍ୟା ଓ ଅସମ୍ଭବ କାହାଣୀ ଆରମ୍ଭ କଲା । ସରଳ ହୃଦୟା ଲଳିତା ବିମଳାର ପ୍ରେମରେ ଏକ ପ୍ରକାର ପାଗଳିନୀ ହୋଇ ପଡ଼ି ଥିଲା । ଯଯାତିର କାହାଣୀ ସତ୍ୟ ଅବା ମିଥ୍ୟା ତାହା ବାରିବାକୁ ତାହାର ମନ ଟିକେ ନ ଥିଲା । ବିମଳା ଯାହା ହେବା ପାଇଁ ସେ ଇଚ୍ଛା କରୁଥିଲା ସେ ଇଚ୍ଛା ଅବିକଳ ପୂର୍ଣ୍ଣ ହେବା ଦେଖି ସନ୍ଦେହ କରିବା ପାଇଁ ତା ମନରେ ଆଉ ସ୍ଥାନ ରହିଲା ନାହିଁ । ସେ ବିସ୍ମିତା ହେଲା ସତ୍ୟ, ମାତ୍ର ଆନନ୍ଦ ବିହ୍ୱଳା ହୋଇ ସେ ଯଯାତିର କଥାଟିକୁ ସମ୍ପୂର୍ଣ୍ଣ ଭାବେ ବିଶ୍ୱାସ କରି ନେଇଥିଲା ।



(୬)

Digitized by srujanika@gmail.com

"ଧୈର୍ଯ୍ୟ ହରଷ    ଏକ ପରେ ଏକ
ତ୍ୟଜି ସୁତା ହୃଦେ ଅସି
କଲେ ପ୍ରଭୁ ପଣ    ଅବଶେଷେ ତାଙ୍କ
ଲଜ୍ଜା ପଳାଇଲା ତ୍ରାସେ ।"

ବିମଳାଙ୍କୁ ପୁରୁଷ କରି ଲଳିତା ଯେଉଁ ସବୁ ଲୀଳା ମନେ ମନେ କଳ୍ପନା କରୁଥିଲା, ତାହାକୁ ପ୍ରକୃତ ପୁରୁଷ ରୂପେ ନିଜ ନିକଟରେ ଲାଭ କରି ସେହି କଳ୍ପନାକୁ ବାସ୍ତବ ଆଚରଣରେ ପରିଣତ କଲା, ଯେଣୁ

"ଲଜ୍ଜା ବଶେ ବାଳା    ଶଯ୍ୟାରୁ ଉଠାଇ
ତଳେ ମାଗି ହେଲା ଭଗ୍ନା ।"

ତାପରେ

"ପ୍ରେମ ଲଜ୍ଜା ମଧ୍ୟେ    ବଳ କଷାକଷି
ଲାଗି ପ୍ରେମଶୀଳା ମନେ,
ଶେଷେ ପଳାଇଲା    ଲଜ୍ଜା ଲାଜ ପାଇ
ଜିଣିଲା ପ୍ରେମ ଏ ରଣେ" ।

ବିମଳାଙ୍କୁ ସ୍ତ୍ରୀ ବୋଲି ଜାଣିଲା ପରେ ସୁଦ୍ଧା ତା ପ୍ରତି ପ୍ରେମାସକ୍ତା ହେବା ଅସ୍ୱାଭାବିକତା ବ୍ୟତୀତ ଲଳିତାର ପ୍ରେମ ନିବେଦନରେ ଅନ୍ୟ କିଛି ଦୋଷ ନ ଥିଲା । ସେ ଜଣେ ପ୍ରକୃତ ପ୍ରେମିକା ଓ ତାହାର ପ୍ରେମରେ ଥିଲା କୃତଜ୍ଞତା ଓ ସତ୍ୟନିଷ୍ଠା । ବିମଳା କୁମାର ନ ହୋଇ ଥିଲେ ଯାହା ଭାଗ୍ୟରେ ତାର କୌମାର ଅଛି ବୋଲି ସେ ପ୍ରେମର ପ୍ରଥମ ଅବସ୍ଥାରେ କହି ଥିଲା । ବିମଳା ପ୍ରତି ତାହାର ପ୍ରେମର କୌଣସି ଲାଘବ ହେଲା ନାହିଁ । ତାହାକୁ ପୁରୁଷ ରୂପରେ ପାଇ ଗାନ୍ଧର୍ବ ବିଧାନରେ ବିବାହ କରିବାକୁ ତାହାର ମନରେ ଟିକିଏ ହେଲେ ଦ୍ୱିଧା ରହିଲା ନାହିଁ । ସଯାତିଙ୍କୁ ଯେତେବେଳେ ପ୍ରାଣଦଣ୍ଡାର୍ଥେ ବଧ୍ୟପ୍ରାଙ୍ଗଣକୁ ନିଆ ଗଲା ସେତେବେଳେ ଲଳିତାର ରୂପ ଦେଖିଲେ, ତାହାର ଦୁଃଖ ଅନୁମାନ କଲେ ତାହାର ପତିପ୍ରେମର ନିର୍ମଳତା, ପତିଭକ୍ତିର ପରାକାଷ୍ଠା ଓ ସର୍ବୋତ୍କୃଷ୍ଟ ପତିପରାୟଣତା ଜଣାଯାଏ ।

"ପ୍ରତ୍ୟକ୍ଷ-ମୂରତିଣୀ    କରୁଣା ପରାଏ
ଜେମାର ଏ କାଳ ଛବି,
ଦେଖିଥିଲେ ନିଷ୍ଠେ    ତରଳ ଯାଆନ୍ତା
ଯେ ଗ୍ରାବା ଯେ ଅବା ପବି ।
ଯାଇ ଥିଲା ଶିଶୁ-    ସାରଙ୍ଗ-ଲୋଚନ
ନିରତେ ରୋଦନେ ଫୁଲି,
ଶିଥିଳ ପରାଣ    ହୋଇଥିଲା କି ସେ
ନିଶାନ୍ତ କଙ୍କଣିକଳ ।
ସଖୀ କରେ କର-    ପଲ୍ଲବେ ଯେ ଦେଇ
ମସ୍ତେ ଥିଲା କୃଶୋଦରୀ
ନିରାଶ୍ରୟେ ନୀରବ    ନିଷ୍ଫଳ ଆଲେଖ୍ୟ
ଲିଖିତ ପ୍ରତିମା ପରି ।"

ପତିଙ୍କ ପାଇଁ ଦୁଃଖ କରିବା ବ୍ୟତୀତ ତାଙ୍କର ଆଉ କିଛି ନ ଥିଲା । ସେ ଦୋଷୀ ଏହା ସେ ଭଲ ରୂପେ ଜାଣି ଥିଲେ । ରାଜାନ୍ତଃପୁରରେ ଜଣେ ପୁରୁଷଙ୍କୁ ପିତାମାତାଙ୍କ ଅଜ୍ଞାତସାରରେ ରଖି ତାହା ସଙ୍ଗେ ଅବୈଧ ପ୍ରଣୟ ଲୀଳା ଅପରାଧରେ ସେ ଅପରାଧିନୀ । ଏହା ବିରୁଦ୍ଧରେ କହିବା ପାଇଁ ତାଙ୍କର କିଛି ନ ଥିଲା । ନୀରବ ଅଶ୍ରୁପାତ ବ୍ୟତୀତ ତାଙ୍କର କରଣୀୟ ହୋଇ ଆଉ କିଛି ନ ଥିଲା । ସଯାତିଙ୍କର ବଧ ପରେ ଲଳିତା କ'ଣ କରିଥାନ୍ତେ ସେ ପ୍ରସଙ୍ଗ ବିସ୍ତାର କରିବା ଅନାବଶ୍ୟକ । ଭଗବତୀ ବିରଜାଙ୍କ ଅନୁଗ୍ରହରୁ କାବ୍ୟଟି ସୁଖରେ ସମାପ୍ତ ହେଲା ଓ କବି ଦୋଷ ନିର୍ମୁକ୍ତ ହେଲେ ।



Digitized by srujanika@gmail.com

# ଭାରତୀୟ ବିଦ୍ୟା

ପଣ୍ଡିତ ଶ୍ରୀ ଗୋକୁଳାନନ୍ଦ ପଣ୍ଡା ବିଦ୍ୱାନ୍

ସଂସ୍କୃତରେ ଅନେକ ମୂଲ୍ୟବାନ ଗ୍ରନ୍ଥ ରଚିତ ହୋଇଛି ଏବଂ ସେଗୁଡ଼ିକର ଅନୁବାଦ ପ୍ରାଚୀନ ଓ ପ୍ରତିଷ୍ଠିତ ଭାଷାମାନଙ୍କରେ ପ୍ରକାଶ ପାଇଛି । ଏହାର ଗୋଟିଏ ଗୋଟିଏ ଶବ୍ଦରୁ ବିବିଧ ଭାଷାମାନଙ୍କର ବହୁବିଧ ଶବ୍ଦ ଉତ୍ପନ୍ନ ହୋଇଛି । ଏହା କେବଳ ଭାରତୀୟ ଭାଷାମାନଙ୍କର ନୁହେ ଗ୍ରୀକ୍ ଓ ଲାଟିନ ପ୍ରଭୃତି ପ୍ରାଚୀନତମ ଭାଷାମାନଙ୍କର ମଧ୍ୟ ଜନନୀ । ଏହାଦ୍ୱାରା ଭାରତର ପ୍ରତିଷ୍ଠା ପ୍ରତିପାଦିତ ହୋଇଛି । ସଂସ୍କୃତର ବିଶେଷତା ଏହି ଯେ ଏଥିରେ ଶବ୍ଦମାନଙ୍କର ଉଚ୍ଚାରଣ ଯେପରି କରାଯାଏ, ସେହିପରି ଲେଖାଯାଏ । ସଂସ୍କୃତ ପୂର୍ଣ୍ଣାଙ୍ଗ ପ୍ରାପ୍ତ ଭାଷା । ଏଥିରେ ଯେତେ ଯେତେ ଧାତୁ ଦେଖାଯାଏ, ସେତେ ଅନ୍ୟ କୌଣସି ଭାଷାରେ ନାହିଁ । ପ୍ରକୃତରେ ଦାର୍ଶନିକ, ବୈଜ୍ଞାନିକ, ଭାବୁକ ଓ କବି ସମସ୍ତେ ଏହାର ପ୍ରକାଶବୈଶିଷ୍ଟ୍ୟରେ ମୁଗ୍ଧ । ଯେତେବେଳେ ଇଉରୋପରେ ସଂସ୍କୃତର ପରିଚୟ ପ୍ରକାଶିତ ହେଲା, ଯେତେବେଳେ ଇଉରୋପର ଆଖି ଖୋଲିଗଲା ଏବଂ ଭାରତୀୟ ଗରିମା ଓ ମର୍ଯ୍ୟାଦା ସମ୍ମୁଖରେ ଇଉରୋପୀୟମାନେ ଶିର ନତ କଲେ । ଏବେ ସେମାନେ ବୁଝିଲେଣି ଭାରତ ମଧ୍ୟ ଅନେକ ଉଚ୍ଚ ବିଦ୍ୟାମାନଙ୍କର ଜନ୍ମଦାତା ଓ ଚଉଷଠି କଳାର ଜ୍ଞାତା ।

ଭାରତୀୟମାନେ ଶିଳ୍ପକଳାର ପରାକାଷ୍ଠା ଦେଖାଇ ଥିଲେ । ବାଲ୍ମୀକୀୟ ରାମାୟଣରେ ରାମ ବିବାହ ସମାରୋହ ଓ ମହାଭାରତରେ ଯୁଧିଷ୍ଠିର ସଭାର ଆଡ଼ମ୍ବର ବର୍ଣ୍ଣନା, ଭାରତୀୟ ଶିଳ୍ପ କଳାର ପରିଚୟ ଦିଏ । ଏହି ଗ୍ରନ୍ଥଦ୍ୱୟରେ ବ୍ରହ୍ମାସ୍ତ୍ର, ଆଗ୍ନେୟାସ୍ତ୍ର ଓ ପୁଷ୍ପକ ବିମାନର ଉଲ୍ଲେଖ ଅଛି । ଋଗ୍‌ବେଦର ଚତୁର୍ଥ ଓ ସପ୍ତମ ମଣ୍ଡଳରୁ ଜଣାଯାଏ, ସେ ସମୟରେ ସହସ୍ର ସ୍ତମ୍ଭ ସମନ୍ୱିତ ଉଚ୍ଚ ଅଟ୍ଟାଳିକା ନିର୍ମିତ ହେଉଥିଲା । ଭାରତୀୟମାନେ ସ୍ଥାନେ ସ୍ଥାନେ ବଡ ବଡ ସ୍ତୂପ ନିର୍ମାଣ କରି ପାରୁଥିଲେ । ରାମଚନ୍ଦ୍ରଙ୍କର କୌତୂହଳୋଦ୍ଦୀପକ ସେତୁବନ୍ଧ କିଏ ଜାଣି ନାହିଁ ? ଦିଲ୍ଲୀର ଯମୁନା ସ୍ତମ୍ଭ ଦର୍ଶନରେ ଚମତ୍କୃତ ହୋଇ ଫରଗୁସନ ସାହେବ କହିଥିଲେ "୧୪୦୦ ବର୍ଷ କାଳ ଅତୀତ ହୋଇଥିଲେ ମଧ୍ୟ ଯମୁନା ସ୍ତମ୍ଭର ଆଦୌ କ୍ଷତି ହୋଇନାହିଁ ।" କୋଣାର୍କ ମନ୍ଦିରରେ ବଡ଼ ବଡ଼ ଆଶ୍ଚର୍ଯ୍ୟଜନକ ସ୍ତମ୍ଭ ଦେଖାଯାଏ । ଇଲୋରା ଓ ଏଲିଫାଣ୍ଟାର ଗୁମ୍ଫା, ଜଗନ୍ନାଥ ମନ୍ଦିର, ଚିତୋର ଦୁର୍ଗ, କଟକର ନଦୀବନ୍ଧ, କାଶ୍ମୀରର ଶାଲ, କାଶୀର ପାଟ ଓ ଢାକାର ଲୁଗା ଉଚ୍ଚ ଶିଳ୍ପକଳାର ନିଦର୍ଶନ ।

ଚିକିତ୍ସା ବିଦ୍ୟାରେ ଭାରତୀୟମାନେ ବିପୁଳ ଉନ୍ନତି ଲଭିଥିଲେ, ହେଲି ସାହେବଙ୍କର ମତ—ସେମାନେ ଶରୀର ସମ୍ବନ୍ଧରେ ୧୬୭ ପ୍ରକାର ପ୍ରୟୋଗ ଜାଣିଥିଲେ । ସେମାନେ ନାଡ଼ୀ ବିଜ୍ଞାନର ଆବିଷ୍କର୍ତ୍ତା । ଅଷ୍ଟମ ଶତାବ୍ଦୀରେ ଆରବ ଭାଷାରେ ଚରକ ଓ ସୁଶ୍ରୁତ ଅନୂଦିତ ହୋଇଥିଲା । ମୌଲନା ହାଲିଙ୍କର ମତ - "ଆରବୀୟମାନେ ଭାରତୀୟମାନଙ୍କଠାରୁ ଚିକିତ୍ସା ଶାସ୍ତ୍ର ଶିଖିଥିଲେ ।" ୧୧୦୦ ବର୍ଷ ପୂର୍ବେ ବାଗଦାଦର ହାରୁନ-ରସୀଦ 'ମନକା' ଓ 'ସାଲିହ' ନାମକ ଦୁଇଜଣ ଭାରତୀୟ ବୈଦ୍ୟ ରଖି ଥିଲେ । ଭାରତୀୟମାନେ ଅସ୍ତ୍ର ଚିକିତ୍ସାରେ ମଧ୍ୟ ଦକ୍ଷ ଥିଲେ । ଏଣୁ ଏହାକୁ ସେମାନେ ରାକ୍ଷସୀ ଚିକିତ୍ସା କହୁଥିଲେ ।

ଯୁଦ୍ଧ କଳାରେ ଭାରତୀୟମାନେ ବହୁତ ଅଗ୍ରସର ହୋଇ ଥିଲେ । ସେମାନେ ଯୁଦ୍ଧ ରେ ଧର୍ମାଚରଣ କରୁଥିଲେ । ଲୁଚି ଲୁଚି ଯୁଦ୍ଧ କରିବା ସେମାନଙ୍କର ନୀତି ନ ଥିଲା । ଚକ୍ରବ୍ୟୂହ ଓ ପଦ୍ମବ୍ୟୂହ ନାମରେ ଅପୂର୍ବ ସୈନ୍ୟସମାବେଶ ସେମାନଙ୍କୁ ଜଣାଥିଲା ଏବଂ ତୋପକୁ ଶତଘ୍ନୀ, ବନ୍ଧୁକକୁ ନାଳାସ୍ତ୍ର ଓ ବାରୁଦକୁ ଔର୍ବାଗ୍ନି ନାମ ଦେଇଥିଲେ । ସେମାନେ ଆଗ୍ନେୟାସ୍ତ୍ର, ବ୍ରହ୍ମାସ୍ତ୍ର, ବାରୁଣାସ୍ତ୍ର ଓ ରୌଦ୍ରାସ୍ତ୍ର ନିର୍ମାଣ କରି ପାରୁଥିଲେ । ଅର୍ଜୁନଙ୍କର ମତ୍ସ୍ୟବେଧ ଓ ଶବ୍ଦବେଧ ସର୍ବପ୍ରସିଦ୍ଧ ଅଟେ । ଧନୁର୍ବେଦରୁ ସେମାନଙ୍କର ଯୁଦ୍ଧ ବିଜ୍ଞାନର ଚତୁରତା ଜଣାଯାଏ । ଚାରିବେଦ ପରି ସେମାନଙ୍କର ଚାରି ଉପବେଦ ଅଛି, ସେଗୁଡ଼ିକ ବ୍ୟାବହାରିକ ବିଦ୍ୟାର ଅନ୍ତର୍ଗତ । ଋଗ୍‌ବେଦର ଉପବେଦ ଆୟୁର୍ବେଦ, ଯଜୁର୍ବେଦର ଧନୁର୍ବେଦ, ସାମବେଦର ଗାନ୍ଧର୍ବବେଦ, ଓ ଅଥର୍ବ ବେଦର ସ୍ଥାପତ୍ୟବେଦ ବା ଶିଳ୍ପଶାସ୍ତ୍ର । ସଂସ୍କୃତରେ ଅନେକ ଗ୍ରନ୍ଥ ଲେଖା ଯାଇଛି ।

ସଙ୍ଗୀତରେ ଭାରତୀୟମାନେ ଅତ୍ୟନ୍ତ ପ୍ରବୀଣ ଥିଲେ । ମହାଦେବ ଓ ନାରଦ ପ୍ରଥମ ସଙ୍ଗୀତାଚାର୍ଯ୍ୟ । ମହାଦେବ ଡମ୍ବରୁ ଓ ନାରଦ ବୀଣା ବଜାଇ ନାଚନ୍ତି । ବିଜ୍ଞାନ, ଜ୍ୟୋତିଷ, ଜ୍ୟାମିତି, ତ୍ରିମିତି, କ୍ଷେତ୍ରମିତି ଓ ଅଙ୍କଶାସ୍ତ୍ରରେ ଭାରତୀୟମାନେ ବିସ୍ମୟକର ଜ୍ଞାନ ଉପାର୍ଜନ କରି ଥିଲେ । ଐତିହାସିକ ଏଲବରୁନୀ କହନ୍ତି, "ମୁଁ ଅନେକ ଭାଷା ଶିଖିଲି, କିନ୍ତୁ କେଉଁଠାରେ ଅଙ୍କର ଗନ୍ଧ ପାଇଲି ନାହିଁ । ଭାରତୀୟମାନଙ୍କ ଠାରୁ ସର୍ବପ୍ରଥମେ ପାଇଲି ।" ସେମାନଙ୍କର ସାମୁଦ୍ରିକ ଶାସ୍ତ୍ର ଓ ଶକୁନ ବିଜ୍ଞାନ ବିଶ୍ୱବିଦିତ । ଆରବୀୟମାନେ କ୍ରାନ୍ତିମଣ୍ଡଳର ଜ୍ଞାନ ଭାରତୀୟମାନଙ୍କଠାରୁ ଶିଖିଥିଲେ । ଦିଲ୍ଲୀ ଓ ବନାରସର ମାନମନ୍ଦିର (observatory) ଆମ୍ଭମାନଙ୍କର ଜ୍ୟୋତିର୍ବିଜ୍ଞାନର ଜ୍ୱଳନ୍ତ ପରିଚାୟକ । ଆର୍ଯ୍ୟଭଟ୍ଟ ଲେଖିଛନ୍ତି, "ଚଳା ପୃଥ୍ୱୀ ସ୍ଥିରାଭାତି" ଭାସ୍କରାଚାର୍ଯ୍ୟଙ୍କର "ସିଦ୍ଧାନ୍ତଶିରୋମଣି" ଓ "ସୂର୍ଯ୍ୟସିଦ୍ଧାନ୍ତ"ରେ ସୂର୍ଯ୍ୟଙ୍କୁ ସ୍ଥିର ଓ ପୃଥ୍ୱୀକୁ ଚଳନଶୀଳା ବୋଲି ବର୍ଣ୍ଣନା କରା ଯାଇଛି । "ବିଷ୍ଣୁପୁରାଣ" ଓ "ସୂର୍ଯ୍ୟସିଦ୍ଧାନ୍ତ"ର କେତେକ ଶ୍ଳୋକରୁ ଜଣାଯାଏ ମାଧ୍ୟାକର୍ଷଣ ଶକ୍ତିର ଜନ୍ମଦାତା ନିଉଟନ ନୁହନ୍ତି, ଭାରତ ବର୍ଷ । ବେଲି, ପ୍ଲେଫେୟାର ଓ କୋଲବ୍ରୁକ ଏହି ମତ ପୋଷଣ କରି ଯାଇଛନ୍ତି । ଅୟନାଂଶ ଗତିର ଆବିଷ୍କାର ଭାରତରେ । ବିଦ୍ୟାଳୟର ମଧ୍ୟ



Digitized by srujanika@gmail.com

ପରିଚିତ ଭାରତୀୟମାନେ ଥିଲେ । କଥିତ ଅଛି, ଏହି ଶାସ୍ତ୍ରର ସହାୟତାରେ ରାବଣ ଲକ୍ଷ୍ମଣଙ୍କୁ ଜଡ଼ବତ୍ କରିଥିଲା । ଏହି ଦ୍ୱାରା ନାଗପାଶ, ଶକ୍ତିଶେଲ ଓ ସମ୍ମୋହନ ଅସ୍ତ୍ର ରଚିତ ହୋଇଥିଲା । ଏହି ଶାସ୍ତ୍ର ଜାଣିଥିବାରୁ ଭାରତୀୟମାନେ ମନ୍ଦିରମାନଙ୍କ ଉପରେ ତ୍ରିଶୂଳ ଓ ସୁଦର୍ଶନ ଲଗାଇବା ରୀତି ପ୍ରଚଳନ କରାଇ ଥିଲେ ।

ମାନସିକ ଓ ଶାରୀରିକ ଅଭ୍ୟାସରେ ମଧ୍ୟ ଭାରତୀୟମାନେ ଚରମ ଉନ୍ନତି କରିଥିବା ଜଣାଯାଏ । ଗାଲବ ଓ ଶଙ୍କରାଚାର୍ଯ୍ୟଙ୍କର ଶୂନ୍ୟମାର୍ଗରେ ଗମନ, ଶରୀରର ସଙ୍କୋଚୀକରଣ ବା ବୃଦ୍ଧିକରଣ, ବାୟୁସ୍ତମ୍ଭନ, ଭୂମି ତଳରେ ଉପବେଶନ ଓ ଚିରଦିନ ଆହାରତ୍ୟାଗ—ସେମାନଙ୍କର ସର୍ବସାଧାରଣ ପ୍ରଚଳିତ ପ୍ରଥା ଥିଲା । ଏହି ଅଭ୍ୟାସ ବା ଯୋଗ ବିଦ୍ୟାଦ୍ୱାରା ହରିଦାସ ନାମକ ସାଧୁ ମହାରାଜା ରଣଜିତ୍ ସିଂହଙ୍କର ବଗିଚାରେ ଗୋଟିଏ ପେଡ଼ିରେ ମାଟି ତଳେ ଚାଳିଶ ଦିନ ଅନାହାରେ ପଡ଼ି ରହିଥିଲେ । ଚାଳିଶ ଦିନ ଶେଷରେ ମହାରାଜା ନିଜ ପୌତ୍ର, ସେନାପତି ଓ ଶିଖ ଇତିହାସ ଲେଖକ ଗ୍ରୀଗର ସାହେବଙ୍କ ସହ ବଗିଚାକୁ ଗଲେ—ଏବଂ ମାଟି ଖୋଳି ହରିଦାସଙ୍କୁ ବାହାର କଲେ । ହରିଦାସ ହସି ହସି ସମସ୍ତଙ୍କୁ ସମ୍ବର୍ଦ୍ଧନା ଜଣାଇ ଥିଲେ । ମହାରାଜ ଯୋଗୀର ଗଳାରେ ହୀରାହାର ଲମ୍ବାଇ ଦେଇଥିଲେ । ୧୮୩୭ର ଏହି ଘଟଣା ଶିଖ-ଇତିହାସରେ ଲିପିବଦ୍ଧ ହୋଇଛି । ମାନ୍ଦ୍ରାଜରେ ଜଣେ ଶିଷ୍ଟଲ ନାମକ ଯୋଗୀ ପ୍ରାଣାୟାମଦ୍ୱାରା ଶୂନ୍ୟ ଆକାଶରେ ରହି ଯାଉଥିଲେ । ବ୍ଲେନଙ୍କ ବର୍ଡ଼ଉଡ୍ ସାହେବ ନିଜ ଭ୍ରମଣ ବୃତ୍ତାନ୍ତରେ ଲେଖି ଯାଇଛନ୍ତି, "ଦୁଇଶତ ବର୍ଷ ପୂର୍ବେ ଗୁରୁ ଅର୍ଜ୍ଜୁନ ସିଂହଙ୍କ ସମୟରେ ମାଟି ଖୋଳିବା ବେଳେ ଅମୃତସରରେ ସମାଧିମଗ୍ନ ଜଣେ ସାଧୁ ଦେଖା ଯାଇଥିଲେ । ସମାଧି ଭଙ୍ଗନ ପରେ ସାଧୁ ଅମୃତସର ସହରର ଯେଉଁ ବର୍ଣ୍ଣନା କଲେ, ତହିଁରୁ ଜଣାଯାଏ, ମାଟି ତଳେ ସେହି ସାଧୁ ଅନେକ ବର୍ଷ ହେଲା ସମାଧିମଗ୍ନ ରହିଥିଲେ । ଏହିପରି ଅନେକ ଉଦାହରଣ ଦେଖିବାକୁ ମିଳେ, ଯହିଁରୁ ଶାରୀରିକ ଓ ମାନସିକ ଅଭ୍ୟାସ ବା ଯୋଗ ବିଦ୍ୟାରେ ଭାରତୀୟମାନଙ୍କର ପୂର୍ଣ୍ଣ ପ୍ରବୀଣତା ପ୍ରକଟିତ ହୁଏ । ବେଦ, ଧର୍ମଶାସ୍ତ୍ର ଓ କର୍ମକାଣ୍ଡରେ ଭାରତୀୟମାନଙ୍କର ବ୍ୟାବହାରିକ ବିଷୟମାନଙ୍କରେ ଆଶ୍ଚର୍ଯ୍ୟକର ଉନ୍ନତି ଦେଖାଯାଏ । ଏହି ବ୍ୟାବହାରିକ ବିଷୟମାନଙ୍କରେ ଅସମ୍ବଦ୍ଧତା ଓ ଧର୍ମର ଝଗଡ଼ା ମିଶ୍ରିତ ଥିବାରୁ ପାଠକମାନଙ୍କୁ ଏହି ଝଗଡ଼ାରୁ ବ୍ୟାବହାରିକତାର ସାରମର୍ମ ବାହାର କରିବାକୁ ହୋଇଥାଏ ଯେଉଁପରି କ୍ଷୀର ଓ ନୀରର ସମିଶ୍ରଣରୁ ହଂସ କ୍ଷୀର ବାଛିନିଏ । ଏହି ଗ୍ରନ୍ଥମାନଙ୍କରେ ଯାଜ୍ଞିକ କ୍ରିୟାସହ ଇତିହାସ, ଜୀବନ ଚରିତ ଓ ଜନକଥା ଦେଖାଯାଏ ।


ବେଦରେ ଶ୍ରୀକୃଷ୍ଣ, ଜନମେଜୟ, ଧୃତରାଷ୍ଟ୍ର, ଭରତ, ଭୀମସେନ ଓ ଉଗ୍ରସେନର ମନୋହର ଉପାଖ୍ୟାନର ଉଲ୍ଲେଖ ଅଛି । ବେଦର ଛଅ ଗୋଟି ଅଙ୍ଗ—କଳ୍ପ, ଶିକ୍ଷା, ଛନ୍ଦ, ବ୍ୟାକରଣ, ନିରୁକ୍ତ ଓ ଜ୍ୟୋତିଷ । ଏଥି ମଧ୍ୟରୁ ବ୍ୟାକରଣ, ଜ୍ୟୋତିଷର ଗଣିତ ଭାଗ ଅତ୍ୟନ୍ତ ଉପଯୋଗୀ । ବେଦର ଛଅ ଗୋଟି ଉପାଙ୍ଗ ବା ଦର୍ଶନ—ସାଂଖ୍ୟ, ଯୋଗ, ନ୍ୟାୟ, ବୈଶେଷିକ, ମୀମାଂସା ଓ ବେଦାନ୍ତ । "ସର୍ବ ଦର୍ଶନ ସଂଗ୍ରହ" ନାମକ ଗ୍ରନ୍ଥରେ ପନ୍ଦର ଗୋଟି ଦର୍ଶନ ଲିଖିତ ଅଛି । ବିବିଧ ଦର୍ଶନର ଉଲ୍ଲେଖରୁ ଜଣାଯାଏ ଯେ ଆମ୍ଭମାନଙ୍କର ବହୁ ଦର୍ଶନ ଥିଲା । ଅନୀଶ୍ୱର ବାଦୀମାନଙ୍କର "ବାର୍ହସ୍ପତ୍ୟ ଦର୍ଶନ" ଏବେ ପ୍ରକାଶିତ ହୋଇଛି ।

ମନୁ, ଯାଜ୍ଞବଲ୍କ୍ୟ, ପରାଶର, ବଶିଷ୍ଠ, ଗୌତମ, ବ୍ୟାସ, ଦକ୍ଷ ଓ ଶାତାତପଙ୍କ ଦ୍ୱାରା ରଚିତ ଗ୍ରନ୍ଥର ନାମ ଧର୍ମଶାସ୍ତ୍ର । ପ୍ରାଚୀନ ଭାରତୀୟ ସମାଜର ରାଜ୍ୟ ବ୍ୟବସ୍ଥା ଓ ସାମାଜିକ ନିୟମ ଜାଣିବା ପାଇଁ ଏହି ଧର୍ମଗ୍ରନ୍ଥମାନଙ୍କର ଅଧ୍ୟୟନ ଅବଶ୍ୟ କର୍ତ୍ତବ୍ୟ । ଆୟୁର୍ବେଦ ଗ୍ରନ୍ଥମାନଙ୍କ ମଧ୍ୟରେ ଚରକ ଓ ସୁଶ୍ରୁତ ପଠନୀୟ । ବିବିଧ ବିଷୟମାନଙ୍କରେ ଚତୁରତା ଓ କବିତ୍ୱର ଆନନ୍ଦ ପ୍ରାପ୍ତି ନିମିତ୍ତ ମହାଭାରତ ଓ ରାମାୟଣ ପଢ଼ିବା ଉଚିତ । ଭାରତୀୟମାନଙ୍କର ପୂର୍ବକାଳର ସାମାଜିକ, ଧାର୍ମିକ ଓ ରାଜନୈତିକ ବିଷୟ ଜାଣିବାକୁ ପୁରାଣମାନଙ୍କୁ ପଢିବାକୁ ହେବ । ପୁରାଣମାନଙ୍କ ସଂଖ୍ୟା ୧୮—ବ୍ରହ୍ମ, ପଦ୍ମ, ବିଷ୍ଣୁ, ଶିବ, ଭାଗବତ, ନାରଦୀୟ, ମାର୍କଣ୍ଡେୟ, ଅଗ୍ନି, ମତ୍ସ୍ୟ, ଗରୁଡ଼, ଭବିଷ୍ୟ, ବ୍ରହ୍ମବୈବର୍ତ୍ତ, ଲିଙ୍ଗ, ବାରାହ, ସ୍କନ୍ଦ, କୂର୍ମ, ବାମନ ଓ ବ୍ରହ୍ମାଣ୍ଡ । ରୁଦ୍ରଯାମଳ, ମହାର୍ଣ୍ଣବ, ବିଷ୍ଣୁଯାମଳ, ହରିହର, ବୃହନ୍ନାରଦୀୟ, ମେରୁ, ସିଦ୍ଧ ଦିଗମ୍ବର, ସିଦ୍ଧେଶ୍ୱର, ଦେବୀ ବିଳାସ ଓ ଅଦ୍‌ଭୁତଯାମଳ ନାମକ ଗ୍ରନ୍ଥମାନଙ୍କରେ ସଙ୍ଗୀତ ରସାୟନ, ଚିତ୍ରକଳା ଓ ବନସ୍ପତିର ବିବରଣ ଲିଖିତ ଅଛି । ଅତଏବ ତନ୍ତ୍ର ଗ୍ରନ୍ଥମାନଙ୍କୁ ପଢ଼ିବାକୁ ହେବ । ସଂସ୍କୃତ ସାହିତ୍ୟର ପ୍ରାୟ ସମସ୍ତ ଗ୍ରନ୍ଥର ତର୍ଜମା କରା ଯାଇଛି । ଯେ ସଂସ୍କୃତ ଜାଣନ୍ତି ନାହିଁ ଅନୁବାଦ ପଢ଼ି ତାଙ୍କର ଆନନ୍ଦ ପାଇବା ଉଚିତ । ଗୀତା ଓ ଭାଗବତରେ ମାନବ ଧର୍ମର ରୂପରେଖ ଦିଆ ଯାଇଛି ଯାହା ସଂସ୍କୃତ ସାହିତ୍ୟର ଅନ୍ୟ କୌଣସି ଗ୍ରନ୍ଥରେ ଦେଖାଯାଏ ନାହିଁ । ଜୈନ, ବୌଦ୍ଧ, ଖ୍ରୀଷ୍ଟିୟାନ ଓ ମୁସଲମାନମାନେ ଗୀତାକୁ ସମ୍ମାନ କରନ୍ତି । ଆମେରିକାରେ ସ୍ୱାମୀ ବିବେକାନନ୍ଦ ଗୀତାର ପ୍ରଚାର କରିଥିଲେ । ପ୍ରକୃତରେ ଗୀତା ମହାଭାରତର ରଣାଙ୍ଗଣରେ ଯୁଦ୍ଧଗାନ ଓ ଭାରତୀୟମାନଙ୍କର ବିଜୟ ମୁକୁଟ ।




Digitized by srujanika@gmail.com

# ମୟୂରଭଞ୍ଜ ଚିତ୍ରାବଳୀ



ଖିଚିଙ୍ଗ
ବଡ଼ ଦେଉଳ ।
କାନିଂହାମଙ୍କ
ପରେ ବିଦ୍ୟମାନ
ଭଗ୍ନ ଦେଉଳର
ପୁନରୁଦ୍ଧାର
ଭାରତରେ ଏହି
ସର୍ବ ପ୍ରଥମ ।

ଏ ମନ୍ଦିର
ପୁନରୁଦ୍ଧାର ପାଇଁ
୮ ବର୍ଷ ଲାଗିଥିଲା
ଏବଂ କର୍ମଚାରୀ-
ମାନଙ୍କ ଦରମା
ବ୍ୟତୀତ ପ୍ରାୟ ୧
ଲକ୍ଷ ଟଙ୍କା ବ୍ୟୟିତ
ହୋଇଥିଲା ।




ଦେଉଳ ବେଢ଼ା—ପୁନରୁଦ୍ଧାର ପରେ । ' ଯାହା ଭଗ୍ନସ୍ତୂପରେ ପରିଣତ ହୋଇଥିଲା ତାହା ପୁଣି ଗୌରବ ଫେରି ପାଇଛି"
—ମହାମାନ୍ୟ ଓଡ଼ିଶାର ଗଭର୍ଣ୍ଣର, ତା ୨୬-୧-୪୧

Digitized by srujanika@gmail.com



କୁଟେଶ୍ୱରୀ ମନ୍ଦିର ।

ସ୍ଥାପତ୍ୟର 'ମଣି ଓ ପରକାଷ୍ଠା' ବୋଲି ଏହି ମନ୍ଦିରକୁ ପ୍ରତ୍ନତତ୍ତ୍ୱବିତ୍‌ମାନେ ବର୍ଣ୍ଣନ୍ତି ।
ଏହି ମନ୍ଦିରର ସଂସ୍କାର ବନ୍ଦ ଦେଉଳର ପୁନରୁଦ୍ଧାର କାର୍ଯ୍ୟ ମାନଙ୍କ ସାହସ ଓ ପ୍ରେରଣା ଦେଇଥିଲା ।



ଠାକୁରାଣୀ ବେଢ଼ା—ପୁନରୁଦ୍ଧାର ପୂର୍ବେ ।

ଦେଉଳର ଭଗ୍ନାବଶେଷ ଇତସ୍ତତଃ ବିକ୍ଷିପ୍ତ ।

Digitized by srujanika@gmail.com


ସ୍ୱୀୟ ୪୪ଶ ଜନ୍ମନକ୍ଷତ୍ର ଉପଲକ୍ଷରେ
ପ୍ରଜାସାଧାରଣଙ୍କ ପ୍ରଦତ୍ତ ଅଭିନନ୍ଦନର ଉତ୍ତର ଦେବାକୁ ଯାଇ
ମହାରାଜା କେନ୍ଦ୍ର ପରିଷଦ ପ୍ରତିଷ୍ଠାର ସିଦ୍ଧାନ୍ତ ଘୋଷଣା କରୁଅଛନ୍ତି ।
(ପାର୍ଶ୍ୱ ଚିତ୍ର)




"ପରିଷଦର ହୃଦୟର ସୁବିଧାନ ଓ ପରାମର୍ଶ ମୟୂରଭଞ୍ଜର ଗୌରବପରିମାଣ ଅକ୍ଷୁଣ୍ଣ ରଖୁ
ଏବଂ ଏହି ପରିଷଦ ରାଜ୍ୟର ସର୍ବବିଧ କଲ୍ୟାଣ ସାଧନ କରି ମୋର ଇପ୍ସିତ ପୂରଣ କରୁ ।
'ଉତ୍ତିଷ୍ଠତ ଜାଗ୍ରତ ପ୍ରାପ୍ୟ ବରାନ୍ନିବୋଧତ'—
ଉପନିଷଦର ଏହି ଯେଉଁ ମହାବାଣୀ ଆପଣମାନଙ୍କ ସମକ୍ଷରେ ସ୍ୱର୍ଣ୍ଣାକ୍ଷରରେ
ଖୋଦିତ ହୋଇଅଛି ତାହା ସଦାସର୍ବଦା ଗନ୍ତବ୍ୟ ପଥରେ ଆଲୋକ ଦେଉ,
ଏହାହିଁ ମୋର କାମନା"—ମହାରାଜା, ତା୧୦-୧-୪୬ ।
ମହାରାଜାଙ୍କ ଦକ୍ଷିଣ ପାର୍ଶ୍ୱରେ ଟିକାଏତ ସମାସୀନ ।



Digitized by srujanika@gmail.com



ମୟୂରଭଞ୍ଜ କେନ୍ଦ୍ର ପରିଷଦ ବୈଠକର ଉଦ୍‌ଘାଟନ ଉତ୍ସବର ସାଧାରଣ ଦୃଶ୍ୟ — ଶପଥ ଗ୍ରହଣ କାର୍ଯ୍ୟ ଚାଲିଛି ।



ସଦର ପ୍ରଜାସଭାର ଏକ ବୈଠକରେ ସଭ୍ୟମାନେ ଶ୍ରୀମନ୍ ମହାରାଜାଙ୍କ ରାଜ୍ୟର ବିବିଧ ହିତକର ଓ ଉନ୍ନତିମୂଳକ ଯୋଜନା ପାଇଁ ସମ୍ବର୍ଦ୍ଧନା ଜଣାଇ ଅଛନ୍ତି ।

Digitized by srujanika@gmail.com

# କାପ୍ତା ଓ କାପ୍ତି

ଶ୍ରୀ ଜଗମୋହନ ମହାପାତ୍ର

କାପ୍ତାଟିଏ କାପ୍ତିଟିଏ

କୁଞ୍ଜ କୁଞ୍ଜିକା ପରବତ—ଉପରେ ଗୋଟିଏ ଗଛ। ବରଗଛ। ତା'ର କୋରଡ଼ରେ ବସାଟିଏ ବାନ୍ଧି ଥାଆନ୍ତି। ଦିନ ବେଳେ ଉଡ଼ି ଯାଆନ୍ତି ଦିହେଁ ସାଙ୍ଗହୋଇ—କେହି କାହାରିକି ଦଣ୍ଡେ ଛାଡ଼ନ୍ତି ନାହିଁ। ଦୂର ବନସ୍ତରୁ ଫଳମୂଳ ଆଣି ଖାଆନ୍ତି। ପାଖ ଜଙ୍ଗଲର ଫଳମୂଳସବୁ ଦିହଙ୍କର ଚାଖିଥିବା ପୁରୁଣା ହୋଇଣିଥିବ। ନୂଆ ନୂଆ ନୂଆ ନୂଆ ଥାନ ଦେଖନ୍ତି। ହରଡ଼ ଗଛରୁ ହରଡ଼ ଛୁଇଁ ଖାଆନ୍ତି। ଗାଁ ମୁଣ୍ଡର ଥୁଣ୍ଟା ଆମ୍ବ ଗଛ ଉପରେ ବସି ଗୁହାରନ୍ତି। ଗାଁ ପିଲାଙ୍କୁ ପଥରକୁ ଡ଼ର ମାଡ଼େ। ତଳେ ଏବେ ଖୁସି ଜନା ହେଲେ ଦୁହିଙ୍କ ଦୁହେଁ ଆକାଶର ମେଘ ସଙ୍ଗେ ତଳକୁ ଉଡ଼ି ଯାଆନ୍ତି—ଖାଲି ଦେଖେଇ ଦେବା ପାଇଁ।

ମାଘ ଶୀତ ଆଉ ନ ହେଉଣୁ ଦୁହେଁଯାକ ଫେରି ଆସନ୍ତି ନୀଡ଼କୁ। ନିବିଡ଼ ଅନ୍ଧାର ରାତରେ ସୁରକ୍ଷିତ ଅଙ୍ଗ ଉଷ୍ମ ସ୍ନେହ ହେଉଥାଏ। ଅତି ନିକଟ ନିକଟ ଦୁହିଁଙ୍କର ଦେହ ମିଶି ଯାଇଁ ଦୁହିଁଙ୍କ ପ୍ରେମ ମୂଳରେ ସରସର କରେ। ଦୁହିଁଙ୍କ ଗୁରୁ ଗୁରୁ ଗୁଞ୍ଜନ ଦୁହିଁଙ୍କ କାନଗଡ଼ିତଳେ ଶୁଣିଶୁଣି ହୁଏ। ଦୁହେଁ ଦୁହିଁଙ୍କି ଚାହିଁଥାନ୍ତି। ଏମିତି କେତେ ବର୍ଷ ଗଲାଣି—କେତେ ଯୁଗ ଗଲାଣି—ଗଣନା ନାହିଁ—କଳନା ନାହିଁ। କାହାରି ମନେ ନାହିଁ କେବେ ସେ ବସା ବାନ୍ଧିଲେ। କେହି ଜେମିତି ଜାଣେ ନାହିଁ, ଏଇ ସମସ୍ତ ସୁଖରେ ବୁଡ଼ି ରହିଛନ୍ତି ଯେଉଁ ଦିନଗୁଡ଼ି ସୁଆଙ୍କ ଗୋଟାଏ ପରେ ଗୋଟାଏ ନଷ୍ଟପନ୍ଥା ହୋଇ, ତାହିଁର ଚେନାଟିଏ ନେଇ କଉ ଅତି ପିଣ୍ଡୁଡ଼ାର ମୁହୂର୍ତ୍ତରେ ତାଙ୍କର ହୋଇଥିଲା ପ୍ରଥମ ଭେଟ। ତେବେ ବା କହିବ କେବେ ତାଙ୍କ ଜନ୍ମ। ସେ କେବେ ଜନ୍ମ ହୋଇଥିଲେ ବି ନାହିଁ ଜଣା ନାହିଁ। ଯଦି ସେ ଆଉ ଜୀବନ ପରି କେବେ ଦିନେ ଜନ୍ମ ହୋଇଥିଲେ, ଯଦି ସେ ଏଇମିତି ଯୋଡ଼ା ଯୋଡ଼ି ହୋଇ ଏକା ମାଙ୍ଗରେ ଏ ପ୍ରେମ ଦୁନିଆଁକୁ ଖସି ଆସି ଥିଲେ ତେବେ ସେ କେଉଁ ଦିନ ତାଙ୍କର ମନେ ନାହିଁ। ସେ ଯେଉଁ ଦିନ ହେଉ, ଯେଉଁ ଦିନ୍ ହେଉ, ମଣିଷ ଗଣିତରେ ଯେତେ ଦିନ ଯେତେ ମାସ ଯେତେ ବର୍ଷ ହେଉ ତାଙ୍କର ଯାଏ ନାହିଁ କି ଆସେ ନାହିଁ। ତାଙ୍କ ଇତିହାସର ସାଲ ନାହିଁ, ସମ୍ବତ୍ ନାହିଁ। ଅଙ୍କ କଷାଯାଏ ନାହିଁ ତାଙ୍କ ଗଳୁଡ଼ିର ଗୁରୁ ଗୁନଆଁରେ। ତାଙ୍କ ବୟସର ହିସାବ ନାହିଁ। ତାଙ୍କର ଦିନ ସରେ ନାହିଁ, ସବୁବେଳେ ଆସୁଥାଏ, ପ୍ରେମ ଗଇଜର ଦିନଗୁଡ଼ି ପରି।

ଦିନେ ରାତି ଗମ୍ଭୀରର ଡାଳ ଅନ୍ଧାରରେ ଛଟଛଟ ଛଟ ଲଗାଇ କପୋତ କହିଲା କପୋତୀକୁ—'କାପ୍ତି ଲୋ, ତୁ ଭଲ ଅଛୁ?' କାପ୍ତି ଉତ୍ତରଦେଲା—'କାହିଁକି? ତମ ଦେହ କ'ଣ ହେଲାକି?—ଦେଖେଁ!" କପୋତୀ ତା' ଅଣ୍ଡା ଥଣ୍ଟକୁ ନେଇ କପୋତର ମସୀତଳ ପର ମୂଳରେ ଲାଗି ଦେଲା। କପୋତ କହିଲା—"ନାଇଁ ଲୋ, ମୋର କିଛି ହୋଇ ନାହିଁ—ଏମିତି ପଚାରୁ ଥିଲି ନା।" କପୋତ କି ଉତ୍ତରେ ଆଉ କହିଲା ନାହିଁ।

ଆଉ ଦିନେ ରାତି ଅଧରେ କପୋତୀ ଡାକି କହିଲା—"ଶୁଣୁଛ ନା?" କପୋତ ଘୁମ୍ ଭଲ ନାଇ ତନ୍ଦ୍ରିସ୍ ଆଖି ଖୋପରୁ ଡୋଳାକୁ ଖସାଇ ଆଣି ମାଡ଼ ପଡ଼ୁଥିଲା ଭଳି ଭାଷାରେ ଶୁଣିଲା—'କ'ଣ କି?' କପୋତୀ କହିଲା—'କିଏ ବାହାରକୁ ଯାଆନ୍ତେ କି'? କପୋତ ହସି ଉଡ଼େଇ ଦେଲା—"ପାଗଳ!" କପୋତୀ ଡରରେ ଆଉ କିଛି କହିଲା ନାହିଁ। ଶୁଇ ପଡ଼ିଲା।

ପୁଣି କେତେ ଦିନ ଗଲାଣି। ଦିନକରେ ସଞ୍ଜ ହୋଇ ଆସୁଛି, ଦିହେଁ ଯାକ ଅଲା ଡେଣାକୁ ଡିଙ୍କାଇ ଡିଙ୍କାଇ ବାହି ଚାଲିଛନ୍ତି ଆକାଶ ମଝିରେ। ପର ମୂଳରୁ ଅନ୍ଧାର ଝରି ପଡ଼ୁଛି ଯେମିତି ଗଛ ପତରର ତଳ ଢଳପା ଯାଏଁ। ଡେଣା ଉପରେ ବେଲ ଗୁଡ଼ୁ ଗୁଡ଼ୁ ନାଲି ଛିଟିକା ଚୂନା ହୋଇ ଯାଉଛି ସୁନା ସୁତି ପରି। ପୁଣି ଫିକା ପଡ଼ି ଆସୁଛି ଅସ୍ତେ ଅସ୍ତେ।

ବାଟ ସରୁ ନାହିଁ। କପୋତୀ ପଚାରିଲା 'ବାଟ ସରୁ ନାହିଁ ଯେ'।

କପୋତ ହସି ହସି କହିଲା—'କାପ୍ତି ଲୋ, ବାଟ ଯଦି ନ ସରେ।'

କପୋତୀ କହିଲା—'ନା, ନା, ତମେ ସେମିତି କହ ନାହିଁ, ମୋତେ ଡର ଲାଗୁଛି।"

"ଆ ମୋ ପାଖକୁ ଲାଗି ଆ!' କପୋତ ଟିକିଏ ପାଖେଇ ଗଲା।

କପୋତୀ କହିଲା—'ଡେଣାରେ ଡେଣା ବାଜିବ ଯେ।'
'ତ ହେବ କ'ଣ?'
'ଛିଡ଼ି ହୋଇ ଯିବା କି?'
'କେମିତି ହେଲୁ ଟିକିଏ।'
'ନାଇଁ ଭାରି ଦୁଷ୍ଟ। ତଳେ ଖସି ପଡ଼ିବ ଯେ।'
'ଆଉ କି!'
'ମୁଁ ମାଇପି ଲୋକ।'

କପୋତ ଯାଇ କପୋତୀ କାନ ମୂଳରେ ମଧୁରିଆ ଚୁମାଟିଏ ମାରି ଦେଲା। କପୋତୀ ଏଡ଼େ ବେଙ୍କ କରି ଘୁମୁରି ଘୁମୁରି ଆଗକୁ ପଳେଇ ଗଲା। କପୋତ ଗୋଡ଼େଇଲା ତାକୁ ଧରିବା ପାଇଁ। ବାଟ ସରି ଗଲା।





Digitized by srujanika@gmail.com

ଏଇ ଘର, ଏଇ ପୁରୁଣା ଘର । କେତେ ଝଡ଼ ତୋଫାନରେ ଭାଙ୍ଗି ଯାଇଛି । ପୁଣି ଗଢ଼ା ହୋଇଛି । କେତେ ଥର ନୂଆ ନୂଆ କୁଟା କାଠିରେ ସଜ ସଜ ଛପର ହୁଏ, ପୁଣି ଝଡ଼ି ପଡ଼େ । ଶୀତର ପତର ଝଡ଼ି ପଡ଼େ କଅଁଳ ନବ କଳି ସବୁ ଗୁଳୁଗୁଳିଆ ଫିଲଙ୍କ ପରି ବଡ଼ ନରମ ଲାଗେ । ସେ ପୁଣି ସବୁଜ ଡାଳ ମେଲି ହଳଦିଆ ପଡ଼ି ଆସେ । ପୁଣି ଝଡ଼ି ପଡ଼େ । ପବନ ତାକୁ ଆଡ଼େଇ ଦିଏ । ଏଇ ଭଙ୍ଗା ଗଢ଼ା ନୀଡ଼ ଭିତରେ ବସା ବାନ୍ଧିଛନ୍ତି ଦୁଇଟି ପ୍ରାଣୀ—କାପ୍ରାହିଏ କାପ୍ରିହିଏ । ଅତୀତ ଜୀବନର କ୍ଷୁଦ୍ର ପରି ସେ ନୀଡ଼ । ଦୁହିଁଙ୍କର ଜୀବନ ଦିଆ ନେହନତର ସ୍ମୃତିସ୍ତମ୍ଭ ସେ । ଆଉ ଦୁଇ ଜଣଙ୍କ ଗୋପନ ହୃଦୟର ଦୁଃଖସୁଖ କଥା ପଦର ମୁଦା ଗଠାଏ ଲିଲ ବନ୍ଧ ବିଷୟ ଦୁହିଁଙ୍କ ଭିତରେ ସେ ଗୋଟାଏ ହାଇଫେନ୍—ଗୋଟାଏ ସଂଯୋଗ । ନା-ନା ଦୁହିଁଙ୍କ ଯୁକ୍ତ କରି ରହିଛି ସେ ବଧାଡ଼ି ଅଙ୍କ ଶାସ୍ତ୍ରର ଚିହ୍ନ ବନ୍ଧନୀ ପରି ।

ହଠାତ୍‌ରେ କପୋତୀ କହିଲା—'କାପ୍ରି ଲୋ, ଅଜ ହର୍ବେ ଦ ଆଡ଼କୁ ଯିବା, ତୁ ଦେଖିବୁ—ମୁଁ ଏଣିକି !'

'ଅହୁଁ—' କାପ୍ରି ମୁଣ୍ଡ ହଲେଇ ଦେଲା । ସକାଳ ଆକାଶର କେତୋଟି କିରଣ ଝାଡ଼ି ହୋଇ ପଡ଼ିଲା କପୋତ ଉପରେ । କପୋତ ସେଟି ନାକ ଘଷିଦେଇ ବାହାରି—କପୋତୀ ମରମରେ ଦରଦର ରୂପ କେତେ !

'ସଞ୍ଜ ଆଗରୁ ଫେରି ଆସିବା ସେ ।'

କପୋତୀ ମୁହଁ ମୋଡ଼ି ଦେଇ ନାରାଜ ଜଣେଇଲା ।

କପୋତ ସାଙ୍ଗୁଳେଇ କହିଲା—"ମୁଁ ତୋତେ ଆସି କେତେ ନୂଆ ନୂଆ କଥା କହିବି, ତୁ ଶୁଣିବୁ । ତୁ କେତେ କେତେ ନୂଆ ଜାଗା ଦେଖି ଆସି ମୋତେ କହିବୁ ମୁଁ ଶୁଣିବି । ଭଲ ହବ ନାହିଁ ? ଭାରି ମଜା—ଏଁ ।"

କପୋତୀ ବିସ୍ମୟ କରେ କ'ଣ ? ନୂଆ ହିଁ ଏ ମାରିଲା । ସେ ନୂଆରେ ବଡ଼ଥିଲା ଡର ଆଉ କାତରତା । ଏକୁଟିଆ ଯିବାକୁ ଡର ଆଉ କପୋତକୁ ଛାଡ଼ିବାକୁ କାତରତା ।

କପୋତ ଏକୁଟିଆ ଉଠିବାର ଉନ୍ମାଦନାରେ କପୋତୀ ବେକ ଉପରେ ନେଇ ନିଜ ବେକକୁ ବେଢ଼ କରି ଦେବାର ବୃଥା ଚେଷ୍ଟା କରୁଥିଲା । ତା'ର ଜଣେ ଭିତରେ କପୋତର ନେଳୀ ନେଳୀ ଦେଇ ଫଡ଼ଫଡ଼ ପାଖୁଡ଼ା ଖୋଲି ଉଠିଲା । ସ୍ୱପ୍ନରେ—ସତେ କପୋତ ତାର କେତେ ପାଖରେ । ସେ ଦୂରରେ ଥିଲେ ବି କେତେ ନିକଟରେ—ନିକଟରେ ଆଉ କେତେ ଗଭୀରରେ ହଠାତ୍ ତା' ମନକୁ ପାଇଗଲା । ବିସ୍ମୟରେ—ମୁଁ ଯଦି ଏକୁଟିଆ ଖୋଜି ଖୋଜି କେମିତି ଗୋଟେ ଅଦ୍ଭୁତ ଜିନିଷ ପାଏଁ, ଯାହାକୁ କେବେ ଦେଖି ନ ଥିବ, କେବେ ଶୁଣି ନ ଥିବ, ତେବେ ନିଶ୍ଚେ କ୍ଷୁଧ ତାକୁ ନିଜ ଆଣିବ କପୋତ ପାଇଁ । ସେ କେଡ଼େ ଖୁସି ହୋଇ ଯିବ ସତେ ! ଏ ଛୋଟ ଛୋଟ-ଦିନ କେଡ଼େ ଉଡ଼ାଉଡ଼ି ସବୁ ଅକାଳ ଲୁଚି ନ ଯିବ ! କପୋତର ବେକ ତଳୁ

ସେ ଥିବ ଉଠେଇ ଶୁହିଁଲା—ସେ ଅନନ୍ତର ହସ କପୋତ ଅଧରରେ କେତେ ସୁନ୍ଦର ନ ଦିଶିବ ଏମିତି ସୁନ୍ଦର ସେ କେବେ ଦେଖି ନ ଥିବ ପରା ସେଇ ଲୋଭରେ କପୋତ ଆଗ୍ରହରେ 'ହଉ' କହି ବାର ବାର ସ୍ୱାଗତ କରିଦେଲା—'ବେଶି ଡେରି କରିବ ନାହିଁ ଟି, ବେଳ ଥାଉଁ ଥାଉଁ ଫେରି ଆସିବ ।'

'ଏତେ କାନ୍ଦ ଲୋ !' କପୋତ ହସି ଦେଇ ଉଡ଼ିଗଲା

ଦୁହେଁ ଉଡ଼ିଗଲେ ଦୁଇ ଦିଗକୁ—ନୀଳ ଅଲଗରେ ମିଥା ଆକାଶର ନୀଳ କଣ୍ଠ ଦିଆ ପାଦ ପରିଦ କୁ ଝଡ଼ାଡ଼ି କରି ହଁଏ, କେଉଁଠିକି ଗଲା କେହି ଜାଣିଲେ ନାହିଁ । କାହିଁ ଦିନ କେମିତି କଟିଛି କେହି ଦେଖିଲା ନାହିଁ । ଦିନ ରାତ ଲଭ ବେଳକୁ କପୋତୀ ଫେରି ଆସିଲା ଅକାରଣ ଆଶଙ୍କାରେ । କପୋତ ଆସିବାକୁ ହୋଇଗଲା ଅନେକ ଡେରି । ଅଭିମାନବତୀ କପୋତୀ ବସିଥାଏ ଗଛ ଛାଇରେ ସବା ଉପର ଡାଳ କୋଣାକରେ । ଦୁଇ ଆଖିର ନାଲି ନାଲି ଗୋଲେଇ ଧାରି ଫୁଲି ଉଠିଥାଏ । ଅସ୍ତ ପାଟି ଲାଲ ହୋଇ ଯାଇଥାଏ । ବେକ ତଳର ସରୁ ସରୁ ପର ଫୁଲି ଉଠିଥାଏ ହାଡ଼ ଶୀତେଇ ଉଠିଲା ପରି । କପୋତ ଝଣ୍ଟେ ଦୂରରୁ କପୋତୀକୁ ଡାକିଲା—କା'ପ୍ରି ଲୋ !

କାପ୍ରି ଶୁଣିଲା ନାହିଁ ! ମୁହଁ ତଳକୁ ପୋତି ଦେଲା । କପୋତ ତା ହାଡ଼ରେ ହାଡ଼ ଘଷି ଯାଇ ବସିଲା କପୋତୀ ପାଟି ଫିଟାଇଲା ନାହିଁ । କପୋତ ତା' ମୁହଁରେ ମୁହଁ ଗୁଞ୍ଜି ଦେଲା । କପୋତୀ ଉଠିଯାଇ ସେ ଡାଳରେ ବସିଲା । କପୋତ ତାଟକା ହୋଇଗଲା କାପ୍ରିର ଆଜି ଏକ ଭାବ ? ସେ ବୁଝି ପାରିଲା ନାହିଁ ସଞ୍ଜ ପବନରେ ଦରଶୁଖା ବରଡ଼ା ପତର ପରି ତା ଭିତରଟା ଥରି ଉଠିଲା କାହିଁକି ?

ଅନେକ ଦିନର କଥା, ଯାହାକୁ ସେ ନିତି ନୂଆ ଘଟଣା ଭିତରେ, ଭାବ ଆବେଶର ଗହନତାରେ ପାଶୋରି ଦେଇ ଥିଲା ଆଜି ସେ ସବୁ ପୁରୁଣା ପୋଥି ଲେଉଟାଇଲା ପରି ଗୋଟି ଗୋଟି ମନେ ପଡ଼ିଗଲା ।

କପୋତ ତା ଘରେ ଆସି ବସା ବାନ୍ଧିବାର କଥା ତ ଜାଣି କେତେ ଦିନର ହେଲାଣି । ସେଇ ଦିନୁ ଆଜଯାକେ କେତେ ଯୁଗ ବହି ଗଲାଣି । କେବେ ହେଲେ ଏ ଛୋଟ ଛୋଟ ଭାବ ତ ସେ ଦେଖି ନାହିଁ କପୋତୀର

ଯେଉଁ ଦିନ କପୋତୀ ସାଙ୍ଗରେ ତାର ହୋଇଥିଲା ପ୍ରଥମ ଦେଖା—ସେ ଅନେକ ଦିନର କଥା । ଭୀଷଣ ଭିତରେ କେତେ ଖରତର ଜହ୍ନିଫୁଟା ସଞ୍ଜ ଚହଟି ଉଠିଛି ! ଅନନ୍ତର ଲୁହ ପାଣିରେ ଧୂଆ ହୋଇଥିବା ଆଖି ପରି କଳ କଳ କେତେ ଧୂସର ସନ୍ଧ୍ୟା ଏଇ ବନ୍ଧ ତଳରେ ନିଜସ୍ୱ ଲାଭ ହୋଇ ଗଲେଣି । କେତେ ଅପରାଜିତ ର ସକାଳ ନୀଳ ଗୃହିଣୀ ପାଣି ହୋଇ ବହି ଗଲାଣି—ଏଇଠି, କିନ୍ତୁ ସେ ଥିଲା ଆଜିର ଏକ ସନ୍ଧ୍ୟା ।



Digitized by srujanika@gmail.com

# କାପ୍ତା ଓ କାପ୍ତି

ସେ ଥିଲା ଆଉ ଏକ ଦିନ ହଁ ଅଜି ତାର ବେଶ୍ ମନେ ପଡୁଛି । ସେ ଦିନର ସେ ସଞ୍ଜକୁ ସେ ଭୁଲି ଯାଉଥିଲା କମିତ ! ସେ ତ ଭୁଲିବାର ନୁହେଁ

ସେହି ଦିନ—ବାଙ୍କ ବାଙ୍କ ମାଳତୀ ନିଠାର ଲୁଞ୍ଜ ଗହଳି ଫାଙ୍କ ଭିତରେ ଯୁବାବୟସୀ କପୋତର ଝିଙ୍କ ପର ଭଗ୍ନ ଦେହକୁ ବରପକ୍ଷର ଛାଙ୍କରୁ ଥାଇ ଗୁହଁ ଦେଲା ବେଳେ ପହିଲୁ ସେଦିନ ଦିନ ସେ ବୁଝିଲା ଯେ ତା କଣ୍ଠରେ ଗୀତ ଅଛି—ସେଇ ଦିନ, ହି ସେ ଅନେକ ଦିନର କଥା—କାଲି ପରି ଲାଗୁଛି ।

ଲତା ଗହଳୀର ସେ ପଟରେ ଜନ୍ମିଥିଲା ଆଉ ଏକ ପୁରୁଷ, କପୋତର ଗୀତ ଶୁଣି ସେ ଉଡ଼ି ଅସିଲା ପାଖକୁ । ସାଙ୍ଗେ ସାଙ୍ଗେ ହେଲା ଲଢେଇ । ଦୁହିଁଙ୍କି ଦୁହେଁ ଏକୁ ଅରେକ ଯେହ୍ଣା ବଳରେ ବଳଅଛି । କେହି କାହାକୁ ଛାଡ଼ିବାକୁ ନାହିଁ । କେହି କାହାକୁ ଊଣା ନୁହେଁ । ଲାଗିଲା ଘମାଘୋଟ ଯୁଦ୍ଧ । ଯୁଦ୍ଧ, ଯୁଦ୍ଧ ଉଭୟେ ଥକି ପଡ଼ିଲେ । ଶେଷରେ କଥା ହେଲା—ସାଲିସ । ଦୁହେଁ ଯାକ ଗଲେ କପୋତୀ ପାଖକୁ । କପୋତୀ ନିଷ୍ପତ୍ତି କରିଦେବ । ସେ ଯାହା ପାଖକୁ ବାଛି ହୋଇ ଉଡ଼ି ଅସିବ ସେ ହେବ ତା'ରି । କିନ୍ତୁ କପୋତୀ କାହାରି ପାଖକୁ ଅସିଲା ନାହିଁ । ଉପର ଅଣ୍ଟକୁ ଖଣ୍ଡା ପରି ଟେକି ଦେଇ ମୁହଁ ମୋଡ଼ି ଦେଲା । ଗଳି ପାଇବାର ବାହାରେ ନିଷ୍ପତ୍ତି ନ ଥାଏ । ଥାଏ ହାର୍ ନଚ୍ଚେତ୍ ଜିତ୍ । ଦୁଇ ପୁରୁଷ ପୁଣି ନାଚିଲେ । ଶେଷରେ ସେ ହାରିଗଲା । ଧାଇଁଲା ହୋଇ ଗଛ ପଡ଼ିଲା । କପୋତୀ ସାଙ୍ଗେ ସାଙ୍ଗେ ଯାଇ କପୋତ ମୁହଁରେ ମୁହଁ ଲଗେଇ ଦେଲା । ସେଇ ତାର ପ୍ରଥମ ଚୁମ୍ବନ । ସେ ଚୁମ୍ବନ ସେ ଦିନ ତା' ଉଷ୍ମତାର ନିର୍ଯ୍ୟାସ ହେଲ ନିସ୍ତୃମ ଖାଇଥିଲା ଏଥିରେ ଅଉ କାହାରି ଭାଗ ନାହିଁ । ସେ ଅଧରରୁ ଅଉ କେବେ କେହି ଚୁମ୍ବନ ପାଇ ପାରେ, ଏ କଳ୍ପନା ବି ସେ କରେ ନାହିଁ ଦିନେ । ସେ ଥାର ପରି ଜଡ଼ି ଅଚ୍ଛି କପୋତୀକୁ—ତାର ପୁରା ଦାବୀ ତା' ଉପରେ । ଅଉ ଯଦି କେହି ତା' ଉପରେ ଆଖି ପକାଏ ତେବେ ଅସୁ ସେ ମରଦ ତା' ସାମନାକୁ—ତା' ଆଖିର ପୁଅକୁ ଉପାଡ଼ି ନବ ନାହିଁ ସେ ।

ହଠାତ୍ କପୋତୀକୁ ଗୁହଁ ଦେଲା, ତା ଆଖିର ଲୁହ ଛଳ ଛଳ । କପୋତ ଭିତରେ ଗୋଟାଏ ତାଉ ଉଠି ଅସିଲା । ସେଥିରେ ତା' ହିଦ ମନ ଏକାଥରେ ବଗିଡ଼ି ଗଲା ଯେମିତି । ସେ ଦଉଡ଼ି ଯାଇ କପୋତୀର କୋମଳ ଦେହକୁ କାମୁଡ଼ି ପକାଇଲା । କପୋତୀ ହସି ଦେଲା । କପୋତ କପୋତୀର ଅଣ୍ଟକୁ ଆପଣା ଅଣ୍ଟ ଭିତରେ ଚାପି ଧରି ହଲେଇ ଦେଇ ଗାଇଲା—ଛଡ଼ି ଛଡ଼ି ଗୋ ମାନିନୀ, ମନୁ ଏ ମାନ । ଦୁହେଁ ଯାକ କାନକୁ କାନ ଲଗାଇ ସମୁଚ୍ଚି ଥିଲେ ।

ସେ ପାଖରେ ସଞ୍ଜ ବୁଡ଼ି ଗଲା । ଅନ୍ଧାରର ପଟ ଉପରେ ଫଟାରଛ ଦିନ୍ତ୍ରେଟ୍ ଛବିର ଛାଇ ପଡ଼ୁଥିଲା । ପ୍ରତ୍ୟେକ ବୁଝିଁ କେତା ମନ କପୋତ କପୋତୀ ଯୋଡ଼ିଏ ନୀଡ଼ କଡ଼ରେ ନିବିଡ଼ ନିରୁଜ ଗୁବନ୍ଧେ ବାନ୍ଧିଥାନ୍ତି ଯେମିତି ସେ ଦୁହେଁ ସେଠି ନାହାନ୍ତି । ଅଛି ଖାଲି ଗୋଟାଏ କଳ୍ପନା—ଗୋଟାଏ ଅନୁମାନ । ଗୋଟେ ନୀରେଳ ଗ୍ରିବର ନିପଟ ପାଣି । ଭିତରେ ଅନନ୍ତ ଅଶେଷ ତରଙ୍ଗ ।

କପୋତର ପ୍ରଥମ ସନ୍ଦେହ ଅନ୍ଧାର ଭିତରେ ନିଦ ଆସି ଥିଲା । କପୋତୀର ଯେମିତି ସନ୍ଦେହ କରିବାର ଅଧିକାର ନାହିଁ ତା' ସନ୍ଦେହ, ତା ଅଭିମାନ, ଅନ୍ଧାର ନିପରେ ନିଘ ଗଲା, ଆପଣା ହୃଦର ଛାଇପରି ଆପଣା ହୃଦରେ ରହିଗଲା

କପୋତ କପୋତୀକୁ ବୃକ ନେଇ କହିଲା 'ଏ ଗ୍ରୀମାକା କାହିଁକି ରାଧେ !'

କପୋତୀ ହସି ଦେଇ କହିଲା—"ଛାଇଲା ନ ଗଲ ହେ, ଏଠି ଛାଡ଼, କ ହି ପୁରରେ ସଞ୍ଜ ହେଲା କି ?"

କପୋତ କହିଲା—'ରସବତି, ତୋ ହୃଦିନ ନାହିଁ ଅନ ଗଛ'

କପୋତୀ କହିଲା—'ନା ନା ତୁ ମେର କୃଷ୍ଣ ନୁହଁ'

କପୋତ କହିଲା—'ତେବେ ତୁ ବି ମୋ ରାଧା ନୁହଁ'

କପୋତୀ ହସି ଦେଲା—'ମୋ କୃଷ୍ଣର ମୋ ପ୍ରଯୁଗକଣ୍ଠଅ ବେକ' ।

କପୋତ ହୋଲି ଭଲ ଭଲ କରି କହିଲା 'ମୋ ରାଧାର ଯେ ଅକାଶ ରେଶମୀ ପର

କପୋତୀ କହିଲା—'ମୋ କୃଷ୍ଣର ଅଖେ ମେଘରେ ନିଶା ଲଗା ନାଲି ପୁଟେ ।'

କପୋତ କହିଲା—'ମୋ ରାଧାର ଦୁଧ ମଖା ଗୁଲୁଗୁଲିଆ ଓଠ ।'

କପୋତୀ ଖୁମ୍ପ ମାରି ଦେଇ କହିଲ — ମୋ କୃଷ୍ଣ ଏଇ ...

କପୋତ କପୋତୀ ମୁଖରେ ଚୁମ୍ବନର ବୋଲ ବେ ଲଦେଇ କହିଲା—'ମୋ ରଧା ଭୁଲି

ଅନ୍ଧାର ଭିତରେ ଗ୍ରିବର ଗମ୍ଭୀରତା ଥିଲା ଅଥଳ ଗମ୍ଭୀର ପରି ତାକୁ ପ୍ରକଟ କରିବାର ନୁହେଁ—ଗମ୍ଭିର ଭିତରର ଦରି ରଖିବାର ଚିଜ ସେ

ତହିଁ ଅରଦିନ ପୁଣି ସକାଳ ହେଲା ସୂର୍ଯ୍ୟ ଉଠିବାକୁ ଡେରି ଅଛି ରାତିଯାକ ଜଳି ଜଳି ଚନ୍ଦ୍ର ଉଦାସ ଚିତ୍ତର ନାଁଅ ନିଗ୍ରା ପାଉ ସିଆ ଦେହଟା ଖସି ପଡ଼ି ଅଟକି ଯାଇଛି ସେ ପଟରେ—ରାତିର ଶେଷ ପହରର ସରିନି । ରଜବତୀ ରଜନୀ ରଙ୍ଗୀନ ହଳଦୀଗରଚର ଗୋଷ୍ଠ ଦେହକୁ ନୀଳ ଅକାଶର ଫିକା ଶିଆ କାକର ପାଣିରେ ଗାଧୋଇ ଦେଇ ଝର ଜଳରେ ସଜବରୁଷ ପବନ-ଉତ୍ତରୀରେ ବଏ ଯେମିତି ନଠେ କରି ପୋଛି ପକେଇଛି ।

କପୋତୀ ପଚାରିଲା—'କେମିତି ଦିଶୁଛି କହିଲ'?

କପୋତ କହିଲା—'କଦମ୍ବ ବନର କୁଞ୍ଜ ଗହନ ତଳେ ସୁରତ ରସିକ କେଉଁ ନାଗର ଯେମିତି ସାରା ରାତି ନିଧୁବନରେ ମାତି ଓଠ ପରେ ଓଠ ଥୋଇ ଅଧରର ହରୁ ରସ ଶୋଷି ନେଇଛି ।'



Digitized by srujanika@gmail.com

"ଏହି ସ୍ନିଗ୍ଧ କହିଲେ !" କପୋତୀ କଣେଇ କଣେଇ ସୁହାଣୀ ଭଙ୍ଗିରେ କେବଳ ସରଳ ଛଳନାର ଗଉସ୍ପଢ ଜଣାଇଲା ।

କପୋତ ପଚ୍ଚାରିଲା—'କାହାପାଇଁ ବଶୁଛ କହିଲ'

କପୋତର ମନକଥା ନ ଜାଣିଲା ପରି କପଟ ସରଳତାରେ କପୋତୀ ପଚାରିଲା—'କାହାପାଇଁ ! କହୁ କପୋତ ମୁହଁକୁ ଯେଉଁ ମହତର ଅସିବ ତାର ଆଖକାରେ କପୋତର ହାଡ଼ ଗୋଡ଼ ମିଳେଇ ଦେଇ ପଡ଼ୁଥାଏ ଯେମିତ । ମୁହଁ ତଳକୁ ହେଇଗଲା ।

କପୋତ କପୋତୀ ଅଧରରେ ଥଣ୍ଟ ଯତ୍ନ ଦେଇ କହିଲା— 'ଇଏପାଇଁ ପରି

ହିନ୍ଦୁର ଯାଇ ପଡ଼ିଲା । ଜ ତ ଲାଗି ମୁଁ ଲାଗି କାଣ୍ଡ ଯେମା ଘବନାର ସହ ଲଜ୍ଜା ଗୁଣ ଥିଲା ତାଙ୍କର ପାଣିରେ ଲେବ୍ଦ ପଡ଼ିଗ୍ଲା ଛୁଟା ଗାଛି ଉପରେ । ଯାଉକାରେ ଖାଇଲା ଯାସତ ଖାମଲା ଯନ୍ତ୍ର ଫରାସ । କପୋତ କପୋତୀ ଦୁହେଁ ଧାଇଁ ଖଣ୍ଡେ ଦେଇ ପାସ କେରକର ଝାଡ଼ ଦହରେ ଯତ୍ନ ହୋଇ ଯାଉଥିଲେ ଲେଖିଣୀ ଖେଳର ଦାନ ପଡ଼ିଲା ପରି ।

ଫରକୁ ଫଡ଼ିଲା ପର ଫଡ଼ ଫଡ଼ କରି କପୋତ କପୋତୀ ବେଡ ଉପରେ ବୁଲିଯିବ ଦେଇ ମାଳେ ବୋଲି କହି ତରବରରେ ଧୂଅ ପକେଇଲା ।

କପୋତୀ କପୋତ ଭରହରେ ଧୀରେ ଧୀରେ ବସାକୁ ଫେରିଲେ, ଦଣ୍ଡକ ପାଇଁ । କପୋତର ବସିବା ଜାଗାରେ ପର ଛାଡ଼ିଦେଇ କେତେବେଳ ଯାଏ ଦୂର ଦିଗ୍‌ବଳୟକୁ ଚାହିଁ ରହିଲା । ଦୂର୍ ଦୂରରେ ଅଦନ ମେଘର ଛୋଟ ଖଣ୍ଡେ ବକଟେନାକୁ ଜାଗାରେ ଥାଇ ବର୍ଷା ଖୋଜୁଥିଲା ପରି ଦିଶିଲା । ତା'ର ଆର ପଟକୁ କପୋତର ଲରପରିଚତ ସେଇ ଢଙ୍ଗରେ ତାକୁ ଡାକୁ ପଡ଼ ଶୁଭିଲା । ସେ ଶୁଣିବା ଜାଗା ପରି ଯତ୍ନରେ ଅଡ଼ ହଉଛି ଗଲା । ଅଗ୍ନିଶର ନାଲି ନାଲି ଆଗରେ ଏବ ମୁଣ୍ଡ ପାଳିସ ମିଶାଇ ଗଛ ପତରର କୋଷ୍ଟିକମ ଉପରେ କେଉଁ କାରିଗର ପୋଛି ବୁଲେଇ ଦେଇ ଚାଲିଗଲା ବଣର ଅଧ ପକ୍କିରେ ଛାଇପଡ଼ିଥ ତାବ ଠାଉର ଉହୁଉହୁ ମଝିରେ ମଝିରେ ବେଣୁ ବଜାଇ ଚାଲି ଯାଉଥାଏ । କପୋତର ପର ନାଚୁଥାଏ ତାର ତାଳରେ ଆନ ଜଅଗର ଦୁଃଖର ଘରରେ ବନ୍ଧୁର ବାଲି ଥାଏ ।

ସେ ଦିନ କପୋତ କପୋତୀଙ୍କ ଅଥକାନରେ ଭେଟିଲା । ଦୁହେଁ ସାଙ୍ଗ ହୋଇ ବସାକୁ ଫେରିଲେ । କପୋତ ମୁହଁର ଅଧାର କପୋତୀ ଖାଇଲା, କପୋତୀ ମୁହଁର ଅଧାର କପୋତ ଖାଇଲା । ସେ ଅଇଁଠାରେ କି ମିଠା । ଦୁହେଁ ଦୁହିଁଙ୍କ ହୃଦୟକୁ କ'ଣ ଠାଣିଅଣି ଖେଳ ପକାଇବାର ଗୋଟାଏ ଅବକାଶ ଯେମିତ ପ୍ରକାଶ ହୋଇଯାଉ ଥାଏ ସେଥିରେ ।

ଝାଇ ସାନ ସନ୍ଧ ଅଲ୍ପରେ ନାଲିଅ ଝଲସାରେ ଚକ ଚକ ଚମକୁଣ ପତର ନାଁ ଲେଗିରି ଝଲ ଦେହରେ ପୋଛୁ ଦେଇ ଦେଇ କପୋତ ଡାକିଲା—'ବାପ୍ପି ଲୋ !'

କପୋତୀ ଘଡ଼ ଆସିଲା ତାଖକୁ । କପୋତ କହିଲା— 'ବାପ୍ପି, ଗୋଟେ କଥା କହନ୍ତି ।'

କପୋତୀ କହିଲା—"କ କଥା, କହୁନା ! ଏତେ ଲାଜ ଲାଗେ ଆଜି !"

କପୋତ କହିଲା— 'ମୋର ମନ ହେଉଥିଲା—'

'କ'ଣ ?'

'କହିବ ?'

"ମନ ମ: କେତେ ଛଇ ହେଉଛି ।"

—"ଅଛ, ଅନେ ଦହେଁ ଅଳଥରେ ବାହା ହେଲେ କମିତ ହୁଅନ୍ତା ?" କପୋତୀ ହସି ହସି କହିଗଲା—'ବେହିଆ ! ଛିଃ !'

"ଅମ ବାହାଘର କଥା ମନେ ଅଛି ତୋର ?'

କପୋତୀ ଭାବିଲା । ବାହାଘରର ମାନେ କ'ଣ ? କପୋତ ବାହାଘର କଥା କହୁଥିବାକ୍ଷଣି କପୋତୀ ମନରେ ଯେଉଁ ଭାବ ଉଠିଥିଲା ସେଇ ଭାବରେ ତାଙ୍କର ବାହା ହୋଇଥିଲା ପର ତ ଜଣୁ ନାହିଁ ତାକୁ । ବାହାଘର କେମିତକା ? ବାହା ହେଲେ କେମିତ ଲାଗେ !

'କ ବାହାଘର ?' କପୋତୀ ପଚାରିଲା

'ବାହାଘର ଦେଖିନୁ ? କର କନାଥ ବାହାଘର ମ ।'

'ନୋଳ ମୁକୁଟ ପିନ୍ଧି ?'

'ହଁ, ଜଅ କଉଡ଼ିବନ୍ଧା ଘଣ୍ଟଅଳରେ ବାଜି ହୋଇ ।'

'ଅଉ ବାଜା ବାଜିବ ନାହିଁ ?' କପୋତୀ ମୁକୁଳ ବସ ଖାଇରେ ଢେଉଛ ସୁହାଣୀ ଢାଳ ଦେଇ ଏ ଥର ।

କପୋତ କହିଲା—'ହଁ ଯୋଡ଼ା ନାଗସ୍ୱ ବସିବ । ଢେଲଫୀ ବାଜିବ ବାଜିବ ।

'ଅଉ ଗାଁ ମାଇପେ ତମକୁ ଦେଖି ବୁଢ଼ାବର ବୁଢ଼ାବର କହି ହସିବେ' ।

'ଅଉ ତୋତେ ? ଯଦ ଓଷା କରି ନୂଆତେଲ ନୂଆତେଲ ବୁଢ଼ା ଜଣ ପୋଡ଼ ଖାଇଥିଲୁ ବୋଲି କହିବେ, କୁଆଁରୀ ପୁନେଇ ଦନ ବହୁ ଓଷେଇଥ ହୋଇ ଜଣ ବୁଢ଼ା ହେଇଗଲା ବେଳକୁ ସ୍ୱନ ବାଛି ବନାଣ କରିଥିଲୁ ବୋଲି ସମସ୍ତେ ଚଲେଇବେ, ନୁହେଁ ?'

'ଯସ, ଭାରି କହିଲା ବାଲ୍ୟ ।'

'ଅଉ ତୁ ମୋ ଅଧିବା ଶୁଣି ବାହୁନି ବାହୁନି କାନ୍ଦିବୁ ।'

'ମୋ ଦୁଃଖ ଯାଉ ନାହିଁ !'

'ଇତରେ ଘରରେ ହସୁଥିବୁ ଯେ ।'

'ଓହୋ ସତେ ଯିମିତ ଶ୍ରୀକୃଷ୍ଣ ଅସିଲେ ରୁକ୍ମିଣୀଙ୍କ ହରଣ କରି ନେବେ ବୋଲି ଯେ ମୁଁ ଖାଲି ଆନନ୍ଦରେ କୁଲୁକି ଉଠିବି ।'

'କନ୍ଥ କାପ୍ତ ନେଲ, ସେ ସବୁ ବଡ଼ ପୁରୁଣା-କାଳିଆ ବାହାଘର !'

'ଅଉ ନୂଆ ଯୁଗର ବାହାଘର କମିତ ?'

'ଏବ ଯୁଗରେ ବାହାଘରଟା ଗୋଟେ ମାମୁଲି ଲୌକିକତ'

'ତେବେ ସେ ବାହାଘରରେ କ ମଜା ?'



Digitized by srujanika@gmail.com

'ବାହାଘରରେ ଆଉ କି ମଜା ! ବାହାଘରଟା ହେବାର କଥା, ବେଳ ହୋଇଯାଏ । କିନ୍ତୁ ମଜା ଥାଏ ବାହାଘର ଆଗରେ ।'

"କିମିତି ?"

"ତୁ ଯେବେ ଚିହ୍ନି ନ ଥିବୁ, ମୁଁ ତୋତେ ଚିହ୍ନି ନ ଥିବି । ହଠାତ୍ ଦିନେ କଉଁ କାଳନ୍ଦୀ କୂଳର କଦମ୍ବ ମୂଳରେ ହେବ ପ୍ରଥମ ଭେଟ ।"

'ଓଃ ହୁଁ ଏ ବି ପୁରୁଣା କାଳିଆ ।'

'ନା—ନା—ଏ ନୂଆ, ଏକଦମ୍ ନୂଆ । ଆଗେ ଯିଏ ରାଧାକୃଷ୍ଣଙ୍କ ନା ଶୁଣି, କି ନାମ ବୋଇଲ୍ ଆଉ ଥରେ ବୋଲ ବୋଲି ବାଇଆ ହୋଇ ପଡୁଥିଲେ, ଏବେ ଆଉ ସେ ଅପାର୍ଥିବ ଅସ୍ୱାଭାବିକ ପ୍ରେମ ନାହିଁ । ଏବେ ଯୁଗର ପ୍ରେମ ସେ ସତ୍ୟ, ସୁନ୍ଦର, ପାର୍ଥିବ, ବାସ୍ତବ । ଦେହ ଦେହର ଆକର୍ଷଣ ।'

'ଏ ବଡ଼ ଭୀଷଣ ପ୍ରେମ—ଏ ବଡ଼ ବିଚିତ୍ରିଆ ପ୍ରେମ । ମୋତେ ଡର ମାଡୁଛି । ତମେ ଇମିତି ଡାହାଣୀଙ୍କ ପରି ଅନେଇଛ କାହିଁକି ?'

'ପ୍ରେମଟା ଆଉ କ'ଣ ତ ଖାଇବାର ଆଉ ଏକ ଢଙ୍ଗ !'

'ତମ ପୁରୁଷ ଗୁଡ଼ାକ ଯାକୁ ଦିନେ ଏଇମିତି ଗୋଟେ ଗୋଟେ ଆଦର୍ଶ ଆବିଷ୍କାର କରି ଆମ ମାଇପି ଜାତିଙ୍କୁ ତାଁର ଗୋଲାମ କରି ରଖିଛ ।'

"ଆହା, ଭୁଲ ବୁଝିଲୁ କାପ୍ରା । ମାଇପଙ୍କୁ ଗୋଲାମ କରିବାର ଯୁଗ ଆଉ ନାହିଁ । ଏ ଯୁଗ ଆଉ ଆଦର୍ଶର ଯୁଗ ନୁହେଁ ।"

"ସେ ଯାଉ ଯୁଗ ହେଉ, ପୁରୁଷ ଗୁଡ଼ାକ ଆଉ କ'ଣ ବଦଳି ଗଲେ କି ? ସ୍ୱାର୍ଥପର ଜାତି ।"

କପୋତ କପୋତୀକି ଜଳ ଜଳ କରି ଚାହିଁଲା । କପୋତୀର ଆଜି ଏ କି ଭାବ ।

"ମୁଁ କ'ଣ ମିଛ କହିଲି ।"

କପୋତ ପଚାରିଲା—"କପୋତି—ତୋ ମୁହଁରୁ ଏ କଥା ଶୁଣିଲି ।"

"ଆହା ରାଗିଲ କି ? ମୁଁ କ'ଣ ତମ କଥା କହିଲି । ସମସ୍ତେ କ'ଣ ସମାନ ? ମଣିଷ ଭିତରେ ତ ଭଲ ମନ୍ଦ । ଭଲ ମଣିଷ ରହିଛନ୍ତି । ତମେ, ଆଉ ସମସ୍ତେ ।" କହି କପୋତୀ କପୋତ ପାଖକୁ ଘଷି ହୋଇ ବସିଲା । କପୋତ ତା' ଆଖିକୁ ନ ଚାହିଁ ଚାହିଁଲା ପଶ୍ଚିମ ଆକାଶର ଅଲଥ ହଳା ପା' ଭାଗ ତଳକୁ । ସୂର୍ଯ୍ୟ ପଛରୁ ପୋଛି ହୋଇଗଲା ପରି ସେଇଟି ନାଲି ନାଲି ହରଫର କେତେ ପ୍ରଶଂସା ପତ୍ରର ଯେମିତି ଲିପି ହୋଇ ଯାଉଥିଲା । ଅନ୍ଧାରର ପୋଥି ଗାଦିକ ସତେକି ଆଉ ଥରେ ମାଟିରେ ଯୋଡ଼ି ହୋଇ ପଡ଼ୁଛି ।

'କି—' କପୋତୀ ମ୍ରିୟମାଣ ଭାବି ପଚାରିଲା—"ରହି ଗଲ ଯେ—କହିଲ ନାହିଁ କି ?"

"କି କଥା ?" ଅନ୍ୟମନସ୍କ କପୋତ ପଚାରିଲା ।

"ସେଇ ବାହାଘର କଥା ମ ।"

"କପୋତୀ, ମୋର ମନେ ହେଉଛି ଅନେକ ଦିନ ଘଷାଘଷି ହୋଇ କେମିତିଆ ଏକଘେଇଆ ଲାଗିଲାଣି ଦୁନିଆଟା । ସେଥିପାଇଁ ତୁ ମୋ ଉପରେ ଚିଡ଼ୁଛୁ ମୁଁ ତୋ ଉପରେ ଚିଡ଼ୁଛି ।"

"ତମ କଥା ତମେ କହୁଛ । ମୁଁ ତ ତମ ଉପରେ ଚିଡୁ ନାହିଁ । ପୁରୁଷ ଗୁଡ଼ାକ ଡରର ଜାତି । ଆଜି ଏଠିକି ଆସି ସେଠି । ତମକୁ ମୁଁ ପିଟା ଲାଗିବଣି ।"

'ମାଇପ ଗୁଡ଼ାଙ୍କ ମୁଖରେ ପାପ୍ରିୟତ, ପେଟରେ ବିଷ । ତାଙ୍କ ପେଟରେ, ତାଙ୍କ ମାୟାରେ ଦେବତା ବି ପଶି ପାରିବେ ନାହିଁ । ସେ ଭାବନ୍ତି ଗୋଟେ, କହନ୍ତି ଆଉ ଗୋଟେ ।'

କପୋତୀ ମୁହଁ ଫଣ ଫଣ କରି ଉଠିଲା । କପୋତ ଆଜି ଏ କି କଥା କହୁଛି ? କପୋତ ମନରେ ଆଜି ଏ କି ସନ୍ଦେହ ?

କପୋତ ତା ମୁହଁ ଦେଖି ଡରି ଗଲା । ତାକୁ ଭୁଲେଇ ଦେଇ କଥା ବୁଲେଇ କରି କହିଲା—"ସେ ଭାବନ୍ତି ଯେ ତାଙ୍କ ବେଶ୍ ପରି ଦୁନିଆରେ କେହି କିମିତି ମାଇପ ହୁଅନ୍ତି ପୁରୁଷ ନ ଥିବ, ଜାଣନ୍ତି ସେ ତାଙ୍କ ସ୍ୱାମୀ ପରି ସ୍ତ୍ରୀର ସ୍ୱଭାବ ମାନେ ନାହିଁ କିନ୍ତୁ ତଥାପି ସେ କ୍ଷମା ଦେବାକୁ ଯାଉନ୍ତି ନାହିଁ—ତାଙ୍କ ଅନ୍ତରଟି ଗୋଲାମ କରି ରଖିବା ପାଇଁ !"

ସରଳା କପୋତୀର ମନଟା ଲୁଚିଲା ମୋଟେ ହୋଇଗଲା । କପଟ ରାଗରେ ସୁନ୍ଦର ମୁହଁ ଚଢ଼େଇ କପୋତୀ କହିଲା—"ଆହା ହା—ମିଣିପେ ଗୁଡ଼ାକ ବଡ଼ ସରଳ ଏକା । କିଛି ଜାଣନ୍ତି ନାହିଁ । ମୋହନ ମୂର୍ତ୍ତି, କଥାଳ ଲୁହା କାହିଁରେ ଥାଆନ୍ତି ନାହିଁ । ମାଇପେ ତାଙ୍କୁ ଭୁଲେଇ ବିଣା କିଙ୍କର କରି ରଖିଥାଆନ୍ତି ଯେମିତି, ସେ ବୁଝି ପାରନ୍ତି ନାହିଁ । ଆହା ହା—କେତେ ଅଲେଲ କଣ୍ଢେଇ ।"

କପୋତୀ ମୁହଁଟାକୁ ଛଡି ଦେଇ ଛୁଇଲା ଡହୁଳୀ ମହୁଲା ପରି ନ ଚାହିଁ ଚାହିଁବାର ଚାଣିରେ ଆଉ ଥରେ କପୋତ ଛାତିରେ କାଟାରି ହାଣି ଦେଲା କି ଅଉ ।

ବୃଥା ଅଭିମାନର ଘେରା ଦୁନିଆର ଅବ ପ୍ରେମକୁ ଗୋଟେଇ ଆଣି ଏଡ଼ିକ ଛୋଟ ଗୋଟିଏ ଚଢ଼େଇ ବସାରେ ଦୁଇଟି ଅନ୍ତରର ଅନ୍ତରାଳରେ ସାଇତି ରଖି ଦେଇ ସନ୍ଧ୍ୟା ପରେଇ ଥିଲା ରଜନୀ ରାତିର କଳ୍ପନା କରିବାକୁ ତରୁ ତଳରେ ତରୁ ଆକାଶର ଅନ୍ଧାର ଥାଇ ଯାଏ । କପୋତ କପୋତୀ ଦୁହେଁ ଆଉ ଥରେ ଦୁହିଁଙ୍କ ପ୍ରଣୟର ଚୁମ୍ବନ ଖାଉଥିଲେ । ସାରା ଦିନର ବିରହରେ କିମିତିକା ଗୋଟେ ଜାଳିଆର ଭାବ ପରସ୍ପରର ଗାଢ଼ ସ୍ପର୍ଶରେ ସତେକି ଉଭେଇ ଯାଉଥିଲା ।

କପୋତ କହିଲା—"କପୋତି, ଏମିତିଆ ଯୋଡ଼ି ଯୁଗଳରେ ନବକୁ ଅନନ୍ତକୁ ନଗାଡ଼ି ପିଟିବାପାଇଁ [illegible] ବଡ଼ ଲୋଡ଼ା ପଡ଼ୁଯାଏ, ନୁହେଁ ? ସବୁବେଳେ ଭଙ୍ଗାଭଙ୍ଗରେ ମନ ଚିଡ଼ି ଉଠେ ।



(୫)

Digitized by srujanika@gmail.com

ରସ ଚମ୍ପୂକ୍ତ ଫଳ ସିଠାପରି ମିଠା ନ ଥାଏ ସବୁ ବେଳର ପ୍ରେମରେ ।"

କପୋତୀ କହିଲେ—"ତମେ ଆଜକାଲି ଏ ସବୁ କି କଥା କେଉଁଠୁ ଆଣି ମୋତେ ବତାଉଛ ମ! ଏ କଥା ଶୁଣି ମୋତେ ଡର ଲାଗୁଛି । ମୁଁ କ'ଣ ତମକୁ ତିତା ଲାଗିଲିଣି ?"

କପୋତ କହିଲା—"ନାଁ, ତିତା ନ ହେଇ ପାରେ କିନ୍ତୁ ମିଠାରେ ମୁହଁ ବାନ୍ଧି ବାରିଲି ଡର ନାହିଁ ।"

"ତମେ କେଉଁ ବଡ଼ଘର ଝିଅଙ୍କ ପ୍ରେମପଙ୍କରେ ପଡ଼ିଗଲଣି ଏକ ନୂଆ ବଡ଼ିଆ କଥା ଶୁଣାଉଛ ? ବଡ଼ ଲୋକେ, ଯାହାଙ୍କର କାମ ନାହିଁ, ଧନ୍ଦା ନାହିଁ, ଯେ ଘର ମୁଣ୍ଡରେ ହାତ ବୁଲେଇ ସରଳ ଲୋକଙ୍କୁ ଭୁଲେଇ ଭାଳେଣି, ନିରୀହ ଲୋକଙ୍କ ଦେହକରା ମିହନତର ରୋଜଗାରକୁ ନେଇ ଉଡ଼ାଇବାରେ ଉଡ଼େଇ ଲଢ଼ି ଆନନ୍ଦ ଅପଚୟରେ ଖରଚ କରୁଥାନ୍ତି, ପରର ମଲଦଖ ସମସ୍ତଙ୍କୁ ହରଣ କରି ଯାହାଙ୍କର କେବେ ଫାଳେଦା ବେଳଡାକ ଆପଣାକୁ ବୋଝ ହୋଇ ମାଡ଼ି ବସୁଥାଏ, ଜୀବନରେ ନାଟକରେ ଯାହାଙ୍କ ଆଖିର ନିଦ ଆସେ ନାହିଁ, ଧନ ଯାଏ, ଧନ ଆସେ, ତଥାପି ଯାହାର ଧନ ପଛୁ ନ ଥାଏ ତାଙ୍କୁ ବିନା ଏ ନିତି ନୂଆ ଏ ଏକାଧାରୁ ପ୍ରୀତିଟା କେମିତି କେମିତି ପିତାଳିଆ ଲାଗେ, ତାଙ୍କ ପ୍ରେମ ବିନା କସା ବାସନରେ ଖଟା ଖାଇଲାପରି ଲାଗୁଛି ଯେ, ସେଥିପାଇଁ ସେ ନୂଆ ବାସନ ନୂଆ ଖାଦ୍ୟ ଖୋଜି ବୁଲନ୍ତି କାଳ କଟେଇବାକୁ । ହେଲେ ଆମପରି ନାଗି ମଜୁରିଆ ଲୋକ, ଦୁନିଆର ଯାବତ ଅଣ୍ଡିରାକୁ ଯେ ବାହୁ ଜୋର୍ କରି ବହି ଚାଲିଛି, ତାଙ୍କ ପ୍ରେମ ଯେତେ ମିଠା ହେଲେ ବି ତିତା ଧରେ ନାହିଁ । ସଂସାରର ସୁବିଧା ଅସୁବିଧା, ଦେହକୁ ମଞ୍ଜୁଷା, ଦଣ୍ଡ ଦିନ୍ତା ତ ଆମର ଅଭାବର ଭୂତଙ୍କ ତଡ଼ାଇଲା ପରେ ତାଙ୍କ ପାଇଁ ସବୁବେଳେ ଦୁଃଖଦ ଜଳଜଳା କରି ରହିଥାଏ, ପ୍ରେମକୁ ଡର ନାହିଁ ଯେ ମୁହଁ ବାନ୍ଧି ପକେଇବ ବା ଅରୁଚି ଲଗେଇ ଦେବ । ତାଙ୍କ ପ୍ରେମ ତ ପରିଶ୍ରମ ଶେଷର ନିଦ ଭଳି କେବଳ ଗୋଟାଏ ଦୁଃଖ ପାଶୋରା ମୋଦକ !"

"ନାଇଁଲୋ କପୋତି, ମୋ ଆଖିରେ କ'ଣ ଆଉ ରଙ୍ଗ ଅମଳର କଥା ପଡ଼ୁଛି କି ? ମୋତେ ଗୋଟେ ନୂଆ ଦୁନିଆର ମୋହ ଘାରୁଛି । ସେ ଦୁନିଆଁ କେମିତି ଜାଣୁ ?"

'କେମିତି ?'

"ସେ ଦୁନିଆରେ ସ୍ତ୍ରୀ ପୁରୁଷ ସମସ୍ତେ ସମାନ ।"

କପୋତୀ ହସି ହସି ଗଡ଼ିଗଲା । ସେ କେମିତିକା କଥା । ଅଲଗିଲା କଥା । କପୋତ ଦୁଃଖ-ଗମ୍ଭୀର ସ୍ୱରରେ କହିଲା—"ତୁ ବୁଝି ପାରୁ ନାହୁଁ କପୋତି, ତୋତେ ହସ ଲାଗୁଛି, ଦିନ ଆସିବ, ବଳେ ବୁଝିବୁ । ଅନ୍ଧ କେତେ ଅନ୍ଧାରରେ ରଖିଛି ମୁଁ ତୋତେ ।"

"ଧେତ୍ ଧେତ୍—ଅନ୍ଧାର, କି ଅନ୍ଧାର ମ ! ତମେ ମୋ ପାଖରେ ଥିଲେ ମୋତେ ସବୁ ଆଲୁଅ ଦିଶେ । ମୋତେ ତ ତମେ କେବେ ଅନ୍ଧାରରେ ଛାଡ଼ି ଚାଲି ଯାଇ ନା—ଆଜି ଏମିତି କଥା କହୁଛ କାହିଁକି ମ । ତମ ମନକୁ ଏ ପାପ କାହିଁକି ଛୁଇଁଲା, ସତ ସତ କ'ଣ ଆଉ କାହା ପ୍ରେମରେ ପଡ଼ିଲଣି କି ?"

"ପଡ଼ିଲି ତ ଭାରି ଗଲା କ'ଣ ? କି ସୁନ୍ଦର କାଳିଆ କଥା କହୁଛ ମ ?"

କପୋତୀର ଆଖି ଯୋଡ଼ିକ ତରା ପରି ଟାଳ ଟାଳ ହୋଇ ଅଁ କରି ସ୍ଥିର ରହିଥାଏ । କପୋତ କହୁଥାଏ—'ଧର ମୁଁ ଯଦି ତୋତେ ଆଉ ଏତିକି ପସନ୍ଦ ନ କରେ ତୁ ଯଦି ସେଇ ହାରିଗଲା କପୋତକୁ ଦୟା କରୁଁ କରୁଁ ତା ପ୍ରେମରେ ପଡ଼ିଯାଉ ତେବେ କ୍ଷତି କ'ଣ ?'

"ଛି ଛି କି କଥା ମିଛରେ ମୁହଁକୁ ଆଣୁଛ ।"

"ଏଇ ସବୁ ଅନ୍ଧ ଧାରଣା ତମ ମନରୁ ନ ଗଲେ ଯାଏ ତମ ମାଇକିନିଆ ଜାତିର ଉନ୍ନତି ନାହିଁ ।"

"ଆମର କି ଉନ୍ନତି ମ । ତମ ଭଲରେ ଆମ ଭଲ । ଆମେ ତମର ଦାସୀ—ତମର ସହଧର୍ମିଣୀ । ତମ ଯେଉଁ ଧର୍ମ ଧରିବ ଆମେ ସେଇଟା ଆଚରିବୁ । ପତି ବିନା ସ୍ତ୍ରୀର ଗତି ନାହିଁ ।"

"ଏଥିରେ ତୋର କିଛି ଦୋଷ ନାହିଁ । ଆମେଇ ତମକୁ ଅନ୍ଧାରରେ ରଖି ପୁରୁଷ ଜାତିର ସ୍ୱାର୍ଥ ସିଦ୍ଧି ଲାଗି କେମିତି କେତେ ପ୍ରକାରର କୁନୀତି ଶିଖେଇଛୁ । କଥ ପଦରେ ବେଙ୍ଗ ଯେମିତି ଫାଳିଏ ଫାଳିଏ ହୋଇ ପୃଥିବୀ ତୋଳିଁ ପଡ଼ିଲା ବେଳେ ବଡ଼ବଡ଼ କରେ ତମେ ସେମିତି ଗୋଟିଏ ଗୋଟିଏ ପୁରୁଷକୁ ପାଇ ସଂସାରକୁ ବଶ କରି ନେଲ ବୋଲି ଭାବ । ତମ ସଂସାରଟା ଏତିକିଟିଏ ।"

"ସଂସାର ଯେତେ ବଡ଼ ହେଲେ ବି ତାକୁ ଜୟ କରିବା ବା ବଶ କରିବା ଯେତେବେଳେ ଆମ ଆଇତ୍ତ ବାହାରେ ଆମ ସଂସାର ଏଇ ଶ୍ରେଷ୍ଠ ହୋଇ ରହିଥାଉ ।"

"ଏ ବଡ଼ ସଂକୀର୍ଣ୍ଣତା, ଶ୍ରେଷ୍ଠ ନାରୀ—କପୋତ ! ଏ ଜାତିଆ ଧର୍ମବନ୍ଧ ବନ୍ଦୀ ପ୍ରୀତିରେ ଆନନ୍ଦ ନ ଥାଏ । ତୁ ମୋତେ ଜାଣୁ, ମୁଁ ତୋତେ ଜାଣେ । ଧାରନ ଦଣ୍ଡରେ ବନ୍ଧା ହୋଇ ବାଧ୍ୟ ବାଧକତାରେ ଦୁହେଁ ଯାକ ଦୁହିଙ୍କ ପାଖରେ ପଡ଼ିଛୁ । ତାକୁ ଛିଣ୍ଡେଇ ଯିବାର କାହାର ଉପାୟ ନାହିଁ । ଏ ବନ୍ଦୀ ପ୍ରେମରେ କି ଲାଭ ? ତୁ ଚିନ୍ତାଏ ମନର ତାଲାକୁ ଖୋଲି ଦେଇଲୁ, ଏ ଧର୍ମ ଦଣ୍ଡ କେବଳ ଛାଡ଼ିଲେ ଆମେ କ'ଣ ଏଇ ମନ ଧରି ରହି ପାରନ୍ତେ ? ଧର୍ମ ବାନ୍ଧ ହୋଇ ଚାଲି ଯାଇବାରେ କି ଲାଭ—କି ସୁଖ ?"

"ତେବେ ତ ସଂସାର ଚଳନ୍ତା ନାହିଁ । ସମସ୍ତେ ସମସ୍ତଙ୍କୁ ଛାଡ଼ି ପଳାନ୍ତେ । କେହି କ'ଣ ଥୟ ଧରି କେଉଁଠି ରହନ୍ତା ?"

"ନ ରହୁ ! ତୁ ଆଉ ତ ଥିର ନୁହେଁ । କାହିଁ ଦୁଃଖଟା ସଂସାରରେ ତର କି ? ସେଥିପାଇଁ ସବୁ ଦିନିଆ ଆଖିରେ କିଛି ଦେଖିବାର ନାହିଁ । କଣ କଥା! ଚିରସ୍ଥାୟୀ ନୁହେଁ ବୋଲି, ଜନ ନେତ୍ରରେ ଯାହା ଦୁଃଖ ବୋଲି ଦିଶୁଥାଏ ସେ ତାହାକୁ କ୍ଷଣି-

ଯିବା ପାଇଁ କ୍ଷଣକ ଲାଗି ହାତକୁ ଆସେ ବୋଲି କ'ଣ ଆମେ ଏ ଦୁଇଟି ଜୀବନରେ ଦୁଃଖ ସମ୍ପଦର ମେଘ ଛୋଟ ଛୋଟ ମୂର୍ଚ୍ଛ ଗୁଡ଼ିକ ଫିଙ୍ଗି ଦେଇଯିବା । ଯେଉଁ ଦଣ୍ଡକ ଲାଗି ସିଏ ମୋର ହୋଇ ପାରିଲା ତାର ସେହି ଦଣ୍ଡକ ଲାଗି ଦେଇଗଲା ସୁଖର ମୂଲ୍ୟ ଏ ସାରା ଜୀବନର ଧରାବନ୍ଧା ପ୍ରେମଠାରୁ ଢେର ବେଶୀ । ପିଞ୍ଜରା ଭିତରେ ଚଢ଼େଇକୁ ଶିଖି ପାଠ ପଢ଼େଇବାରେ ବେଶୀ ଆନନ୍ଦ, ନା ଉଡ଼ନ୍ତା ପକ୍ଷୀ ଆସି ହାତକୁ ଆହାର ସାଉଁଟି ନେଲେ ବେଶୀ ଆନନ୍ଦ । ସେ ଧର୍ମ ହେଉ ସମାଜ ହେଉ ବା ଆଉ କିଛି ହେଉ କାହାର ବା ପର ବେଢ଼ୀରେ ହୃଦୟର ପେଡ଼ୀକି ଗଣ୍ଠି ପକାଇ ତାକୁ ରଖିବାରେ ଆପଣାର ବୋଲି ସିଏ ଗର୍ବ କରେ ତା'ଠୁଁ ମୂର୍ଖ ଆଉ କେହି ନାହିଁ । ନିଜ ଇଚ୍ଛାରେ ଯେ ଆସି ଧରା ଦିଏ ତାର ଦାନ ଯେ ଦାନ—ଅମୂଲ୍ୟ ଅତୁଳ ।"

"ଥରେ ଯେ ତାର ମୂଲ୍ୟ ଜାଣିଛି ତା ପ୍ରତି ଆସକ୍ତି କେବେ ଯିବ ନାହିଁ । ସେ କାହାର ହୋଇ ରହିବ ନାହିଁ, କହି ହଉଚି ।"

"ହା—ହା—ହା—ପୁରୁଷ ଜାତି ଆଜିଯାକେ ତମକୁ ଏଇ ପାଠ ପଢ଼େଇ ଆସିଛି, ନୁହେଁ ?"

"ପାଠ କେହି ପଢ଼ାଏ ନାହିଁ କାହାକୁ । ଘୋଷା ପାଠ ଶୁଆ ପାଠ ସମାନ । ଯଉଁ ପାଠ ଆପଣା ମନ ଭିତରୁ ଉଠେ ସେଇ ପାଠ ଯେ ପାଠ । ମୋ ମନ ମତେ କହୁଛି, ଦୁନିଆର ହଜାର ହଜାର ବର୍ଷ ଧରି ଅନେକ ନଭାଇଲା କଥା ଏ—ସ୍ତ୍ରୀଲୋକ ନ ଥିଲେ ଅମାନିଆ ମନ କାହାର ନୁହେଁ । ମନ ଆପେ ଆସି ବନ୍ଧା ହେବ ବୋଲି ଛାଡ଼ି ଦେଲେ ସେ ଆଉ ଧରାଛୁଆଁ ଦିଏ ନାହିଁ ।"

"ମନକୁ ଯେତେଯାଏ ଜବରଦସ୍ତି କରି ବାନ୍ଧି ରଖିଲେ ତ ମନ ସ୍ତ୍ରୀଲୋକ ଘରୁ ଛାଡ଼ି ପଳାଏ ?"

"ସେଥିପାଇଁ ମନକୁ ସାଇତି ଦେଉଛି ଧରି ରଖିବାକୁ ହୁଏ । ଆମ ଏ ସଂସାରକୁ ମୁଁ ତ କେବେ ଜବରଦସ୍ତି ବୋଲି ମନରେ ଭାବି ନାହିଁ । ଏ ଘର ଭିତରେ ମୋତେ ତ କେହି ବାଡ଼ି ଦେଖାଇ ଦିଏ ନାହିଁ । ଏ ଘରର ଛାୟାତଳ ଛାଇରେ ଭଲ ଦିନର ଏକ ନାନ ବାଦ୍ୟ ଗୀତର ମୂର୍ଚ୍ଛନା ମିଶିଥାଏ । ଥକା ପାଦରେ ତେଲ ମାଲିସ କଲା ପରି ଏ ଘରେ ତକିଆ ପକାଇଲା ବେଳକୁ କି ଆରାମ ଲାଗେ ମତେ ।"

"ଚଢ଼େଇ କି ନିଜେ ଖୋଜି ଛାଡ଼ି ଦେଲେ ଯିମିତି ଅଗଲ ପାଣି ଦେଲା ବେଳକୁ ସେ ବଳେ ବଳେ ଆସି ପିଞ୍ଜରାରେ ପଶେ ଠୋ ଦଶା ସେମିତି । ଚଢ଼େଇ ଭାବେ ସେ ସ୍ୱାଧୀନ କିନ୍ତୁ ତା ଦଦଗକୁ କହିଲେ ନ ସରେ । ପରାଧୀନତାରେ ବି ଗୋଟେ ନିଶା ଥାଏ ।"

"ଜୀବନଟାଇ ତ ଗୋଟେ ନିଶା । ସେ ନିଶା ନ ଲାଗିଲେ ଜୀବ ଜୀଇ ପାରନ୍ତା ନାହିଁ । ସେ ନିଶା ଥାଏ ବୋଲି ତ ଲୋକେ ସେ ବାନ୍ଧି ହୋଇ ରହୁଛି । ଦେହ ପଞ୍ଜୁରୀ ତ ନୁହେଁ, ତଥାପି ପ୍ରାଣ ପକ୍ଷୀ ତାର ଭିତରେ ମୋର ମୋର କହି କହୁଥାଏ— ଅତି ଅସହ୍ୟ ନ ହେଲେ ଭାଙ୍ଗି ପଳାଏ ନାହିଁ । ଉପରେ ଅଉ ଗୋଟେ ପକ୍ଷୀ ସାର୍ଥୀ ହୋଇ ଟିକେ ଦେଖୁଥାଏ । ବେଳେ ବେଳେ ଡାକ ଛାଡ଼େ । ସେ କ'ଣ ଶୁଣେ ତା' ଡାକକୁ, ଜୀବନ ପାଇଲାକ୍ଷଣି ଜୀବ ଯଦି ମରି ପଳାଉଥାନ୍ତା ତେବେ ତ ଖାଲି ଜନମ ମରଣ ଲାଗି ଥାଆନ୍ତା । ଜୀବନଟା ଗୋଟାଏ ଗୁପ୍ତ କଥାର ଲୁଚି ଅପୁରୂପ । ଆଉ ମାନ କେବଳ ଗୋଟାଏ ଲୁଚକାଳି କଥା ହୋଇ ରହିଯାଆନ୍ତା ।"

ଏଥର ବେଳେକ ବସା ତଳେ ଖସଖସ ଶବ୍ଦ ହେଲା । ଦୁହିଁଙ୍କ ଦେହ ଚମକି ପଡ଼ିଲେ । ଘର ଭିତରକୁ କେଉଁ ଗୁଣ୍ଡାଏ ସାପଟା କେଉଁ ପଟୁ ଆସିଲା । ପ୍ରାଣ ଆତଙ୍କରେ ଦୁଇଟି ପ୍ରାଣୀ ବସା ଭିତରୁ ଉଡ଼ି ଗଛ ଉପରର ଅନ୍ଧାରି ଅଲୁଅରେ ଯାଇ ବସିଲେ । ଦୁହିଁଙ୍କ ଦେହ ଥରୁଥାଏ । ଦୁହେଁ ଦୁହିଁଙ୍କୁ ଘେରି ରହିଲା ପରି ଯୋଡ଼ି ହୋଇ ବସିଥାନ୍ତି । ବସ୍ତବରେ ମୋହଟାରେ ସେମିତି ପ୍ରେମର ବନ୍ଧନ । ଆଉ ପ୍ରାଣର ଭୟହିଁ ମଣିଷର ପ୍ରେମର ପରମ । ଭୟ ନ ଥିଲେ ପ୍ରାଣୀ ଯେମିତି ଛିଟ୍କି ବେଳ ଭୁଲି ଯାଆନ୍ତା, ପରିସ ନ ଥିଲେ ଜୀବ ଜୀବର ଚେନାଚେନା ଭାବଟା ସେମିତି ଦେହର ମଳ ଜଳଥିବା ହାତରେ ଲାଗି ବାହାରେ ଧୋଇ ହୋଇ ଯାଉଥାନ୍ତା ।

ତହିଁ ଆରଦିନ ଦୁହେଁ ପାଖ ସାଙ୍ଗ ହୋଇ ଏକ ଦିଗରେ ଗଲେ । କେହି କାହାକୁ ଅଲଗା ହେବାକୁ କହୁ ନ ଥାଏ କି କେହି କାହାଠାରୁ ଅଲଗା ହେବାକୁ ଚାହୁଁ ନ ଥାଏ ।

ଉଡ଼ି ଉଡ଼ି ଗୋଟିଏ ରାସ୍ତା କଡ଼ ବଡ଼ ପ୍ରେସ୍ତ ଗଛ ଶାଖାରେ ପକ୍ଷ ଖୋଲି ବସିଲେ । ଦୁନିଆର ରଙ୍ଗମଞ୍ଚ ଉପରୁ ପରଦା ଖୋଲିଗଲା । ତଳେ ଗୋଟିଏ ଯୁବକ ଆଉ ଗୋଟିଏ ଯୁବତୀ । ଉପରେ ବସିଥିଲେ କପୋତ ଓ କପୋତୀ ।

କପୋତୀ ପଚାରିଲା—"କପୋତ ! ଏମାନଙ୍କର କଣ ହେବ ?"

କପୋତ ହସିଲା, କହିଲା—"ସେଇଆ ଯାହା ତୋର ମୋର ହୋଇଥିଲା ।"

"କ'ଣ ସେହିପରି ?"

"ହଁ, ଚେନାଚେନା, ଦେଖାଦେଖି, ଯାହା ହବାର କଥା ସେଇଆ ।"

"ଏଥିରେ କାହାର ଭାଗ ବେଶୀ, କାହା ଭାଗ କମ ?"

"ଦେବାରେ ଯୁବତୀର ଭାଗ ବେଶୀ ।" କପୋତ କହିଲା ।

"ନା—ଯୁବକର ଭାଗ ବେଶୀ ।" କପୋତୀ ପ୍ରତିବାଦ କଲା ।

"କେମିତି ? ସ୍ତ୍ରୀ ତାର ଜୀବନର ସର୍ବସ୍ୱ କରିଥାଏ ପୁରୁଷକୁ । ପୁରୁଷ କ'ଣ କରି ପାରେ ତା' ?"

"ପୁରୁଷ ଯଦି ନ ଖୋଜନ୍ତା ତାର ଏକା, ଗୋଟିକ ଯାକ ତା'ର, ଆଉ କାହାର ନୁହେଁ, ତାର ଏକା ବୋଲି ଅବଦାର କରି ନ ପାରେ ତେବେ କ'ଣ ସେ ଦେଇ ପାରନ୍ତା ? ପୁରୁଷର ଦୁଆରେ ଯଉଁ ଅଭୁପଣତା ପଣ ଥାଏ ନାରୀ ଜୀବନର ମୂଲ୍ୟ କଷା ହୁଏ ତାକୁ ଅଭିମାନ କରି ।"



Digitized by srujanika@gmail.com

"ନାରୀ ନ ଥିଲେ ପୁରୁଷ ପ୍ରେରଣା ପାଆନ୍ତି ନାହିଁ ସୃଷ୍ଟି କରିବାକୁ ।"

"ପୁରୁଷ ନ ଥିଲେ ନାରୀର ଶୋଭା ପାଆନ୍ତି ନାହିଁ—ଅସ୍ପ ପ୍ରକାଶ ହୁଅନ୍ତି ନାହିଁ ସୃଷ୍ଟିର କମନୀୟତା ଭିତରେ ।"

"ନାରୀର ପ୍ରଣୟ ପୁରୁଷର ରକ୍ଷା କବଚ । ତା ବିନା ହୁନଅର ଦାମ୍ଭ ସ ହୁଅନ୍ତି ନାହିଁ ।"

"ପୁରୁଷ ଗଛ ନାରୀ ଲତା । ବିନା ପୁରୁଷ ଆଶ୍ରୟରେ ନାରୀ—"

"ଆହା ତା ତ ହେଉ ପୁରୁଣା କଥା ।"

"ତେବେ ସେ ଯୁବକଟି ତ ସେଇ କଥା କହୁଛି ।" କପୋତୀ ପଚାରିଲା ।

"କ ହିଁବ କହୁଛ ଜାଣ ? ଏ ଦହେଁ ବାଡ଼ହେବେ ।"

"ଯାହାର ବାଦ ଘଟେ । ଭଗିଦ ଦବ-ପ୍ରତାପଡ୍ୟ ନା ଗାନ୍ଧିକ ନା ଅନ୍ୟ କିଛି ?"

"ତେବେ ର ଦରୁ ବେଳେ ସେଇ ପୁରୁଣା କଥା । ମନ କଉଁ କାଳର ଲୋକ । ମନ କେହି ଥିଲା କି ନାହିଁ କେହି ଜାଣେ ନା । ଶିବ ଦେବ ଦବ ମୁଁ ନ ଅ ଅର୍ଥ ବଦଳାଉଛି । ବିବାହର ଗୋଟାଏ ମନ୍ତ୍ରାନ ଅଛି । ବିବାହଟା ଗୋଟେ ଚୁକ୍ତି—ଗୋଟେ ରାଜିନାମା ।"

"ଅଗରୁ ତ ସେଇତ ଥିଲା । ମାଇପେ ଘର କାମ କରନ୍ତି । ପୁରୁଷ ବାହାର କାମ କରେ । ପୁରୁଷ ଲୁଚିନ୍ ଯୋଷେ ମାଇପେ ନନନ ପାଳନ କରନ୍ତି । ଦହେ ବାଁ ଅଗାମୀ କାଳର ଘର ତୋଳି ଦାନ୍ତି. ଏମିତିଆ ନା ।"

ତେବେ ଧେ, ସେ ଦରୁ ସେହି ପୁରୁଣା କାଳଅ କଥା । ସେଟା ଚୁକ୍ତି ନୁହେଁ । ସେଟା ଭାଗ ବାଣ୍ଡ । ସେଥିରେ ଗୋଟେ ବାପହାଣ ଛିଙ୍କେ ଜେଲବାର ଭାବ ଥାଏ । ବାଧବାଧକତାରେ ସବୁ ପିତା ଦେଖି ଯାଏ । ଅଜିକାଲିକା ଚୁକ୍ତି ଥାନ୍ ଧର ବନ୍ଧ ହେବରେ ନହିଁ । ଯେ କହେ ନ ହ, 'ଅନେ କେହି କାହାକୁ ଛାଡ଼ିବା ନାହି ଛାଡ଼ି ପାରିବା ନ ହ ଛାଡ଼ିଲେ ଚଳିବ ନାହିଁ, ସେଥି ପାଇଁ ଭାଗ୍ୟ କାଚୁ. ମୁଁ ଯୁ କରିବା ।' ସେ ଚୁକ୍ତିଟାକୁ ଠିକ୍ ଉଲଟା ଦିଗରୁ ଦେଖେ । ସେ କହେ—"ଆମେ ଅଲଗା; ଏ ଅଲଗା ଛଡ଼ା ଛଡ଼ା ହେବାରେ କେହି ହାତ ଦେଇ ପାରିବ ନାହିଁ; ସେଥିପାଇଁ ଯେତେ ଦିନ ଦରକାର ପଡ଼ିବ ଯେତେ ଦିନ ରହିବା; ସେତିକ ଦିନ ରହିବା ପାଇଁ ଯେଉଁ ଆଇନ ଦରକାର, ସେଇ ଆଇନ ଚୁକ୍ତି କରି ନେବା । ଆଇନ ଆମକୁ ବାନ୍ଧି ରଖିବ ନାହିଁ, ଆମେ ତାକୁ ରହିବୁଁ ବୋଲି ଆଇନ କରିବା ବା ଚୁକ୍ତି କରିବା ।"

"ଅର୍ଥାତ୍ ଯେତେବେଳେ ଇଚ୍ଛା ହେବ ସେତେବେଳେ ଅଲଗା ହୋଇଯିବା ।"

"ହଁ—ଅଲଗା ହୋଇଯିବା ନୁହେଁ, ଅଲଗା ହୋଇ ପାରିବା ।"

"ଏଇଟା କ'ଣ ବଡ଼ ?" କପୋତୀ ଚିନ୍ତିଲା, "ଏଥିରେ ବଳ କାହାକୁ ବଡ଼ ହବ ?"

"ତୁମେ ବୁଝିବ ବଡ଼ ହୁଅନ୍ତୁ ।"

"ଛି ଛି, ମାନେ ବର୍ଣ୍ଣିତ ବଡ଼ ହେବେ ମ । ମାଇପେ କ'ଣ ମିଶିପ ଭାର ବହି ପାରିବେ ଯେ—"

"ଏ ଯୁବକଜିଟିକୁ ଦେଖିଛ ? ସେ ତା ପ୍ରଣୟୀଙ୍କୁ ଏ ପ୍ରଶ୍ନ ପଚାରେ ନାହିଁ । ପଚାରିଲେ ବୋଧହୁଏ ଆଉ ପ୍ରଣୟ ଟିକନ୍ତା ନାହିଁ । ପୂର୍ଣ୍ଣ ଅମୃତର ପ୍ରଣୟ ହୁଏ ନାହିଁ ।"

"ଆହା ହା, ଏଇ ଭାବି ତ ଶ୍ରୀଭ ଯେ ମୁଁ ମର୍ଣ୍ଣ ହେଉଗଲି । ମୁଁ ବେଳେ ଭ ଜାଣି ଥିଲି ମୋ ପାଇଁ ଇମିତି ଯୁଝି ମରୁଥିଲ କି ଆଁ ସେ କପୋତ ସଙ୍ଗରେ ।"

"ତେ ପାଇଁ ମରୁ ନ ଥିଲ ତେ, ଗୋଟେ ଯୁବତୀ କାପ୍ତି ପାଇଁ ମରୁ ଥିଲ ।"

"ସେ ଯୁବା ବୟସୀ ତ କେତେ କାଳରୁ ମଲାଣି ।"

"ମୋର ବି ସେ ଯୁବା ବୟସ କେତେ କାଳରୁ ଗଡ଼ି ଗଲାଣି !"

"ହେଲେ ମନ ତ ବୁଢ଼ା ହୋଇ ନାହିଁ ।"

"ମନ ଟୋକା ଅଛି କି ବୁଢ଼ା ହେଲାଣି କହି ପାରୁ ନାହିଁ, ତେବେ ଏତିକି ବୁଝୁଛି ଯେ, ମନର ଏମିତି ଗୋଟେ ଜମାଟ ବନ୍ଧା ଅବସ୍ଥା ଆସି ଗଲାଣି. ଯହିଁ ଅବସ୍ଥାରେ ତୋ ଛଡ଼ା ଆଉ ମାନେ, ଏଇ ଦର ବୁଢ଼ୀଟି ଛଡ଼ା ଆଉ କାହାକୁ ଭଲ ଲାଗିବ ନାହିଁ ।"

"ହେଇଟି, ହେଇଟି ଦେଖ ସେ ଦହେଁ କେମିତି ମତୁଆଲ ହଉଛନ୍ତି ।" କପୋତୀ ଅପଣା ମାଇପି ପଣର ଗୌରବକୁ ଲୁଚାଇ କଥା ବାଆ ଦେଇ ଦେଲା ।

"ସେମାନେ ବୟସ ଅଗୁଆ । ଦରିଆ କୂଳରେ ଫାମ୍ପେଲା ଭେଟି ସେ । ଟିକେ ଠାଣି ନାହିଁ । ଅଥଚ ଭୋକ ନାହିଁ । ଖାଲି ଉପର ପଳଣି ।"

"ପହିଲି ଉଛୁଳା ଦୁଧ ସେ ପୁଣି ଦରି ବସି ଯିବ ଯେ ।"

"ସବୁ ବସି ଯିବା ହୋଇ ଗଲେ ଆଉ କି ମଜା । ଦରୁ ଦିନେ ଏମିତି ଉତୁରି ଉଠୁ ଥିବ । ପୁଣି ଶୀତଳ ହୋଇ ଯାଉଥିବ, ପୁଣି ଉତୁରି ଉଠୁ ଥିବ, ଉତୁରି ଉଠିବା ପାଇଁ ଶୀତଳ ହୋଇ ଯାଉଥିବ । ଉପର ରଙ୍ଗ ଧରି ଆଡୁ ଥିବ କିନ୍ତୁ ସର ବନ୍ଧି ଯାଇ ନିଜର ନିଜତ୍ୱ ହରାଇ ନ ଥିବ, ଯଣା ଯଣାକରେ ନୂଆ ନୂଆ ହୁଅଦର ସୁଖ, ସେ ଯେତେ ଛଣିକ ହେଉ ପଛେ ।"

"ମୁଁ ଏଇଥିପାଇଁ ପୁରୁଷ ଜାତିକି ଆଉ ପୁରୁଷ ପ୍ରୀତିକି କୁହାର ହେଉଆଏ ।"

"କପୋତୀ", କପୋତ ଡାକିଲା—'ମାଇପଙ୍କର ଏଟା ଦୁର୍ଭାଷା ନୁହେ—ଅଯଥା ଅହଂକାର ନୁହେଁ ।'

"କଣଟା ?"

"ପୁରୁଷକୁ ସବୁଦିନେ ବାନ୍ଧି ରଖିବା ।"



Digitized by srujanika@gmail.com

# କାପ୍ରା ଓ କାପ୍ରି

"ମୋ ଦେହ ଛଡ଼ା ନା। ପୁରୁଷ ବାନ୍ଧି ରଖେ ନା ମାଇପ ବାନ୍ଧି ରଖେ ?"

"ମୁଁ ତୁମ୍ଭଙ୍କ କଥା କହୁଛି। ମାଇପି ଜାତି ବାନ୍ଧି ରଖିବାକୁ ନ ଚାହେଁ ଏମିତି କଥା ନୁହେଁ। ଉଭୟ ଚାହାନ୍ତି। ପୁରୁଷ ବଳ ଖଟେ—ମାଇପିଙ୍କର ପଟେ ନାହିଁ।"

"ଦୋଷ କାହାର ?"

"ଦୋଷ ଆମର—ଆମ ପୁରୁଷ ଜାତିର। ନା—ନା ଠିକ୍ ତା' ନୁହେଁ। ଦୋଷ ଏ ସମୟର। ସବୁଦିନେ କ'ଣ ଏଇ ତା ଥିଲା କି ? ମଣିଷ ମାଇପ ସର୍ଜନା କଲା ଦିନୁଁ ବିଧି କ'ଣ ଏଇୟା ହେବା ପାଇଁ ଲେଖି ଦେଇ ଥିଲା କି ?"

"ତେବେ କ'ଣ ଆଗରୁ ଏମିତି ନ ଥିଲା ବୋଲି କହୁଛ ? ଗୋଟିଏ ପୁରୁଷ ଗୋଟିଏ ସ୍ତ୍ରୀ ବେଳରୁ ବାନ୍ଧି ହୋଇ ରହୁ ନ ଥିଲେ ?"

"ନାଁ।"

"ସୃଷ୍ଟି ସର୍ଜନା କାଳରୁ ଯେବେ ଯିଏ ଯାହା ସ୍ତ୍ରୀ ପାରେ ତା ସ୍ତ୍ରୀ ସାଙ୍ଗରେ ବା ଯିଏ ଯେଉଁ ପୁରୁଷ ପାରେ ସେ ପୁରୁଷ ସାଙ୍ଗରେ ଘର କରି ରହିବାର ଅବାଧ ବାଧ୍ୟ ହୋଇ ଥାଆନ୍ତା ତେବେ ସର୍ଜନା ରହି ନ ଥାନ୍ତା—ଜୀବର ଧର୍ମ ନାଶ ହୋଇ ଯାଇଥାନ୍ତା। ଖାଲି ଜାରଜ ଥାଆନ୍ତେ—ଖଚରରେ ଭରି ହୋଇଥାନ୍ତା ଦୁନିଆ। ଦୁନିଆରେ କେବଳ ବାହୁଡ଼ି ସୃଷ୍ଟି ହେଉଥାନ୍ତା। ଚଢ଼େଇ ନ ଥାନ୍ତେ।"

"ଦୂର୍, ଦୂର୍, କି ଗୁଆଁର କଥା କହୁଛୁ ଲୋ ତୁ ? ପହିଲୁ ପହିଲୁ ଯେବେ ସ୍ତ୍ରୀ ପୁରୁଷର ଆଉ ପୁରୁଷ ସ୍ତ୍ରୀର ଗୋଟେ ରକମ ଚୁମ୍ବକ ସମ୍ପର୍କ ଅଛି ବୋଲି ବୁଝେ ଯାକ ବୁଝିଲେ, ସେତେବେଳେ ମୋର ତାର ଏମିତି ଧରାବନ୍ଧା ନ ଥିଲା। ଧରାବନ୍ଧା କରିବ କିଏ ? କରିବ କାହିଁକି ? ଖାଲି ତ ଟଣାଟଣି ଥିଲା। ସେ ଟଣାଟଣିଟା ଋତୁଧର୍ମ ସମାଗମରେ ବଢ଼ୁ ଥାଏ, ପୁଣି ଛଡ଼ାଛଡ଼ିରେ ଆଖିରୁ ଅନ୍ତର ହୋଇ ଗଲେ ଛାଡ଼ି ଯାଉ-ଥାଏ। ଟଣାଟଣିଟା ହେଲା ଆଇନ। ତା' ଛଡ଼ା ଆଉ କିଛି ଆଇନ ନ ଥିଲା। ଆଉ କିଛି ଆଇନ ବି ନାହିଁ।"

"ତେବେ ସ୍ୱାମୀ ସ୍ତ୍ରୀର ସମ୍ବନ୍ଧ ?"

"ଛି ଛି ଛି ସେ କି କଥା ? ସ୍ୱାମୀ ଶବ୍ଦ ତୋତେ କିଏ ଘୋଷେଇଛି ? ପୁରୁଷ କାହିଁକି ସ୍ତ୍ରୀର ସ୍ୱାମୀ ହେବ ? ସ୍ତ୍ରୀ କିଆଁ ପୁରୁଷର ସ୍ୱାମିନୀ ନ ହେବ ?"

"ସତ ତ।" କାପ୍ରି ଭାବିଲା। କପ୍ରାକୁ ଚୁମ୍ବି ଦେଇ ତାର ଦର୍ପ ହଜି ଗଲା। ତାର ସ୍ୱାମିନୀ ସେ କେମିତି ହେବ ! ଲାଜରେ ତଳକୁ ମଥା ପୋତି ଦେଲା। ତା କଳପ ପୁଞ୍ଜରେ ନୂଆ ଜହ୍ନ ଉଇଁ ଉଠୁ ଥିଲା ପରି ଲାଗିଲା। ସେ ଜହ୍ନରେ କଳଙ୍କ ବି ଥିଲା କିନ୍ତୁ ସେ କଳଙ୍କ ଯୋଗୁଁ ଯିମିତି ନଈଁ ଭଲ ଦିଶିଲା ଜଳନ୍ତା ତାର ଜ୍ୟୋତିକୁ ଟିକିଏ ପଥରର କାଚ ଲଗାଇ ଦେଲା ପରି ଶୀତଳ ମୃଦୁ କରି ପକାଉ ଥାଏ—ଘନକୁ ଶୀତଘନ କରି ଦେଉଥାଏ।

ଯୁବକ ଯୁବତୀ ବିଦାୟର ଶେଷ ଚୁମ୍ବନର ସ୍ୱାଦ ଆଗାମୀ ମିଳନ ଓ ଅତୀତର ମିଳନ ଭିତରେ ହାଇଫେନ ଟାଣିନେଇ ଆକସ୍ମିକ ଏକ ପ୍ରଣୟ ଭାଷାର ମଧୁମଖା ଅନ୍ତର୍ଲିପିକୁ ଯୋଡ଼ି ଦେଇ ଚାଲିଗଲେ।

କପୋତୀ ପଚାରିଲା—"ଆଉ ହେବ ନି ?"

"ନିଶ୍ଚେ" କପୋତ କହିଲା।

"କେହି କାହାକୁ ନ ଚାହିଁଲା ପରି ଚାଲିଗଲେ ଯେ ?"

"କାରଣ ଦୁନିଆକୁ ସେ ବାସ୍ତବତାର ଆଖିରେ ଦେଖିଛନ୍ତି। ପୁରୁଣା କବିଙ୍କ କଳ୍ପନା ରାଇଜର ଗୁଲ୍ ପରୀ ଆଉ ଫୁଲ୍ ପରୀଙ୍କ ପ୍ରେମର ସପନ ଦେଖି ନାହାନ୍ତି। ତାଙ୍କ ଆଖିରେ କେଦାର ଗଉରୀ, ରୋମିଓ ଜୁଲିଏଟ୍ ବା ସିରନ୍ ଫରହାଦର ପ୍ରାଣ ଦିଆନିଆ ଖାଲି କଥାର କଥା—ଭୁଲ୍ଲା ମନଗଢ଼ା ଗପ।"

"ମୁଁ ଜାଣେ ମୁଁ ମରିଗଲେ ତମେ ଟୋପାଏ ପାଣି ବି ଗଡ଼େଇବ ନି ଆଖିରୁ।"

କପୋତୀର ମନେ ପଡ଼ିଲା, ପ୍ରଥମ ପ୍ରଣୟର ନବୀନତାରେ ଦିହେଁଯାକ ଦିନେ ନୀଡ଼ ଭିତରେ ବଡ଼ ଭିଡ଼ରେ ପଣ କରିଥିଲେ। ସେ ଚୁକ୍ତିର ସର୍ତ୍ତ ମନେ ନାହିଁ। କିନ୍ତୁ ତାର ଅର୍ଥ ହଉଥିଲା, ଜଣେ ମରିଗଲେ ଆଉ ଜଣେ ବଞ୍ଚିବ ନାହିଁ। ସେ ଦିନଟା ବି କ'ଣ ଖାଲି କଥାର କଥା—ଗୁଲ୍ ପରୀ ଆଉ ଫୁଲ୍ ପରୀର ଗପ ?

"ଜୀବ ଜୀବନରେ ସେଇ ଯେଉଁ ସ୍ତ୍ରୀ ପୁରୁଷଙ୍କ ଟଣାଟଣି, ସେଟା ସମୟର ଗତି ସାଙ୍ଗରେ ଆପଣାକୁ ଖାପ ଖୋଇ ଆଗେଇ ଚାଲିଛି।" କପୋତ ବକ୍ତୃତା ଆରମ୍ଭ କଲା। "ସମୟ ପୁଣି ମାପି ହୋଇ ଚାଲିଛି ଜୀବର ଜୀବନକାଳ ବା ଜନମ ମରଣର ମଝାମଝିରେ ବିତି ଯାଉଛି ଯେଉଁ ବାରମିଶା ପଞ୍ଚୁବର୍ଣ୍ଣୀ ଘଟଣା ସବୁ, ତା'ର ମାପ କାଠିରେ। ଜୀଅନ୍ତା ଜୀବ ଜୀଇଁବା ପାଇଁ—କହ, ଜୀଇଛି ବୋଲି ଆଉ ଜୀଇବ ବୋଲି—ସବୁଦିନେ ଜୀଇବ ବୋଲି ନୁହେଁ, ଜୀଇ ସାରି ମରିବ ବୋଲି ନୁହେଁ, ନ ମରିବା ଯାଏ ଜୀଇ ରହିବ ବୋଲି ତାର ସେ ଟଣାଟଣି ଘେନାଘେନଟାକୁ ଉପଯୋଗୀ କରି ନେଉଛି, ଯେମିତି ସେ ମରହଟା ହୋଇ ନ ଯାଏ। ଦୃଢ଼ ହେଉ ପଛେ, ରୁଢ଼ ହୋଇ ନ ଯାଏ। ମାନେ ଏମିତି ନ ହୋଇଯାଏ, ଯହିଁରେ ଲାଗିଗଲେ ସେ ଅଠାକାଠିରୁ ଆଉ ଫିଟି ହେବ ନାହିଁ।"

"ଉଁ ହୁଁ—ଏ ଗୁରୁକି ପୋଥି ପୁରାଣ ମେଲୁଛ ମ ! ମୁଁ ବୁଝି ପାରୁନି !" କପୋତୀ ଚଢ଼ା ସ୍ୱରରେ କହିଲା।

"ଜୀବ କେଉଁଦିନ ସ୍ତ୍ରୀ ପୁରୁଷର ଏଇ ଘେନାଘେନକୁ ଜୀବନଠାରୁ ଅଧିକ ମୂଲ ଦେଇ ନାହିଁ।"

ଏଇଟା ଲମ୍ପଟଙ୍କ ରୁଚି।" କପୋତୀ ରାଗିଗଲା।

"ଏଇଟା ସତ, ବାସ୍ତବ, ଜୀଅନ୍ତା।"

"କେବେ ନୁହେଁ, ପ୍ରଣୟଟାକୁ ତମେ ମୂଲ କରୁଛ, ଏଡ଼େ ମାହସ ?"

"ମୁଁ କରୁନାହିଁ । ତମ ସମାଜ କରୁଛି, କରୁଛି ପୁଣି କରୁଥିବ, ଯଦି ଆମେ ସମାଜର ସେ ଛୋଡ଼ ମୁହିଁକୁ ମୋଡ଼ି ନ ଦେଉ ।"

"ସ୍ୱାମୀ ସ୍ତ୍ରୀର ଯେଉଁ ମିଳନ, ପବିତ୍ର ପ୍ରୀତି, ଇହ ଜନ୍ମ ପରଜନ୍ମ, ଜନ୍ମ ଜନ୍ମ ଯେଉଁ ବନ୍ଧାବନ୍ଧି ଲଦାଲଦି ପ୍ରଣୟ, ସେ ସବୁ କ'ଣ ମାଗଣା ସଉଦା ?"

"ଆଉ କ'ଣ ? ଯେତେବେଳେ ପୁରୁଷ ସ୍ତ୍ରୀଙ୍କୁ ବଳଅଟ ହେଲେ ସେତେବେଳେ ମାଇପେ ହେଲେ ମଣିଷଙ୍କ ଭୋଗ ଆଉ ବିଳାସର ସଉଦା ।"

"ଭାରି କହିଲ ବାଲା । ମିଛ କଥା । ଭୁଚ୍ଛା ମିଛ । ଆହା ମିଛ । ଅଗ୍ନିକି ସାକ୍ଷୀ ରଖି ଆମେ ହେଲୁଁ ବାହା; ଏଇଟା କ'ଣ ଭୋଗ ପାଇଁ ? ପର ସ୍ତ୍ରୀକି ଦେଖିବ ନାହିଁ ବୋଲି ପଣ କରି ଜଣକୁ ତମେ ଆଦରି ଗଲ; ସେଇଟା କ'ଣ ବିକା କଣାର ଭାଉ କଷାକଷି ?"

"ନ ହେଲେ ବି ଜୀବନରେ ସବୁ ସରଞ୍ଜାମକୁ ଯେତେବେଳେ ଜୀବନ ବଞ୍ଚିବା ସମସ୍ୟାର ଦର ସାଙ୍ଗରେ ମୂଲ ଧରି ବିକାକଣା ଆରମ୍ଭ ହୋଇଗଲା ସେତେବେଳେ ଏଇଟାର ବି ଗୋଟେ ଦାମ୍ ନ ପଡ଼ିଲା କିମିତି ?"

"ତେବେ, ଖାଲି ପୁରୁଷ ବେଳକୁ ଦର ପଡ଼ିବ ଆଉ ମାଇପଙ୍କ ବେଳକୁ ନୁହେଁ । ମଣିପେ ପଲ ପଲ ମାଇକିନା ବାହାହେବେ, ସେ ମାଇକିନାଙ୍କ ଗୁଡ଼ାଙ୍କର କଡ଼ାକର କିମତ ନାହିଁ ଆଉ ମରଦଙ୍କ ମୂଲ ଏତେ ଚଢ଼ା ଯେ ଗୋଟିଏ ଛଡ଼ା—"

"ବାସ୍ ବାସ୍ ହୋଇଗଲା । ମୁଁ ତୋଠୁଁ ଏଇୟା ଶୁଣିବାକୁ ଅପେଇ ବସିଥିଲି । ତୁ ଯେଉଁ କାଳର କଥା କହୁଛୁ, ସେ ଯୁଗ ଦିନେ ଥିଲା, ଏବେ ତାକୁ ବାଘ ଖାଇ ଗଲାଣି । ଯିଏ ଜୀବନକୁ ସୁଖରେ କଟାଉଥିଲା, ଆରାମ ଅବସରେ ବସି ପର କଉଡ଼ିରେ ଘର ଭରି ଦେଉଥିଲା, ପୁଣି ସେ ପର କିଙ୍ଗରେ ମାଟି ଛଡ଼ା ଅରଜନକୁ ତା'ର ପୁଅନାତି ସାତପୁରୁଷଙ୍କ ପାଇଁ ବନ୍ଧା ମୌରସି-ମୁରସି ପଟ୍ଟା କରି ରଖିବାକୁ ଚାହୁଁ ଥିଲା ସେ ଦାବୀ କରି ବସିଲା, ମୋର ଯେତିକି ମାଇପ ହେଉନା ପଛେ ମୋ ମାଇପର ମୁଁ ଗୋଟିଏ ପ୍ରଭୁ—ମୋ ଔରସ ଛଡ଼ା ଆଉ କାହା ଔରସର ପିଲା ମୋ ସଞ୍ଚା ସମ୍ପତ୍ତିର ଭାଗ ପାଇବ ନାହିଁ । କିନ୍ତୁ ଆଉ ବେଶୀ ଦିନ ସେ ଗଚ୍ଛିତ ରଖିବା ଢଙ୍ଗ ରହିବ ନାହିଁ ଲୋ ଧନୀ, ତେବେ ବଳେ ବଳେ ଏ ଔରସ, ବେଔରସ, ଓ୍ୟାରିସ ବେଓ୍ୟାରିସ କଥା ଉଠିଯିବ । ସେତେବେଳେ ସେ ଗୋଟିଏ ପୁରୁଷର ଗୋଟିଏ ସ୍ତ୍ରୀ ବା ଗୋଟିଏ ପୁରୁଷ ପ୍ରଥାଟା ଖାଲି କଥାର କଥା ହୋଇ ପଡ଼ି ରହିବ ।"

"ସ୍ତ୍ରୀ ପୁରୁଷ ବନ୍ଧନ ଛୁଟିଯିବ ?" କପୋତୀ ଅତଙ୍କ ଗଣି ପଚାରିଲା ।

"ଅନ୍ତତଃ ବାହାରର ଅବଶ୍ୟକତା ବା ପ୍ରୟୋଜନୀୟତା ଯେଉଁ ବନ୍ଧାରେ ବାନ୍ଧି ରଖେ ସେଟା ସହଜରେ ଇଚ୍ଛାମାତ୍ରକେ ଯାଇ ପାରୁଥିବ । ତା ହେଲେ ଯାଇଁ ପ୍ରକୃତ ବନ୍ଧନର ଦଉଡ଼ି ଆପଣା ଛାଏଁ ବଳ ହୋଇ ପାକଳ ପଡ଼ି ପଡ଼ି ଯାଉଥିବ ।"

"ପ୍ରକୃତ ବନ୍ଧନ ? ସେଟା ପୁଣି କିମିତି ?"

"ଏଇ ଯୁବକ ଯୁବତୀ ଚାଲିଗଲେ । ବନ୍ଧନ ନ ଥିଲା ପରି । ଅଥଚ ବନ୍ଧନ ନାହିଁ କହିଲେ ଚଳିବ ନାହିଁ । ଦୁହେଁ ଦୁହିଁଙ୍କ କାମରେ ଗଲେ । ସେ ବନ୍ଧନ କାହାର କାମରେ କାହାକୁ ବାଧା ଦେଉ ନାହିଁ । ସେ ପୁଣି ଏମିତି ଆଉ ଏକ ଅଭିସାର ପଥରେ ଦୁହେଁ ଏକ ପଥର ସାଥୀ ହୋଇ ପାଖକୁ ପାଖକୁ ଆସି ମିଶି ଯିବେ । ବାହାରର ଟଣା ଝିଙ୍କାରେ ସେ ଗଣ୍ଠି ଛୁଟି ଯିବ ନାହିଁ ।"

"ତମର କଥାରେ ଯଦି କହିବ, ତେବେ ବନ୍ଧନଟା ଯେ ବନ୍ଧନ । ସେଥିରେ ଭଲ ମନ୍ଦ ଏମିତି ନାହିଁ । ବନ୍ଧନଟା ସବୁ-ବେଳେ ଜବରଦସ୍ତି । ଗଳାରେ ପଥର ନଦା ।"

"ଯେଉଁ ବନ୍ଧନଟା ଜୀବନର ଅଣଆସ୍ପୃହାରେ ଅଣଇଚ୍ଛାରେ ଆସି ପଡ଼େ ସେଇଟା ଯେ ବନ୍ଧନ । ଯେଉଁ ବନ୍ଧନଟାକୁ ମଣିଷ ଇଚ୍ଛା କରି ବରଣ କରି ନିଏ ସେ ବନ୍ଧନ ବନ୍ଧନ ନୁହେଁ । କାରଣ ସେ ବନ୍ଧନର ପରଶ ଫୁଲ ପରି ହାଲୁକା ଆଉ ଆରାମ ଲାଗେ ।"

"ତମେ ପୁଣି ନଦା ଲୋକ ହୋଇ ଏମିତି ଫମ୍ପା କଥା କହୁଛ ? ଦୁଃଖ ସୁଖକୁ ଯଦି ଖାଲି ଧାରଣାରେ ଧରି ନିଅ ତେବେ ସତ ଘଟଣାର ଦୁଃଖ ସୁଖକୁ ଜୀବନ ଭିତରେ ଘଟେଇବା ପାଇଁ ଏତେ ଛଟପଟ କିଆଁ ? ତମେ ଭୁଲ ବୁଝୁଛ । ବନ୍ଧନ କେହି ବରଣ କରେ ନାହିଁ ଖୁସିରେ । ବନ୍ଧନରେ ବାନ୍ଧି ହୋଇ ଗଲେ ଜୀବ ଯଦି ତାକୁ ଅଲୋଡ଼ା ଅଦରକାରୀ ବୋଲି ଭାବେ ତେବେ ସେ ଶିକୁଳୀକୁ ସେ ଛୁଡ଼େଇ ଦେଇ ପକେଇ ଦିଏ, ଆଉ ଯେଉଁଟା ତାର ଦରକାରୀ, ଯେଉଁଟା ତାକୁ ଭଲ ଲାଗେ ସେ ଦଉଡ଼ିରେ ସେ ଜଡ଼େଇ ହୋଇ ପଡ଼େ । ସେଥିପାଇଁ ସେ ଆପଣା କୃତ୍ୟକୁ ଆଦରି ନିଏ ।"

"ଯେଉଁ ବନ୍ଧନ ଆପେ ଆପେ ବାନ୍ଧି ପକାଏ ସେ ଜବରଦସ୍ତି । ସେ ରେଶମୀ ସୂତାର ସରୁ ସରୁ ଖିଅରେ ବନ୍ଧା ହେଲେ ବି ଲୁହା ଶିକୁଳୀ ଠାରୁ କଠୋର ।"

"ନାଁ, ଜବରଦସ୍ତି ନୁହେଁ ।" କପୋତୀ ପ୍ରତିବାଦ କଲା— "ଠିକ୍ ରେଶମୀ ସୂତାର ବନ୍ଧନ ପରି ସେ । ହଲାଇ ଦେଲେ ଛୁଟି ଯିବ । କିନ୍ତୁ ଛୁଟି ଯିବା ଭୟରେ ହଲଚଲ ହୋଇ ପାରୁ ନ ଥିବ । ସେଇ ବନ୍ଧନ ଯେ ବନ୍ଧନ । ସେଇ ବନ୍ଧନ ଯେ ପ୍ରେମ ।"

"ବରଂ ମୁଁ କହିବି ବନ୍ଧନଟା ମିଛ । ବନ୍ଧନ ବୋଲି କିଛି ନାହିଁ । ସ୍ତ୍ରୀ ପୁରୁଷଙ୍କୁ ବାନ୍ଧି ରଖିବା ପାଇଁ କୌଣସି ଅଟନ ନାହିଁ ।"

"ତେବେ ପ୍ରେମଟା ବି ମିଛ, ପ୍ରଣୟଟା ବି ମିଛ । ତଥାପି ବନ୍ଧନ ଅଛି, ତଥାପି ପ୍ରଣୟ ଅଛି । ତମେ ଆଉ ଗୋଟେ ଦିଗରୁ ଯେଉଁ ବନ୍ଧନଟାକୁ ଦେଖୁ ଥିଲ ଟିକ୍ ସେଇମିତି ସେ । ସୁଖ



Digitized by srujanika@gmail.com

## କାପ୍ରା ଓ କାପ୍ରି

ପାଇବାପାଇଁ ବନ୍ଧନ । ସେଇ ବନ୍ଧନଇ ରେଶମୀ ସୂତାର ବନ୍ଧନ । ସେଇଟା ପୁଣି ଦରକାର । ସେଇଟାକୁ କେହି ବରେ ନାହିଁ । ସେଇଠା ଜୀବନ ଆପେ ଆସିଲା ପରି ବଳେ ବଳେ ଆସେ । ଜୀବନଟା ଆଖ ପାଖର ନାନା ଜିନିଷରୁ ଆଧାର ସଞ୍ଚି ବଞ୍ଚିଲା ପରି ସେ ବଞ୍ଚେ ପୁଣି ବଢ଼େ । ଜୀବ ତାକୁ ଫିଙ୍ଗି ଦିଏ ନାହିଁ । ବରଂ ବାନ୍ଧି ହୋଇ ପଡ଼େ । ଯିଏ ତାକୁ ଛିଡ଼େଇ ଦିଏ ସେ ହିଂସା କରେ ତା ଜୀବନ ଦୁଃସହ ମାରାତ୍ମକ ହୋଇଯାଏ ।"

ସୂର୍ଯ୍ୟର ରଥ ଦିଗନ୍ତରୁ ଆଲୁଅ—ଲଗାମର ଚାବୁକ ବାଜି ଦୁନିଆଟା ଚଞ୍ଚଳ ହୋଇ ଉଠିଥିଲା । ନିଶାର ଗମ୍ଭୀର କଳ୍ପନା ଉଦ୍ଦାମ କର୍ମ କ୍ଷେତ୍ରରେ ସଜୀବ ମୂର୍ତ୍ତି ଧରି ଉଦ୍ଭବ ଦେଖା ଯାଉ ଥିଲା । କପୋତ କପୋତୀ ଦୁହେଁ ଯାକ ଉଡ଼ିଗଲେ କର୍ମଠ ଜଗତର ଯୋଡ଼ିଏ ତୀକ୍ଷ୍ଣ ଶାଣ ଉପକରଣ ପରି ।

ମଧ୍ୟାହ୍ନ ଖରାବେଳେ, ସାରା ସକାଳର କାମ ଖଟଣିର ଅଣସର ଭିତରେ ରହି ମଣିଷ ଆପଣା ପାଇଁ ଟିକିରେ ଆପେ ହଜି ଯାଉଥିଲା ପରି ଦୁନିଆର ଗଛପତ୍ର ଘରବାଡ଼ି ଯାବତ ଜିନିଷ ଝିଇ ଆପଣାର ଗୋଟିଟି ତଳେ ମରି ଯାଇଥାଏ । ଥକାରେ ଅକାଚକା ହୋଇ କାପ୍ରାକାପ୍ରି ଦୁଇଟିଯାକ ଗୋଟିଏ ନିଛାଟିଆ ବାଟପାଖ ଗଛ ଡାଳରେ ଉଚ୍ଚ ଘଞ୍ଚ ଛାଇ ଜାଗା ଦେଖି ବସିଗଲେ । ଦୁହେଁ ଦୁହିଁଙ୍କ ଅଳସ ଆଖି ଦେଖୁଁ ଦେଖୁଁ ଭୋଳ ହୋଇ ଯାଉଥିଲେ । ଭିତରୁ ଗୋଟେ ସ୍ୱର ଗୁମୁରି ଉଠି ବେକ ମୂଳରେ ଛନ୍ଦି ହୋଇ ଯାଉଥିଲା । ବେକ ଦୁଇଟା ଫୁଲି ଉଠୁଥିଲା ତା'ର ଫୁଲା ପଣରେ ।

ଆଖି ପଲକରେ ସବୁ ଓଲଟି ଗଲା । ଆକାଶ ପାତାଳ ହୋଇଗଲା । ସ୍ୱର୍ଗ ନର୍କ ହୋଇଗଲା । ଜୀବନ ମୃତ୍ୟୁରେ ପରିଣତ ହୋଇଗଲା ।

କପୋତୀ—ଚାଲିଗଲା; କିନ୍ତୁ କପୋତ ଯାଇ ପାରିଲା ନାହିଁ । କପୋତୀର ଚିତ୍କାରରେ କପୋତ ବିହ୍ୱଳ ହୋଇ ଉପରକୁ ଉଡ଼ିଗଲା । କିନ୍ତୁ ଚାହିଁ ଦେଖିଲା କପୋତୀ ନାହିଁ ପଛରେ । କପୋତୀ ଲୁଚିଛି ଯାଇଁ ଶବରର ମୁନିଆଁ ନାଲ ମୂନରେ । ଦଣ୍ଡକ ଭିତରେ ସାରା ଜୀବନର ଭଲ ପାଇବାକୁ ନାଲି ରକ୍ତରେ ଜବା କୁସୁମ ଫୁଟାଇ କପୋତୀ ବିଦାୟ ନେଇଗଲା । କହିଗଲା 'ଭୁଲିଯିବ ।'

ହଁ କପୋତ ଭୁଲିଯିବ । ନ ହେଲେ ବଡ଼ କଷ୍ଟ ହେବ ଯେ । ଚଞ୍ଚଳ ଜୀବନର ଦୁନିଆରେ ଶରଦ ଘାଉଁଲା ଦରମଲା ଜୀବର ସ୍ଥାନ ନାହିଁ । ତାକୁ ବଞ୍ଚିବାକୁ ହେବ, ତାକୁ ଭୁଲିବାକୁ ହେବ ।

ଏକୁଟିଆ ନୀଡ଼କୁ ଫେରି ଚାଲିଲା କପୋତ । କପୋତୀ ଆଜି ଆଉ ତାକୁ ଚାହିଁ ବସି ନ ଥିବ ପ୍ରୀତି ମନ୍ଦିର ଶୂନ୍ୟ ହୋଇ ପଡ଼ିଛି । ଆପଣା ହୃଦୟଟା ଭାରି ହୋଇ ତଳକୁ ଓହ୍ଲାଇ ପଡ଼ୁଥିଲା ପରି ସେ ନଥନଥ ହୋଇ ତଳେ ପଡ଼ି ଯିବ କି ଆଉ ! ଡେଣା ଘୋଳେଇ ହୋଇ ଛିଡ଼ି ପଡ଼ିବ କି ସତେ !

ଡେଣା ଛିଡ଼ିଲା ନାହିଁ । ତଳେ ପଡ଼ିଲା ନାହିଁ । ନିଷ୍ଠୁର ନୀଡ଼ରେ ଯାଇ ସେଦିନ ସେ ନିଛାଟିଆ ରାତିଟାକୁ ଏକୁଟିଆ ଏକୁଟିଆ କଟେଇ ଦେଲା । ଆଖିକି ନିଦ ଆସିଲା ନାହିଁ । ନିଶାଟା ଗରଜୁ ଥାଏ ପଡ଼ି ।

ବାଟରେ, କେଉଁ ବାଟୋଇର ଯଦି ହୃଦୟ ଥାଏ ତେବେ ସେ ଦେଖିଥିବ ।

କପୋତ ସେ ଦିନ ସେଇ ଠିକ—ସେଇ ଗଛ ପାଖକୁ ଗଲା. ତହିଁ ଆରଦିନ କପୋତ, କପୋତୀ ଯେଉଁଟି ବସିଥିଲା ସେଇଟି ଶୁଙ୍ଘି ଶୁଙ୍ଘି ଯାଇ ପହଞ୍ଚିଲା । ତା ଛାତି ଥରି ଉଠିଲା । ତାକୁ ଡର ଲାଗିଲା । ମରିବାକୁ ନୁହେଁ । ଗଛଟା ଯେମିତି ହାଁ ଗୋଡ଼େଇଛି ।

ବାଟ ପାଖ ସେ ଗଛ ତଳେ କେତେ ଲୋକ ଆସି କେତେ ଥର ଖରା ତାଉର ଦାଉ ସହି ନ ପାରି ସେଠି ଆସି ବସି ନ ଥିବେ ! ସମସ୍ତେ କ'ଣ ହୃଦୟହୀନ, କେହି ନା କେହି ତ ଦେଖିଥିବେ । ଜଣେ ହେଲେ ଜାଣିଥିବେ ।

ନିତି ନିତି ଗୋଟିଏ କପୋତ ଆସି ସେଇ ଏକାଠି ଏକା ଜାଗାରେ ବସେ । ଲୁହରେ ପ୍ରାୟେ ଝୁରି ହୁଏ । ଶୁଖିଲା ପତ୍ରର ଗୁଡ଼ାକ ବି ତା କମ୍ପନରେ ଥରି ଉଠନ୍ତି ।

ଦୁନିଆର ବାସ୍ତବକଥା ହସିଥିବ । ଜୀବର ସହଜାତ ଭୁଲାପଣ ସହିଥିବ । କପୋତ ସେ ହସକୁ ଖାତିର କରି ନ ଥିଲା । ନା ନା ସେ ହସ କପୋତକୁ ଭୁଲେଇ ନ ଥିଲା; ଭୁଲେଇ ପାରି ନ ଥିଲା ।

ଝୁରି ଝୁରି କପୋତ ବି ଦିନେ ଝଡ଼ି ପଡ଼ିଲା ।



Digitized by srujanika@gmail.com

# ଫକୀରମୋହନ ସେନାପତି

ଶ୍ରୀ ବସନ୍ତକୁମାର ଶତପଥୀ

( ୧ )

"......alter, sword, and pen
Fireside, the heroic wealth of hall
and bower
Have forfeited their ancient...dower
Of inword happiness."—*Wordsworth*.

ମାମୁଁ ଉପନ୍ୟାସର ସମାଲୋଚନାରେ ଅସରତ୍ ଅଲି ଏଁ। ସ୍ଥୂଳତଃ ଊନବିଂଶ ଶତାବ୍ଦୀକୁ 'ଫକୀର ମୋହନ ଯୁଗ' ଆଖ୍ୟା ଦେଇଥିଲେ। ଫକୀର ମୋହନ ନିଜ ହାସ୍ୟ-ରସିକତା ଗୁଣରେ ଏକ ଟିପ୍ପଣୀ ଦ୍ୱାରା ଏହି ଯୁଗକୁ ବଂଶସଂଜ୍ଞା ଅନୁସାରେ 'ସେନାପତିଙ୍କ ଯୁଗ' ଆଖ୍ୟା ଦିଆଯିବା ପାଇଁ ସମାଲୋଚକଙ୍କୁ ଅନୁରୋଧ କରିଥିଲେ। ବାସ୍ତବରେ ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧକୁ ମରହଟ୍ଟା ଯୁଗର ଶେଷଭାଗ ବା ବ୍ରିଟିଶ ରାଜତ୍ୱର ପୂର୍ବଭାଗ ନ କହି ସେନାପତିଙ୍କ ଯୁଗ କହିଲେ ଯୁଗର ଆତ୍ମା ବେଶୀ ପରିସ୍ଫୁଟ ହେବ। ଫକୀର ମୋହନ ତତ୍କାଳୀନ ଇତିହାସରେ ନିଜେ ଯେପରି ବିଶିଷ୍ଟ ପ୍ରଭାବ ବିସ୍ତାର କରିଥିଲେ ସେହିପରି ନିଜର ଲେଖାବଳୀରେ ସମସାମୟିକ ଘଟଣାଗୁଡ଼ିକୁ ଜୀବନ୍ତ ଓ ଚମତ୍କାର ରୂପରେଖ ଦେଇଥିଲେ। ଆଜି ଫକୀରମୋହନଙ୍କ ଜୀବନ କାହାଣୀ ଆଲୋଚନା କଲେ ବା ତାଙ୍କର ରଚିତ ମୌଳିକ ରଚନାବଳୀ ଅନୁଧ୍ୟାନ କଲାବେଳେ ଆମେ ଏକ ଯୁଗରେ ଉପନୀତ ହେଉଁ, ଯାହାକୁ ସେନାପତିଙ୍କ ଯୁଗ ନାମ ଦେଇ ସ୍ପଷ୍ଟ ବ୍ୟକ୍ତ କରି ହୁଏ।

ଫକୀରମୋହନ ତାଙ୍କ କବିତା, ଉପନ୍ୟାସ, ଗଳ୍ପାବଳୀ ଓ ଅନ୍ୟାନ୍ୟ ରଚନାରେ ଯେଉଁ ଯୁଗର ଇତିହାସ ଲିପିବଦ୍ଧ କରି ଯାଇଛନ୍ତି ତାହା ଉତ୍କଳର ଏକ ସନ୍ଧି ଯୁଗ। ସେତେବେଳକୁ ମରହଟ୍ଟା ଆଧିପତ୍ୟ ଚାଲି ଯାଇଛି ସତ କିନ୍ତୁ ମରହଟ୍ଟା ଶାସନର କୁଫଳ ବା ମରହଟ୍ଟା ଅତ୍ୟାଚାରର ଛାପ ଦେଶରୁ ଲୋପ ପାଇନାହିଁ। ଓଡ଼ିଶା ଇଂରାଜ ଶାସନାଧୀନ ହୋଇଛି ସତ କିନ୍ତୁ ଇଂରାଜ ଶାସନ ସୁପ୍ରତିଷ୍ଠିତ ହୋଇ ନାହିଁ ବା ଇଂରାଜ ଶାସନର ଯାହା ସୁଫଳ ଓ ସୁପ୍ରଭାବ ତାହା ଓଡ଼ିଶା ପାଇ ନାହିଁ। ଦେଶ ଅରଣ୍ୟମୟ; ଚୋରି, ଡକାୟତି, ରାହାଜାନି ସର୍ବତ୍ର ବ୍ୟାପକ ଆକାରରେ ରହିଛି ଏବଂ ଲୋକେ ଧନଜୀବନ ଏ ପର୍ଯ୍ୟନ୍ତ ନିରାପଦ ମଣି ନାହାନ୍ତି। ସ୍ଥଳପଥ ଓ ଜଳପଥ ପ୍ରାୟ ନାହିଁ; ଗମନାଗମନ ବିପଦ ସଙ୍କୁଳ। ନିମକ ମାହାଲ ଉଠି ଯାଇଛି, ବାଲେଶ୍ୱର ସାମୁଦ୍ରିକ ଜାହାଜବନ୍ଦର ବିଲୁପ୍ତ ହୋଇ ଯାଉଛି। ଉତ୍କଳର ଭାଗ୍ୟଲକ୍ଷ୍ମୀ ଲିଭରପୁଲ ଓ ଅନ୍ୟାନ୍ୟ ସ୍ଥାନକୁ ଚାଲି ଯାଉଛନ୍ତି। ମଫସଲରେ ଜମିଦାର ଓ ମହାଜନମାନେ ସମ୍ପତ୍ତି ଅର୍ଜନ ପାଇଁ ନାନା କୂଟନୀତି ପ୍ରୟୋଗ କରି ଗରିବ ରଇତମାନଙ୍କ ସର୍ବନାଶ କରିବାରେ ବ୍ୟାପୃତ। ବାଣିଜ୍ୟ କ୍ଷେତ୍ରରେ ଜଣେ ବୋଲି ଓଡ଼ିଆ ନାହିଁ। ବିଦେଶୀୟ କଚ୍ଛି ଓ ମାରୁଆଡ଼ିମାନେ ବ୍ୟବସାୟ କ୍ଷେତ୍ର ମାଡ଼ି ବସିଲେଣି। ହାତରେ ଓଡ଼ିଆର ଅର୍ଥ କାହିଁ ଯେ ଧନବନ୍ତ ବିଦେଶୀଙ୍କ ସହିତ ଟକ୍କର ଦେବ। ଜମିଦାର ବିଦେଶୀ, ମହାଜନ ବିଦେଶୀ, କଚେରୀର ବଡ଼ ବଡ଼ ଚାକିରିଆ ବିଦେଶୀ, ରେଲଷ୍ଟେସନରେ କର୍ମ ପାଇବା ଓଡ଼ିଆଙ୍କ କପାଳରେ ନାହିଁ। "ବେକୱାର୍ଡ ମୁସଲମାନ ପାଇବେ ଚାକିରି; ହାଃ ହାଃ ଓଡ଼ିଆମାନେ ଫରୱାର୍ଡ ରାସ୍ !" ଓଡ଼ିଶାର ତତ୍କାଳୀନ ଯାହାକି ଚାକରକ୍ୟ ତାହା ବିଦେଶୀମାନଙ୍କ ସକାଶେ। ବିଲାତି ସଭ୍ୟତା ନୂଆ ଆସିଛି। ଏହି ନୂଆ ସଭ୍ୟତା ମୋହରେ ପଡ଼ି ଲୋକେ ଧାନ ଚାଉଳ ବିକି 'ଜର୍ମାନୀ ମାଟି' କିଣୁଛନ୍ତି, ମଦ ପିଉଛନ୍ତି "ବର୍ଷେକାଳ ଅକାଳ ପଡ଼ୁ ଲୋକଗୁଡ଼ା ଲମ୍ବ ଲମ୍ବ ଧଣ୍ଡପରି ଶୋଇଯିବେ।" ନଅଙ୍କ ଆସିଲା। ସତକୁ ସତ ଲୋକେ ଧଣ୍ଡପରି ଶୋଇଗଲେ। ଓଡ଼ିଶାର ଛପଣି (ତିରଟିଲକ୍ଷ) ଲୋକ ବର୍ଷକରେ ପ୍ରାଣ ହରାଇଲେ। କେତେକ ବଂଶ ନିର୍ବଂଶ ହେଲେ, ଅନ୍ୟ କେତେ ଛିନ୍ନଛତ୍ର ହୋଇଗଲେ। ଛତ୍ରଖିଆମାନଙ୍କୁ ଖ୍ରୀଷ୍ଟୀୟ ସମାଜ ଆଦର ପୂର୍ବକ ଟେକି ନେଇ ପୁତ୍ରପରି ପାଳିଲେ। ଦେଶର ରାଜନୈତିକ ଓ ଅର୍ଥନୈତିକ ଅବସ୍ଥା ଫକୀର ମୋହନ ତାଙ୍କ ଅମର ଲେଖନୀରେ ଏହିପରି ଆଙ୍କିଛନ୍ତି।

ସାମାଜିକ ଅବସ୍ଥା ଅନୁରୂପ ଅନ୍ଧକାରମୟ। ସମାଜ-କ୍ଷେତ୍ରରେ କନ୍ୟାବିକା ହେଉଛି ଟଙ୍କା ଲୋଭରେ। ସ୍ତ୍ରୀ ଶିକ୍ଷା ଆଦୌ ନାହିଁ। ସ୍ତ୍ରୀ ଶିକ୍ଷିତା ହେଲେ ନାନା ଅପଶକୁନ ଆସିବ ଏହାହିଁ ସାଧାରଣ ଧାରଣା। ଧର୍ମ-କ୍ଷେତ୍ରରେ ଅଜ୍ଞତା, ଅନ୍ଧବିଶ୍ୱାସ ଓ କୁସଂସ୍କାର ପ୍ରବଳ। ମୁକ୍ତିମଣ୍ଡପରେ ପଣ୍ଡିତଙ୍କ ମେଳା ସ୍ନାନରେ ଠକ ଭେଳା ଭେଳା। ଭଣ୍ଡ ସାଧୁ-ସନ୍ନ୍ୟାସୀ ଦେଶସାରା ବୁଲୁଛନ୍ତି। ଚିକିତ୍ସା କ୍ଷେତ୍ରରେ ଅଶିକ୍ଷିତ ବୈଦ୍ୟ, ଶିକ୍ଷା କ୍ଷେତ୍ରରେ ମାଟିବଂଶ ଓଝା, ବିଦ୍ୟାଳୟରେ ଦେଶର ଭାଷା ଓ ମତିଗତି ଅନଭିଜ୍ଞ କରାଣିଗୁଲିତ ସାହେବ। ଗାଁ ଚଉକିଦାର ଚୋର, ଥାନା ଦାରୋଗା (ପ୍ରାୟଶଃ ମୁସଲମାନ) ଲୋକଙ୍କର ଇଷ୍ଟଦେବ। ଯେତେ ରକ୍ଷକ ସବୁ ଭକ୍ଷକ ବନିଛନ୍ତି। ହାକିମ ଓକିଲ ବିଦେଶୀ, 'ଡାକଘର କରାଣିଟି ନୁହେ ମଧ ଦେଶୀ'। ମରହଟ୍ଟା ପଶ୍ଚିମ ଭାଗ, ଉତ୍ତରଟା ବଙ୍ଗାଳୀ ଓ ଦକ୍ଷିଣଟା ତେଲଙ୍ଗାଙ୍କ ଭାଗ୍ୟରେ ପଡ଼ିଛି। ଇଂରେଜ ପାଣିକାଉ କେଉଁ



Digitized by srujanika@gmail.com

ଦେଶରୁ ଖାଲି ପକେଟରେ ଉଡ଼ିଆସି ଠେଙ୍ଗ ବେଙ୍ଗ ଗଢ଼ଣରେ ପେଟ୍ଟି ପୂରାଇ ଚାଲି ଯାଉଛନ୍ତି ।

ଶିକ୍ଷା କ୍ଷେତ୍ରର ଅବସ୍ଥା ସମାଜ କ୍ଷେତ୍ରର ଅନୁରୂପ ହେବା ସ୍ୱାଭାବିକ । "ଦେଖତ ବଙ୍ଗଳା ଭାଷା କି ହେଲାଣି ଆଜ ।" ମାତୃଭାଷାର କଲ୍ୟାଣ ସାଧନ ନିମନ୍ତେ ସେତେବେଳେ ବଙ୍ଗାଳୀ ଭାରି ତତ୍ପର । ବଙ୍ଗଦେଶ ସେତେବେଳକୁ ବୈଦେଶିକ ଭାଷାର ସାର ସଂଗ୍ରହ କରି ସାରି ନିଜ ଆଡ଼କୁ ଦୃଷ୍ଟି ଫେରେଇଲାଣି । ଓଡ଼ିଶାରେ କିନ୍ତୁ ବୈଦେଶିକ ଭାଷା ଓ ସଭ୍ୟତାର ନିଶା ଓ ମୋହ ଲାଗିଛି । ଲୋକେ ଏହି ଭାଷା ଓ ସଭ୍ୟତାର ଅସାର ଅଂଶ ଗ୍ରହଣ କରି ନିଜକୁ ଶ୍ଳାଘ୍ୟ ଓ ଉନ୍ନତ ମଣୁଛନ୍ତି । ସେତେବେଳେ ସମଗ୍ର ଓଡ଼ିଶାରେ ସାତ କି ଆଠଟି ସ୍କୁଲ । ଚାଟଶାଳୀ ହେଲା ଗ୍ରାମର ବା ଗ୍ରାମମାନଙ୍କର ପ୍ରାଥମିକ ଶିକ୍ଷାନୁଷ୍ଠାନ । ଛପା ବହି ନାହିଁ, ଖଡ଼ିପାଠ ଓ ପୋଥିପାଠ ହିଁ ଚାଟଶାଳୀରେ ମାଟିବଣ ଓଳିଆ ପଢ଼ାନ୍ତି । ପ୍ରହାର ଓ ଗୁରୁସେବା ଛାତ୍ର ପକ୍ଷରେ ଦୈନନ୍ଦିନ ଘଟଣା । ପାଦ୍ରିମାନଙ୍କ ସ୍କୁଲରେ ବାଇବେଲ ହିଁ ଏକମାତ୍ର ଛପା ବହି । ଜାତି ଚାଲିଯିବା ଭୟରେ ଲୋକେ ସେ ଇସ୍କୁଲକୁ ମଧ୍ୟ ଯାନ୍ତି ନାହିଁ । ଅଖୁନ୍‌ଜିମାନେ ପାର୍ଶି ପଢ଼ାନ୍ତି । ପୋଥି ପଢ଼ା ବ୍ରାହ୍ମଣମାନେ ରାମାୟଣ ଭାଗବତ ପଢି ଓଡ଼ିଆ ଭାଷା ଘରେ ଘରେ ଏପରି କି ମେଦିନୀପୁରରେ ମଧ୍ୟ ଚାଲୁ ରଖିଥାନ୍ତି । ଉଚ୍ଚଶିକ୍ଷା ପାଇଁ କଲିକତା ଯିବାକୁ ପଡ଼େ । ଯେଉଁମାନେ ଇଂରାଜୀ ପଢୁଛନ୍ତି ସେମାନେ ଭାଷାରେ ଦଶପଣି ଇଂରେଜୀ ରଖି କଥା କହୁଛନ୍ତି ଓ ମାତୃଭାଷାକୁ ଘୃଣା କରୁଛନ୍ତି । ପୁରୁଣାକାଳିଆ ଲୋକେ ମଧ୍ୟ ବୁଝୁଛନ୍ତି ଯେ ଇଂରାଜୀ ପାଠ ନ ପଢିଲେ ଦଶଜଣରେ କେହି ଗଣା ଯିବେ ନାହିଁ । ସ୍ଥୂଳତଃ "ପ୍ରାଚୀନତମ ସମ୍ମାନିତ ଉତ୍କଳୀୟ ଜାତି ଓ ଭାଷା ପ୍ରତିବେଶୀ ଅନ୍ୟ ଜାତି ଓ ଭାଷାମାନଙ୍କ ନିକଟରେ ଲାଞ୍ଛିତ, ଉପହସିତ ଓ ଅବଜ୍ଞାତ ।" କଚେରୀରେ ଭାଷା ମୁଖ୍ୟତଃ ପାର୍ଶି ଓ ଇଂରାଜୀ । ସେତେବେଳେ ସ୍କୁଲମାନଙ୍କରେ ଦୁଇ ପ୍ରକାର ଓଡ଼ିଆର ନମୁନା ମିଳେ । 'ଅଛନ୍ତି ଅନେକ ଲୋକ' ବା 'ହେ ବାଇମାନେ ତୁମ୍ଭମାନଙ୍କର ଜଗନ୍ନାଥ କାଷ୍ଠ ଅଛି', ଏହି ହେଲା ପାଦ୍ରିଙ୍କ ଓଡ଼ିଆ 'କୌଣସି ଦିନରେ ବା କେହି ଅଧରେ ଗୋଟିଏ କାକ କି ଏକ ଗୋଟି ବାୟସ......' ଇତ୍ୟାଦି ଓଡ଼ିଆ ପଣ୍ଡିତଙ୍କ ଭାଷା ।

ଯେତେବେଳେ ଦେଶର ଦୁର୍ଗତି ଓ ଅଧୋଗତି ଏତେ ବ୍ୟାପକ ଓ ଦୃଢ଼ମୂଳ ସେତେବେଳେ ଦେଶର ଓ ଭାଷାର ଶତ୍ରୁ ଶକ୍ତିଶାଳୀ ଓ ଅଗଣିତ । ଓଡ଼ିଆ ଭାଷା ଉଠାଇ ବଙ୍ଗଳା ଭାଷା ପ୍ରଚଳନରେ ଉତ୍କଳର ସବଜଜ ପ୍ରତ୍ୟେକ ମହକୁମାର ପ୍ରଧାନ ସରକାରୀ କର୍ମଚାରୀ ( ବଙ୍ଗାଳୀ ) ଯତ୍ନବାନ । ସାହିତ୍ୟ ଆଲୋଚନାରେ ଓ ବ୍ରାହ୍ମଧର୍ମ ପ୍ରଚାରରେ ମଧ୍ୟ ସେହି ଓଡ଼ିଆ ଭାଷାର ନିନ୍ଦା ଓ ତାର ମୂଳୋତ୍ପାଟନ ପ୍ରୟାସ । ୧୮୬୫-୭୦ ମଧ୍ୟରେ ଲୋକଙ୍କ ଇଚ୍ଛା ବିରୁଦ୍ଧରେ ବଙ୍ଗାଳୀ ସବ୍‌ଇନ୍‌ସପେକ୍‌ଟର କୂଟବୁଦ୍ଧି ପ୍ରୟୋଗ କରି ମେଦିନୀପୁରରେ କିପରି ବଙ୍ଗଳା ସ୍କୁଲ ସ୍ଥାପନ କଲେ ତାହା ଏଥିର ନିଦର୍ଶନ । କ୍ଷୁଦ୍ରପ୍ରାଣୀ ଓଡ଼ିଆ ଅବଧାନମାନେ ଚାଟଶାଳୀ ଛାଡ଼ି ଦେଇ ଦେଶମୁହାଁ ପଳେଇ ଆସିଲେ । ମେଦିନୀପୁରର ଗାର୍ହସ୍ଥ୍ୟ ଭାଷା ଓଡ଼ିଆ ହେଲେହେଁ ପାଠ ଭାଷା ତଦବଧି ବଙ୍ଗଳା ।

ଓଡ଼ିଆ ଜାତି ତଥା ଭାଷାର ଏ ଜୀବନ ମରଣ ସମସ୍ୟା ।

( ୨ )

ପ୍ରଳୟପୟୋଧିଜଳେ ଧୃତବାନସି ବେଦମ୍—ଗୀତଗୋବିନ୍ଦ

ଏ ପ୍ରଳୟରୁ ଭାଷା ଓ ଜାତିକୁ ରକ୍ଷା କରିବ କିଏ ? "ମୋର ସମବୟସ୍କ ସହାୟସମ୍ପନ୍ନ, ବହୁପରିମାଣରେ ସୁସ୍ଥ ଶରୀର, ବଳିଷ୍ଠ ଓ ସୌଭାଗ୍ୟବାନ ଅନେକ ପୃଥିବୀ ତ୍ୟାଗ କରି ଯାଇଛନ୍ତି ଅଥଚ ପିତୃମାତୃହୀନ, ଚିରରୋଗୀ, ଜୀବନ କାଳରେ ବିବିଧ ପ୍ରକାର ଭୟଙ୍କର ବିପଦସଙ୍କୁଳ ଅବସ୍ଥା ଅତିକ୍ରମ କରି—ମୁଁ ?" କିନ୍ତୁ ବସ୍ତୁତଃ 'ଅସାର ଜୀବନ ଚରିତ'ର ଏହି ଲେଖକ ଓଡ଼ିଶାର ଯୋଗ୍ୟତମ ଓ ଦୃଢ଼ଜୟତମ ବ୍ୟକ୍ତି । "ତିନିଥର ଗୋକ୍ଷୁର ସାପ ମୁଖରୁ, ଥରେ ଭାଲୁ ମୁଖରୁ, ଥରେ ଅରଣ୍ୟ ମତ୍ତ ହସ୍ତୀ ଠାରୁ, ଥରେ ବନ ଗୟଳ ଦଳରୁ, ଥରେ ମନୁଷ୍ୟ ହସ୍ତସ୍ଥ ତୀରରୁ, ଥରେ ମନୁଷ୍ୟ ହସ୍ତସ୍ଥ ଖଡ୍‌ଗରୁ, ଥରେ ବିଷ ପାନରୁ ଓ ଦୁଇ ଥର ଜାହାଜ ଡୁବିରୁ" ଭଗବାନ ତାଙ୍କୁ ରକ୍ଷା କରିଥିଲେ ।ଯେପରି କି ବିପନ୍ନ ଦେଶ ଓ ସାହିତ୍ୟ ତାଙ୍କର ଦ୍ୱାରା ଉଦ୍ଧାର ଲାଭ କରିବ । ପ୍ରବଳ ଶତ୍ରୁ ବିରୁଦ୍ଧରେ ସଫଳତାର ସହିତ ଯୁଝିବାକୁ ହେଲେ ଲୋଡ଼ା ସହାୟତା ଓ ଅସ୍ତ୍ରଶସ୍ତ୍ର । ମାତ୍ର ଫକୀରମୋହନଙ୍କ ଜୀବନ ଯେପରି ବିପଦସଙ୍କୁଳ, ଶିକ୍ଷାଦୀକ୍ଷା କ୍ଷେତ୍ରରେ ମଧ୍ୟ ତାଙ୍କର ସେହିପରି ନାନା ବାଧାବିଘ୍ନ ରହିଥିଲା ।

ପିତୃମାତୃହୀନ ବାଳକର ଶିକ୍ଷା ସାଧାରଣତଃ ଅବହେଳିତ ହୋଇଥାଏ । ବଡ଼ମା ଓ ବଡ଼ ବାପା ଫକୀରମୋହନଙ୍କ ପଢ଼ା-ପଢିର ପ୍ରମାଣ ନଥିନ୍ତି ପେଟରେ ବେତର ଦାଗରୁ । ଚାଟଶାଳୀ ପାଠ ଆରମ୍ଭ ବେଳକୁ ଫକୀରମୋହନଙ୍କ ବୟସ ନଅ ବର୍ଷ ଯେଉଁ ବୟସରେ ଛାତ୍ରମାନେ ଅଧୁନା ମଧ୍ୟ ଇଂରାଜୀ ଶ୍ରେଣୀରେ ପଢନ୍ତି । ଚାଟଶାଳୀରେ ଖଡ଼ିପାଠ ଓ ପୋଥିପାଠ ସାରି ଫକୀରମୋହନ ଆପେ ଆପେ ଯାଇ ଅବୈତନିକ ପାଞ୍ଚ ସ୍କୁଲରେ ପଢିଲେ । ସ୍କୁଲର ପଣ୍ଡିତ ବାପ ଭାଇ ପାଖକୁ ଚଠି ଲେଖା ଓ କଚେରୀର ଦରଖାସ୍ତ ଲେଖା ଶିଖାନ୍ତି । ବଡ଼ ବାପାଙ୍କ ନିୟୋଗ ମତେ ଫକୀରମୋହନ ପଢ଼ାରେ ଜଳାଞ୍ଜଳି ଦେଇ ଦରଜୀଙ୍କ ଅଡ଼୍ଡାଲ ଟେଲେଇ କାମ ବୁଝିଲେ ଓ ନିଜେ ମଧ୍ୟ ଅଡ଼୍ଡାଲ ସିଲେଇ କଲେ । ଜାହାଜାଡ଼ି କାର୍ଯ୍ୟ ପରେ ଫକୀରମୋହନ ନିମକ୍ ମାହାଲର କାର୍ଯ୍ୟ ଦେଖିବାକୁ ଲାଗିଲେ । ନିମକମାହାଲ କିନ୍ତୁ ଯେତେବେଳେ ଉଠି ଗଲା ସେତେବେଳେ ସେ ବାରବାଟୀ ସ୍କୁଲରେ ପୁଣି ପଢିବାର ସୁବିଧା ପାଇଲେ । ବର୍ଷକ ପରେ ସେ ପ୍ରଥମ ହୋଇ ପ୍ରମୋଶନ ପାଇଲେ ସତ କିନ୍ତୁ ଚାରିଅଣା ମାତ୍ର ସ୍କୁଲ ବେତନ ଦେଇନ ପାରି ପଢ଼ା ଶେଷ





Digitized by srujanika@gmail.com

କରିବାକୁ ବାଧ ହେଲେ ଓ ଅଠର ଟଙ୍କା ବେତନରେ ସେହି ସ୍କୁଲର ତୃତୀୟ ଶିକ୍ଷକ କାର୍ଯ୍ୟରେ ବାହାଲ ହେଲେ । ସେଠାରେ ସେ ସ୍କୁଲ ପଣ୍ଡିତଙ୍କ ସାହାଯ୍ୟରେ ଅଭିଧାନ ଓ ବ୍ୟାକରଣ ପଢିଲେ ଓ ବିଦ୍ୟାସାଗରଙ୍କ ବ୍ୟାକରଣ କୌମୁଦୀ ଓ ଋଜୁପାଠ ସାହାଯ୍ୟରେ ସଂସ୍କୃତ ଶିକ୍ଷାର ପଥ ସୁଗମ କଲେ ମିସନ ସ୍କୁଲରେ ମିଲର ସାହେବଙ୍କ ବାଇବେଲର ପାଣ୍ଡୁଲିପି ସଂଶୋଧନରେ ଈଶ୍ୱରଙ୍କ ପ୍ରତି 'ଅସ୍ତି' (ସାହେବ ବୁଝିଲେ ଅସ୍ଥି') ଶବ୍ଦ ପ୍ରୟୋଗ ସମ୍ପର୍କରେ ଯେଉଁ ହାସ୍ୟୋଦ୍ଦୀପକ ବାଦାନୁବାଦ ଘଟିଥିଲା ତାହା ସମସ୍ତେ ଜାଣନ୍ତି । ଏହାପରେ ସେ ଦୁଇ ଜଣ ସାହେବଙ୍କୁ ବଙ୍ଗଳା ପଢାଇଲେ । କିଛି ଦିନ କଲେକ୍ଟରୀ ସେରସ୍ତାର ମୁନ୍‌ସି କାର୍ଯ୍ୟ କରିବା ପରେ ସେ ପୁଣି ଶିକ୍ଷକତା କାର୍ଯ୍ୟକୁ ଫେରି ଗଲେ । ଏହିଠାରେ ରେଭେରେଣ୍ଡ ହାଲମଙ୍କ ସହିତ ଫକୀରମୋହନଙ୍କ ଘନିଷ୍ଠତା ଜନ୍ମିଲା । ସେ ତାଙ୍କୁ ଓଡ଼ିଆ-ଇଂରେଜୀ ବ୍ୟାକରଣ ଲେଖିବାରେ ସାହାଯ୍ୟ କଲେ ମାତ୍ର ସମ୍ପ୍ରଦାନ କାରକ ସାହେବଙ୍କ ବ୍ୟାକରଣରେ ରଖେଇ ପାରିଲେ ନାହିଁ । ହାଲମ ସାହେବ ଫକୀରମୋହନଙ୍କୁ ବାଲେଶ୍ୱରର କଲେକ୍ଟର ବୀମସ୍ ସାହେବଙ୍କ ସହିତ ପରିଚିତ କରାଇ ଦେଲେ । ବୀମସ ସାହେବ ତାଙ୍କ ଇଂରାଜୀ ଗ୍ରନ୍ଥ Indo-Aryan Grammarରେ ଓଡ଼ିଆ, ବଙ୍ଗଳା, ହିନ୍ଦି, ଗୁଜରାଟୀ ଓ ମହାରାଷ୍ଟ୍ରୀ ଏହି ପାଞ୍ଚଟି ଭାଷାର ବ୍ୟାକରଣ ଆଲୋଚନା କରିଥିଲେ । ସେ ଏସିଆଟିକ ସୋସାଇଟି ପତ୍ରିକାରେ ବଙ୍ଗାଳୀ ରାଜା ରାଜେନ୍ଦ୍ରଲାଲ ମିତ୍ରଙ୍କର ପ୍ରସ୍ତାବିତ 'ଓଡ଼ିଆ ସ୍ୱତନ୍ତ୍ର ଭାଷାନୁହେଁ'ର ବିରୁଦ୍ଧରେ ଲେଖି ମତ ପ୍ରକାଶ କରିଥିଲେ ଯେ ଓଡ଼ିଆ ସ୍ୱତନ୍ତ୍ର ଭାଷା ଓ ତାହା ବଙ୍ଗଳା ଠାରୁ ପ୍ରାଚୀନ । ଏହି ସାହେବଙ୍କ ଏଗାରଟି ଭାଷାରେ ପାରଦର୍ଶିତା ଥିଲା । ସାହେବଙ୍କୁ ପାରିଭାଷିକ ବ୍ୟାକରଣ ଲେଖାରେ ସାହାଯ୍ୟ କରିବା ପାଇଁ ସଂସ୍କୃତ, ବଙ୍ଗଳା ଓ ଓଡ଼ିଆ ଏହି ତିନି ଭାଷାର ପଣ୍ଡିତ ରୂପେ ଫକୀରମୋହନ ନିଯୁକ୍ତ ହେଲେ । ସାହେବ ସପକ୍ଷରେ ଥିବାରୁ ବଙ୍ଗାଳୀ ହାକିମ ଓ କିରାଣୀ ଫକୀରମୋହନଙ୍କ ଉପରୁ ଥିଲେ । କଣ୍ଟକେନୈବ କଣ୍ଟକମ୍ । ବଙ୍ଗଳା ଓ ବଙ୍ଗାଳୀଙ୍କୁ ଘଉଡ଼ାଇବା ପାଇଁ ସାହେବଙ୍କ ସହାୟତା ଲୋଡ଼ା । ବ୍ୟକ୍ତି ହିସାବରେ ଅବଶ୍ୟ ସାହେବ ଓ ବଙ୍ଗାଳୀଙ୍କୁ ସେ ଭକ୍ତି ଓ ଶ୍ରଦ୍ଧା କରୁଥିଲେ ମାତ୍ର ଜାତି ହିସାବରେ ସାହେବ ଓ ବଙ୍ଗାଳୀମାନଙ୍କ କୂଟନୀତିର ସେ ବରାବର ନିନ୍ଦୁକ ଥିଲେ ।

ଏହାପରେ ଆସିଲା ନଅଙ୍କ । ଦୁର୍ଭିକ୍ଷ ପରେ ମହାମାରୀ । ଫକୀର ମୋହନ କମଳଟିଏ ନେଇ ଡାଲରେ ବସି ଲୋକଙ୍କ ରକ୍ଷା ପାଇଁ ପ୍ରାର୍ଥନା କରିବା ବଡ଼ ହୃଦୟସ୍ପର୍ଶୀ ଘଟଣା ଓ ଫକୀର ମୋହନଙ୍କ ମହାନୁଭବତାର ନିଦର୍ଶନ । ଅଦମ୍ୟ ଉଦ୍ୟମ ଫଳରେ ନାନା ବାଧାବିଘ୍ନ ଅତିକ୍ରମ କରି ଏହା ପରେ ୧୮୬୮ ସାଲରେ ବାଲେଶ୍ୱରରେ ଫକୀର ମୋହନ ଛାପାଖାନା ପ୍ରତିଷ୍ଠିତ କରନ୍ତି । ଏହିଠାରୁ ତାଙ୍କ ସାହିତ୍ୟିକ ଜୀବନ ଆରମ୍ଭ ହୁଏ । କିନ୍ତୁ ଦୁଇ ଚାରି ବର୍ଷ ସାହିତ୍ୟ ସେବା ପରେ ଊର୍ଦ୍ଧ ୨୫ ବର୍ଷ ଧରି ବିଭିନ୍ନ ଗଡ଼ଜାତର ଦେୱାନ ଓ ମେନେଜର ହୋଇ ଲୋକସେବାରେ ସେ ବ୍ୟାପୃତ ହୁଅନ୍ତି । ଏହି ସମୟ ମଧ୍ୟରେ ଫକୀରମୋହନ ରାଜନୈତିକ ବିଚକ୍ଷଣତା ଦେଖାଇବା ସଙ୍ଗେ ସଙ୍ଗେ ବିଭିନ୍ନ ଲୋକ ଚରିତ୍ର ଓ ଦୃଶ୍ୟର ସଂସ୍ପର୍ଶରେ ଆସି ପରବର୍ତ୍ତୀ ସାହିତ୍ୟିକ ଜୀବନକୁ ସମୃଦ୍ଧ କରିବାର ସୁଯୋଗ ପାଇଥିଲେ । ରାଧାନାଥ, ମଧୁସୂଦନ, ମଧୁସୂଦନଦାସ ପ୍ରମୁଖ ଉତ୍କଳର ତତ୍‌କାଳୀନ ଅନେକାନେକ ଗୁଣୀ ଓ କ୍ଷଣଜନ୍ମା ଲୋକଙ୍କ ସହିତ ଆଳାପ ଘନିଷ୍ଠତା ଓ ପରିଚୟ ତାଙ୍କୁ କର୍ତ୍ତବ୍ୟରେ ପ୍ରେରଣା ଓ ଉତ୍ସାହ ଯୋଗାଇଥିଲା ।

୧୮୬୧-୯୬ ସାଲ ମଧ୍ୟରେ ସେ ତେଲିଙ୍ଗୀ ଭାଷା ଶିକ୍ଷା କରିଥିଲେ । ଫକୀର ମୋହନ ବନ୍ଧୁମାନଙ୍କ ସାହାଯ୍ୟରେ ଇଂରାଜୀ ଶିଖିଥିଲେ । ଫାଷ୍ଟବୁକ ପଢିସାରି ନିଜେ ନିଜେ ଡିକ୍‌ସନାରୀ ସାହାଯ୍ୟରେ ଆରେବିଆନ ନାଇଟ, ରବିନସନ୍ କ୍ରୁସୋ, ବେଙ୍ଗଲ ମେକେଞ୍ଜି ଲାଇଫ୍, ଟେଲସ ଫ୍ରମ ସେକ୍‌ସପିୟର ଓ ବାଇବେଲ ପ୍ରଭୃତି କେତେଖଣ୍ଡ ମାତ୍ର ଇଂରାଜୀ ପୁସ୍ତକ ପଢିଥିଲେ । ଏହି କେତେ ଖଣ୍ଡ ଇଂରାଜୀ ବହିର ପ୍ରଭାବ ତାଙ୍କ ରଚନାବଳୀରେ ଗଭୀର ରେଖାପାତ କରିଥିଲା ।

ଫକୀର ମୋହନ ବ୍ରାହ୍ମ ଓ ବୌଦ୍ଧ ଧର୍ମପ୍ରତି ଆକୃଷ୍ଟ ହୋଇଥିଲେ । ଏହି ଧର୍ମ ତାଙ୍କ ଜୀବନରେ ଯେପରି ପ୍ରଭାବ ବିସ୍ତାର କରିଥିଲା ସାହିତ୍ୟରେ ମଧ୍ୟ ସେହିପରି । ତାଙ୍କର ଗଳ୍ପ ଓ ଉପନ୍ୟାସ ବା ଅନ୍ୟାନ୍ୟ ଲେଖାରେ ବ୍ରାହ୍ମ ଧର୍ମର ମୂଳମନ୍ତ୍ର 'ପାପକୁ ଘୃଣା କର, ପାପୀକୁ ଘୃଣା କର ନାହିଁ' ଓ ବୌଦ୍ଧଧର୍ମର "ମା ହିଂସା ସର୍ବଭୂତାନି" ବରାବର ଦିଗ୍-ଦର୍ଶନରୂପେ ରହିଛି ।

ଏତିକି ସ୍ୱଳ୍ପ ଶିକ୍ଷା ଓ କ୍ଷୀଣ ସାହିତ୍ୟିକ ପୃଷ୍ଠପଟ ଉପରେ ଫକୀର ମୋହନ ନିଜକୁ କିପରି ବ୍ୟକ୍ତିତ୍ୱରୁ ଅନୁଷ୍ଠାନ ସ୍ତରକୁ ନେଇ ପାରିଲେ ତାହା ଆପାତତଃ ଓଡ଼ିଆ ସାହିତ୍ୟରେ ଏକ ଆକସ୍ମିକ ଘଟଣା । ଫକୀର ମୋହନ ନିର୍ଭୀକ ଓ ଉପସ୍ଥିତବୁଦ୍ଧି-ସମ୍ପନ୍ନ ଥିଲେ । ସେ ନିଜ କର୍ତ୍ତବ୍ୟ ଓ ଉଦ୍ଦେଶ୍ୟ ପ୍ରତି ଅଲୌକିକ ଆସ୍ଥାବାନ୍ ଥିଲେ । ଏପରିକି ଅତ୍ୟଧିକ ଶ୍ରମରୁ ରକ୍ତସ୍ରାବ ହୋଇ ମୂର୍ଚ୍ଛା ଗଲେ ମଧ୍ୟ ସେ ଉତ୍ସାହ ନ ହରାଇ ଲୋକଙ୍କ ସହିତ ହସଖେଳ କାଳ କଟାଉଥିଲେ । ତାଙ୍କ କ୍ଷୀଣ ଶରୀରରେ ଯେଉଁ ଆତ୍ମା ଥିଲା ତାହା ବିରାଟ ଓ ଉଦାର । ମାତୃଭୂମି ଓ ମାତୃଭାଷାର ଉନ୍ନତି ଥିଲା ତାଙ୍କ ସାଧନାର ଏକ ଲକ୍ଷ୍ୟ ଏବଂ ସେହି ଲକ୍ଷ୍ୟ ସାଧନ ପଥରେ ତାଙ୍କର ପ୍ରେରଣା ଥିଲା ସାତ୍ତ୍ୱିକ ଓ ଐଶ୍ୱରିକ । ମହତ୍ ଜୀବନ ଯାପନ ପାଇଁ ଏ ସମସ୍ତ ହାତ ହତିଆର ଯଥେଷ୍ଟ ହେଲେହେଁ ସାହିତ୍ୟିକ ପାଇଁ ଆଉ ଗୋଟିଏ ଗୁଣ ଦରକାର; ତାହା ହେଉଛି eyes to see and ears to hear ଯାହା ଫକୀର ମୋହନଙ୍କଠାରେ ଅତିମାତ୍ରାରେ ଥିଲା । ଦର୍ଶନେନ୍ଦ୍ରିୟ ଓ ଶ୍ରବଣେନ୍ଦ୍ରିୟର ଯଥାର୍ଥ ପରିଚାଳନା ଫଳରେ ଓ ଅସାମାନ୍ୟ ସ୍ମୃତିଶକ୍ତି ବଳରେ ସେ ଜୀବନର ସୂକ୍ଷ୍ମ ଚିତ୍ରା ଓ କ୍ଷୁଦ୍ର ଘଟଣାବଳି ପର୍ଯ୍ୟନ୍ତ ସମସ୍ତ ତାଙ୍କ ଲେଖାରେ ସନ୍ନିବେଶ କରିଛନ୍ତି । ତେଣୁ କଠୋର ସତ୍ୟ



Digitized by srujanika@gmail.com

ଘଟଣାର ସମାବେଶ ହୋଇ ମଧ ତାଙ୍କ ରଚନା ଅବାସ୍ତବର ଭ୍ରାନ୍ତ ଆଣିଦେବ । ନାନା ଅଭିଜ୍ଞତା, ମନୁଷ୍ୟ ଓ ପ୍ରକୃତି ସହିତ ପ୍ରତ୍ୟକ୍ଷ ସମ୍ପର୍କ ଫଳରେ ସେ ଓଡ଼ିଆର ଅଭାବ ଆବଶ୍ୟକତା ବୁଝି ପାରିଥିଲେ ଓ ନିଜ ସ୍ୱଭାବଜ ବୁଦ୍ଧିରେ ସେ ଅଭାବ ଅପନୋଦନର ମାର୍ଗ ଉଦ୍ଭାବନ କରି ପାରିଥିଲେ ଓ ସଫଳତାର ସହିତ ନିମନ୍ତମାନ ଓଡ଼ିଆ ସାହିତ୍ୟକୁ ବଞ୍ଚାଇ ନିଜ ଗୋଡ଼ରେ ଛିଡ଼ା କରାଇ ପାରିଥିଲେ ।

(ଗ)

Out of the strong comes forth sweetness—

*An old proverb*

ଆଜକାଲି ଓଡ଼ିଆ ସାହିତ୍ୟକରେ ଯେଉଁସବୁ ଅଭାବ ଅଭିଯୋଗ ରହିଛି ସେନାପତିଙ୍କ ଯୁଗରେ ସେ ସବୁ ଅତିମାତ୍ରାରେ ଥିଲା । ସେତେବେଳେ ମୁଦ୍ରା ଯନ୍ତ୍ରର ଅଭାବ ଲେଖକ ପକ୍ଷରେ ଅନୁତ୍ସାହର ପ୍ରଧାନ କାରଣ । କିନ୍ତୁ ଛପାଖାନା ବାଲେଶ୍ୱରରେ ସ୍ଥାପିତ ହୋଇ ସାହିତ୍ୟକ ପତ୍ରିକାଟିଏ ବାହାରିଲେ ମଧ ଲେଖକର ଅଭାବ । ପତ୍ରିକାର ଗ୍ରାହକ ୪୦।୨୦ ଜଣ ମାତ୍ର । ମୂଲ୍ୟ ପ୍ରାପ୍ତି ଆଦାୟ ହୁଏ ନାହିଁ 'ଏତେ ଯେ ଲେଖିଲି ତାହା କେ ଯାଉଛି ଦେଖି' 'ନ ଦେଖିଲା କେହି ଥରେ, ଅଣ୍ଡିରି କ ମାଇ' ପ୍ରଭୃତି ଖେଦୋକ୍ତିରୁ ବେଶ ବୁଝାଯାଏ ଯେ ସେନାପତିଙ୍କ ଯୁଗ ସାହିତ୍ୟକ ପକ୍ଷରେ ଆଦୌ ଉତ୍ସାହପ୍ରଦ ନୁହେଁ । ଲେଖକ ନାହିଁ ପାଠକ ନାହିଁ, ଛାପାଖାନା ନାହିଁ, ସାହିତ୍ୟକର ସେହି ପ୍ରଶ୍ନ ସ୍ୱଭାବତଃ ମନକୁ ଆସିବ 'ଲେଖିବି କାହିଁକି ?' ପୁଣି ଓଡ଼ିଆ ବ୍ୟତୀତ ଅନ୍ୟ ଭାଷାର ବାଣିଜ୍ୟ ମୂଲ୍ୟ ବା ଶ୍ରୀକର ମୂଲ୍ୟ ଦେଶରେ ବେଶୀ ଥିବାରୁ ଓଡ଼ିଆରେ ଲେଖିବି କାହିଁକି ପ୍ରଶ୍ନର ଉତ୍ତର ଆହୁରି ଜଟିଳ । କିନ୍ତୁ ଫକୀର ମୋହନ ଲେଖିଲେ ଏବଂ ଓଡ଼ିଆରେ ଲେଖିଲେ । ରାଧାନାଥ ଓ ମଧୁସୂଦନ ବଙ୍ଗଳା ଛାଡ଼ି ଓଡ଼ିଆରେ ଲେଖିଲେ । ସାହିତ୍ୟକୁ ପେଶା କରି ସେ କାଳର କେହି ସାହିତ୍ୟକ ଧନସମ୍ପତ୍ତି ଅର୍ଜନ କରି ନାହାନ୍ତି ବା ରାଜା-ମହାରାଜା ସେମାନଙ୍କ ପାଇଁ କୋଠାବାଡ଼ି ବା ସ୍ୱପ୍ନନିବାସ ତୋଳାଇ ଦେଇ ନାହାନ୍ତି ।

ପୃଥିବୀର ଯେ କୌଣସି ବ୍ୟବସାୟ କେବଳ ଅର୍ଥ ଉଦ୍ଦେଶ୍ୟ ରଖି ପରିଚାଳିତ ହୁଏ ନାହିଁ । ଜଣେ କପଟ ବସ୍ତ୍ର ରହିବ ତାହା ତାକୁ ନିଜେ ବିଚାର କରିବାକୁ ପଡ଼ିବ । କିନ୍ତୁ ସେ ଯେଉଁ ପେଶା ଅବଲମ୍ବନ କରିବ ତାହା ପ୍ରଥମତଃ ସତ୍ ଏବଂ ଦ୍ୱିତୀୟତଃ ସମାଜର ହିତକାରକ ହେବ । ଆତ୍ମସମ୍ମାନ ଓ ସମାଜ ନୀତି ସହିତ ଏହି ପେଶା ସମ୍ପୃକ୍ତ । ଯଦି କେହି କେବେ ଗୁଡ଼ାଏ ଲେଖକଙ୍କୁ ସାହିତ୍ୟରେ ବାଣିଜ୍ୟନୀତି ଗ୍ରହଣ କରିବାକୁ ପ୍ରବର୍ତ୍ତାନ୍ତି ଓ ନିଜେ ମଧ ତାଙ୍କ କର୍ମ କ୍ଷେତ୍ରରେ କେବଳ ଅର୍ଥ ଉପରେ ଆଖି ରଖନ୍ତି ତେବେ ତାଙ୍କ ସାହିତ୍ୟ ଅବଶ୍ୟ ନୀଚ, ଶ୍ଳୀଳତାହୀନ ଓ ଅନ୍ତଃସାରଶୂନ୍ୟ ହେବ । ଜଣେ ଲେଖକ ଏ ସମ୍ବନ୍ଧରେ କହିଛନ୍ତି "Better that our serene temples were deserted than filled with trafficking and juggling priests". ଅର୍ଥାତ୍ ଆମର ପବିତ୍ର ମନ୍ଦିରମାନ ଅର୍ଥ ଲୋଭୀ ପେଶାଦାର ପୁରୋହିତମାନଙ୍କ ଦ୍ୱାରା ପରିପୂର୍ଣ୍ଣ ହୋଇ ରହିବା ଠାରୁ ଶୂନ୍ୟ-ମନ୍ଦିର ପଡ଼ି ରହିବା ବରଂ ଭଲ । ଯେ ପ୍ରଥମେ ନିଜର ଆନନ୍ଦ ପାଇଁ ବେଉସା ଅବଲମ୍ବନ କରେ ଏବଂ ପରେ ଅନ୍ୟମାନଙ୍କୁ ଆନନ୍ଦ ଦେଇ ନିଜର ଜୀବିକା ଅର୍ଜନ କରିବାକୁ ଇଚ୍ଛା କରେ ସେ ବେଶ୍ୟାବୃତ୍ତି କରେ ମାତ୍ର । ଫକୀର ମୋହନଙ୍କ ସାହିତ୍ୟିକ ଉଦ୍ଦେଶ୍ୟ ଥିଲା ସାତ୍ତ୍ୱିକ । ସେ ଦୁଇ ପଇସା ଡାକ ଟିକଟ ପାଇଲେ ଉତ୍କଳ-ଭ୍ରମଣଂ ପାଠକଙ୍କୁ ଯୋଗାଉ ଥିଲେ । ସେ କହିଥିଲେ," "ଅଭ୍ୟାସ ହୋଇଛି ଯାର ଗାଇବାର ଗୀତ, ଶତ ବାଧା ବିଘ୍ନ ତେବେ ଗାଇବ ନିଶ୍ଚିତ ।" ଆତ୍ମଜୀବନ ଚରିତରେ ଫକୀର ମୋହନ ଲେଖିଛନ୍ତି ଯେ ସେ ଶାରୀରିକ କ୍ଳେଶ, ଅର୍ଥାଭାବ ଓ ବିୟୋଗଦୁଃଖ ମଧ୍ୟରେ ସାହିତ୍ୟ ସେବା କରିଥିଲେ ଏବଂ ସ୍ୱୀକାର କରିଛନ୍ତି ଯେ ବାଧା ବିପଦ ସମୟରେ ତାଙ୍କର ଲେଖା ଟିକିଏ ଭଲ ହୁଏ ଏବଂ ତାଙ୍କର ଅଧିକାଂଶ କବିତା ଦାରୁଣ ପୀଡ଼ା, ବିପଦ ଓ ମନର ଅସ୍ଥିରତା ସମୟରେ ଲେଖା ।

ବିଭିନ୍ନ ପ୍ରେରଣାର ଉତ୍ସରୁ ଫକୀରମୋହନ କାବ୍ୟ କବିତା, ଗଳ୍ପ ଉପନ୍ୟାସ ଇତ୍ୟାଦି ଲେଖୁଥିଲେ । ତାଙ୍କର ପ୍ରେରଣାର ସର୍ବ ପ୍ରଧାନ ଉତ୍ସ ହେଉଛି ପ୍ରାଚୀନତମ ଓ ସମ୍ମାନିତ ଅଥଚ ଅଧୁନା ବିପନ୍ନ ସାହିତ୍ୟକୁ ପ୍ରବଳ ପରାକ୍ରାନ୍ତ ସପତ୍ନୀ ସାହିତ୍ୟର ନିର୍ମମ କବଳରୁ ରକ୍ଷା କରି ଗୌରବମୟ ଆସନ ଦେବାର ଦେଶାତ୍ମବୋଧ ଜନିତ ପ୍ରବଳ ଇଚ୍ଛା । ଓଡ଼ିଆ ପାଠ୍ୟ ପୁସ୍ତକ ଦେଇ ଭବିଷ୍ୟତ ବଂଶଧରଙ୍କ ଓଡ଼ିଆ ଭାଷାର ଦାୟାଦ କରି ନ ପାରିଲେ ଓଡ଼ିଆ ଭାଷାର ଭବିଷ୍ୟତ ଅନ୍ଧକାର । ତେଣୁ ଲେଖକ ଜୀବନର ପ୍ରଥମ ଭାଗରେ ସାହିତ୍ୟ କଥା ଚିନ୍ତା ନ କରି ଫକୀରମୋହନ ଓଡ଼ିଆ ପାଠ୍ୟ ପୁସ୍ତକର ଅଭାବ ଓ ଆବଶ୍ୟ-କତା ପୂରଣର ଚେଷ୍ଟା କଲେ । 'ଜୀବନ ଚରିତ' 'ଭାରତ ବର୍ଷର ଇତିହାସ' 'ଅଙ୍କ ମାଳା' 'ଓଡ଼ିଶାର ଇତିହାସ' ଇତ୍ୟାଦି ପାଠ୍ୟ ପୁସ୍ତକ ଓଡ଼ିଆ ଭାଷାକୁ ବଞ୍ଚାଇ ରଖିବା ପାଇଁ ସେ ଲେଖି ଥିଲେ । ଓଡ଼ିଆ ଭାଷା ଆସନ୍ନ ମୃତ୍ୟୁ ମୁଖରୁ ଉଦ୍ଧାର ପାଇବା ପରେ ତାର ପୁଷ୍ଟି ସାଧନ ଆବଶ୍ୟକ ହେଲା । ତେଣୁ 'ବୋଧଦାୟିନୀ' ପତ୍ରିକା ବାହାର କରି ସେ ସାହିତ୍ୟର ପୁଷ୍ଟି ସାଧନ କରିବାକୁ ଲାଗିଲେ ।

ସ୍ତ୍ରୀଙ୍କ ପୁତ୍ରବିୟୋଗ ଦୁଃଖ ଭୁଲାଇବା ପାଇଁ ରାମାୟଣ ଆବଶ୍ୟକ ମାତ୍ର ସ୍ତ୍ରୀଙ୍କ ବୋଧଗମ୍ୟ ହେବା ପାଇଁ ସରଳ ଓଡ଼ିଆରେ ସଂସ୍କୃତ ରାମାୟଣ ଅନୁବାଦ କରିବା ଦରକାର । ଏହିଠାରେ ଫକୀର ମୋହନଙ୍କ ସାହିତ୍ୟିକ ଜୀବନର ଅନୁବାଦ ପର୍ବ ଆରମ୍ଭ ହେଲା ।



Digitized by srujanika@gmail.com

ରାମାୟଣ ଶୁଣି "ମୋ ସ୍ତ୍ରୀ କହିଲେ, 'ଆମ୍ଭେମାନେ ପୁତ୍ର ସକାଶେ କାହିଁକି କାନ୍ଦିବୁଁ ? ପୁତ୍ର ଆମ୍ଭମାନଙ୍କର ନାମ ରକ୍ଷା କରିବ— ଏଥି ପାଇଁ କି ନା ? ଏହି ପୁସ୍ତକ ଆମ୍ଭମାନଙ୍କର ପୁତ୍ର, ଚିରକାଳ ଆମ୍ଭମାନଙ୍କର ନାମ ରକ୍ଷା କରିବ ।" ସାହିତ୍ୟକୁ ଆଶ୍ୱାସନାର ବାହକ ରୂପେ ଗ୍ରହଣ କରିବା ଫକୀର ମୋହନଙ୍କ ଅନୁବାଦ ସାହିତ୍ୟର ଏକତମ ଉଦ୍ଦେଶ୍ୟ । ରାମାୟଣ, ମହାଭାରତ, ହରିବଂଶ ଇତ୍ୟାଦି ବିରାଟ ସଂସ୍କୃତ ଗ୍ରନ୍ଥର ଓଡ଼ିଆ ଅନୁବାଦ ଫକୀର ମୋହନ କର୍ମ ବହୁଳ ଜୀବନର ଅବସର କ୍ଷଣମାନଙ୍କରେହିଁ କରି ପାରିଥିଲେ ।

ଫକୀର ମୋହନ ଯେ କବିତା ଲେଖିବାକୁ ଶିଖି ଥିଲେ ତାର ଅନ୍ୟତମ କାରଣ ତାଙ୍କ ସ୍ତ୍ରୀ କୃଷ୍ଣ କୁମାରୀ । "ପ୍ରଥମେ ତାଙ୍କ ମନୋରଞ୍ଜନ ସକାଶେ କବିତା ଲେଖୁଥିଲି । ତାଙ୍କ ମୃତ୍ୟୁପରେ ମୋ ମନର ବ୍ୟାକୁଳତା ନିବାରଣ ନିମନ୍ତେ ମୁଁ କବିତା ଲେଖେଁ ।" କେହି ତାଙ୍କ କବିତା ନ ପଢିଲେ ମଧ୍ୟ ତାଙ୍କର ଦୁଃଖ ନାହିଁ କାରଣ ସେ ନିଜର ହୃଦୟ ବେଦନା କହି ବ୍ୟଥା ଉପଶମ କରି ପାରିବାର ଆନନ୍ଦ ଓ ଶାନ୍ତି ଲାଭ କରି ପାରିଛନ୍ତି । 'ପୁଷ୍ପମାଳା' ଓ 'ଉପହାର' କବିତା ପୁସ୍ତିକା ଦୁଇ ଖଣ୍ଡ ସ୍ତ୍ରୀ ବିୟୋଗ-ପ୍ରସୂତ ଶୋକାତ୍ମକ ମୌଳିକ କବିତା ।

କେଉଁଝରରେ ଦେବାନ ଥିଲା ବେଳେ ସେ ଯେଉଁ ହାସ୍ୟରସାତ୍ମକ ଏବଂ ଐତିହାସିକ 'ଉତ୍କଳଭ୍ରମଣଂ' ଲେଖିଥିଲେ ତାହା ଆକାରରେ ସାମାନ୍ୟ ହେଲେହେଁ ସାହିତ୍ୟିକ ଜୀବନରେ ତାହା ଏକ ପରିବର୍ତ୍ତନ ସୂଚନା କରେ । ଏହି କ୍ଷୁଦ୍ର ଲେଖାଟି ହାତୀ ପିଠିରେ ଲେଖା ଓ ମାତ୍ର କେତେ ଘଣ୍ଟାରେ ଲେଖା ଓ ଛପା ସମାପ୍ତ । କବିତା ହିସାବରେ ଏହାର ମୂଲ୍ୟ ଯାହା ହେଉ ନା କାହିଁକି ଏହା ଫକୀର ମୋହନଙ୍କ ମୌଳିକତା ସୂଚନା କରେ ଏବଂ ଏହି ମୌଳିକତା ବଢି ବଢି ଓ ଲୋକଚରିତ୍ର ଅନୁଶୀଳନ ପୁଷ୍ଟତର ହୋଇ ତାଙ୍କ ବିରାଟ ସାହିତ୍ୟିକ ଅବଦାନର ପ୍ରଧାନ ମାଧୁରୀ ଓ ମହତ୍ତ୍ୱରେ କାଳକ୍ରମେ ପରିଣତ ହୁଏ । ଶ୍ରାବଣ ମେଘର ଫାଙ୍କରେ ଯେପରି ଶରତ ଆକାଶର ଛଟା ଦେଖା ଦେଇ ପରେ ବିରାଟ ନିର୍ମଳ ଶାରଦାକାଶରେ ପରିଣତି ଲାଭ କରେ ଏହି ଉତ୍କଳଭ୍ରମଣଂ ଅନୁବାଦ ପର୍ବ ମଧ୍ୟରେ ଟିକ୍ ସେହି ପରି ଦେଖା ଦେଇ ପରବର୍ତ୍ତୀ କାଳର ଗଳ୍ପ ଓ ଉପନ୍ୟାସ କ୍ଷେତ୍ରରେ ସୁନ୍ଦର ବିରାଟ ଓ ମହାନ୍ ଶ୍ରୀ ରୂପେ ପ୍ରକଟିତ ହୋଇଥିଲା ।

ଭ୍ରାମ୍ୟମାଣ ଓ ଚିର ଅଶାନ୍ତିମୟ ଜୀବନ ଯାପନ ପରେ ଯେତେବେଳେ ଫକୀରମୋହନ କଟକରେ ଅବସ୍ଥାନ କଲେ ସେତେବେଳେ ସାହିତ୍ୟର ପୁଷ୍ଟି ଅଭିଳାଷ ପୁଣି ମେଣ୍ଟାଇବାର ସୁବିଧା ପାଇଲେ ଓ ତାଙ୍କର ଜୀବନବ୍ୟାପୀ ସାଧନା ଓ ଅଭିଜ୍ଞତା ଉତ୍କଳ ସାହିତ୍ୟକୁ ମହୀୟାନ୍ କରିବାକୁ ଲାଗିଲା । ଯେଉଁ ଗଳ୍ପଲେଖା ବାଲେଶ୍ୱରରେ ଆରମ୍ଭ କରିଥିଲେ ଏହିଠାରେ ପୁଣି ତାହାର ଖିଅ ଧରିଲେ । 'ଛ ମାଣ ଆଠ ଗୁଣ୍ଠ', 'ଅପୂର୍ବ ମିଳନ (ଲଛମା) ଓ 'ଅବସର ବାସରେ' ଏହି କଟକରେ ଲେଖା । ତା ପରେ ନିଃସଙ୍ଗ ବାଲେଶ୍ୱର ଜୀବନ । ମାମୁ, ପ୍ରାୟଶ୍ଚିତ୍ତ, ବୌଦ୍ଧାବତାର କାବ୍ୟ, ଆତ୍ମ ଜୀବନ ଚରିତ ବାଲେଶ୍ୱରରେ ଲେଖା ।

ସ୍ୱର୍ଗାରୋହଣର ପ୍ରାକ୍କାଳରେ ଫକୀରମୋହନ ସାହିତ୍ୟ ସେବାର ପୁରସ୍କାର ପାଇଲେ । ବାମଣ୍ଡାରୁ ତାଙ୍କୁ ସରସ୍ୱତୀ ଉପାଧି ମିଳିଥିଲା । ଉତ୍କଳ ସମ୍ମିଳନୀରେ ସଭାପତି ହୋଇ ଫକୀରମୋହନ ନିଜକୁ ଅନୁଗୃହୀତ ମନେ କଲେ । ତାଙ୍କ ସାହିତ୍ୟ ଯେ ସୁଧୀବର୍ଗ ଓ ଜନସାଧାରଣଙ୍କ ଦୃଷ୍ଟିକୁ ଆସି ପାରିଛି ଏହା ସେ ଜୀବଦ୍ଦଶାରେ ଜାଣି ତୃପ୍ତ ହେଲେ । ଫକୀରମୋହନ ସ୍ୱରଚିତ ସାହିତ୍ୟ ଦୋକାନକୁ ହାଟରେ କପଡ଼ ସଜାଇ ଥିଲେ ଓ ଗରାଖ ବିଦେଶୀ ଜିନିଷର କପଡ଼ ଆଦର କଲେ ତାହା ସେ 'ମୁଁ ହାଟବାହୁଡ଼ା' କବିତାରେ ନିମ୍ନ ପ୍ରକାର ଲେଖିଛନ୍ତି ।

ବିଲାତି ମାଲକୁ ନାହିଁକି ପୁଞ୍ଜି
ଦେଶୀ ମାଲ ଦେଲି ଗୋଦାମେ ଗୁଞ୍ଜି ।
× × ×
ବୋଇଲି ମୁଁ ଅନୁବାଦ ପୁରାଣ
ଅଛି ମିଠା ଫଳ ଏହାକୁ ଜାଣ ।
ବୋଇଲା ମୋ କଥା ଶୁଣି ଗରାଖ
ବିରକ୍ତିରେ କରି ଅଲପ ରାଗ
ଏଗୁଡ଼ା ସବୁ ତ ପଚା ପୁରୁଣା
× × ×
ଯେବେ ତୁମ୍ଭେ ଦେବ ବିନା ମୂଲ୍ୟରେ
କୃପାକରି ନେବି ଗୃହକୁଁ ଥରେ ।
ଦେଖାଇଲି ନେଇ ତାକୁ ନଭେଲ
ବୋଇଲା ସେ କିଏ ପୁଚୁରି ବେଲ ।
ପୁଣି ଦେଖାଇଲି ତାକୁ କବିତା
ବୋଇଲା ଏଗୁଡ଼ା ନିହାତି ପିତା ।
ଗରାଖ ମୁଖରୁ ଏକଥା ଶୁଣି
ନିଶ୍ୱାସ ପକାଇ ରହିଲି ତୁନି;
ଭାଙ୍ଗିଲି ମୋହର ସରଲା ପାଠ
ଆଉ କରିବି ମୁଁ କଅଣ ହାଟ ।

(୪)

## ବ୍ୟାସକବି

ଫକୀରମୋହନ ଅଧୁନା ଔପନ୍ୟାସିକ ରୂପେ ବିଦିତ ହେଲେହେଁ ସମସାମୟିକ ସାହିତ୍ୟ କ୍ଷେତ୍ରରେ ସେ ବ୍ୟାସକବି ଆଖ୍ୟା ପାଇଥିଲେ । ପ୍ରଥମ ସାହିତ୍ୟିକ ଜୀବନରେ ସେ କବିତା ପ୍ରତି ବିଶେଷ ଆସକ୍ତ ଥିଲେ ଓ ଜୀବନର ଶେଷ ପର୍ଯ୍ୟନ୍ତ କବିତା ଲେଖାରୁ ବିରତ ହୋଇ ନ ଥିଲେ । ତାଙ୍କ କବିତାର ବହୁତ ଭାଗ ଅନୁବାଦ ସାହିତ୍ୟର ଅନ୍ତର୍ଗତ । ରାମାୟଣ, ମହାଭାରତ,



Digitized by srujanika@gmail.com

ଭଗବଦ୍-ଗୀତା, ଉପନିଷଦ, ହରିବଂଶ ପ୍ରଭୃତି ସଂସ୍କୃତ ପୁରାଣ ଓ ମହାକାବ୍ୟର ଅନୁବାଦରେ ସେ ଯେଉଁ ଉତ୍ସାହ, ଧୈର୍ଯ୍ୟ ଓ ନିଷ୍ଠା ଦେଖାଇଛନ୍ତି ଓ ପଚିଶ ବର୍ଷ ଯାବତ୍ ନାନା ଦୁଃଖ ବିପାକ ମଧ୍ୟରେ ଅନୁବାଦ କାର୍ଯ୍ୟ କରିଛନ୍ତି ତାହା ଆମ୍ଭମାନଙ୍କୁ ତଟସ୍ଥ କରିଦିଏ । ଢେଙ୍କାନାଳରେ ଏସିଷ୍ଟେଣ୍ଟ ମ୍ୟାନେଜର ଥିବା ସମୟରେ ତାଙ୍କ ପ୍ରଥମ ପୁତ୍ରର ମୃତ୍ୟୁ ହେଲା । ସ୍ତ୍ରୀଙ୍କ ମନରେ ସାନ୍ତ୍ୱନା ଦେବା ପାଇଁ ରାମାୟଣ ପାଠ ଆରମ୍ଭ କଲେ । ମାତ୍ର ତାଙ୍କ ସ୍ତ୍ରୀ ତ ଦୂରର କଥା ସେ ନିଜେ ପାଠ କିଛି ବୁଝି ପାରନ୍ତି ନାହିଁ । ତେଣୁ ପୁସ୍ତକପାଠ ବନ୍ଦ କରି ସେ ଢେଙ୍କାନାଳ ମହାରାଜାଙ୍କ ପୁସ୍ତକାଳୟରୁ ସଂସ୍କୃତ ରାମାୟଣ ଆଣି ପଦ୍ୟାନୁବାଦ କରିବାକୁ ଲାଗିଲେ । ଦିନବେଳେ ଅନୁବାଦ କରନ୍ତି; ସନ୍ଧ୍ୟାବେଳେ ସ୍ତ୍ରୀଙ୍କୁ ଶୁଣାନ୍ତି । ୧୮୮୨ ଖ୍ରୀଷ୍ଟାବ୍ଦରେ ତାଙ୍କର ଦ୍ୱିତୀୟ ପୁତ୍ର ଜାତହେଲା ବେଳକୁ ରାମାୟଣ ଅନୁବାଦ ସରିଥାଏ । ସେହି ବର୍ଷ ସେ ମହାଭାରତ ଅନୁବାଦ ଆରମ୍ଭ କଲେ ଏବ ୧୯୦୬ ଖ୍ରୀଷ୍ଟାବ୍ଦରେ ମହାଭାରତର ଅଷ୍ଟାଦଶ ପର୍ବ ଶେଷ ହେଲା । କଟକରେ ଅବସ୍ଥାନ କାଳରେ (୧୮୯୬-୧୯୦୫) ରୋଗ-ଶଯ୍ୟାରେ ସେ ଉପନିଷଦ ଅନୁବାଦ କରୁଥିଲେ ।

ଲେଖାର ପରିମାଣ ବହୁଳତା ଯୋଗୁଁ ବିଶେଷତଃ ମହାଭାରତ ପଦ୍ୟାନୁବାଦ କରି ଥିବାରୁ ସେ ସମସାମୟିକ ବ୍ୟକ୍ତିବର୍ଗଦ୍ୱାରା ବ୍ୟାସକବି ଅଭିହିତ ହୋଇଥିବେ । ଅନୁବାଦର ଅନ୍ୟାନ୍ୟ ଯାହା କାରଣ ଥାଉ ନା କାହିଁକି ଫକୀରମୋହନ ବେଶ ବୁଝିଥିଲେ ଯେ ସଂସ୍କୃତ ସାହିତ୍ୟର ଅନୁବାଦ ଓଡ଼ିଆ ସାହିତ୍ୟ ଉନ୍ନତି ପକ୍ଷରେ ଅପରିହାର୍ଯ୍ୟ ପ୍ରୟୋଜନ ଏବ ରାମାୟଣ ମହାଭାରତ ଗୀତା ଓ ଉପନିଷଦର ଓଡ଼ିଆ ଅନୁବାଦ କରି ପାରିଲେହିଁ ସଂସ୍କୃତର ପ୍ରାୟଶଃ ସମସ୍ତ ଗୌରବ ଓଡ଼ିଆ ଭାଷାର କରଗତ ହେବ ।

ମୌଳିକ ରଚନା ଅପେକ୍ଷା ଅନୁବାଦ ଅଧିକ କଷ୍ଟସାଧ୍ୟ ଓ ସମୟସାପେକ୍ଷ । ଅନୁବାଦ କଲାବେଳେ ମୂଳଗ୍ରନ୍ଥର ସମୂହ ଓ ବ୍ୟାପକ ସୌନ୍ଦର୍ଯ୍ୟ ଓ ପ୍ରତ୍ୟେକ ଅଙ୍ଗର ମହତ୍ତ୍ୱ ଓ ପ୍ରୟୋଜନୀୟତା ଅନୁବାଦକ ଅବଶ୍ୟ ଉପଲବ୍ଧି କରିବେ । ଅର୍ଥାତ୍ ଅନୁବାଦରେ କୌଣସି ପରିଚ୍ଛେଦ ବା ସର୍ଗର ଅନ୍ତର୍ନିହିତ ଭାବ ଯେପରି କ୍ଷୁଣ୍ଣ ନ ହୁଏ ଏବ ପଂକ୍ତି ବିଶେଷର ଅଙ୍ଗଚ୍ଛେଦ ଜନିତ ତ୍ରୁଟି ନ ଘଟେ ସେଥିପ୍ରତି ଅନୁବାଦକଙ୍କୁ ସତର୍କ ହେବାକୁ ହେବ । ଅନୁବାଦରେ ମୂଳ ଭାବର ପ୍ରବାହ ଯେପରି ବ୍ୟାହତ ନ ହୁଏ ସେଥିପାଇଁ ହୁଏତ ଯେଉଁ ଭାଷାରେ ଅନୁବାଦ କରାଯାଉଛି ସେହି ଭାଷାର ଭାବପ୍ରବାହିକା ଶବ୍ଦ ସୃଷ୍ଟି କରିବାକୁ ହୋଇପାରେ । ମୂଳଗ୍ରନ୍ଥରେ ଯେତିକି ପରିସରରେ ଭାବ ରଖାଯାଇଛି ତାଠାରୁ ଅଧିକ କରିବା ଅକ୍ଷମତା ଦୋଷ ବିବେଚିତ ହୁଏ । ନିଜର ବାହାଦୁରୀ ଦେଖାଇବା ପାଇଁ ଯେପରି ଅବାନ୍ତରିକତା ଦୋଷରେ ଅନୁବାଦକ ଦୁଷ୍ଟ ନ ହୁଅନ୍ତି । ପୁନଶ୍ଚ ଅନୁବାଦ ଯେପରି ମର୍ମାନୁବାଦରେ ପର୍ଯ୍ୟବସିତ ନ ହୁଏ । ମୋଟ ଉପରେ କହିବାକୁ ଗଲେ ଅନୁବାଦଟି ଯେପରି ପାଠକ ମନରେ ମୌଳିକତାର ଭ୍ରମ ସଞ୍ଚାର କରିପାରିବ ସେଥିପ୍ରତି ଅବହିତ ହେବା ଉଚିତ । ସବୁଠାରୁ ଶ୍ରେଷ୍ଠ ଅନୁବାଦକ ସେହି ଯେ ପ୍ରଥମ ଲେଖକ ସମ ବା ତତୋଽଧିକ ଗୁଣୀ ହୋଇଥିବେ ।

ଫକୀରମୋହନଙ୍କ ଅନୁବାଦ ସାହିତ୍ୟର ଏକ ଦୃଷ୍ଟାନ୍ତ ନ ଦେଲେ ପାଠକ ପକ୍ଷରେ ତାଙ୍କର ଅନୁବାଦର ମହତ୍ତ୍ୱ ଅଜ୍ଞାତ ରହିଯିବ । ନିମ୍ନରେ ବାଲ୍ମୀକି ରାମାୟଣର ଗୋଟିଏ ସର୍ଗ ଦିଆଯାଉଛି । ଫକୀରମୋହନଙ୍କ ରାମାୟଣରୁ ଏହି ସର୍ଗର ଅନୁବାଦ ମଧ୍ୟ ଦିଆଯାଉଛି ଯେପରି ପାଠକବର୍ଗ ଅନୁବାଦର ଉତ୍କର୍ଷ ଉପଲବ୍ଧି କରିପାରିବେ ।

ମୂଳଶ୍ଳୋକାଂଶ

ତସ୍ମିଂସ୍ତୁ ପୁରୁଷବ୍ୟାଘ୍ରେ ନିଷ୍କ୍ରାମତି କୃତାଞ୍ଜଳୌ
ଆର୍ତ୍ତଶବ୍ଦୋ ହି ସଞ୍ଜଜ୍ଞେ ସ୍ତ୍ରୀଣାମନ୍ତଃପୁରେ ମହାନ୍ ।୧।
ଅନାଥସ୍ୟ ଜନସ୍ୟାସ୍ୟ ଦୁର୍ବଲସ୍ୟ ତପସ୍ୱିନଃ
ଯୋ ଗତିଃ ଶରଣଂ ଚାସୀତ୍ ସ ନାଥଃ କ୍ୱ ନୁ ଗଚ୍ଛତି ।୨।
ନ କ୍ରୁଧ୍ୟତ୍ୟଭିଶପ୍ତୋଽପି କ୍ରୋଧନୀୟାନି ବର୍ଜୟନ୍
କ୍ରୁଦ୍ଧାନ୍ ପ୍ରସାଦୟନ୍ ସର୍ବାନ୍ ସମଦୁଃଖଃ କ୍ୱ ଗଚ୍ଛତି ।୩।
କୌଶଲ୍ୟାୟାଂ ମହାତେଜା ଯଥା ମାତରି ବର୍ତ୍ତତେ
ତଥା ସ ବର୍ତ୍ତତେଽସ୍ମାସୁ ମହାତ୍ମା କ୍ୱ ନୁ ଗଚ୍ଛତି ।୪।
କୈକେୟ୍ୟା କ୍ଳିଶ୍ୟମାନେନ ରାଜ୍ଞା ସଞ୍ଚୋଦିତୋ ବନମ୍
ପରିତ୍ରାତା ଜନସ୍ୟାସ୍ୟ ଜଗତଃ କ୍ୱ ନୁ ଗଚ୍ଛତି ।୫।
ଅହୋ ନିଶ୍ଚେତନୋ ରାଜା ଜୀବଲୋକସ୍ୟ ସମ୍ପ୍ରିୟମ୍
ଧର୍ମ୍ମଂ ସତ୍ୟବ୍ରତଂ ରାମଂ ବନବାସେ ପ୍ରବତ୍ସ୍ୟତି ।୬।
ଇତି ସର୍ବା ମହିଷ୍ୟସ୍ତା ବିବତ୍ସା ଇବ ଧେନବଃ
ରୁରୁଦୁଶ୍ଚୈବ ଦୁଃଖାର୍ତ୍ତାଃ ସସ୍ୱରଞ୍ଚ ବିଚୁକ୍ରୁଶୁଃ ।୭।
ସ ତମନ୍ତଃପୁରେ ଘୋରମାର୍ତ୍ତଶବ୍ଦଂ ମହୀପତିଃ
ପୁତ୍ରଶୋକାଭିସନ୍ତପ୍ତଃ ଶ୍ରୁତ୍ୱା ଚାସୀତ୍ ସୁଦୁଃଖିତଃ ।୮।
ନାଗ୍ନିହୋତ୍ରାଣ୍ୟହୂୟନ୍ତ ସୂର୍ଯ୍ୟଶ୍ଚାନ୍ତରଧୀୟତ
ବ୍ୟସୃଜନ୍ କବଳାନ୍ନାଗା ଗାବୋ ବତ୍ସାନ୍ନ ପାୟୟନ୍ ।୯।
ତ୍ରିଶଙ୍କୁର୍ଲୋହିତାଙ୍ଗଶ୍ଚ ବୃହସ୍ପତିବୁଧାବପି
ଦାରୁଣାଃ ସୋମମଭ୍ୟେତ୍ୟ ଗ୍ରହାଃ ସର୍ବେ ବ୍ୟବସ୍ଥିତାଃ ।୧୦।
ନକ୍ଷତ୍ରାଣି ଗତାର୍ଚ୍ଚୀଂଷି ଗ୍ରହାଶ୍ଚ ଗତତେଜସଃ
ବିଶାଖାସ୍ତୁ ସଧୂମାଶ୍ଚ ନଭସି ପ୍ରଚକାଶିରେ ।୧୧।
କାଳିକାନିଲବେଗେନ ମହୋଦଧିରିବୋତ୍ଥିତଃ
ରାମେ ବନଂ ପ୍ରବ୍ରଜିତେ ନଗରଂ ପ୍ରଚଚାଲ ତତ୍ ।୧୨।
ଦିଶଃ ପର୍ଯ୍ୟାକୁଳାଃ ସର୍ବାସ୍ତିମିରେଣେବ ସଂବୃତାଃ
ନ ଗ୍ରହୋ ନାପି ନକ୍ଷତ୍ରଂ ପ୍ରଚକାଶେ ନ କିଞ୍ଚନ ।୧୩।
ଅକସ୍ମାନ୍ନାଗରଃ ସର୍ବୋ ଜନୋ ଦୈନ୍ୟମୁପାଗମତ୍
ଆହାରେ ବା ବିହାରେ ବା ନ କଶ୍ଚିଦକରୋନ୍ମନଃ ।୧୪।
ଶୋକପର୍ଯ୍ୟାୟସନ୍ତପ୍ତଃ ସତତଂ ଦୀର୍ଘମୁଚ୍ଛ୍ୱସନ୍
ଅଯୋଧ୍ୟାୟାଂ ଜନଃ ସର୍ବଶ୍ଚୁକ୍ରୋଶ ଜଗତୀପତିମ୍ ।୧୫।





Digitized by srujanika@gmail.com

ବାଷ୍ପପର୍ଯ୍ୟାକୁଳମୁଖୋ ରାଜମାର୍ଗଗତୋ ଜନଃ
ନ ଇଷ୍ଟୋ ଲକ୍ଷ୍ୟତେ କଶ୍ଚିତ୍ ସର୍ବଃ ଶୋକପରାୟଣଃ ।୧୬।
ନ ବାନ୍ତି ପବନାଃ ଶୀତା ନ ଶଶୀ ସୌମ୍ୟଦର୍ଶନଃ
ନ ସୂର୍ଯ୍ୟସ୍ତପତେ ଲୋକଂ ସର୍ବଂ ପର୍ଯ୍ୟାକୁଳଂ ଜଗତ୍ ।୧୭।
ଅନର୍ଥିନଃ ସୁତାଃ ସ୍ତ୍ରୀଣାଂ ଭର୍ତ୍ତାରୋ ଭ୍ରାତରସ୍ତଥା
ସର୍ବେ ସର୍ବଂ ପରିତ୍ୟଜ୍ୟ ରାମମେବାନ୍ୱଚିନ୍ତୟନ୍ ।୧୮।
ଯେତୁ ରାମସ୍ୟ ସୁହୃଦଃ ସର୍ବେ ତେ ମୂଢ଼ଚେତସଃ
ଶୋକଭାରେଣ ଚାକ୍ରାନ୍ତାଃ ଶୟନଂ ନୈବ ଭେଜିରେ ।୧୯।
ତତସ୍ତ୍ୱଯୋଧ୍ୟା ରହିତା ମହାତ୍ମନା
ପୁରନ୍ଦରେଣେବ ମହୀ ସପର୍ବତା
ଚଚାଲ ଘୋରଂ ଭୟଶୋକଦୀପିତା
ସନାଗଯୋଧାଶ୍ୱଗଣା ନନାଦ ଚ ।୨୦।

ଅଯୋଧ୍ୟାକାଣ୍ଡ

ଏକଚତ୍ୱାରିଂଶ ସର୍ଗ

ରାମଚନ୍ଦ୍ର ବନବାସେ କରନ୍ତେ ଗମନ
ପୁର ନାରୀଗଣ ଉଚ୍ଚେ କରିଲେ ରୋଦନ ।
କେ ବୋଲଇ ଆହା ରାମ କେଉଁଠାକୁ ଗଲ
ଅନାଥ ଦୁର୍ବଳେ ଆଉ କେ ପାଳିବ ବୋଲି ।
ଆମ୍ଭମାନଙ୍କର ଦୁଃଖେ କେ ହେବ ଦୁଃଖିତ
ଅଯୋଧ୍ୟା ନଗରୀ ଏବେ ହୋଇଲା ଅନାଥ ।
ପ୍ରଶାନ୍ତ ସ୍ୱଭାବ ରାମ ପ୍ରିୟ ଦରଶନ
ଅକାରଣେ ରାଜା ତାଙ୍କୁ ପଠାଇଲେ ବନ ।
ରାଜା ଦଶରଥଙ୍କର ଥିଲେ ବୁଦ୍ଧି ଲେଶ
ଦିଅନ୍ତେ କି ରାମ ପରି ପୁତ୍ରେ ବନବାସ ।
ବିବତ୍ସା ଧେନୁର ପରି ପୁର ନାରୀଗଣ
କରୁଣ ସ୍ୱରରେ ଉଚ୍ଚେ କରିଲେ ରୋଦନ ।
ଦଶରଥ ଶୁଣି ନାରୀଗଣ ଆର୍ତ୍ତସ୍ୱର
ଦୁଃଖ ସନ୍ତାପରେ ହେଲେ ଅତ୍ୟନ୍ତ କାତର ।
ଉତ୍ତାପ ଦାନରେ ସୂର୍ଯ୍ୟ ହୋଇଲେ ବିରତ
ଉଷ୍ଣ ଭାବେ ସମୀରଣ ହେଲା ପ୍ରବାହିତ ।
ଶୀତାଂଶୁ ଶୀତଳ ରଶ୍ମି ନ ହେଲା ପ୍ରକାଶ
ହସ୍ତୀ ଯୂଥ ପରିହାର କଲେ ମୁଖ ଗ୍ରାସ ।
ତ୍ରିଶଙ୍କୁ ମଙ୍ଗଳ ବୁଧ ଗୁରୁ ଗ୍ରହଗଣ
ଚନ୍ଦ୍ରରେ ସଙ୍କ୍ରାନ୍ତ ହୋଇ ହୋଇଲେ ଭୀଷଣ ।
ନିସ୍ତେଜେ ନକ୍ଷତ୍ରମାଳା ହେଲେ ପ୍ରକାଶିତ
ଜ୍ୟୋତିଷ୍ମାନ ଧ୍ରୁବ ହେଲେ ଜ୍ୟୋତି ବିରହିତ ।
ଅକାଳେ ଜଳଦ ଜାଲ ହୋଇଲା ଉଦିତ
ଅଶନି ନିନାଦେ ନଭ ହୋଇଲା କମ୍ପିତ ।
ଅକାଶ ହୋଇଲା ଅନ୍ଧକାରରେ ଆଚ୍ଛନ୍ନ
ନଗରବାସିଏ ହେଲେ ଦୀନ ଭାବାପନ୍ନ ।
ସକଳେ କରିଲେ ତ୍ୟାଗ ଆହାର ବିହାର
ହୋଇଲେ ସମସ୍ତେ ଶୋକ ବ୍ୟାକୁଳେ କାତର ।
ସ୍ତ୍ରୀଗଣ ବାରମ୍ବାର ପକାଇ ନିଃଶ୍ୱାସ
ଦଶରଥ ପ୍ରତି କଲେ ଆକ୍ରୋଶ ପ୍ରକାଶ ।
ମାର୍ଗରେ ପଥିକେ କରୁଅଛନ୍ତି ରୋଦନ
ଶ୍ରୀରାମ ସୁହୃଦେ ହୋଇଛନ୍ତି ଅଚେତନ ।
ଘନ ଘନ ହେଉଅଛି ଘନ ବଜ୍ରାଘାତ
ହେଉଛି ଅଯୋଧ୍ୟା ପୁରୀ ବ୍ୟାକୁଳେ କମ୍ପିତ ।
ପଦାତିକ ଅଶ୍ୱାରୋହୀ ହସ୍ତୀ ଅଶ୍ୱବଳ
ହେଉଛନ୍ତି ସର୍ବେ ଭୟ ଶୋକରେ ଆକୁଳ ।
ଅଯୋଧ୍ୟାରେ ମାତାଗଣ ପୁତ୍ରଙ୍କୁ ପକାଇ
ଝୁରୁଛନ୍ତି ସର୍ବେ ରାମଚନ୍ଦ୍ର ଗୁଣ ଗାଇ ।

ଉଦ୍ଧୃତ ସର୍ଗଟିରେ ମହାକବି ବାଲ୍ମୀକି ରାମଚନ୍ଦ୍ରଙ୍କ ବନ ଗମନର ଅବ୍ୟବହିତ ପରେ ଅଯୋଧ୍ୟାର ମନୋରାଜ୍ୟ ଓ ବହିଃ ପ୍ରକୃତିର ସମାନ ଅନ୍ଧକାର ଅବସ୍ଥା ବର୍ଣ୍ଣନା କରିଅଛନ୍ତି । ପ୍ରକୃତି ଓ ମାନବ ଏଠାରେ ରାମ ବିରହରେ ସମଦୁଃଖାପନ୍ନ । ଏଠାରେ ରସ କରୁଣ ।

ଫକୀରମୋହନ ଅନୁବାଦରେ ପୂର୍ବ ପୂର୍ବ କବି ଦ୍ୱାରା ପ୍ରତିଷ୍ଠା ଲାଭ କରି ଥିବା ପାରମ୍ପରିକ ଚତୁର୍ଦ୍ଦଶାକ୍ଷରୀ ଛନ୍ଦର ଆଶ୍ରୟ ନେଇଛନ୍ତି । ମୂଳ ସଂସ୍କୃତର ୨୦ଟି ଶ୍ଳୋକକୁ ଫକୀରମୋହନ ୧୯ ପଦରେ ଲେଖିଛନ୍ତି । ଅବଶ୍ୟ ସେ କେତୋଟି ଶ୍ଳୋକର ଭାବ ଏକାବେଳକେ ଉଠାଇ ଦେଇଛନ୍ତି କିନ୍ତୁ ବର୍ଣ୍ଣନା ଋଦ୍ଧ କରିବାର ପ୍ରୟାସ ତାଙ୍କର ପ୍ରାୟ ଲକ୍ଷିତ ହୁଏ ନାହିଁ । ମୂଳ ରାମାୟଣର ସାରଲ୍ୟ ସେ ଅନୁବାଦରେ ବଜାୟ ରଖିଛନ୍ତି । ଅନୁବାଦ କଲାବେଳେ ଫକୀରମୋହନ କୃଷ୍ଣକୁମାରୀଙ୍କୁ ଆଦର୍ଶ ଶ୍ରୋତାରୂପେ ଆଗରେ ରଖି ଥିଲେ ଓ ତେଣୁ ଭାଷା ଯେପରି ଜଣେ ଅଶିକ୍ଷିତା ନାରୀ ବୁଝି ପାରନ୍ତି ଏବଂ ଶୁଣିଲା ମାତ୍ରକେ ପଂକ୍ତି ଗୁଡ଼ିକର ଭାବ ହଠାତ୍ ହୃଦୟରେ ପ୍ରବେଶ ଲାଭ କରି ଘଟଣା ବା ବର୍ଣ୍ଣନା ପ୍ରତି ସହାନୁଭୂତି ଜାଗ୍ରତ କରି ପାରେ ସେଥିପ୍ରତି ଅନୁବାଦକ ଅବହିତ ଥିଲେ ।

ଫକୀରମୋହନଙ୍କ ଅନୁବାଦ ଆକ୍ଷରିକ ନୁହେଁ । ସେ ମୂଳ ରାମାୟଣର ଅନ୍ତର୍ନିହିତ ଭାବନାଚୟକୁ ଓଡ଼ିଆରେ ପ୍ରକାଶ କରିବାକୁ ଗଲାବେଳେ ସଂସ୍କୃତ ସହିତ ଯଥାସାଧ୍ୟ ସାମ୍ୟ ରଖିବାକୁ ଯାଇଥିଲେ । ଏଠାରେ ସର୍ଗର ଶେଷ ଦୁଇ ଧାଡ଼ି ପୂର୍ବ ବର୍ଣ୍ଣିତ ଛବିକୁ ପୂର୍ଣ୍ଣାଙ୍ଗ କରି ଦେଇଛି ଏବଂ ମୂଳ ରାମାୟଣର ଶେଷ ପଦ ଠାରୁ ବରଞ୍ଚ ସରସତର ସମାପ୍ତି ଆଣି ଦେଇଛି । ପୁନଶ୍ଚ ଅଯୋଧ୍ୟାରେ ମାତାଗଣ ପୁତ୍ରଙ୍କୁ ପକାଇ ରାମଚନ୍ଦ୍ରଙ୍କ ଗୁଣ ଗାଉଛନ୍ତି ଏହି କଥା ସର୍ଗ ଶେଷରେ ଦେଇ ଫକୀରମୋହନ କୃଷ୍ଣକୁମାରୀଙ୍କୁ ପୁତ୍ର ଶୋକ ଭୁଲି ଭଗବାନଙ୍କ ଚିନ୍ତା କରିବାକୁ ଯେପରି ଉପଦେଶ ଦେଉଛନ୍ତି ।

ବାଲକୃଷ୍ଣଙ୍କ ସାରସ୍ୱତ ରାମାୟଣରେ ଏହି ସର୍ଗର ନାମ କରଣ ହୋଇଛି 'ଅନ୍ତଃପୁର ବାସିନୀମାନଙ୍କର ବିଳାପ' । କିନ୍ତୁ ବସ୍ତୁତଃ



Digitized by srujanika@gmail.com

ଏ ସର୍ଗର ପ୍ରଧାନ ବିଷୟ ବିଳାପ ନୁହେଁ । ସେ ସଂସ୍କୃତ ୬୦ଟି ଶ୍ଳୋକକୁ ୨୪ ପଦରେ ଅନୁବାଦ କରିଛନ୍ତି । ବାଲକୃଷ୍ଣଙ୍କ ଅନୁବାଦ ଟିକିଏ ବେଶୀ ଅକ୍ଷରିକ କିନ୍ତୁ ସେ ନିଜ ମନରୁ ମଧ୍ୟ ଗୋଟିଏ ଯୋଡ଼ିଏ ପଂକ୍ତି ଯୋଡ଼ିଛନ୍ତି । ତାଙ୍କ ଅନୂଦିତ ସର୍ଗରେ ପୁରନାରୀମାନେ କୃଷ୍ଣ ବିରହରେ ଗୋପୀ ପରି ହେଉଛନ୍ତି, ଫକୀର ମୋହନ କିନ୍ତୁ ରାଣୀମାନଙ୍କୁ ମର୍ଯ୍ୟାଦା ଓ ଶ୍ଳୀଳତା ଦେଇଛନ୍ତି । ଅକ୍ଷରିକ ଅନୁବାଦ କରିବାକୁ ଯାଇ ବାଲକୃଷ୍ଣ ସ୍ଥଳବିଶେଷରେ କ୍ଲିଷ୍ଟତା ଦୋଷ ଆଣିଛନ୍ତି । ଫକୀରମୋହନଙ୍କ ଉଦ୍ଦେଶ୍ୟ ଥିଲା ସାତ୍ତ୍ୱିକ ଏବଂ ସେ ବିନା ମୂଲ୍ୟରେ ଗ୍ରାମ୍ୟଗୁଣ ବାନ୍ଧି ଥିଲେ ।

( ୪ )

ମା ନିଷାଦ ପ୍ରତିଷ୍ଠାଂ ତ୍ୱମଗମଃ ଶାଶ୍ୱତୀଃ ସମାଃ
ଯତ୍କ୍ରୌଞ୍ଚମିଥୁନାଦେକମବଧୀଃ କାମମୋହିତମ୍

— ଆଦିଶ୍ଳୋକ

ଫକୀରମୋହନଙ୍କ ସାହିତ୍ୟିକ ଜୀବନର ଅନୁବାଦ ପର୍ବ ଶେଷ ହେଉ ନ ହେଉଣୁ କୃଷ୍ଣକୁମାରୀ ପରଲୋକ ଗମନ କଲେ । କିନ୍ତୁ ପତ୍ନୀର ଉପସ୍ଥିତି ଓ ସାନ୍ନିଧ୍ୟ ଯେତିକି ତାଙ୍କୁ ଅନୁବାଦ ପର୍ବରେ ଅଧ୍ୟବସାୟ ଓ ଉତ୍ସାହ ଦେଇଥିଲା ପରଲୋକଗତା ପତ୍ନୀର ସ୍ମୃତି ମୌଳିକ କବିତା ରଚନାରେ ସେତିକି ଆବେଗ ଓ ପ୍ରେରଣା ଯୋଗାଇ ଥିଲା । କୃଷ୍ଣକୁମାରୀଙ୍କ ଲାବଣ୍ୟମୂର୍ତ୍ତି ଓ ସ୍ମୃତି ଫକୀର ମୋହନଙ୍କ ସାଂସାରିକ ତଥା ସାହିତ୍ୟିକ ଜୀବନକୁ ଦିଗ୍‌ଦର୍ଶନଯନ୍ତ୍ର ବା ଧ୍ରୁବତାରା ପରି ନିୟନ୍ତ୍ରିତ କରୁଥିଲା । କୃଷ୍ଣକୁମାରୀ ଥିଲେ ଫକୀରମୋହନଙ୍କ ସଖୀ, ପଥ ନିର୍ଦ୍ଦେଶକ, ଅଭିଭାବକ ଓ ନୈତିକ ଜୀବନର ଆତ୍ମା । ତେଣୁ ପତ୍ନୀର ଅକାଳ ବିୟୋଗରେ ଫକୀରମୋହନ ସ୍ୱଭାବତଃ ବ୍ୟାକୁଳ ଓ ଅଧୀର ହୋଇ ପଡିଥିଲେ । ସେ ସମୟରେ ତାଙ୍କର ମାନସିକ ଅବସ୍ଥା କିପରି ଥିଲା ତାହାର ଏକ ନିଖୁଣ ଚିତ୍ର ସେ 'ପୁଷ୍ପମାଳା' ଓ 'ଉପହାର' କବିତାଗୁଚ୍ଛ ଦ୍ୱୟରେ ଲିପିବଦ୍ଧ କରି ଯାଇଛନ୍ତି । ଉଦ୍ଦାମ ଆବିଳ ପ୍ରେମ ଏ କବିତାକୁ କଳୁଷିତ କରି ନାହିଁ । ଏଥିରେ ଅଛି ଦାମ୍ପତ୍ୟ ପ୍ରେମର ବିମଳ ଛବି ଓ ସରଳ ପ୍ରକାଶ ଭଙ୍ଗୀ । ଏ କବିତାଗୁଡିକ ପତ୍ନୀ ବିୟୋଗର ଅବ୍ୟବହିତ ପରେ ଲେଖା ଯାଇ ଥିବାରୁ ସେଥିରେ ସଦ୍ୟଜାତ ଶୋକର ପ୍ରଭାବ ଓ ତୀବ୍ରତା ସୁସ୍ପଷ୍ଟ ହୋଇଛି । ଏଥିରେ ଅଛି ବୁକୁଫଟା ଆର୍ତ୍ତନାଦ ଓ କ୍ରନ୍ଦନରୋଳ ଏବଂ ବିହ୍ୱଳିତ ଓ ବିଗଳିତ ହୃଦୟର ଆଶ୍ୱାସନା ପାଇଁ ବ୍ୟାକୁଳ ଅନ୍ୱେଷଣ । 'ଆଉ କି ଦେଖିବି ସେହି ସହାସ୍ୟ ବଦନ' 'ହାପି ହାପି ଗଲା ମୋତେ କନାଇ କନାଇ' କବିତା ଦୁଇଟିର ନାମହିଁ କରୁଣରସ ପରିପୋଷକ । କବି ବାରମ୍ବାର ପୂର୍ବାନୁଭୂତ ଦାମ୍ପତ୍ୟ ସୁଖ ସ୍ମରଣ କରି ବର୍ତ୍ତମାନର ଅପୂରଣୀୟ ଅଭାବ ଅନୁଭବ କରୁଛନ୍ତି । ସଂସାରର ତୂଳ ସୌନ୍ଦର୍ଯ୍ୟ ତାଙ୍କୁ ଆଶ୍ୱାସନା ଦେବାରେ ଅକ୍ଷମ । ଆକାଶର କୋଟି କୋଟି ତାରା ତାଙ୍କର କ୍ଷୁଦ୍ର ତାରା ତୁଳନାରେ ନିଷ୍ପ୍ରଭ । ସମସ୍ତ ସୁଖର କ୍ଷଣିକତା ଓ ତରଳ ପରିଣତି ସେ ବର୍ତ୍ତମାନ ମର୍ମେ ମର୍ମେ ଅନୁଭବ କରୁଛନ୍ତି । ଆଶା ଓ ସ୍ମୃତି ବାରମ୍ବାର ତାଙ୍କ ମନକୁ ଆଲୋଡିତ କରୁ ଥିବାରୁ ସେ ସେଗୁଡିକୁ ଦୂରରେ ରଖିବାକୁ ଚାହୁଁଛନ୍ତି । 'ବୁଦ୍ଧଦେବଙ୍କର ବୈରାଗ୍ୟ'ରେ ସେ ନିଜ ମନର ବିରାଗ ଭାବର ସାମଞ୍ଜସ୍ୟ ଦେଖୁଛନ୍ତି । କବି ବର୍ତ୍ତମାନ 'ଅନନ୍ତ ବ୍ରହ୍ମାଣ୍ଡେ ବିଲୀନ' ବୋଲି ଭାବୁଛନ୍ତି କାରଣ ତାହେଲେ ସେ ପଞ୍ଚଭୂତରେ ମିଶି ପତ୍ନୀ ସହିତ ମିଳିତ ହୋଇ ପାରିବେ । କିନ୍ତୁ 'ଉପହାର' ଓ 'ପୁଷ୍ପମାଳା' ଉପହାର ଦେବାକୁ ଯାଇ ଶେଷରେ ସେ ହତାଶ ହୋଇଛନ୍ତି କାରଣ ପ୍ରକୃତିସ୍ଥ ହୋଇ ସେ ଦେଖୁଛନ୍ତି ଯେ ଦୁଇ ଜଣଙ୍କ ମଧ୍ୟରେ କୋଟି କୋଟି ପାରାବାରର ବ୍ୟବଧାନ ରହିଛି ।

'ଉପହାର' ଓ 'ପୁଷ୍ପମାଳା' ଦେଇ ଆପାତତଃ କବି ହୃଦୟ ବେଦନା କଥଞ୍ଚିତ୍ ଉପଶମ କଲେ ସତ୍ୟ କିନ୍ତୁ ପରବର୍ତ୍ତୀ କବି ଜୀବନରେ ପୁଣି କୃଷ୍ଣକୁମାରୀ ଅବତୀର୍ଣ୍ଣା ହେଲେ । ବାଲ୍ୟ କାଳରେ ପିତୃମାତୃହୀନ, ଯୌବନରେ ପତ୍ନୀ ବିରହିତ ଏବଂ ବାର୍ଦ୍ଧକ୍ୟରେ ସନ୍ତାନସ୍ନେହ ବଞ୍ଚିତ ନିଃସଙ୍ଗ ଜୀବନର ପୃଷ୍ଠପଟରେ ସୁଖମୟ ଦାମ୍ପତ୍ୟଜୀବନର ମଧୁମୟ ସ୍ମୃତି ବୈପରୀତ୍ୟରେ କରୁଣତର ହୋଇ ଉଠିଲା । ବର୍ତ୍ତମାନ ବୃଦ୍ଧ କପୋତ

'ଉଡି ଯାଉଛି ସେହି ହୋଇ ଦୁଃଖିତ
ଏହାଙ୍କୁ ଯେବେ ତୁମ୍ଭେ ବୋଲ ସଙ୍ଗୀତ
× × ×
ଏ ତ ସଙ୍ଗୀତ ନୁହେଁ, ତା ମର୍ମବ୍ୟଥା
ପ୍ରକାଶ କରୁଥାଏ ମନର କଥା ।'

ବୃଦ୍ଧ କପୋତ ଛଳରେ ଫକୀର ମୋହନ ସ୍ୱୀୟ ପ୍ରାଣରେ ରହି ରହି ଯେଉଁ ସଙ୍ଗୀତ ଗାଇଛନ୍ତି ତାହା ଓଡ଼ିଆ ସାହିତ୍ୟର କରୁଣତମ ଗାଥାର ଗୀତିକା । "ଲଜକୁଳୀ ଲତାର ବିରହରେ ଗଛର କ୍ରନ୍ଦନ"ରେ କବିଙ୍କ କ୍ରନ୍ଦନ ପ୍ରତିଧ୍ୱନିତ ଓ 'ଚକୋର ଚକୋରୀ କଥା'ରେ ଫକୀର ମୋହନଙ୍କ ଦାମ୍ପତ୍ୟ ଜୀବନର ଅବିକଳ ଇତିହାସ ଲିପିବଦ୍ଧ । ପୁନଶ୍ଚ ବିରହୀ ହଳଦୀ ବସନ୍ତ କବିତାରେ ସେ ମହାନଦୀ ସୈକତରେ ବଟବୃକ୍ଷ ଯୁଗଳରେ ବାସ କରୁଥିବା ଦୁଇଟି ହଳଦୀ ବସନ୍ତର ଯୁଗଳ ଜୀବନର ଏକ ପ୍ରତ୍ୟକ୍ଷୀଭୂତ ଘଟଣା ବର୍ଣ୍ଣନା କରି ଅଛନ୍ତି । ପତ୍ନୀ ବିୟୋଗରେ ହଳଦୀ ବସନ୍ତଟି ଯେପରି ଅବ୍ୟବସ୍ଥିତ ଚିତ୍ତରେ ଡାଳରୁ ଡାଳେ ଉଡ଼ି ବୁକୁଫଟା ବିକଳ କ୍ରନ୍ଦନରେ ମହାନଦୀ ସୈକତର ନିର୍ଜନତାକୁ ଶୋକ ମୁଖରିତ କରୁଛି ତାହା କବିଙ୍କଠାରେ ସହାନୁଭୂତି ସଞ୍ଚାର କରିଛି । ସମଦଶାପନ୍ନ ବିରହୀଟି କାନ୍ତା ବିରହରେ ପ୍ରାଣ ତେଜି ପାରିଲା । କ୍ଷୁଦ୍ର ତିର୍ଯ୍ୟକ ଜାତିର ଏ ଦାମ୍ପତ୍ୟପ୍ରେମ ଦେଖି କବି ଆତ୍ମଗ୍ଳାନି ଅନୁଭବ କରି ନିଜକୁ ଧିକ୍କାର କଲେ । କାରଣ ସେ ପକ୍ଷୀଟି ପରି ଜୀବନ ବିସର୍ଜନ କରି ପାରୁ ନାହାନ୍ତି ।

କୃଷ୍ଣକୁମାରୀ ବିରହିତ ଜୀବନରେ ଜୀବ ଓ ଜଡ଼ ଜଗତର ସମସ୍ତ ଚେତନ ଅଚେତନ ପଦାର୍ଥ ଫକୀରମୋହନଙ୍କ ଆଗରେ ଯୁଗଳ ହୋଇ ଦେଖା ଦେଲେ । ଏହା ଏକ ସ୍ୱାଭାବିକ ମନସ୍ତାତ୍ତ୍ୱିକ ଘଟଣା । 'ବୃକ୍ଷବାଟିକା' କବିତାରେ ଯୋଡ଼ିଏ ହଳଦୀ-



Digitized by srujanika@gmail.com

ବସନ୍ତ ବିରହୀ କବିଙ୍କ ଚକ୍ଷୁ ସମ୍ମୁଖରେ କ୍ଷୁଦ୍ର ପକ୍ଷୀମଣ୍ଡଳର ରାଜା ଓ ରାଣୀରୂପେ ପ୍ରତିଭାତ ହେଲେ । ବୃଦ୍ଧବୃକ୍ଷ ଡାଳରେ କପୋତ-କପୋତୀ ଆଦର୍ଶ ଦାମ୍ପତ୍ୟ ଜୀବନର ପ୍ରତୀକ ତଥା ସ୍ମାରକ ହୋଇ ଛିଡ଼ା ହେଲେ । 'ଯୁଗ୍ମକୁସୁମ' କବିତାଟି 'କପୋତ ସଙ୍ଗୀତ' ଓ 'ଚଢ଼େଇ ଚଢ଼େଇ କଥା'ର ରୂପାନ୍ତର । ସଂସାର ମହାରଣ୍ୟର ନିଭୃତ ନିକୁଞ୍ଜର ଏକ ବୃକ୍ଷରେ ଯେଉଁ ଦୁଇ ପୁଷ୍ପ ଫୁଟି ଥିଲେ ସେଥିରୁ ଗୋଟିକୁ କାଳକୀଟ ଛେଦ ପକାଇଛି, ଯେଉଁଟି ରହିଛି ସେହିଟି ଭୂପତିତ ପୁଷ୍ପ ପାଇଁ ଯାବଜ୍ଜୀବନ ରୋଦନ କରିବ । ଏହି ଯୁଗ୍ମ ଛବିର ଅନ୍ୟାନ୍ୟ ନିଦର୍ଶନ ମିଳେ 'ପାରୁଅ ପାରୁଈ', 'ଘର ବାହୁଡ଼ା ବାଟୋଇ' ପ୍ରଭୃତି କବିତାରେ । ଏପରି କି ଅଚେତନ ବଟବୃକ୍ଷ ମଧ୍ୟ ମହାନଦୀ ସୈକତରେ ପୋଡ଼ିଏ ହୋଇ ଛିଡ଼ା ହୋଇଛନ୍ତି ।

ଫକୀରମୋହନଙ୍କ ଅନ୍ୟାନ୍ୟ କବିତାରେ ମଧ୍ୟ ଇତସ୍ତତଃ କୃଷ୍ଣକୁମାରୀଙ୍କ ସ୍ମୃତି ପ୍ରତିଫଳିତ ହୋଇଛି । ଭଗବାନଙ୍କ ଠାରେ ପ୍ରାର୍ଥନା କଲାବେଳେ ମଧ୍ୟ କବି କୃଷ୍ଣକୁମାରୀଙ୍କ ବିୟୋଗ କଥା ମନେ ରଖି 'ଯାଇଛି ଯା ଯାଉ ତାହାପାଇଁ ଆଉ ନ କରେ ଯେମନ୍ତ ଶୋଚନା' ବୋଲି ନିବେଦନ କରିଛନ୍ତି । 'ଗଲା' କବିତାଟି ହୋଇଛି ରୂପକ । ସେଥିରେ ସେ କହିଛନ୍ତି ବୀଣାତାର ଛିଣ୍ଡି ଯାଇଛି, ଗନ୍ଧକୀରତି ଉଭେଇ ଯାଇଛି, କୁସୁମ କଳି ଝଡ଼ି ପଡ଼ିଛି, ଦୀପାବଳୀ ନିଭି ଯାଇଛି, ମୋହନ ବଂଶୀ ନୀରବିତ ହୋଇଛି ଏବଂ ବସନ୍ତ ବାୟୁ ଚାଲି ଯାଇଛି । କୃଷ୍ଣକୁମାରୀଙ୍କୁ ଭୁଲିବା ପାଇଁ କବି ବାରମ୍ବାର ଚାହିଁଛନ୍ତି କିନ୍ତୁ ତାହା ସମ୍ଭବ ହୋଇ ନାହିଁ । ପାଣି ହଲିଲେ ପ୍ରତିବିମ୍ବ କିପରି ଯିବ ଚାଲି କାହିଁ ?

"ଛିନ୍ନଭିନ୍ନ ହୋଇ ଯାଇଅଛି ମୋ ହୃଦୟ
ତଥାପି ଦେଖୁଛି ସେହି ମୂର୍ତ୍ତି ଛାୟାମୟ ।"

'ଚାଲିଗଲା' କବିତାରେ ସେହି ମର୍ମଭେଦୀ ଆର୍ତ୍ତନାଦ, 'ବୁଡ଼ାଇଲା ଗଲା ମୋର ଭେଳା' ; 'ଶେଷମିଳନ' କବିତାରେ ଶାନ୍ତନିକେତନ ପରିବର୍ତ୍ତିତ ରୂପ ଗ୍ରହଣ କରିଛି । 'କକ୍ଷଭ୍ରଷ୍ଟ ତାରକା' କବିତାରେ ସେ ଗାଇଛନ୍ତି

"ଗଗନ ପ୍ରାଙ୍ଗଣେ ଦୀପ ସଦୃଶ
ଥିଲା ତାରାଟିଏ ହେଲା ଅଦୃଶ୍ୟ ।"

ଇଂରାଜୀ କବି ୱାର୍ଡସୱାର୍ଥ Lucy Poemsରେ ନାୟିକାକୁ ଯେଉଁ ଦୃଷ୍ଟିରେ ଦେଖିଛନ୍ତି ଓ ଯେଉଁ ଭାବରେ ବର୍ଣ୍ଣନା କରିଛନ୍ତି ଠିକ୍ ତାହାରି ପ୍ରତିଛବି ଫକୀରମୋହନଙ୍କ ଏହି କବିତାମାନଙ୍କରେ ମିଳେ ।

ଏ ବିରହ ଗାଥାରେ କୃଷ୍ଣକୁମାରୀଙ୍କ ରୂପଗୁଣ ବର୍ଣ୍ଣନା ଯେତେ ନାହିଁ ସେତେ ଅଛି ବିରହବିଧୁର ହୃଦୟର ବେଦନା ବିଳାସର ବିଶ୍ଳେଷଣ । 'ନୈରାଶ୍ୟ' କବିତାଟି ନିରାଶାଗ୍ରସ୍ତ ହୃଦୟର ସ୍ପଷ୍ଟ ଛବି ଦେଉଛି !

"ଜୀବନର ସୁଖ-ସୂର୍ଯ୍ୟ ହୋଇଛି ତ ଅସ୍ତ
ନିର୍ବାଣ ଆନନ୍ଦ ଦୀପ୍ତି ଉତ୍ସବ ସମସ୍ତ
ମାଡ଼ିଆସେ ଚତୁର୍ଦ୍ଦିଗୁଁ ଘୋର ଅନ୍ଧକାର
ହାହାକାର ! ହାହାକାର ! ହାହାକାର ସାର "

ସ୍ୱପ୍ନ କୁହୁକିନୀ ମାତ୍ର ଥରେ ଥରେ ହଜିଗଲା ଛବି ମୁହୂର୍ତ୍ତ ପାଇଁ ଆଣିପାରେ । ତେଣୁ ସେ ସ୍ୱପ୍ନବିଳାସୀ ହେବାକୁ ଚାହାନ୍ତି । 'ଉଚ୍ଚାଟନ' କବିତାରେ 'କିବା ନାହିଁ ? କି ଯାଇଛି ? ଶୂନ୍ୟ କରି ଏ ହୃଦୟ' ବିହ୍ୱଳିତ ମନର ସ୍ପଷ୍ଟ ସୂଚନା । 'ଆହା ବୋଲିବାକୁ ଯାହା କେହି ମୋର ନାହିଁ ' ଆଶ୍ୱାସନା ବିହୀନ ହୃଦୟ ପାଷାଣ୍ଡ ହେବାର ପୂର୍ବ ଲକ୍ଷଣ । ବର୍ତ୍ତମାନ ସ୍ୱତଃ ପ୍ରଶ୍ନ ଆସେ 'ବଞ୍ଚି ମୁଁ ରହିବି ଆଉ କେଉଁ ସୁଖ ଆଶେ ?"

ଯାହା ମୁଖ ଚାହିଁ ରହିଥିଲି ଧୈର୍ଯ୍ୟ ଧରି

× × ×

ଛାଡ଼ି ଦେଇ ମାୟା ଚାଲିଗଲା ସ୍ୱର୍ଗବାସେ

× × ×

ଉପସ୍ଥିତ ଜରା, ନାହିଁ ଦେହରେ ସାମର୍ଥ୍ୟ
ସରିଯାଇ ଅଛି ପ୍ରାୟ ଅର୍ଜିଲା ଅର୍ଥ

× × ×

କିପାଇଁ ଆସିବେ ଆଉ ଲୋକେ ମୋହ ପାଶେ
ବଞ୍ଚି ମୁଁ ରହିବି ଆଉ କେଉଁ ସୁଖ ଆଶେ ?

ଏତେବେଳେ ପୁଣି ପ୍ରଶ୍ନ ଆସେ 'ଅଥବା ମୁଁ କିଏ ? ଆପଣା ଅଦୃଷ୍ଟେ ରହିଛି କି ପୃଥିବୀରେ ?' ଏହିଠାରେ ଭଗବାନଙ୍କ ପ୍ରତି ଅଟଳ ବିଶ୍ୱାସ ମାନବ ମନରେ ସାନ୍ତ୍ୱନା ଦିଏ ଏବଂ ତାହାହିଁ ଫକୀର ମୋହନଙ୍କ ନିଃସଙ୍ଗ ଜୀବନରେ ସାନ୍ତ୍ୱନା ଦେଇଥିଲା । ପୁଣି ତାଙ୍କୁ ଆଶ୍ୱାସନା ଯୋଗାଇଥିଲା ସେହି ଦାର୍ଶନିକ ଉପଲବ୍ଧି ଯାହା ଆତ୍ମା ଅବିନାଶୀ ଓ ପୁନର୍ମିଳନ ପରଲୋକରେ ସମ୍ଭବ ବୋଲି କୁହେ । ଫୁଲଟି ପଡ଼ି ଯାଇଛି ଓ ସଙ୍ଗୀ ଫୁଲଟି ତାପାଇଁ କାନ୍ଦୁଛି ସତ,

'କିନ୍ତୁ ଯେ କାଳେ ସେ ପୁଷ୍ପ ହେବ ଭୂତଳେ ପତିତ
ଦୁଇଟି କୁସୁମ ପୁଣି ହେବେ ସମ୍ମିଳିତ ।'

'ମେଳାଣି' କବିତାରେ ଏହି ମିଳନର ଉଜ୍ଜ୍ୱଳ କଳ୍ପନା କବିଙ୍କୁ ନିଶ୍ଚୟ ସାନ୍ତ୍ୱନା ଦେଇଥିବ । ସେ ଗାଇଛନ୍ତି

"କଳ୍ପନା ଅତୀତ କାଳ ଗଗନ ପ୍ରାଙ୍ଗଣେ
ଉଜ୍ଜ୍ୱଳ ନକ୍ଷତ୍ର ରୂପେ ଥିବୁଁ ଦୁଇ ଜଣେ
କେବେ ଦୂରେ କେବେ ପାଖେ ବିଚ୍ଛିନ୍ନ ମିଳିତ
ବେନି କକ୍ଷେ ବେନି ଗ୍ରହ ଯଥା ଘୂର୍ଣ୍ଣିତ ।''

ଭକ୍ତ କବି ମଧୁସୂଦନଙ୍କ କବିତା ଏ କେତୋଟି ପଂକ୍ତି ସ୍ମରଣ କରାଇ ଦିଏ ।

ଶୋକରୁ ଜାତ ବୋଲି କବିତାର ନାମ ଶ୍ଳୋକ । ଶେଲି ଏହି ଶୋକଜ କବିତାକୁ ଶ୍ରେଷ୍ଠ ଶ୍ରେଣୀର କବିତା ବୋଲି କହିଥିଲେ । ଫକୀର ମୋହନଙ୍କ ଯାହା କିଛି ଭଲ କବିତା ତାହା କୃଷ୍ଣକୁମାରୀ ବିରହ ଜନିତ ଶୋକରୁ ଜାତ ।

(କ୍ରମଶଃ)



Digitized by srujanika@gmail.com

# ଝରା ଫୁଲ

**ବ୍ରଜକିଶୋର ପଟ୍ଟନାୟକ**

ସଞ୍ଜ ପହରରେ ଅସମ୍ଭବ ପାଣି ହୋଇ ଯାଇଥିଲା । ମେଘର ସମ୍ଭାବନା ଥାଏ । ସେଥିପାଇଁ ନଈ କୂଳରେ ଲୋକ ନ ଥାନ୍ତି ।

ମୋର ଥକା ଦେହଟାକୁ ନେଇ ନଈକୂଳର ଗୋଟିଏ ପଥର ଚଟାଣ ଉପରେ ଟୋପାଡ଼ି ଉପରକୁ ଚାହୁଁଥିଲି । ମେଘ ଭିତରେ ମଳିନ ତାରା କେଇଟି ଲୁଚକାଳି ଖେଳୁଥିଲେ ।

ମନ ଭିତରେ କେତୋଟି ସ୍ମୃତି ଉଙ୍କି ମାରୁଥିଲେ । ଦିନ ଗୁଡ଼ିକ ଥିଲା ମୋ ପାଇଁ ଅର୍ଥପୂର୍ଣ୍ଣ । ମୋର ସେ ଦିନର ବିକୃତ ମନରେ ଯେହି ସ୍ମୃତିଗୁଡ଼ିକର ମଧୁରତା କି ପ୍ରଖରତା ନ ଥିଲା । ତଥାପି ଥରକୁ ଥର ସେଗୁଡ଼ିକ ମୁଣ୍ଡ ଟେକୁଥିଲେ ।

କାଠଯୋଡ଼ି ନଈ ବଢ଼ିଥାଏ—ବନ୍ଧର ଅଢ଼େଇ ହାତ ତଳକୁ ପାଣି । ପାଣି ସୁଅର ଶବ୍ଦ କାନରେ ବାଜୁଥାଏ । ସେଠି ମୁଁ ମୋର ବେକାର ଅବସ୍ଥା କଥା ଭାବୁଥିଲି । ଅଢ଼େଇ ହାତ ତଳେ ଏତେ ପାଣି ବହି ଯାଉଛି ଅଥଚ ଟିକିଏ ଉପରକୁ ଉଠୁ ନାହିଁ । ସେମିତି ମୋର ଗୃହଅଡ଼େ ଏତେ ପ୍ରକାର ପଡ଼ୁଥିବା ଚାଲିଛି ପ୍ରତିଦିନ ନୂଆ ନୂଆ ଲୋକଙ୍କୁ ସବାର କରି । ମୁଁ କିଛି ପାଇଲି ନାହିଁ ତ ।

ବନ୍ଧ ଉପରର ପକ୍କା ବେଞ୍ଚରୁ ଦେଖୁଥାଏଁ ଦୂରର ଦୋ'ମହଲା କୋଠାର ଉପର ମହଲାରୁ ଆଲୁଅ ଆସୁଛି । ଜୀବନର ଗୋଟିଏ ନଗଣ୍ୟ ଦିଆ ସ୍ଥାନ ସେହି କୋଠାଟି । ସେଠି ମୋର ଅନେକ ଛୋଟ ଛୋଟ ମୁହୂର୍ତ୍ତ ଦରଦରେ ଗୁନ୍ଥା ହୋଇଛି ।

ସେଠି ମୋର ଛାତ୍ରୀ ସ୍ନେହଲତା ଅଛି । ବି. ଏ. ପରୀକ୍ଷା ଦେବ ଏହି ଥର । ଦିନ ରାତି ପଢ଼େ—ଘରେ ସବୁବେଳେ କବାଟ ବନ୍ଦ କରି ରହିଥାଏ । ଖାଇବା ଗାଧୋଇବା ଦରକାରୀ ବେଳେ ପଦାକୁ ଆସେ, ନଇଲେ ଆଉ ସବୁବେଳେ ଘର ଭିତରେ ବନ୍ଦ କରି ତାକୁ ରଖିଥାଏ ।

ତାହାକୁ ପଢ଼ାଇବା ପାଇଁ ତାହାର ବାପା ଡାକି ଆସିଥିଲେ ମାସକୁ ପଚାଶ ଟଙ୍କା ଦରମାର ଲୋଭ ଦେଖାଇ । ପଢ଼ା ପଢ଼େ ପର ଘରୁ ଟଙ୍କା ଆଣିବା ସଙ୍କୋଚ କିଛି ନ ଥିଲା । ତଥାପି ବେକାର ଥିବାରୁ ଆଉ ସ୍ନେହଲତା ସାଙ୍ଗରେ ପରିଚୟ ଟିକିଏ ଘନିଷ୍ଠ ହେବ ବୋଲି ରାଜି ହୋଇ ମୁଁ ଯାଇଥିଲି । ତଥାପି ପଦବୀ ହେଉଛି 'ମାଷ୍ଟ୍ର—ସାର୍' ।

ଏହି ହେଉଛି ଦ୍ୱିତୀୟ ଟିଉସନ୍ । ପ୍ରଥମଟି ସ୍ନେହଲତାର ଜଣେ ବାନ୍ଧବୀ । ତାହାର ସୁପାରିଶରେ ଏଠିକି ଆସିଥିଲି । ସୁପାରିଶ ହେଉଛି ଯେ ମୁଁ ଅତି ଭଦ୍ର—ଅତି ଭଲ ।

ଦୁଇଠାରେ ଦୁଇଜଣ ଗମ୍ଭୀର । ସ୍ନେହଲତାର ବନ୍ଧୁ ଓ ପ୍ରଥମ ଛାତ୍ରୀ ମୃଦୁଲତାର ଈର୍ଷା ହେଲା କି କ'ଣ ସେଠି ଅଭିମାନର ଆଉ ଶେଷ ହେଉ ନାହିଁ । ତଥାପି ସେ ସୁପାରିଶ୍ କରିଥିଲେ ।

ଏଠି ସ୍ନେହଲତା ମଧ୍ୟ ଗମ୍ଭୀର । ଦରକାରୀ କଥା ଛଡ଼ା ଆଉ କିଛି କହେ ନାହିଁ । କେଉଁଆଡ଼େ କିଛି ବୁଝା ପଡ଼େ ନାହିଁ । ମନର କୌତୂହଳ ବଢ଼େ ।

କେଇଦିନ ତଳେ ହଠାତ୍ ଦିନେ ସ୍ନେହଲତାକୁ କହିଲି "ତୁମର ସାଙ୍ଗ ମୃଦୁଲତାଙ୍କ ଘରକୁ ଆଜି ଯାଇଥିଲି ଯେ ସେ ଗୋଟିଏ କଥା କହିଲେ ତମ ବିଷୟରେ......ଛାଡ଼ । ସେ ସବୁ କଥା ପକାଇବା ନାହିଁ ।"

ସ୍ନେହଲତା ଅଧୈର୍ଯ୍ୟ ହୋଇ କହିଲା "ମୋ' ବିଷୟରେ ? ......ମୋ' କଥା ? ମୋ' କଥା ସେ କାହିଁକି କ'ଣ କହିବ ମୋର କ'ଣ ଖରାପ ଅଛି ?......"

ମୁଁ କହିଲି, "କିଏ ଜାଣେ ? ତମେ ଜାଣିଥିବ...ତେବେ ପ୍ରମିଳା କହିଲା ତ, ମୁଁ ଶୁଣି ଚାଲି ଆସିଲି । ମାଷ୍ଟର ଭିତରେ ଏତେ କଥା ବୁଝିବା ମୋର କ'ଣ ଦରକାର ?"

ତା'ପରେ ଦୁଇଦିନ ।

ସ୍ନେହଲତା ପୁଣି ଥରେ ପଚାରିଲା 'ସବୁ କଣ କହୁଥିଲେ କହିଲେ ନାହିଁ ?' ଗମ୍ଭୀର ହୋଇ କହିଲି 'ଖରାପ କଥାଟିଏ । ତମକୁ ନ କହିଥିଲେ ହୋଇଥାନ୍ତା ତେବେ କହି ଦେଇଛି ତ ।'

ସେ ଚୁପ ରହିଲା ।

ପୁଣି ଦୁଇଦିନ—

ତାହାର କୌତୂହଳ ବଢ଼ିଛି । ସେ ଦିନ ସେ କହିଲା 'ମୁଁ ଆପଣଙ୍କ ନା'ରେ ଶୁଣିଛି ଗୋଟିଏ ଖରାପ କଥା...ହଉ, ଛାଡ଼ନ୍ତୁ ।'

ମୁଁ କହିଲି ଆଗ ତାହାହେଲେ ଯେ ଯାହା ଶୁଣିଛି ଆରକୁ କହିଦେବ । କଳି ତୁଟିଯିବ ।

ତେଣିକି କଳି ହେଲା ଯେ କିଏ ଆଗ କାହାକୁ କହିବ କାରଣ ଉଭୟେ ଖରାପ କଥା ଶୁଣିଛନ୍ତି । ଶେଷକୁ ଠିକ୍ ହେଲା ସ୍ନେହଲତା ଆଗ କହିବ ।

ସେ କହିଲା ଯେ ମୃଦୁଙ୍କ ଘରକୁ ଯାଇ ସେ ଶୁଣିଛି ଯେ ମୁଁ ଭାରି କପଟୀ ଲୋକ । କାହାର କିଛି ଖରାପ କରେ ନାହିଁ କି କାହାକୁ ଧରାଛୁଆଁ ଦିଏ ନାହିଁ । ସେଇଠୁ ପ୍ରଶ୍ନ "ମୋ ନାଁରେ କଣ ଶୁଣିଛନ୍ତି ?"

ହସି କହିଲି 'କିଛି ନାହିଁ' ଖାଲି ମିଛରେ କହୁଥିଲି ସବୁ 'ମୋ ନାଁରେ ତମକୁ କ'ଣ ସବୁ କହୁଛି ବୁଝିବା ପାଇଁ ।'



Digitized by srujanika@gmail.com

ସେ ରାଗି ଉଠିଲା । ଆପଣ ଏଠିକି ଆଉ ଆସିବେ ନାହିଁ !

ଦୋଷୀ ପରି ହେଲେ ବି ମୁଁ ରାଗିଗଲି । ମୁଁ କିଛି ମନକୁ ଆସି ନାହିଁ । ଏଣିକି ଆଉ ନ ପଢ଼ିଲେ ମୁଁ କଅଁ ଆସିବି ?

ସ୍ନେହଲତା ବାହାରକୁ ଚାଲିଗଲା । ପାଣି ଛିଟା ହୋଇ କିଛି ସମୟ ପରେ ଫେରିଲା । ସେତେବେଳଯାଏଁ ମୁଁ ଭାବୁଥାଏଁ ସେହି ଘଟଣା କଥା—

ଆସି କହିଲା 'ସାରୁ ଆଜି ଯାଆନ୍ତୁ । ମତେ ଦୟାକରି କ୍ଷମା କରିବେ ।'

ସେଠିକି ପ୍ରତିଦିନ ଯାଏ । ନୂଆ କିଛି ଦେଖେ ନାହିଁ । କାରବାରି ଜୀବନକୁ ସରସ କରିବାକୁ କିଛି ପାଏ ନାହିଁ ଯେଉଁଥିରେ ପୁଣି କଳ୍ପନାର ବୁଢ଼ିଆଣୀ ଜାଲ ବୁଣିବି ।

ପଢ଼ାଉଥିବେଳେ ତାହାର ଆଡ଼େ ଚାହିଁଲେ ଅନେକ କଥା ମନକୁ ଆସେ । ସେହି ବଖରାଟିର ବିଛଣା ଉପରେ କେତେ ସମୟ କଟାଇ ବିଚାରି ଦେହଟିକୁ ଖାଇଲଣି । ତାହାକୁ ସାନ୍ତ୍ୱନା ଦେବାପାଇଁ କେହି ହେଲେ ନାହାନ୍ତି ।

ତୁହିଁଙ୍କର ଆତ୍ମୀୟତା ବଢ଼େ ନାହିଁ । ମାସ ପହିଲିରେ ସେ ସତେ ଯେମିତି ମୋର ଅଭାବ ବୁଝି ଦରମାଟି ଆଣି ଥୋଇ ଦିଏ । ଥୋଇ ଦେବାର ଭଙ୍ଗୀରୁ ଜଣାଯାଏ ସେ ଯେମିତି ଉଦ୍ଧତ ଓ ଅସ୍ପୃଶ୍ୟ । ମନେ ହୁଏ ତାହାକୁ କହିଦେବା ପାଇଁ ଯେ ସ୍ତ୍ରୀ ପକ୍ଷରେ ବିନୟ ବଡ଼ ହିତକାରୀ ।

କିଛି କହେ ନାହିଁ । ଚୁପ ରହେ । ମନେ ପଡ଼ିଯାଏ ମୁଁ ମାଷ୍ଟ୍ର, ମାତ୍ର କେଇଟି ଟଙ୍କାର କାରବାରି ସମ୍ବନ୍ଧ ।

ତାହାର ପରୀକ୍ଷା ସରିଲା । ମୁଁ ଛୁଟି ହେଲି ।

ମୋର ଅନ୍ୟ ଗୋଟିଏ ଲୋକପାଇଁ ସ୍ନେହଲତାର ପରୀକ୍ଷା ପରି ତାହାର କେଇଖଣ୍ଡ ବହି ଆଣିଥିଲି, ସ୍ନେହଲତା ଦେଇଥିଲା ।

ତାପରେ ଆଉ ଦେଖା କରିବା ପାଇଁ ଯାଏ ନାହିଁ । ସ୍ନେହଲତାର ଅନ୍ୟାନ୍ୟ ପଢ଼ା ବୁଝିବା ପାଇଁ ମୋତେ ଖୋଜା ପଡ଼େ । କିନ୍ତୁ ଆଉ ଦରମା କଥା ନ ଥିବାରୁ ମୁଁ ବି ଯାଏ ନାହିଁ । ମାଗଣା କାମ କରାଇ ନେଲେ ମତେ ବିରକ୍ତ ଲାଗେ ।

ତାହାର କ୍ଲାସ ପରୀକ୍ଷା ପାଖ ହୋଇ ଆସିଲା । ମୋତେ ଅଣେଇବା ପାଇଁ ଖବର ଆସିଲା ସାରଙ୍କୁ ଦେଇ ଥିବା ବହି ସ୍ନେହଲତାର ଦରକାର ହେଉଛି ।

କିନ୍ତୁ ବହି ଦେଲି ନାହିଁ । ଆଉ ଯିବ ଯିବ ବୋଲି ଚଳି ନାହିଁ । ଅନ୍ୟାନ୍ୟ ପିଲାଙ୍କର ପରୀକ୍ଷା ଥାଏ ବୋଲି ପରୀକ୍ଷା ଯାଏଁ ଆସିବା ପାଇଁ ଫୁରସତ୍ କରି ପାରିଲି ନାହିଁ । ପରୀକ୍ଷା ସରିବା ପରେ ସିନେମା ଥିଏଟର ହେଲା ।

ସ୍ନେହଲତାର ପରୀକ୍ଷା ସରିବା ବାଦ୍ ଟିକିଏ ସଙ୍ଗ ଲଭିବା ପାଇଁ ମନ କରି ଭିଡ ଭିଡ ହୋଇ ଖବର ପଠାଇଲି । ଚାକର ହାତରେ ... ଆସିଲା 'ସେ ବ୍ୟସ୍ତ ଅଛନ୍ତି ।'

ଚାକର ଯେତେବେଳେ ସେହି କଥା ମତେ ଆସି କହିଲା, ମୁହଁ ଲାଲ ହୋଇ ଆସିଲା ଲାଜ ଅପମାନରେ । କାମ ଥିଲା ସ୍ନେହଲତାର, ଆଉ ମୁଁ ଆସି ଶୁଣୁଛି ସତେ ଯେମିତି କାମଟା ମୋର । ସେଦିନ ସ୍ନେହଲତା ନ ଆସି ପାରିଥିଲେ ଆର ଦିନକୁ ଆସିବାକୁ ହେଲେ କହିଥାନ୍ତା ।

ମନେ ପଡ଼ିଲା ମୋର କୁଡ଼ିଆ ଆଉ ତାହାର କୋଠା ।

ତାହାର ଆଠ ଦିନରେ ସ୍ନେହଲତା ପାଖକୁ ତାହାର ବହି ଗୁଡ଼ିକ ଫେରାଇବା ପାଇଁ ଚାଲିଲି । ଜାଣିଥାଏ ଯେ ଦେଖା ନ ହେବାର ସମ୍ଭାବନା ଅଛି । ସେଥିପାଇଁ ଧନ୍ୟବାଦ ଦେଇ ଖଣ୍ଡେ ଚିଠିଟି ଲେଖି ଆଣି ଥିଲି । ତାହାକୁ ପଠାଇ ଦେଲି ଚାକର ହାତରେ ବହି ଦେଇ ।

ଦେଖା ନ ଦେଇ, ପରଦା ସେ ପାଖରୁ ସେ ଶବ୍ଦ ଶୁଣାଇ କହିଲା 'ପାଇଲି' ।

ବୁଝିଲି ମୁଁ ମାଷ୍ଟ୍ର—ସାର୍—

ସ୍ନେହଲତାର ଅନୁତାପ ଆସି ଥାଇ ପାରେ କମ୍ବା ପୁଣି ପାଠ ବୁଝିବାର ଦରକାର ହୋଇ ଥାଇ ପାରେ ଜାଣେ ନାହିଁ । ମୋ' ପାଖକୁ ଦୁଇ ଥର ଖବର ଆସିଲା ସ୍ନେହଲତା ଡାକୁଛି ।

ମୁଁ ଦୁଇଥର ଯାକ କହିଲି 'ବ୍ୟସ୍ତ ଅଛି' । ଯାହା ସେ ନିଜେ କହି ସୁଖ ପାଇଥିଲା ।

ସେତିକି ।

ନଈ ବନ୍ଧରେ ସେହି ବର୍ଷାଭିଜା ସଞ୍ଜବେଳେ ବସି ବସି ଭାବୁ ଥିଲି, ସେ ପଢ଼ୁ ଥିବ—ବହି ଆଗରେ ବସି ଥିବ । ତାହାର କେହି ନାହିଁ । ମନ ଦୁଃଖ ହେଲେ ଆପଣା ଛଡ଼ା ପ୍ରବୋଧ ପାଏ ।

ସେଦିନ ସେ କହୁଥିଲା ଯେ ସିନେମା ଦେଖି ଯାଇ ପାରେ ନାହିଁ । ଭଉଣୀମାନେ ଘର କରି ଗଲେଣି । ସେମାନଙ୍କର ଯେଉଁଦିନ ବେଳ ହେବ କି ଯେଉଁ ଛବି ସେମାନଙ୍କୁ ଭଲ ଲାଗିବ ସେତକ ତାହାକୁ ଭଲ ଲାଗେ ନାହିଁ । ତାହାକୁ ଯାହା ଭଲ ଲାଗେ ସେଠିକି ସେମାନଙ୍କୁ ସେ ଡାକି ପାରେ ନାହିଁ ।

ତାହାର କେହି ନାହିଁ ।

ମୋର ମଧ୍ୟ କେହି ନାହିଁ ।

ରାତି ଦଶଟାରେ ସେ ପ୍ରତିଦିନ ଖାଏ । ଦିନେ ଡେରି ହୋଇଗଲା ପଢ଼ାରେ । ସେ ସେହି କଥା ନିଜେ ମତେ ନ କହି ଅନ୍ୟ ଲୋକ ହାତରେ କହିଥିଲା । ଅହା—ବଡ଼ ନିରୀହ ସେ !

ସେହି ସବୁ ପୁରୁଣା ସ୍ମୃତି ମନେ ପଡ଼ୁ ଥିଲା । ସ୍ନେହଲତା ସେଠି ପଢ଼ୁଛି । ତାହାର ପଢ଼ା ଘରୁ ଆଲୁଅ ଦିଶି ମୋତେ ଉଦ୍ଭ୍ରମ ଦେଉଛି ଏତେ ଦୂରରେ ବି । କାରଣ ଆଲୁଅର ରେଖା ମୋ' ମନରେ ସ୍ନେହଲତାର ଚିତ୍ର ଆଙ୍କି ଦେଲା ବେଳେ ରକ୍ତ ଉଦ୍ଭ୍ରମ ହୋଇ ଉଠୁଛି ।



Digitized by srujanika@gmail.com

ମୋର ଚନ୍ଦ୍ରମୁଖୀ ସାଙ୍ଗେ ଯୋଡ଼ିଏ କୁକୁର ମାଡ଼ି ଆସିଲେ ଭଳ କରି କରି । ମୁଁ ଠେଙ୍ଗା ମାରିଲି । ବଳୁଆଟା ଦୋଷୀ ପରି ପଳାଇଲା । ଦୁର୍ବଳଟି ଖରଣି ପଶିଲା ପରି ଠିଆ ହେଲା ଟିକିଏ ଦୂରରେ । ଦେହ ଚାଟା ଆରମ୍ଭ କରି ଦେଲା ।

ଭାବିଲି ସଂସାରର ସବୁଠାରେ ସେହି ଏକ କଥା । ଯେତେ ବେଳେ ଧକ୍କା ବସି ଦେହ କ୍ଷତ ବିକ୍ଷତ ହୋଇଯାଏ ଆମେ ଆସି ଏମିତି ମଣିଷ ବସତିର ଅନ୍ତରାଳରେ ନିରୋଳାରେ ଦେହକୁ ସାନ୍ତ୍ୱନ କରୁ ।

ହୃଦର ତାପ ଓ ଚଲର ପାଣି ଆଉ ସେହି ସ୍ନେହଲତାର କୋଠରୀର ଆଲୁଅ ।

ମନ ଭିତର ଅନ୍ଧାର । ଅଭିମାନ ଯେ ସ୍ନେହଲତା ମୋର ଦାରିଦ୍ର୍ୟକୁ ଘୃଣା କରନ୍ତି । ଆଜି ଏ ଯାବତ୍ ସେହି ଦାରିଦ୍ର୍ୟ ଘୁଞ୍ଚିଲା ନାହିଁ । ଅଥଚ ସେହି ଆଲୁଅ ଜଳୁଛି ଠିକ୍ ଯେମିତି ଜଳୁଥିଲା ସେଦିନ ।

# ଅପା

ଡକ୍ଟର୍ ମାୟାଧର୍ ମାନସିଂହ

ପୋଛନା ପୋଛନା ଅପା ପଣନ୍ତ କାନିରେ
ସେ ଲୁହ, ପଡ଼ୁ ତା ଏହି ମୂଢ଼ ଭାଇ ଶିରେ ।
ପିତା ମାତା ଗଲେ କାହିଁ, ଦେଖିନୁ ନୟନେ
ଆମେ ଦୁହେଁ ଏକାଉଣ୍ଡି ବୋଲୁଥାନ୍ତି ଜନେ ।
କଥାଏ ସେତିକ ଜ୍ଞାନ ବାଳୁତ ବୟସେ
ପର ପିଲ ପରି ଦେଉଁଥିଲୁ ଖେଳ ରସେ ।
ବଡ଼ ହେଲି, ଗାଆଁ ଛାଡ଼ି ଗଲି ପଢ଼ି ପାଠ,
ସେତେବେଳେ ତୋହଲଟି ମାନସ ଉଚାଟ ।
କେଜାଣି କାହିଁର ଆପେ ବହିଯାଏ ଲୁହ
ସେତେବେଳେ ବୁଝିଲି ମୁଁ ରକତର ମୋହ ।
ଦାଦା ଖୁଡ଼ିଙ୍କର ସେହି ସେନେହ ଆଦର
ବତ୍ସଳା ସେ ମାତୃସମା ବଡ଼ବୋଉଙ୍କର ।
ଚାରିଦିନ ପିଲା ରହି ଭୋଗୁଥାନ୍ତେ ହେଲେ
ବଡ଼ ହୋଇ ଛାତିଫଟା ଦୁଃଖ ଯା ସହିଲେ ।
ବଡ଼ ହେଲୁ, ହେଲୁ ବାହା, ପାଇଲୁ ସନ୍ତାନ,
ଦେଖୁ ଦେଖୁ ସ୍ୱାମୀ କଲେ କାହିଁ ପଲାୟନ ।
ସେ ଦୁଃଖ ସହିଲୁ ଦେହେ କୋଡ଼ିଏ ବରଷ
ଦେଖି ଶୁଣି ଖାଲି ଏକମାତ୍ର ପୁତ୍ର ଯଶ ।
ସେଥିକି ଯା କ୍ରୂର ବିଧି ଦେଇଲା ଅହନ୍ତା
ତୋ ଅଙ୍କରେ ତୋ ଧନରେ କରିଦେଲା ହତ୍ୟା ।
ଏକୁଟିଆ ଶୁଷ୍କଗଛ ପରି ମରୁଭୂମେ
ଦୁଃଖେ ସ୍ଥାଣୁ ପରି ମୂକ ଠିଆ ଅପା ତମେ ।

କି କହି ବୋଧିବି ତୋତେ, କି ଦେବି ସାନ୍ତ୍ୱନା
କି ଔଷଧେ ଦୂର କରିବି ତୋ ମର୍ମ ଯାତନା ।
ଖାଲି ତୋତେ କହେ ଅପା ନ କାନ୍ଦ ନ କାନ୍ଦ
ତୋ କାନ୍ଦେ ଉଛୁଡ଼ି ପଡ଼େ ମୋର ଅଶ୍ରୁ ବନ୍ଧ ।
ମୂର୍ଖ ମୁଁ, ଭାଷା ଦେଇ ଲେଖାଇ ଅପରେ
ରୂପସୀ ତ ନୋହୁ ତୁହି କେଉଁ ହିସାବରେ ।
ନିରକ୍ଷରା, ପଲ୍ଲୀ ବାଳା, ଅଙ୍ଗେ କୁଣ୍ଠା ଚିତା
କୃଷ୍ଣ ଅଣ୍ଡ ମୂର୍ଦ୍ଧ୍ରେ ଚିରା, ପ୍ରାଚୀନା ବନିତା ।
ଦହି ମନ୍ଥୁ, ରାନ୍ଧୁ ଭାତ, ଭିଖ ଯୋଗୀ ହାତେ
ଦେଉ, ଅବା ଚୋଠା ଯାଉ ଶୂନ୍ୟ ଗ୍ରାମ ପଥେ;
ଏଇପରି ଅପା ତୁହି—ତୋହର ସାନ ଭାଇ
କେତେ ଦେଶ ଦେଶାନ୍ତରେ ଅଛିଅଛି ମୁହିଁ
କେତେ କେତେ ରୂପବତୀ, ବିଦୁଷୀ, ଷୋଡ଼ଶୀ
ତୋ ସମାନ କାହାଲାଗି ଅଶ୍ରୁ ନାହିଁ ଖସି ।
ଏ ଜନ୍ମେ କାନ୍ଦିଛୁ ପୁଣି ଜନ୍ମ ଜନ୍ମାନ୍ତରେ,
କାନ୍ଦିବାକୁ ମୋ ବାସନା ତୋ ଭାଇ ରୂପରେ ।
ଏ ଜନ୍ମେ ଅଧମ ମୁହିଁ ନ ପାରିଲି କରି
କିଛି ତୋର, ସେହି ଦୁଃଖେ ଏବେ ଝୁରି ମରି ।
ଜନ୍ମାନ୍ତରେ ଅପା ତୋର ଦୁଃଖ ଅବସାନ
ହେବ ପରା କରୁଥିବ ମୁହିଁ ଭାଇ ସାନ ।
ସ୍ୱାମୀ ପୁତ୍ରେ ଥାଇ ପୂର୍ଣ୍ଣ ସୁଖ ସମ୍ପଦରେ
ମୋ ନାମେ ତୋ ଆଖି ପୂରି ଆସୁଥିବ ଜଳେ ।



Digitized by srujanika@gmail.com

# ପାଞ୍ଜି

ଶ୍ରୀ ସିଦ୍ଧେଶ୍ୱର ହୋତା

ମାନବ ସମାଜର ଏକ ଅଙ୍ଗ । ସାମାଜିକ ଅନୁଷ୍ଠାନ ପାଇଁ ଦୈନନ୍ଦିନ କର୍ତ୍ତବ୍ୟ ସାଧନରେ ସେ ମନ ବଳାଏ । ପ୍ରତ୍ୟେକ ଯାଜ୍ଞିକ କର୍ମ ସାଧନରେ ପାଞ୍ଜି ଯେ ମନୁଷ୍ୟକୁ ପ୍ରତି ପଦରେ ପଥ ଦେଖାଏ ତାହା ବୋଲିବା ବାହୁଲ୍ୟ ମାତ୍ର । ବାର, ତିଥି, ପର୍ବପର୍ବାଣି ପ୍ରଭୃତି ଶୁଭ ମୁହୂର୍ତ୍ତ ଦେଖିବାକୁ ହେଲେ ପାଞ୍ଜି ଦରକାର । କିନ୍ତୁ ପରସ୍ପରର ବିଷୟ ଯେ ସେଥିରେ ସାଧାରଣତଃ ଦ୍ୱିମତ ଦେଖାଯାଏ । ଯେଉଁମାନେ ଏକାଦଶୀ, ଚତୁର୍ଦ୍ଦଶୀ, ପୂର୍ଣ୍ଣିମା ପ୍ରଭୃତି ବ୍ରତ ଉପବାସାଦି ପାଳନରେ ଆସ୍ଥା ଦେଖାଇ ଥାନ୍ତି ସେମାନେ ପ୍ରକୃତ ତତ୍ତ୍ୱ ଅନେକ ସମୟରେ ଜାଣି ନ ଥାନ୍ତି । ମୁହୂର୍ତ୍ତ, ଯୋଗ, କରଣ ପ୍ରଭୃତି ସରଳ ବସ୍ତୁର ବିଶ୍ଳେଷଣରେ ମନ ନ ବଳାଇ କେବଳ ଅନ୍ଧ ବିଶ୍ୱାସ କରି ସେମାନେ ନିଜର, ସମାଜର ଜାତିର ତଥା ପ୍ରାଚୀନ ଜ୍ୟୋତିଷ ଶାସ୍ତ୍ରର ମର୍ଯ୍ୟାଦା ହାନି କରନ୍ତି । ବିରୁଦ୍ଧବାଦୀ ଲୋକମାନେ ନିଜର ପ୍ରଗତିଶୀଳ ମତ ସୂଚାଇ ନିଜ ମସ୍ତିଷ୍କର ଉର୍ବରତା ପ୍ରତିପାଦନ କରନ୍ତି । ଏ ସମ୍ବନ୍ଧରେ ଜ୍ୟୋତିଷୀମାନଙ୍କ ସଙ୍ଗେ ଅନେକବାର ଆଲୋଚନା ଘଟିଛି । ସାଧାରଣତଃ ସେମାନେ କେତୋଟି ଭୁଲ ମତ ଧରି ପ୍ରକୃତ ତତ୍ତ୍ୱର ମର୍ଯ୍ୟାଦା ହାନି କରନ୍ତି ।

ଦିନେ ଜଣେ ପ୍ରଧାନ ଜ୍ୟୋତିଷୀଙ୍କ ସଙ୍ଗେ କଥାବାର୍ତ୍ତା କରୁଁ କରୁଁ ତିଥି, ବାର ଓ ନକ୍ଷତ୍ର ବିଷୟରେ କେତୋଟି ପ୍ରଶ୍ନ ପଚାରିଲି । ହଠାତ୍ ସେ କହି ବସିଲେ "ସେ ସମ୍ବନ୍ଧରେ ମୋର ଧାରଣା କିଛି ନାହିଁ, ପାଞ୍ଜି ଦେଖିଲେ ଜଣାଯିବ ।" "ଯଦି ସେଗୁଡ଼ିକ ସଙ୍ଗେ ଆପଣଙ୍କ ଧାରଣାର କିଛି ସମ୍ବନ୍ଧ ନାହିଁ ତେବେ ମାନି ଚଳୁଛନ୍ତି କିପରି ?" "ବାଃ କ'ଣ କହୁଛନ୍ତି, ମାନି ଚଳିବ ନାହିଁ ?"

ଆଉଦିନେ ଏହି ପାଞ୍ଜି ସମ୍ବନ୍ଧରେ ଆଲୋଚନା ପ୍ରସଙ୍ଗରେ ଜଣେ ଶିକ୍ଷିତ ଭଦ୍ରଲୋକ କହିଲେ "ଗ୍ରହ ନକ୍ଷତ୍ର, ଯୋଗ, କରଣ ପ୍ରଭୃତି ମୁଁ କିଛି ମାନେ ନାହିଁ ବା ଜାଣିବାର ଦରକାର ନାହିଁ । ସମାଜର ଏହି କଡ଼ା ନଜରରୁ ରକ୍ଷା ପାଇବା ପାଇଁ ପୁଅ ଝିଅଙ୍କ ବିବାହ ପାଞ୍ଜି ଦେଖି କରି ନେଲି ।"

ପୁରୋହିତ ମନ୍ତ୍ର ଉଚ୍ଚାରଣ କରେ, ସ୍ଥିର ଦିନ ମୁହୂର୍ତ୍ତ କରଣ ଦେଖି ବିବାହ, ବ୍ରତ, ଚୂଡ଼ାକର୍ମ ପ୍ରଭୃତି ନାନା କାମ୍ୟ କର୍ମ କଟିଯାଏ କିନ୍ତୁ ପାଞ୍ଜି ତାଙ୍କୁ ଶ୍ରୀ ଅକ୍ଷର ବତାଉଣେଇ ପାହାନ୍ତି । ଏପରି ବ୍ୟବସ୍ଥା ସମାଜକୁ ଜଡ଼ ଓ ପଙ୍ଗୁ କରିଛି । ତେଣୁ ନିର୍ମଳ ଶାସ୍ତ୍ରର ବ୍ୟବହାରରେ ଧର୍ମର ଅତ୍ୟାଗ୍ରହ, ଧର୍ମଧ୍ୱଜୀର ପ୍ରବଞ୍ଚନା, ବଣିକର ପ୍ରତାରଣା, ପଣ୍ଡିତମ୍ମନ୍ୟ ଶାସ୍ତ୍ର-ସେବକର ଅର୍ଥ ଲୋଭ ଇତ୍ୟାଦି ଥିବାରୁ ଅସାର ସାର ପରି ବୋଧ ହେଉଛି । ଏଣୁ ଉତ୍କଳରେ ପାଞ୍ଜି ସଂସ୍କାର ଜରୁରୀ ପ୍ରୟୋଜନ । ପ୍ରତ୍ୟେକ ହିନ୍ଦୁ ତାର ନିତ୍ୟ କାମ୍ୟ କର୍ମପାଇଁ କରଣ, ଯୋଗ ଯେ କେଉଁ ତାହା ବୁଝି ବସୁଛି ସେମାନଙ୍କ ସମ୍ବନ୍ଧରେ ଅନ୍ତତଃ ସ୍ଥୂଳ ଧାରଣା ରଖିବା ଉଚିତ ।

ମଫସଲ ଗାଁରେ ପାଞ୍ଜି ବାଛିବା ଗୋଟାଏ ଗୋଲକଧନ୍ଦା । ବିରଜା, ଖଡ଼ୀରତ୍ନ, ସାମନ୍ତ ପ୍ରଭୃତି ପାଞ୍ଜିରୁ ଅସଲ କେଉଁଟା ଚିହ୍ନି ବାର ଉପାୟ ନାହିଁ । ସମସ୍ତେ ଦୃକସିଦ୍ଧ ଗଣନା ଓ ପ୍ରତ୍ୟକ୍ଷ ଦୃଷ୍ଟିଗ୍ରାହ୍ୟ ନେଇ ଦୋଷ ଲୁଚାଉଛନ୍ତି । ସ୍କୁଲ କଲେଜରେ ପାଞ୍ଜି ସମ୍ବନ୍ଧରେ ବାସ୍ତବ ଧାରଣା ଦେବା ପାଇଁ କୌଣସି ବ୍ୟବସ୍ଥା ନାହିଁ ବା ବ୍ୟବସ୍ଥା ହେବାର ନିକଟ ଭବିଷ୍ୟତରେ ଆଶା ନାହିଁ । ତେଣୁ ପ୍ରତ୍ୟେକ ମାନବ ତାର ନିତ୍ୟ କର୍ମର ଶୁଦ୍ଧତ୍ୱ ରକ୍ଷା ପାଇଁ ନିଜ ନିଜ ବୁଦ୍ଧିବଳରେ ଯଥୋଚିତ ଗ୍ରହଣ କରିବା ନିତ୍ୟ କର୍ତ୍ତବ୍ୟ । ଏହି ଭୁଲ ସଂଶୋଧନ ପାଇଁ କାଶୀ, ମଗଧ, ବଙ୍ଗରେ ମନୀଷିମାନେ ବହୁ ଚେଷ୍ଟା କରି ଆସିଛନ୍ତି କିନ୍ତୁ ଉତ୍କଳରେ କେହି କେବେ ହେଲେ ନିଜେ ଚେଷ୍ଟା କରି ନାହାନ୍ତି ବା ପଡ଼ୋଶୀ ପ୍ରଦେଶରୁ ଜ୍ଞାନ ଗ୍ରହଣ କରି ନିଜକୁ ଠିକ୍ କରିବାକୁ ମନ ବଳାଇ ନାହାନ୍ତି ।

ପଞ୍ଚାଙ୍ଗ ବା ପାଞ୍ଜିର ପ୍ରଧାନ ଉଦ୍ଦେଶ୍ୟ ଜନସାଧାରଣଙ୍କୁ ଉପଯୁକ୍ତ ବିଷୟ ଠିକ୍ ସମୟରେ ଜଣାଇବା । ଗଗନସ୍ଥ ଦୃଷ୍ଟିଗ୍ରାହ୍ୟ, ଗ୍ରହଯୁଦ୍ଧ (Eclipse of planets) ସଂକ୍ରାନ୍ତି, ଗ୍ରହମାନ, ଶୀଘ୍ର, ମନ୍ଦ ପ୍ରଭୃତି ଗତି ପାଞ୍ଜିରୁ ଜଣାଯାଏ । ମହର୍ଷିମାନେ ଏ ସମସ୍ତ ବାର, ତିଥି, ନକ୍ଷତ୍ର, କରଣ ଓ ଯୋଗରେ ପର୍ଯ୍ୟବସିତ କରି ପଞ୍ଚାଙ୍ଗ ସୃଷ୍ଟି କରିଛନ୍ତି । ଏଥି ମଧ୍ୟରେ ବାରର ଗୋଲ (globe) ବା ଆକାଶ ସହିତ କିଛି ସମ୍ବନ୍ଧ ନାହିଁ ବରଂ ଯୋଗ, କରଣ ପ୍ରଭୃତି ଅବଶିଷ୍ଟ ବସ୍ତୁମାନଙ୍କର ଗଗନ ଓ ଗୋଲକ ସଙ୍ଗେ ନିତ୍ୟ ସମ୍ବନ୍ଧ ପ୍ରଜାତ ହୁଏ ।

ଜ୍ୟୋତିଷ ଗୋଲକ (Astronomical globe) ସାଧାରଣ ଗୋଲକଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଅତଏବ ଉପରୋକ୍ତ ଗୋଲକ ନେଇ ଦୁଇ ଚାରି ମିନିଟ ଭାବି ନେଲେ ସାମାନ୍ୟ ଶିଶୁର ମଧ୍ୟ ବିଷୟବୋଧ ହେବା ସମ୍ଭବ । ତିଥି, କରଣ, ଯୋଗ ଆକାଶରେ ସୂର୍ଯ୍ୟ ଓ ଚନ୍ଦ୍ରର ଅବସ୍ଥିତି ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ । ନକ୍ଷତ୍ରଟି ଚନ୍ଦ୍ରରୁ ଆସେ ।



Digitized by srujanika@gmail.com

ରବି ତାର ଗତି ପଥରେ ପ୍ରତିଦିନ ଭ୍ରମଣ କରେ । ସେହି ଭ୍ରମଣ ପଥର ନାମ କ୍ରାନ୍ତିବୃତ୍ତ । ଏହାର ଦୁଇ ପାଖରେ ନକ୍ଷତ୍ରପୁଞ୍ଜ ଦେଖାଯାନ୍ତି । ସେ ଗୁଡ଼ିକ ପୂର୍ବରୁ ପଶ୍ଚିମ ପର୍ଯ୍ୟନ୍ତ ବିସ୍ତୃତ ଗୋଟିଏ ଚଉଡ଼ା ପଟି ପରି ଆକାଶର କକ୍ଷ-ଦେଶରେ ଦେଖାଯାନ୍ତି । ଏହି ପଟିର ଯଥାସମ୍ଭବ ଗୋଲାକୃତି ରାଶିଚକ୍ର (Signs of Zodiac) । କ୍ରାନ୍ତିବୃତ୍ତଟି ଗୋଟିଏ ରେଲ ଲାଇନ ମାତ୍ର । ରାଶିଚକ୍ରରେ ଥିବା ନକ୍ଷତ୍ରପୁଞ୍ଜ ଗୋଟିଏ ଗୋଟିଏ ଷ୍ଟେଟ ଗ୍ରାମ ବା ନଗର ସଙ୍ଗେ ତୁଳନୀୟ । ଚନ୍ଦ୍ର ଓ ସୂର୍ଯ୍ୟ ଦୁଇଟି ଟ୍ରେନ୍ । ଅତଏବ ଟ୍ରେନ୍ ଦୁଇଟି ଲାଇନରେ ଗଲା ବେଳେ ଯେଉଁ ଦିନ ସେହି ଗ୍ରାମ ବା ନଗର ଦେଇ ଯିବ, ସେଦିନ ସାହାଯ୍ୟରେ ସେମାନଙ୍କର ସ୍ୱରୂପ ଓ ପ୍ରଭାବ ସ୍ପଷ୍ଟ ଜଣା ଯିବ ।

ଦ୍ରଷ୍ଟା ଏହି ନକ୍ଷତ୍ରପୁଞ୍ଜ କ୍ରାନ୍ତିବୃତ୍ତର ଦୁଇ ପାର୍ଶ୍ୱରେ ଦେଖି କାର୍ଯ୍ୟର ସୁବିଧାରୁ ଗଣନା ନିମିତ୍ତ ଅଶ୍ୱିନୀ, ଭରଣୀ, କୃତ୍ତିକା ପ୍ରଭୃତି ୨୭ଟି ନକ୍ଷତ୍ର କଳ୍ପନା କରିଛନ୍ତି । ଅଶ୍ୱିନୀ ଠାରୁ ରାଶିଚକ୍ର ଅର୍ଥାତ୍ ମେଷର ଆରମ୍ଭ ବୋଲି ଗଣନା କରା ଯାଇଛି । ରାଶି-ଚକ୍ରକୁ ୧୨ ଅଂଶରେ ବିଭକ୍ତ କରି ମେଷ, ବୃଷ, ମିଥୁନ ପ୍ରଭୃତି ନାମ ରଖିଛନ୍ତି ଓ ଏହି ରାଶିମାନଙ୍କର ଆରମ୍ଭ ଅଶ୍ୱିନୀ ନକ୍ଷତ୍ର ଠାରୁ ।

ବୃତ୍ତ ଓ ବୃତ୍ତାଂଶର ପରିମାପକ ଅଂଶ, କଳା ଓ ବିକଳା । ଅତଏବ କ୍ରାନ୍ତିବୃତ୍ତଟି ୩୬୦ ଅଂଶରେ ବିଭକ୍ତ କରି ସୂର୍ଯ୍ୟ ଓ ଚନ୍ଦ୍ରର ସ୍ଥିତି କଳ୍ପନା କରା ଯାଇଛି । ମେଷ ଓ ଅଶ୍ୱିନୀର ଆରମ୍ଭଠାରୁ ସୂର୍ଯ୍ୟ ଓ ଚନ୍ଦ୍ରର ସ୍ଥିତି ବିନ୍ଦୁ ପର୍ଯ୍ୟନ୍ତ ବୃତ୍ତାଂଶଟି ମାପି ନେଲେ ସ୍ପଷ୍ଟ ଭାଗଟା ଜଣାଯାଏ । ଏବଂ ଏହାର ନାମ ସ୍ଫୁଟ ବା ସ୍ପଷ୍ଟ ଅବସ୍ଥିତି । ଏହା ପଞ୍ଜିକାର ପ୍ରଥମ ଅଙ୍ଗ ।

ପୂର୍ବରୁ ରେଲ ଲାଇନର ପରିକଳ୍ପନା କରା ଯାଇଅଛି । ସେଥିରେ ନକ୍ଷତ୍ର ପୁଞ୍ଜ ଗୋଟିଏ ଗୋଟିଏ ଗ୍ରାମ ବା ନଗର ହେଲେ ପ୍ରତ୍ୟେକ ରାଶି ଗୋଟିଏ ଗୋଟିଏ ପରଗଣା ସଙ୍ଗେ ତୁଳ-ନୀୟ । ଏହାକୁ ମାପି ନେଲେ ନକ୍ଷତ୍ର ଓ ରାଶିମାନଙ୍କର ସୀମା ନିର୍ଣ୍ଣୀତ ହେବ । ଏବଂ କ୍ରାନ୍ତି ବୃତ୍ତ ଲାଇନରେ ପ୍ରତ୍ୟେକ ନକ୍ଷତ୍ର ୧୩°-୨୦' କଳା ଗତିକରେ ଓ ପ୍ରତ୍ୟେକ ରାଶି ୩୦ ଅଂଶ ଯାଏ । ଚନ୍ଦ୍ର ଏହି ବୃତ୍ତ ଉପର ଦେଇ ଗତି କରିବା ବେଳେ ନକ୍ଷତ୍ରପୁଞ୍ଜ ମଧ୍ୟରେ ଅବସ୍ଥିତି ଲାଭ କରେ ଓ ସେହି ସମୟରେ ନକ୍ଷତ୍ର ବୋଲି ଧରାଯାଏ । ପାଞ୍ଜିରେ (୧୯୪୫-୪୬) ଶ୍ରାବଣ ୮ ଦିନ ଆଷାଢ଼ ଶୁକ୍ଳ ତ୍ରୟୋଦଶୀରେ ଧନୁ ଚନ୍ଦ୍ର ଦ୬° ଓ ମୂଳା ନକ୍ଷତ୍ର ଦ୧୍‌°୩ ବା ଘ୧୦-୩୦ ଦିଆ ଅଛି । ଧନୁ ଚନ୍ଦ୍ର ଅର୍ଥାତ୍ ଧନୁ ରାଶିରେ ଚନ୍ଦ୍ର ଦ୬°ଣ୍ଡ ବା ୧ ଦିନ ଅବସ୍ଥାନ କରିବେ ଓ କ୍ରାନ୍ତି ବୃତ୍ତରେ ମୂଳାନକ୍ଷତ୍ରରେ ଚନ୍ଦ୍ର ଘ୧୦-୩୦ ବା ଦ୧୨।୩୩ ଭୋଗ କରି ପୂର୍ବାଷାଢା ନକ୍ଷତ୍ରରେ ଅବସ୍ଥାନ କରିବେ । ଏହା ନକ୍ଷତ୍ର ବ୍ୟବସ୍ଥା ବା ପଞ୍ଜିକାର ଦ୍ୱିତୀୟ ଅଙ୍ଗ ।

ଚନ୍ଦ୍ର ସୂର୍ଯ୍ୟର ଗତ୍ୟନ୍ତରର ଗଣନାହିଁ ତିଥି । ଅର୍ଥାତ୍ ସୂର୍ଯ୍ୟ ଯେଉଁ ସ୍ଥାନରେ ଅଛି, ସେହି ବିନ୍ଦୁଠାରୁ କ୍ରାନ୍ତିବୃତ୍ତର ପ୍ରତ୍ୟେକ ୧୨ ଅଂଶକୁ ଅଲଗା ଅଲଗା ବିଭାଗ କଳ୍ପନା କରି କ୧, କ୨, କ୩ ପ୍ରଭୃତି ଦିଆଯାଏ ଓ ସେହି ଭାଗ ମଧ୍ୟରେ ଚନ୍ଦ୍ର ଅବସ୍ଥାନ କଲେ ତାକୁ ଗୋଟିଏ ଗୋଟିଏ ତିଥି କୁହାଯାଏ । ଉଦାହରଣ ସ୍ୱରୂପ ଚନ୍ଦ୍ର ଓ ସୂର୍ଯ୍ୟ ଦୁଇଟା ରେଲ ଗାଡ଼ି । ଏକ ବିନ୍ଦୁରୁ ରେଲ ଲାଇନରେ ଦୁଇଟା ଯାକ ଗାଡ଼ି ଗତି କଲେ । ଦୁଇଟା ମଧ୍ୟରେ ଗୋଟିଏ ମାଲଗାଡ଼ି ଓ ଅନ୍ୟଟି ମାତ୍ର ମେଲ । ତେଣୁ ଚନ୍ଦ୍ର ସୂର୍ଯ୍ୟ ପରି ଉଭୟଙ୍କ ଗତି ବେଗ ଆଦୌ ସମାନ ହେବ ନାହିଁ । ତେଣୁ ମେଲଗାଡ଼ି ମାଲଗାଡ଼ିକୁ ଗତିରେ ବଳି ଯିବ । ଉଭୟଙ୍କର ଗତି ଜାଣିଥିଲେ ମେଲଗାଡ଼ି ମାଲଗାଡ଼ିଠାରୁ କେତେ ଦୂରରେ ଅଛି ସ୍ପଷ୍ଟ ଜଣାଯିବ । ଅତଏବ ପ୍ରତ୍ୟେକ ୧୨ ଅଂଶ ଦୂରରେ ଥାଏ । କୁହା ଯାଇପାରେ ଯେ ଚନ୍ଦ୍ର ପ୍ରଥମ ମାଇଲରେ ଅଛି । ୩୬୦° ଠାରୁ ୧୮୦° ଅଂଶ ମଧ୍ୟରେ ରହିଲେ ଚନ୍ଦ୍ର ୧୫ଶ ମାଇଲ ଦୂରରେ ଅଛି । ମାଇଲ ନ କହି ତିଥି ନାମ ଦେଲେ ଚନ୍ଦ୍ର ସୂର୍ଯ୍ୟଠାରୁ ୧ମ ତିଥିରେ ଓ ୧୫ଶ ତିଥିରେ ଅଛି । ଏହାକୁ ଯଦି ଅନ୍ୟ ଭାବରେ ଅର୍ଥାତ୍ ପ୍ରଥମ ତିଥିର ନାମ ଶୁକ୍ଳ ପ୍ରତିପଦ, ପଞ୍ଚଦଶ ତିଥିର ନାମ ପୂର୍ଣ୍ଣିମା, ଷୋଡ଼ଶ ତିଥିର ନାମ କୃଷ୍ଣ ପ୍ରତିପଦ, ତ୍ରିଂଶତ ତିଥିର ନାମ ଅମାବାସ୍ୟା ଦିଆଯାଏ ତେବେ ଯେ କୌଣସି ସମୟରେ ଚନ୍ଦ୍ର ଓ ସୂର୍ଯ୍ୟର ଅବସ୍ଥାନ ଜାଣିଲେ କେଉଁ ତିଥି ହେବ ତାହା ସ୍ପଷ୍ଟ ଜଣାଯିବ । ଅତଏବ ଯେ କୌଣସି ସମୟରେ ସୂର୍ଯ୍ୟଠାରୁ ଚନ୍ଦ୍ରର ଦୂରତ୍ୱ ପ୍ରତ୍ୟେକ ୧୨ ଅଂଶକୁ Unit ଧରି ଅଣାଯାଇଛି ତିଥି ଓ ଏହା ପଞ୍ଜିକାର ତୃତୀୟ ଅଙ୍ଗ ।

କରଣ ପଞ୍ଜିକାର ଚତୁର୍ଥ ଅଙ୍ଗ । ଏହା ତିଥି ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ । ପ୍ରତ୍ୟେକ ତିଥିର ପ୍ରଥମାର୍ଦ୍ଧ ଓ ଶେଷାର୍ଦ୍ଧ ଭେଦରେ ନାମକରଣହିଁ କରଣ । ଏହା ସରଳ ଓ ବୋଧଗମ୍ୟ ।

ଯୋଗ ଗୋଟିଏ ଗାଣିତିକ ବିନ୍ଦୁ । ଏହା ନିର୍ଭର କରେ ଚନ୍ଦ୍ର ଓ ସୂର୍ଯ୍ୟର ଆପେକ୍ଷିକ ଅବସ୍ଥାନ ଉପରେ । ଚନ୍ଦ୍ର ଦୃଶ୍ୟ ଗୋଲର ଆରମ୍ଭରୁ ଯେତେ ଦୂରରେ ଅଛି, ସୂର୍ଯ୍ୟର ଅବସ୍ଥିତି ବିନ୍ଦୁଠାରୁ ଠିକ ସେତେ ଦୂରରେ ଯଦି କୌଣସି ଏକ ବିନ୍ଦୁ କଳ୍ପନା କରା ଯାଏ ତେବେ ସେହି ବିନ୍ଦୁଟି ଯେଉଁ ନକ୍ଷତ୍ର ପୁଞ୍ଜରେ ପଡ଼ିବ ତାହାର ନାମ ଯୋଗ ହୋଇ ପାରେ । ବିନ୍ଦୁଟି ଯଦି ଅଶ୍ୱିନୀ ନକ୍ଷତ୍ରରେ ପଡ଼େ ଯୋଗର ନାମ ହୁଏ ବିଷ୍କମ୍ଭ, ଯଦି ଭରଣୀରେ ହୁଏ ଯୋଗର ନାମ ପ୍ରୀତି, ମଘାରେ ଗଣ୍ଡ ଓ ରେବତୀରେ ବୈଧୃତି ଇତ୍ୟାଦି ହୁଏ ।

ପଞ୍ଜିକା ଗୋଟିଏ ଟାଇମ ଟେବଲ । ରେଲଗାଡ଼ି ଷ୍ଟେସନରୁ ଯିବା ଓ ଷ୍ଟେସନକୁ ଆସିବା ଟାଇମ ଟେବଲରୁ ଯେପରି ଜଣା ଯାଏ, ପାଞ୍ଜିଟା ସେହିପରି ଆକାଶରେ ଗ୍ରହ, ନକ୍ଷତ୍ର, କରଣ ଓ ଯୋଗ ଯଥା ସମୟରେ ଘଟିବା ତଥ୍ୟ ଜନ ସମାଜକୁ ଜଣାଇ





Digitized by srujanika@gmail.com

ହେବ । ଅତଏବ ଏ ସମସ୍ତ ଜାଣିବା ଜନସାଧାରଣ ପକ୍ଷରେ ତେତେ କଠିଣ ନୁହେଁ । ଏହା ଛଡ଼ା ସୂର୍ଯ୍ୟ, ଚନ୍ଦ୍ର, ମଙ୍ଗଳ ପ୍ରଭୃତି ନବଗ୍ରହର ସ୍ପଷ୍ଟ ଅବସ୍ଥିତି ବିନ୍ଦୁ, ସୂର୍ଯ୍ୟ-ଚନ୍ଦ୍ରର ଉଦୟାସ୍ତ, ଦିବାର୍ଦ୍ଧ ଓ ରାତ୍ରାର୍ଦ୍ଧ ମାନ ସଙ୍କ୍ରାନ୍ତି ପ୍ରଭୃତି ନାନା ଗୂଢ଼ତତ୍ତ୍ୱ ପାଞ୍ଜି ବୁଝିଣାଯାଏ ।

ଓଡ଼ିଶାରେ ପ୍ରଚଳିତ ପାଞ୍ଜିରେ ଏ ସମସ୍ତ ତତ୍ତ୍ୱ ସମ୍ୟକ୍ ଦିଆ ଅଛି କିନ୍ତୁ ତାହା କେତେଦୂର ଠିକ୍ ତାହା ଜାଣିବାର କୌଣସି ଉପାୟ ସାଧାରଣ ଲୋକ ପାଇଁ ନାହିଁ ଓ ତାହାର ଯଥାଯଥ ଆଲୋଚନା କରି ଭ୍ରାନ୍ତି ଦୂର କରିବା ପାଇଁ କେହି ହେଲେ ଚେଷ୍ଟା କରି ନାହାନ୍ତି । ବରଂ ଏହାର ବିଶୁଦ୍ଧ ତତ୍ତ୍ୱ ନ ଜାଣି ନିର୍ବୋଧ ନିର୍ବିବାଦ ନ୍ୟାୟରେ ଶୁଦ୍ଧପୂତ ବୋଲି ଅପେ ଧରି ନେଇ ହିନ୍ଦୁ ବିବାହ, ବ୍ରତ, ଚୂଡ଼ାକର୍ମ ପ୍ରଭୃତି ସକଳ କାର୍ଯ୍ୟ-କର୍ମ କରି ଯାଉଅଛୁ । ଏହାର ମୂଳରେ ଶାସ୍ତ୍ରର ସୁବିମଳ ତତ୍ତ୍ୱ ନାହିଁ, ପ୍ରମାଣ ସ୍ୱରୂପ ଏତିକି ମାତ୍ର କୁହାଯାଇ ପାରେ ଯେ ପ୍ରାୟ କେତେ ବର୍ଷ ତଳେ କେତେକ ନାମମାତ୍ର ପଞ୍ଜିକାରେ ସୂର୍ଯ୍ୟର ଗ୍ରହଣ ଦିଗ୍‌ବଳୟ (Horizon)ରେ ଦୃଶ୍ୟ ବୋଲି ଦିଆ ଯାଇଥିଲା ଓ ପ୍ରାୟଶ୍ଚିତ୍ତ ସ୍ୱରୂପ ପାକ ଭୋଜନ ନିଷେଧ କରା ଯାଇଥିଲା । କିନ୍ତୁ ଗ୍ରହଣ ଆଦୌ ଦୃଶ୍ୟ ହେଲା ନାହିଁ । ଏବେ କେତେକ ପାଞ୍ଜି ଅଛି ଯେ ଯେଉଁଥିରେ ଗ୍ରହଣ ଆରମ୍ଭ ସମୟ ବିଭିନ୍ନ ହେଲେ ମଧ୍ୟ ଏକ ସମୟ ପରିମାପକ ଗ୍ରହଣ ଜନ ସାଧାରଣରେ ଦୃଶ୍ୟ ହୋଇ ଏକ ସମୟରେ ମୋକ୍ଷ ହୋଇ ଅଛି । ଯେଉଁ ସମୟରେ ପୂର୍ଣ୍ଣିମା ବା ଅମାବାସ୍ୟା ଶେଷ ହୋଇ ଅଛି ଅର୍ଥାତ୍ ଯାହା ଅମାନ୍ତ ଓ ପୂର୍ଣ୍ଣିମାନ୍ତ ନାମରେ ପ୍ରଚଳିତ, ସେଥିରେ ସୂର୍ଯ୍ୟ ଚନ୍ଦ୍ର ଗ୍ରହଣର ବିଶେଷ ସମ୍ବନ୍ଧ ଅଛି । ରବି, ଚନ୍ଦ୍ର, ରାହୁ ଅର୍ଥାତ୍ ପୃଥିବୀର ଛାୟା (Shadow of the earth) ଓ କେତୁ ବା ଚନ୍ଦ୍ରର ବିମ୍ବ ଅବସ୍ଥିତି ନେଇ ଗ୍ରହଣ ଗଣା ଯାଏ । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଯେ ଏହି ତିନୋଟି ଗ୍ରହର ଅବସ୍ଥାନ ଏବଂ ପୂର୍ଣ୍ଣିମାନ୍ତ, ଅମାନ୍ତ ନେଇ ପାଞ୍ଜିମାନଙ୍କ ମଧ୍ୟରେ ଯେତେ ପ୍ରଭେଦ ଥାଉ ନା କାହିଁକି ଗ୍ରହଣ ସମୟ ଏକ ବୋଲି ଦିଆ ଯାଇଥାଏ । ରବି, ଚନ୍ଦ୍ର ଓ ରାହୁ ଏକ ସ୍ଥାନ ଗତ ହେଲେ ଗ୍ରହଣ ଆରମ୍ଭ ଓ ନିର୍ଦ୍ଦିଷ୍ଟ ସୀମା ଅତିକ୍ରମ କଲେ ଗ୍ରହଣ ଶେଷ ହୁଏ । ଏହି ତଥ୍ୟ ଯଦି ସତ୍ୟ ତେବେ ଭିନ୍ନ ଭିନ୍ନ ପାଞ୍ଜିରେ ସେମାନଙ୍କର ଅବସ୍ଥାନ, ଗତିବେଗ ଭିନ୍ନ ଥାଇ ମଧ୍ୟ ପ୍ରତ୍ୟେକର ଯେ କିପରି ଏକ ସମୟରେ ଗ୍ରହଣ ଆରମ୍ଭ ଓ ଶେଷ ହୁଏ ତାହା ଚିନ୍ତାର ବିଷୟ । ଏହା ଜୋର ସହିତ କୁହା ଯାଇ ପାରେ ଯେ ପାଞ୍ଜିକାର ନାବିକ ପାଞ୍ଜିକା ପରି ଦୃକ୍ ସିଦ୍ଧ କୌଣସି ପାଞ୍ଜିର ଆଶ୍ରୟ ନେଇ ଗ୍ରହଣ ଲେଖେ ଓ ତାର ଧାରଣା ଯେ ଗ୍ରହ, ନକ୍ଷତ୍ର, କରଣ ପ୍ରଭୃତି ବସ୍ତୁ ଜନ ସାଧାରଣଙ୍କୁ ଅଦୃଶ୍ୟ ପରି ଏହାର ଭୁଲଟା ମଧ୍ୟ ଅଦୃଶ୍ୟ ହେବ କିନ୍ତୁ ଲୋକ ଯଦି ସେହି ସମୟରେ ଗ୍ରହଣକୁ ମିଳାଇ ଦେଖେ ତେବେ ବୁଝି ପାରିବ ଯେ ଏହା ପାଞ୍ଜିକାରଙ୍କ ଭୁଲ୍‌କ ଖେଳ ଓ ଏହାକୁ ଦେଖିବାକୁ ହେଲେ ଶାସ୍ତ୍ରର ଗୂଢ଼ତତ୍ତ୍ୱ ଜାଣିବା ଆଦୌ ଦରକାର ନାହିଁ । ତେବେ ଏପରି ପାଞ୍ଜି ପାଞ୍ଜି ନାମ ଧେୟ ମାତ୍ର । ବ୍ୟବସାୟ ସୂତ୍ରରେ ବ୍ୟବସ୍ଥାଦାତାମାନେ ମଧ୍ୟ ପାଞ୍ଜିର ଭ୍ରମ ବିଚାର ନ କରି ମୋହର ଦେଇ ନାମ ପ୍ରଚାର କରିଛନ୍ତି ଓ କରୁଛନ୍ତି । ତେଣୁ ଏପରି କ୍ଷେତ୍ରରେ ସମସ୍ତେ ଯଦି ପାଞ୍ଜିର ସାଧାରଣ ଅଙ୍କ ଜ୍ଞାନ ଓ ଗ୍ରହଣ ସୂକ୍ଷ୍ମ ଭାବରେ ପରିଦର୍ଶନ କରନ୍ତି ଓ ତଦ୍‌ବିଜ୍ଞ ବ୍ୟକ୍ତି ଏହାର ସଂଶୋଧନ ପାଇଁ ଚେଷ୍ଟା କରନ୍ତି ତେବେ କାଳକ୍ରମେ ଦୋଷ ପରିହାର ହୋଇ ପାରେ ।

ସୌର ଜଗତ ନିତ୍ୟ ପରିବର୍ତ୍ତନଶୀଳ । ସୂର୍ଯ୍ୟ, ଚନ୍ଦ୍ର, ମଙ୍ଗଳ ପ୍ରଭୃତି ଗ୍ରହ ଓ ନକ୍ଷତ୍ର ମାନଙ୍କର ଅବସ୍ଥିତି ବହୁ ବର୍ଷ ପରେ କିଛି ପରିବର୍ତ୍ତନ ଦେଖା ଯାଏ ଯାହାକୁ ସାଧାରଣ ମାନବ ଅନୁଭବ କରିବା କଠିଣ ନୁହେଁ । କିନ୍ତୁ ଏପରି ସ୍ଥଳେ ଅନେକ ରକ୍ଷଣଶୀଳ ବ୍ୟକ୍ତି ପୁରାତନ ସାରିଣୀରୁ ତୋଳା ହେବା ପାଞ୍ଜିରେ ଭୁଲ ଭ୍ରାନ୍ତି ଥିବା ସ୍ଥଳେ ସମ୍ପୂତ ଓ ନିର୍ଭୁଲ ବୋଲି ବିନା ପ୍ରମାଣରେ ଧରି ନେଇ ଚୂଡ଼ାକର୍ମ, କର୍ଣ୍ଣବେଧ ପ୍ରଭୃତି ସକଳ ଶୁଭକର୍ମ କରୁଅଛନ୍ତି । ଅନେକ ମଧ୍ୟ ଅସଲ ପଞ୍ଜିକା ବୋଲି ଜନସାଧାରଣରେ ବିଜ୍ଞାପନ ଦ୍ୱାରା ପ୍ରଚାର କରୁଅଛନ୍ତି ଓ ତାହାକୁ ଦୃଢ଼ କରିବା ପାଇଁ ଦୋଷ ଦେଖାଇଲେ ଶହେ ଟଙ୍କା ପୁରସ୍କାର ମିଳିବ ବୋଲି ମଧ୍ୟ କହିବାକୁ ପଛଉ ନାହାନ୍ତି । ହାୟରେ ଓଡ଼ିଶା ଦେଶ ! ଯେଉଁ ଦେଶରେ ପଠାଣି ସାମନ୍ତ ପରି ପ୍ରତିଭା-ଶାଳୀ ଜ୍ୟୋତିର୍ବିଦ ଜନ୍ମ ଗ୍ରହଣ କରି ଦେଶକୁ ସ୍ୱଜ୍ଞାନାଲୋକରେ ଉଜ୍ଜ୍ୱଳ କରିଥିଲେ ତାହାର ଆଜ ଏ ହୀନ ଦଶା ।

# ଦେଶୀୟ ରାଜ୍ୟ ସମାଚାର

## ଗୋୟାଲିଅର

ଗୋୟାଲିୟର ସରକାର ନୂତନ ଚିକିତ୍ସାଳୟ, ମାତୃମଙ୍ଗଳ ପ୍ରତିଷ୍ଠାନ, କଲେଜ ଓ ଅନ୍ୟାନ୍ୟ ବିବିଧ ଲୋକହିତକର ଅନୁଷ୍ଠାନ ପାଇଁ ଗୃହ ନିର୍ମାଣ ନିମିତ୍ତ ପରିକଳ୍ପନା କରି ସେଥିରେ ଏକ କୋଟି ଟଙ୍କା ବ୍ୟୟ କରିବାର ନିର୍ଦ୍ଧାରଣ କରି ଅଛନ୍ତି । ମାତୃମଙ୍ଗଳ ଓ ଚିକିତ୍ସାଳୟ ପାଇ ୩୧ ଲକ୍ଷ ଟଙ୍କା ଓ କଲେଜ ପାଇଁ ସାଢ଼େ ସତର ଲକ୍ଷ ଟଙ୍କା ବ୍ୟୟିତ ହେବ ।

## ବିକାନିର

ବିକାନିର ସରକାର ତାଙ୍କ ରାଜ୍ୟର ରେଲୱେ ବିଭାଗର ସମୃଦ୍ଧି ଉନ୍ନତି ପାଇଁ ୫୦ ଲକ୍ଷ ଟଙ୍କା ବ୍ୟୟ କରିବାର ସ୍ଥିର କରି ଅଛନ୍ତି । ଏ ବ୍ୟବସ୍ଥା ଫଳରେ ରେଲଯାତ୍ରୀମାନଙ୍କ ସୁବିଧା ବଢ଼ିଯିବ ।

## ଜୟପୁର

ରାଜ୍ୟରେ ଉତ୍କୋଚ ନିବାରଣ କରିବାପାଇଁ ଜୟପୁର ସରକାର ଏକ ପରାମର୍ଶଦାତା କମିଟି ଗଠନ କରି ଅଛନ୍ତି । ଉତ୍କୋଚ ନିବାରଣ ପାଇଁ କି ବ୍ୟବସ୍ଥା ଅବଲମ୍ବନ କରାଯିବ ସେ ସମ୍ବନ୍ଧରେ ଏହି କମିଟି ସରକାରଙ୍କୁ ପରାମର୍ଶ ଦେବେ । ଏହି କମିଟିର ସେକ୍ରେଟେରୀ କର୍ମଚାରୀମାନଙ୍କ ମହଲରେ ଉତ୍କୋଚ ଗ୍ରହଣ ସମ୍ପୂର୍ଣ୍ଣରୂପେ ବନ୍ଦ କରିବାପାଇଁ କଡ଼ା ବ୍ୟବସ୍ଥା ଅବଲମ୍ବନ କରିବାର ସ୍ଥିର କରିଛନ୍ତି ଓ ଲୋକ ସାଧାରଣ ଏ ସମ୍ବନ୍ଧୀୟ ସମସ୍ତ ଖବର ଯେପରି ଏହି କମିଟିକୁ ଜଣାନ୍ତି ସେଥିପାଇଁ ସେ ସମସ୍ତଙ୍କର ସହଯୋଗ ଲୋଡ଼ିଛନ୍ତି ।

## ରାମପୁର

ରାମପୁର ସରକାର ତାଙ୍କ ରାଜ୍ୟରେ ପଞ୍ଚାୟତ ସ୍ଥାପନର ଘୋଷଣା କରି ଅଛନ୍ତି । ଏକ ହଜାର ବା ତହିଁରୁ ଊର୍ଦ୍ଧ୍ୱ ଲୋକ ବାସ କରୁଥିବା ପ୍ରତ୍ୟେକ କେନ୍ଦ୍ରପାଇଁ ଗୋଟିଏ ପଞ୍ଚାୟତ ଗଢ଼ାଯିବ ଓ ପ୍ରତ୍ୟେକ ସାବାଳକ ପଞ୍ଚାୟତ ନିର୍ବାଚନରେ ଭୋଟ ଦେବାର ଅଧିକାର ରହିବ ଏବଂ ସେମାନେ ପଞ୍ଚାୟତକୁ ତାଙ୍କର ପ୍ରତିନିଧି ପଠାଇବାର ସୁବିଧା ପାଇବେ ।

## ବୌଦ

ଅଭିଷେକ ଦରବାର ଉପଲକ୍ଷରେ ବୌଦର ରାଜା ସାହେବ ଗୋଟିଏ ବହୁଦଳୀୟ ପରାମର୍ଶଦାତା କମିଟି ସ୍ଥାପନର ଘୋଷଣା କରିଛନ୍ତି । ଏହି କମିଟିରେ ଉଭୟ ସରକାରୀ ଓ ବେସରକାରୀ ସଭ୍ୟ ରହିବେ ଓ ବିଭିନ୍ନ ଶାସନ ବିଭାଗ ସମ୍ପର୍କରେ ସେମାନେ ପରାମର୍ଶ ଦେବେ । ନିକଟରେ ସେ ରାଜ୍ୟରେ ବ୍ୟବସ୍ଥାପକ ସଭା ସ୍ଥାପନର ଆଶା ପୋଷଣ କରିଛନ୍ତି ବୋଲି ମଧ୍ୟ ପ୍ରକାଶ କରିଥିଲେ ।

## ରାୟଗଡ଼

ଆଧୁନିକ ରୁଚି ସମ୍ପନ୍ନ ଓ ନୂତନ ପ୍ରଣାଳୀରେ ଏକ ନୂତନ ସହର ଗଠନ ପାଇଁ ଏ ପର୍ଯ୍ୟନ୍ତ ଅନାବାଦୀ ହୋଇ ରହିଥିବା ଏକ ବିସ୍ତୀର୍ଣ୍ଣ ସ୍ଥାନ ସରକାର ନିର୍ବାଚନ କରି ଅଛନ୍ତି । ନୂତନ ସହରଟି ଶିଳ୍ପାନୁଷ୍ଠାନ, ଲୋକବସତି, ଆମୋଦ ପ୍ରମୋଦସ୍ଥଳୀ ଓ ବ୍ୟବସାୟ କେନ୍ଦ୍ର ଏହି ଚାରିଭାଗରେ ବିଭକ୍ତ ହେବ । ଏଗୁଡ଼ିକ ଛଡ଼ା ଆଉ ଦୁଇଟି ପୃଥକ କେନ୍ଦ୍ର ଅଲଗା ରହିବ । ରାଜଧାନୀରେ ବର୍ତ୍ତମାନ ଯେଉଁ ସ୍ଥାନାଭାବ ଘଟୁଛି ତାହା ଏହାଦ୍ୱାରା ଅନେକ ପରିମାଣରେ ଦୂର ହେବାର ଆଶା କରାଯାଉଛି ।

## ଧ୍ରାଙ୍ଗଧାର

ଧ୍ରାଙ୍ଗଧାର ଦରବାର ରାଜ୍ୟରୁ ଅସ୍ପୃଶ୍ୟତା ଉଠାଇ ଦେବାପାଇଁ ବ୍ୟବସ୍ଥା କରି ଅଛନ୍ତି । ହରିଜନମାନେ ଏଣିକି ସରକାରୀ ବା ସରକାରୀ ସାହାଯ୍ୟ ପ୍ରାପ୍ତ ବିଦ୍ୟାଳୟମାନଙ୍କରେ ଏବଂ କଚେରୀ ଓ ଡାକ୍ତରଖାନାମାନଙ୍କରେ ଅବାଧରେ ପ୍ରବେଶ ଲାଭ କରି ପାରିବେ । ସରକାରୀ ଚାକିରିରେ ହରିଜନମାନଙ୍କୁ ନେବାରେ କୌଣସି ବାଧା ରହିବ ନାହିଁ ବା ସାଧାରଣ ଯାନରେ ହରିଜନ-ମାନଙ୍କର ଯିବା ଆସିବାରେ କେହି ବାଧା ଦେଇ ପାରିବେ ନାହିଁ ।

## ବରୋଦା

ବରୋଦା ରାଜ୍ୟର ପଲ୍ଲୀ ଅଞ୍ଚଳମାନଙ୍କରେ ଚିକିତ୍ସାର ସମୃଦ୍ଧ ବିସ୍ତାର ପାଇଁ ବରୋଦା ସରକାର ଏକ ଯୋଜନା ଗ୍ରହଣ କରି ଅଛନ୍ତି । ସମବାୟ ନୀତିରେ ଡାକ୍ତରଖାନା ସ୍ଥାପନ ପାଇଁ ମହାରାଜାଙ୍କ ସରକାର ଅଯାଚିତ ସାହାଯ୍ୟ ଦାନ କରୁଛନ୍ତି । ଡାକ୍ତରଖାନାମାନଙ୍କରେ କାର୍ଯ୍ୟର ଭାର ଲାଘବ କରିବା ପାଇଁ ପୁରୁଷମାନଙ୍କୁ ଶୁଶ୍ରୂଷାକାରୀରୂପେ ଶିକ୍ଷା ଦିଆ ଯାଉଛି ।



Digitized by srujanika@gmail.com

## ମହୀଶୂର

ସହରର ଭାବଜାତ୍ୟ ଆବର୍ଜନା ନେଇ ସେଗୁଡ଼ିକୁ ସାରରେ ପରିଣତ କରିବାପାଇଁ ମହୀଶୂର ସରକାର ଏକ ଯୋଜନା ମଞ୍ଜୁର କରି ଅଛନ୍ତି । ଇଣ୍ଡିଆନ କାଉନସିଲ ଅଫ୍ ଏଗ୍ରିକଲଚରେଲ ରିସର୍ଚ୍ଚ ପ୍ରଥମେ ଏ ଯୋଜନା ମହୀଶୂରରେ ଆରମ୍ଭ କରି ୩ ବର୍ଷପାଇଁ ତାହା କାର୍ଯ୍ୟକାରୀ କରୁ ଅଛନ୍ତି । ଏହି ଯୋଜନାରେ ୫୪୭,୮୦୦ଙ୍କା ବ୍ୟୟ ହେବାର ଅନୁମାନ କରାଯାଏ ।

## କାଶ୍ମୀର

ରେସମ ଶିଳ୍ପର ଉନ୍ନତି ଓ ବିସ୍ତାର ପାଇଁ କାଶ୍ମୀର ରାଜ୍ୟର ରେସମ ବିଭାଗ ଗୋଟିଏ ଯୋଜନା କରି ଅଛନ୍ତି । ରାଜ୍ୟର ପଛି ଅଞ୍ଚଳମାନଙ୍କରେ ସର୍ବମୋଟ ୨,୨୫,୦୦୦ ମାଲବେରୀ ବୃକ୍ଷ ରୋପଣ କରା ଯାଉଅଛି ।

ଅଳ୍ପଦିନ ତଳେ ଶ୍ରୀନଗରଠାରେ କାଶ୍ମୀର ରାଜ୍ୟର ଜଙ୍ଗଲ ବିଭାଗ କର୍ମଚାରୀମାନଙ୍କର ଏକ ସମ୍ମିଳନୀ ହୋଇଥିଲା । ସେଠାରେ ଜଙ୍ଗଲ ସମ୍ପ୍ରସାର, ଜଙ୍ଗଲର ରକ୍ଷଣାବେକ୍ଷଣ, ମୃତ୍ତିକା କ୍ଷୟ ଓ ଗୋଚାରଣ ସମ୍ବନ୍ଧୀୟ ନାନା ବିଷୟରେ ପ୍ରବନ୍ଧମାନ ପଢ଼ା ଯାଇଥିଲା ଏବଂ ଏତାଦୃଶ ସମ୍ମିଳନୀ ପ୍ରତ୍ୟେକ ବର୍ଷ ଡକାଇବାର ସ୍ଥିର କରା ଯାଇଥିଲା ।

## ଇନ୍ଦୋର

ଇନ୍ଦୋରର କେନ୍ଦ୍ର ଗ୍ରାମୋନ୍ନତି ସଂଘ ରାଜ୍ୟରେ ସାବାଳକ ଶିକ୍ଷା ଏବଂ ଗ୍ରାମସ୍ୱାସ୍ଥ୍ୟ ନିମନ୍ତେ ବିବିଧ ବ୍ୟବସ୍ଥା ଅବଲମ୍ବନ କରିବା ପାଇଁ ସରକାରଙ୍କୁ ସୁପାରିଶ କରିଅଛନ୍ତି । ଏହି ସୁପାରିଶ ଅନୁଯାୟୀ ସରକାର ଗ୍ରାମମାନଙ୍କରେ ଗ୍ରାମୋନ୍ନତି ତାଲିମ ବିଦ୍ୟାଳୟମାନ ଶୀଘ୍ର ଖୋଲିବାର ବ୍ୟବସ୍ଥା କରୁ ଅଛନ୍ତି ।

ଇନ୍ଦୋର ରାଜ୍ୟରେ ବୋତାମ ନିର୍ମାଣ ଏକ ଲାଭଜନକ କୁଟୀର ଶିଳ୍ପ ହେବାର ଆଶା କରାଯାଏ । ଶିଳ୍ପ ବିଭାଗର ଆନୁକୂଲ୍ୟରେ ହରିଜନ ସେବକ ସଂଘ ରାଜ୍ୟରେ ଗୋଟିଏ ବୋତାମ ନିର୍ମାଣ କେନ୍ଦ୍ର ଖୋଲିଛନ୍ତି । ଏଠାକାର ପ୍ରସ୍ତୁତ ବୋତାମମାନ ଶୀଘ୍ର ବଜାରରେ ପ୍ରସାର ଲାଭ କରିବ । ସେବକ ସଂଘର ହସ୍ତ ନିର୍ମିତ କାଗଜ ଶିଳ୍ପ ମଧ୍ୟ କ୍ରମୋନ୍ନତି ଲାଭ କରୁଛି ।

## କୋଟା

କୋଟା ରାଜ୍ୟରେ ବାଧ୍ୟତାମୂଳକ ଶିକ୍ଷା ଆଇନ ୧୯୪୭ରେ ଜାରି ହେଲଠାରୁ ଶିକ୍ଷା ବାଧ୍ୟତାମୂଳକ ଓ ଅବୈତନିକ କରା ଯାଇଅଛି । ଏହି ଆଇନ ଅନୁସାରେ ଶିଶୁମାନେ ଶିକ୍ଷାର ମୌଳିକ ଅଧିକାର ଲାଭ କରି ଅଛନ୍ତି ଏବଂ ଯେଉଁମାନେ ଏହି ଆଇନ ଲଙ୍ଘନ କରିବେ ସେମାନଙ୍କ ପାଇଁ ଦଣ୍ଡର ବ୍ୟବସ୍ଥା ମଧ୍ୟ ତହିଁରେ ସନ୍ନିବେଶିତ ହୋଇଅଛି ।

ଏହି ଆଇନ ଅନୁଯାୟୀ ବର୍ତ୍ତମାନ ବିଦ୍ୟାଳୟକୁ ଯାଉ ନ ଥିବା ୯୮,୦୦୦ ଶିଶୁର ଶିକ୍ଷାଭାର ସରକାର ଗ୍ରହଣ କରିବେ । ହିସାବ କରି ଦେଖା ଯାଇଛି ଯେ ଅବୈତନିକ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷାରେ କେବଳ ବାର୍ଷିକ ୩୩ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ।

## କୋରିଆ

କୋରିଆର ରାଜା ସାହେବ ଏକ ଦରବାରରେ ରାଜ୍ୟର ବ୍ୟବସ୍ଥାପକ ସଭାକୁ ଶୀଘ୍ର ଅଧିକତର ଦାୟିତ୍ୱ ଦିଆଯିବ ବୋଲି ସୂଚନା ଦେଇଥିଲେ । ବ୍ୟବସ୍ଥାପକ ସଭାରେ ନିର୍ବାଚିତ ଜଣେ ବେସରକାରୀ ମନ୍ତ୍ରୀ ନିଆ ଯିବାର ସେ ଆଶା ପ୍ରକାଶ କରିଥିଲେ ।

ଭବିଷ୍ୟତ ଶାସନ ବ୍ୟବସ୍ଥା ସମ୍ବନ୍ଧରେ କହିବାକୁ ଯାଇ ସେ କହିଥିଲେ "ଶାସନ କାର୍ଯ୍ୟର ବିଭିନ୍ନ କାର୍ଯ୍ୟ କଳାପର ସମ୍ପ୍ରସାର ଓ ଉନ୍ନତି ପାଇଁ ଗୋଟିଏ ସୁଚିନ୍ତିତ ଯୋଜନା କରା ଯାଉଛି ।" ରାଜ୍ୟର ସମ୍ପଦ ବୃଦ୍ଧି, ରାସ୍ତା ଘାଟର ପ୍ରସାର ଓ ଉନ୍ନତି, ନିରକ୍ଷରତା ନିବାରଣ ଏବଂ ଲୋକସାଧାରଣଙ୍କର ଜୀବନଯାପନ ପ୍ରଣାଳୀର ଉନ୍ନତି ଓ ଅଧିକ ସୁବିଧା ସୁଯୋଗ ଦାନ ତାଙ୍କର ଚରମ ଉଦ୍ଦେଶ୍ୟ ବୋଲି ସେ ଜଣାଇ ଦେଇଥିଲେ ।



Digitized by srujanika@gmail.com

# ସମ୍ବାଦ ଓ ସଙ୍କେତ

## ପ୍ରଜାସଭା

ପ୍ରଜାସଭା ଆଦେଶାନୁଯାୟୀ ମୟୂରଭଞ୍ଜର ବିଭିନ୍ନ ପ୍ରଜାସଭାମାନ ଏପ୍ରିଲ ପହିଲା ଠାରୁ ଭାଙ୍ଗି ଦିଆଯାଇ ତତ୍ପରେ ସାଧାରଣ ନିର୍ବାଚନ କାର୍ଯ୍ୟ ଆରମ୍ଭ କରାଯାଇଅଛି । ଜୁନ ମାସ ୨୨ ତାରିଖ ମଧ୍ୟରେ ନିର୍ବାଚନ ଶେଷ ହେବ । ପ୍ରଜାସଭା ଗୁଡ଼ିକର ନିର୍ବାଚନ ଶେଷ ହେବା ପରେ କେନ୍ଦ୍ର ପରିଷଦକୁ ଭାଙ୍ଗି ଦିଆଯାଇ ପୁନଶ୍ଚ ବ୍ୟବସ୍ଥାସଭାର ନିର୍ବାଚନ ହେବ ବୋଲି ଜଣାଯାଇଛି ।

## ଶାସନ ବିଧାୟକ ସଭା

ସ୍ୱାଧୀନ ଭାରତର ଭବିଷ୍ୟତ ଶାସନ ପଦ୍ଧତି ପ୍ରଣୟନ ନିମନ୍ତେ ଯେଉଁ ଶାସନ ବିଧାୟକ ସଭା ଗଠିତ ହୋଇଛି ତହିଁର ଆଲୋଚନାରେ ~~ମୟୂରଭଞ୍ଜ ଷ୍ଟେଟ~~ ଯୋଗ ଦେବାପାଇଁ ଶ୍ରୀମନ୍ ମହାରାଜା ମହୋଦୟ ସମ୍ମତି ଦେଇଛନ୍ତି । ମହାରାଜାଙ୍କର ଏ ଘୋଷଣା ରାଜ୍ୟର ସର୍ବତ୍ର ଆଦୃତ ହୋଇଛି ।

## ବେତନ ନିର୍ଦ୍ଧାରଣ କମିଟି

ମୟୂରଭଞ୍ଜ କେନ୍ଦ୍ର ପରିଷଦର ସେପ୍ଟେମ୍ବର ସେସନରେ ଗୃହୀତ ଏକ ପ୍ରସ୍ତାବ ଅନୁଯାୟୀ ଶ୍ରୀମନ୍ ମହାରାଜା ମହୋଦୟ ଆଦେଶ କରିଥିଲେ ଯେ ଷ୍ଟେଟର ବିଭିନ୍ନ ବିଭାଗରେ ଟ୬୫୯ ବା ତହିଁରୁ ନିମ୍ନ ବେତନଭୋଗୀ କର୍ମଚାରୀମାନଙ୍କର ଆର୍ଥିକ ଅବସ୍ଥା ଅନୁସନ୍ଧାନ କରିବା ଲାଗି ପାଞ୍ଚଜଣ ବେସରକାରୀ ସଭ୍ୟଙ୍କୁ ନେଇ ଗୋଟିଏ କମିଟି ଗଠିତ ହେବ ଏବଂ ସଭ୍ୟମାନେ କେନ୍ଦ୍ର ପରିଷଦ ଦ୍ୱାରା ନିର୍ବାଚିତ ହେବେ । ତଦନୁଯାୟୀ ଗତ ମାର୍ଚ୍ଚ ସେସନରେ ପରିଷଦ ଶ୍ରୀଯୁକ୍ତ ଲାଲମୋହନ ପତି, ଶରତଚନ୍ଦ୍ର ଦାସ, ରତିକାନ୍ତ ପଟ୍ଟନାୟକ, ବିଶ୍ୱନାଥ ସାହୁ ଓ ଉମାକାନ୍ତ ପଟ୍ଟନାୟକଙ୍କୁ କମିଟିର ସଭ୍ୟରୂପେ ନିର୍ବାଚନ କରିଅଛନ୍ତି ।

## ଶିଳ୍ପ ପରାମର୍ଶଦାତା ବୋର୍ଡ

ଷ୍ଟେଟରେ ଶିଳ୍ପ ସମ୍ବନ୍ଧୀୟ ଓ ଆର୍ଥିକ ଉନ୍ନତିମୂଳକ ପରିକଳ୍ପନା ଓ ଯୋଜନା ସମ୍ବନ୍ଧରେ ପରାମର୍ଶ ଦେବାଲାଗି ମହାରାଜାଙ୍କ ସରକାର ପରାମର୍ଶଦାତା ବୋର୍ଡ ଗଠନ କରିଅଛନ୍ତି । ଚିଫ୍ ରେଭିନ୍ୟୁ ଅଫିସର, ଚିଫ୍ ଫରେଷ୍ଟ ଅଫିସର, ଏବଂ ଉନ୍ନତି ଓ ଶିଳ୍ପ ବିଭାଗୀୟ ଡାଇରେକ୍ଟରଙ୍କୁ ନେଇ ଏ ବୋର୍ଡ ଗଠିତ ହୋଇଅଛି ।

## ଦେବାନଙ୍କ ଅବସର ଗ୍ରହଣ

ମୟୂରଭଞ୍ଜର ଦେବାନ ମେଜର ବି: ପି: ପାଣ୍ଡେ ମେ ମାସ ୧୨ ତାରିଖରେ ଦେବାନ କାର୍ଯ୍ୟରୁ ଅବସର ଗ୍ରହଣ କଲେ । ସେକ୍ରେଟେରିଏଟରେ ତାଙ୍କ ବିଦାୟ ଅଭିନନ୍ଦନ ଦିଆଯାଇଥିଲା । ଏ ଉପଲକ୍ଷରେ ସେକ୍ରେଟେରିଏଟ କର୍ମଚାରୀବୃନ୍ଦ ଓ ବାରିପଦା କ୍ଲବର ସଭ୍ୟମାନେ ତାଙ୍କୁ ଗୃ ଭୋଜୀ ଦେଇଥିଲେ ।

## ମୟୂରଭଞ୍ଜ କେନ୍ଦ୍ର ପରିଷଦ

### ମାର୍ଚ୍ଚ ସେସନ

ନିର୍ବାଚିତ ଲୋକ ପ୍ରତିନିଧି ଶ୍ରୀଯୁକ୍ତ ଲାଲମୋହନ ପତିଙ୍କ ସଭାପତିତ୍ୱରେ ମୟୂରଭଞ୍ଜ କେନ୍ଦ୍ର ପରିଷଦର ମାର୍ଚ୍ଚ ସେସନ ବୈଠକ ମାର୍ଚ୍ଚ ୧୬ ତାରିଖ ଠାରୁ ୨୨ ତାରିଖ ପର୍ଯ୍ୟନ୍ତ ବସିଥିଲା । ଏହି ବୈଠକରେ ଆଲୋଚିତ ହେବା ପାଇଁ ସର୍ବମୋଟ ୪୧ ଗୋଟି ପ୍ରଶ୍ନ ଓ ୨୧ ଗୋଟି ପ୍ରସ୍ତାବ କାର୍ଯ୍ୟ ତାଲିକାରେ ସ୍ଥାନ ପାଇଥିଲା । ଶ୍ରୀ ବୈକୁଣ୍ଠ ନାଥ ସାହୁଆଲଙ୍କ ପ୍ରତି ହୋଇଥିବା ରାଜ୍ୟ ବାହାର ହୁକୁମ ଉଠାଇ ନେବା ଓ ତତ୍ ସମ୍ବନ୍ଧୀୟ ରେଗୁଲେଶନ ବାତିଲ କରିବା ମର୍ମେ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ଦାସ ଏକ ଜରୁରୀ ପ୍ରସ୍ତାବ ଆଣିଥିଲେ । ମାତ୍ର ନିୟମାନୁଯାୟୀ କେତେକ ଦୋଷ ଦେଖାଇ ସଭାପତି ସେ ପ୍ରସ୍ତାବକୁ ଅଗ୍ରାହ୍ୟ ଘୋଷଣା କଲେ । ବଜେଟ ସମ୍ପର୍କରେ ଗୃହିଗୋଟି ପ୍ରସ୍ତାବ ଆସିଥିଲା ।

## ଉତ୍କୋଚ ନିବାରଣ ବ୍ୟବସ୍ଥା

ସେପ୍ଟେମ୍ବର ସେସନ କେନ୍ଦ୍ର ପରିଷଦ ବୈଠକରେ ଉତ୍କୋଚ ନିବାରଣ ପାଇଁ ସ୍ଥାନେ ସ୍ଥାନେ ଏଣ୍ଟି-କରପସନ ବୋର୍ଡ ସ୍ଥାପନ କରିବା ମର୍ମେ ଏକ ପ୍ରସ୍ତାବ ଆସିଥିଲା । ଶ୍ରୀମନ୍ ମହାରାଜା ସେଥିରେ ଦୁଃଖ ପ୍ରକାଶ ସଙ୍ଗେ ସଙ୍ଗେ ପ୍ରତ୍ୟେକ ସବଡିଭିଜନରେ ଏଣ୍ଟି-କରପସନ ବୋର୍ଡ ଗଠନ ପାଇଁ ଏବଂ ସଂପୃକ୍ତ ପ୍ରଜାସଭାମାନଙ୍କରୁ ଏଥିପାଇଁ ସଭ୍ୟ ନିର୍ବାଚନ ପାଇଁ ଆଦେଶ କରିଥିଲେ । ତଦନୁଯାୟୀ ପ୍ରତ୍ୟେକ ସବଡିଭିଜନରେ ଗୋଟିଏ ଲେଖାଏଁ ଏଣ୍ଟି-କରପସନ ବୋର୍ଡ ଗଠିତ ହୋଇଅଛି ଓ ପ୍ରତି ବୋର୍ଡରେ ୭ ଜଣ ଲେଖାଏଁ ବେସରକାରୀ ସଭ୍ୟ ନିର୍ବାଚିତ ହୋଇଛନ୍ତି । କୌଣସି ଘଟନା ତାଙ୍କ ଗୋଚରକୁ ଆସିଲେ ସେମାନେ ତାହା ଯଥାସିଦ୍ଧ ମହାରାଜାଙ୍କ ସରକାରଙ୍କୁ ଜଣାଇବେ ।



Digitized by srujanika@gmail.com

## ଗ୍ରାମ ପଞ୍ଚାୟତ

ମୟୂରଭଞ୍ଜରେ ଗ୍ରାମ ପଞ୍ଚାୟତ ସ୍ଥାପନ କରିବା ଉଦ୍ଦେଶ୍ୟରେ ମହାରାଜାଙ୍କ ସରକାର ଚିଫ୍ ରେଭିନ୍ୟୁ ଅଫିସର, ଶିକ୍ଷା ବିଭାଗର ଡାଇରେକ୍ଟର, ଇନ୍ସପେକ୍ଟର ଜେନେରେଲ ଅଫ୍ ପୋଲିସ ଓ ଲ ଡିପାର୍ଟମେଣ୍ଟ ସେକ୍ରେଟେରୀଙ୍କୁ ନେଇ ଗୋଟିଏ କମିଟି ଗଠନ କରି ତାଙ୍କର ପରାମର୍ଶ ଲୋଡ଼ି ଥିଲେ । ଉକ୍ତ କମିଟି ସରକାରଙ୍କ ଠାରେ ତାଙ୍କର ରିପୋର୍ଟ ଦାଖଲ କରି ସାରିଛନ୍ତି । ଏହି ରିପୋର୍ଟ ସରକାରଙ୍କ ଦ୍ୱାରା ଗୃହୀତ ହେଲେ ତାହା ବିଲ ଆକାରରେ କେନ୍ଦ୍ର ପରିଷଦରେ ଆଗତ ହେବ ବୋଲି ଜଣାଯାଏ ।

## ମୟୂରଭଞ୍ଜରେ ଲୁଗାକଳ

ଭାରତ ସରକାର ମୟୂରଭଞ୍ଜରେ ୨୫,୦୦୦ ତନ୍ତୁ ବିଶିଷ୍ଟ ଗୋଟିଏ ଲୁଗାକଳ ସ୍ଥାପନ କରିବାର ମଞ୍ଜୁର ଦେଇଛନ୍ତି । ଉକ୍ତ ମିଲର ପ୍ରତିଷ୍ଠା ପାଇଁ ଅଧୁନା "ମୟୂରଭଞ୍ଜ ସ୍ପିନିଂ ଏଣ୍ଡ ୱିଭିଂ ମିଲସ୍ ଲିମିଟେଡ଼୍" ନାମକ ଏକ କମ୍ପାନି ସ୍ଥାପିତ ହୋଇଅଛି ଏବଂ ସେଥିରେ ଶ୍ରୀଯୁକ୍ତ ରାଧାଚୋବନ ଦାସ, ଚିଫ୍ ରେଭିନ୍ୟୁ ଅଫିସର, ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ଦାସ, ସବ୍-ଡିଭିଜନେଲ ଅଫିସର ବ୍ରାହ୍ମଣଘାଟୀ, ଶ୍ରୀଯୁକ୍ତ ଲାଲମୋହନ ପତି, ଉକିଲ, ଶ୍ରୀଯୁକ୍ତ ବଂଶୀଧର ଦାସ, ସୂତା ମାର୍ଚ୍ଚେଣ୍ଟ, ବାରିପଦା ସ୍ଥାୟୀ ଡିରେକ୍ଟର ରୂପେ ନିଯୁକ୍ତ ହୋଇଛନ୍ତି । ଏହି କମ୍ପାନିର ଅଥରାଇଜଡ଼ ମୂଳଧନ ଟ ୨୫,୦୦,୦୦୦ ଏବଂ ଇସୁଡ଼ କେପିଟେଲ ଟ ୧୦,୦୦,୦୦୦ ଙ୍କା ।

## ମୟୂରଭଞ୍ଜରେ ବୃତ୍ତି ପରୀକ୍ଷା

ଏପ୍ରିଲ ମାସରେ ଅନୁଷ୍ଠିତ ମୟୂରଭଞ୍ଜର ମଧ୍ୟ ଇଂରାଜୀ, ଉଚ୍ଚ ପ୍ରାଥମିକ, ନିମ୍ନ ପ୍ରାଥମିକଆଦି ବାର୍ଷିକ ବୃତ୍ତି ପରୀକ୍ଷାର ଫଳାଫଳ ବର୍ତ୍ତମାନ ପ୍ରକାଶ ପାଇଛି । ମଧ୍ୟ ଇଂରାଜୀ ପରୀକ୍ଷାରେ ସର୍ବମୋଟ ୪୧୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ତନ୍ମଧ୍ୟରୁ ୩୧୭ ଜଣ କୃତକାର୍ଯ୍ୟ ହୋଇଛନ୍ତି । ଉଚ୍ଚ ପ୍ରାଥମିକ ପରୀକ୍ଷାରେ ମୋଟ ଛାତ୍ରଛାତ୍ରୀ ୩୯୩ ମଧ୍ୟରୁ ୩୨୮ ଏବଂ ନିମ୍ନ ପ୍ରାଥମିକ ଉତ୍ତୀର୍ଣ୍ଣ ୧୭୦୧ ଛାତ୍ରଛାତ୍ରୀ ମଧ୍ୟରୁ ୧୫୨୩ କୃତକାର୍ଯ୍ୟ ହୋଇଛନ୍ତି । ଏଲିମେଣ୍ଟେରି ଟ୍ରେନିଂ ପରୀକ୍ଷାରେ ୧୮ ଜଣ ଛାତ୍ର ପରୀକ୍ଷା ଦେଇଥିଲେ । ସମସ୍ତେ କୃତକାର୍ଯ୍ୟ ହୋଇଛନ୍ତି । ମଧ୍ୟ ଇଂରାଜୀ, ଉଚ୍ଚ ପ୍ରାଥମିକ ଓ ନିମ୍ନ ପ୍ରାଥମିକ ପରୀକ୍ଷାର ଫଳାଫଳ ଏ ବର୍ଷ ଯଥାକ୍ରମେ ଶତକଡ଼ା ୭୭,୮୩.୨ ଓ ୮୯.୪ ଥିବାର ଦେଖାଯାଏ ।

## ୧୯୪୭-୪୮ ବଜେଟ

ଚଳିତ ବର୍ଷର ଷ୍ଟେଟ୍ ବଜେଟରୁ ଦେଖାଯାଏ ଯେ ଚଳିତ ବର୍ଷର ଆୟ ଟ ୪୨,୨୭,୨୭୭ ଓ ବ୍ୟୟ ଟ ୪୮,୩୪ ୧୫୯ ହେବ ବୋଲି ଧରା ଯାଇଛି । ତେଣୁ ବଜେଟରେ ଅନେକ ଟଙ୍କା ନିଅଣ୍ଟ ହେବ । ଯୁଦ୍ଧ ସମୟରେ କାଠ ଯୋଗାଇବା ଭାର ଷ୍ଟେଟ୍ ଉପରେ ଥିଲା ଏବଂ ତହିଁରୁ ଯେଉଁ ଅଧିକା ଅସ୍ଥାୟୀ ଆୟ ମିଳୁ ଥିଲା ତାହା ବନ୍ଦ ହୋଇ ଯାଇଛି । ଅତିରିକ୍ତ ଲାଭ କର ଉଠି ଯାଇଛି । ଡିଫେନ୍ସ କାମ କରି କଣ୍ଟ୍ରାକ୍ଟରମାନେ ଯେଉଁ ଲାଭ ପାଉଥିଲେ ଓ ତହିଁରୁ ସରକାରଙ୍କୁ ଯେଉଁ କର ମିଳୁ ଥିଲା ତାହା ମଧ୍ୟ କଟି ଗଲା । ହାଇସିଲ ଅବକାରୀ କରୁ କମି ଯାଇଛି । ଫଳତଃ ଷ୍ଟେଟର ଆୟ ଅନେକ କମିଯିବାର ଆଶା କରାଯାଏ । ଆୟ କମିବା ସଙ୍ଗେ ସଙ୍ଗେ ବ୍ୟୟ ବଢ଼ୁଛି । ଅଧସ୍ତନ ଓ ତଳିଆ କର୍ମଚାରୀଙ୍କୁ ମହଙ୍ଗା ଭତ୍ତା ଦେବାରେ ୧୨ ଲକ୍ଷ ଟଙ୍କା ବେଶୀ ଖରଚ ପଡ଼ୁଛି । ବାଣିଜ୍ୟ ମନ୍ତ୍ରୀ ବିଭାଗରେ ଟ ୧୭,୦୦୦ ଙ୍କା ଅଧିକା ରଖା ଯାଇଛି । ଭବିଷ୍ୟତ ମଙ୍ଗଳ ଉଦ୍ଦେଶ୍ୟରେ ଫରେଷ୍ଟ ବଜେଟରେ ଟିମ୍ବର ହେଡ଼ରେ ଟ ୯୩,୦୦୦ ଅଧିକ ଖର୍ଚ୍ଚ ହେବାର କଳ୍ପନା କରା ଯାଇଛି । କଠିନ ବ୍ୟୟ ସଂକୋଚ ନୀତି ଅବଲମ୍ବନ କଲେ ନିଅଣ୍ଟିଆ ବଜେଟରେ କୌଣସି ଅସୁବିଧା ହେବ ନାହିଁ ବୋଲି କେନ୍ଦ୍ର-ପରିଷଦର ବୈଠକରେ ସେକ୍ରେଟେରୀ ତାଙ୍କର ବଜେଟ ଭାଷଣରେ ଆଶ୍ୱାସନା ଦେଇ ଥିଲେ ।

ମୟୂରଭଞ୍ଜ ଷ୍ଟେଟ ପ୍ରେସ୍, ବାରିପଦା—୧୧—୨୮-୭-୪୭

## MAYURBHNAJ STATE GAZETTE

PUBLISHED FORTNIGHTLY

*Subscription*—Annual Rs. 5/-

Single Copy As. 4/-

EXTRA CHARGES FOR EXTRAORDINARY ISSUES

Postage Extra.

## MAYURBHANJ LAW REPORTER

Report of cases of the High Court of Mayurbhanj published quarterly in Sept., Dec., March & June.

*Subscriptions*—Annual Rs. 3/-

Single Copy As. 12/-

Postage Extra

## IMPORTANT STATE PUBLICATIONS

| | Rs. | A. | P. |
|---|---|---|---|
| Mayurbhanj Service Regulations | 2 | 0 | 0 |
| Account Code | 2 | 8 | 0 |
| P. W. D. Code | 2 | 0 | 0 |
| Audit Manual | 2 | 0 | 0 |
| Income-Tax Rules | 2 | 0 | 0 |
| Provident Fund Rules | 0 | 1 | 0 |
| Annual Reports | 2 | 8 | 0 |

POSTAGE EXTRA

*For particulars*

*Apply to*--

**The MANAGER**

PRINTING & STATIONERY, BARIPADA.

## BHANJA PRADEEP

It is an illustrated Oriya quarterly quite independent of the English Edition of the Mayurbhanj Chronicle.

Yearly Subscription As. 12

Single Copy „ 3

Postage Extra.

*Apply to*—

THE MANAGER,

PRINTING & STATIONERY, BARIPADA.

## MAYURBHANJ CHRONICLE

It is a quarterly publication, issued in October, January, April and July.

Yearly Subscription Rs. 1-8

Single Copy As. 6

Postage Extra.

*Apply to*—

THE MANAGER,

PRINTING & STATIONERY, BARIPADA.


Digitized by srujanika@gmail.com

# ମୟୂରଭଞ୍ଜର

ଶସ୍ତା　　　ସୁନ୍ଦର　　　ସ୍ଥାୟୀ

ସ୍ୱଦେଶୀ ଜିନିଷମାନ କିଣନ୍ତୁ

**ମୟୂରଭଞ୍ଜର ବୁଣା କାମ**

ଆଧୁନିକ ରୁଚିସମ୍ପନ୍ନ ବିଭିନ୍ନ ପ୍ରକାର ପକ୍କା ରଙ୍ଗର
ହାତକଟା, ହାତବୁଣା ଟସର, ରେଶମ,
ପଶମ ଓ ସୂତା ନିର୍ମିତ ପଦାର୍ଥମାନ

**କୁଟୀର ଶିଳ୍ପ**

୧। ଦୀର୍ଘକାଳ ସ୍ଥାୟୀ, ସୁନ୍ଦର ଓ ମଜବୁତ **ଦରୀ**
୨। ଉନ୍ନ ବୁଣା ଟେଙ୍କି ଗଦି ଏବଂ **ବିଛୁଣା ଗଦି**
୩। କପାସୂତାର **ଗାଲିଚା** ଓ ଅଭଙ୍ଗା ଲଣ୍ଠେଇ
୪। ସ୍ଥାନୀୟ ଶିଶୁ ଓ ପିଆଶାଲ କାଠରେ ପ୍ରସ୍ତୁତ ଆଧୁନିକ ରୁଚିସମ୍ପନ୍ନ ନାନା ପ୍ରକାର ଉତ୍କୃଷ୍ଟ ଜିନିଷ

**ବନ୍ୟଜାତ ଦ୍ରବ୍ୟ**

୧। **ହାତୀଦାନ୍ତ**
୨। **ବୋଟେଗଇ, ଝୁଣା**
୩। **ଶାଳ, ପିଆଶାଳ, ଶିଶୁ** ଓ ଅନ୍ୟାନ୍ୟ ମୂଲ୍ୟବାନ କାଠ
୪। ଉତ୍କୃଷ୍ଟ **କୁସୁମୀ** ଓ **ରଙ୍ଗଣୀ ଲାହା** ଓ ତହିଁରୁ ପ୍ରସ୍ତୁତ ଚଉକି ଓ ଚପଡ଼ା ଇତ୍ୟାଦି

ମୟୂରଭଞ୍ଜ ଷ୍ଟେଟ ପ୍ରେସରେ ଶ୍ରୀ ପଦ୍ମଚରଣ ଦାସଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ—୨୩୦—୧୪-୮-୪୭—୧୫୦

Digitized by srujanika@gmail.com